# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୧/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) | Bhubaneswar, Wednesday, October 31/ 2018 | ★★★★★★

୪୪ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





GOVERNMENT OF INDIA

STATUE OF UNITY
एक भारत, श्रेष्ठ भारत.

# ଏକତା ପ୍ରତିମୂର୍ତ୍ତି

## ଉଦ୍‌ଘାଟନ ସମାରୋହ ପାଳନ କରୁଛି ଭାରତ

## ବିଶ୍ୱର ସର୍ବୋଚ୍ଚ 182 ମିଟରର ପ୍ରତିମୂର୍ତ୍ତି

**ସର୍ଦ୍ଦାର ପଟେଲଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପରି ଏହା ବିଶାଳ ପ୍ରତିମୂର୍ତ୍ତି**

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସର୍ଦ୍ଦାର ପଟେଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ କୃଷକଙ୍କ କଲ୍ୟାଣ ପାଇଁ ସମର୍ପିତ ଥିଲେ। ସ୍ୱାଧୀନ ଭାରତର ନିର୍ମାତା ଭାବେ ପରିଚିତ ସର୍ଦ୍ଦାର ଏକ ସଂଗଠିତ ଭାରତ ଗଠନ ଲାଗି 550 ରୁ ଊର୍ଦ୍ଧ୍ୱ ଗଡ଼ଜାତ ରାଜ୍ୟକୁ ଏକତ୍ରିତ କରିଥିଲେ।

ଆଜି ଏକ କୃତଜ୍ଞ ରାଷ୍ଟ୍ର ସେହି ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

**ଏକତାର ପ୍ରତିମୂର୍ତ୍ତି:**
**ଭାରତକୁ ଏକତ୍ରିତ କରିଥିବା ସର୍ଦ୍ଦାର ପଟେଲଙ୍କୁ ଏକ ଶ୍ରଦ୍ଧାଞ୍ଜଳି**



| ସ୍ପ୍ରିଙ୍ଗ ଟେମ୍ପଲ ବୁଦ୍ଧ<br>ଚୀନ<br>153 ମିଟର | ଲେକ୍ୟୁନ ସେତ୍‌କ୍ୟାର<br>ମିଆଁମାର<br>116 ମିଟର | ଉସିକୁ ଦାଇବୁତ୍‌ସୁ<br>ଜାପାନ<br>110 ମିଟର | ଷ୍ଟାଚ୍ୟୁ ଅଫ୍ ଲିବର୍ଟି<br>ଆମେରିକା<br>97 ମିଟର | ଦି ଗ୍ରେଟ୍ ବୁଦ୍ଧ<br>ଥାଇଲାଣ୍ଡ<br>91 ମିଟର | ଦି ମଦରଲାଣ୍ଡ କଲ୍ସ<br>ରୁଷିଆ<br>87 ମିଟର |
|---|---|---|---|---|---|

## ରାଷ୍ଟ୍ରକୁ ଲୋକାର୍ପଣ କରିବେ
## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ତାରିଖ: ଅକ୍ଟୋବର 31, 2018
ସମୟ: ପୂର୍ବାହ୍ନ 10 ପରେ
ସ୍ଥାନ: ସର୍ଦ୍ଦାର ସରୋବର ଡ୍ୟାମ୍,
କେଭଡିୟା ଗ୍ରାମ,
ନର୍ମଦା ଜିଲ୍ଲା, ଗୁଜରାଟ



DAVP 22201/13/0015/1819

## ପ୍ରମୁଖ ଆକର୍ଷଣ

- ସର୍ଦ୍ଦାର ପଟେଲଙ୍କ ଜୀବନୀ ସମ୍ପର୍କିତ ସଂଗ୍ରହାଳୟ
- ଭାରତ ଭବନ ପ୍ରଦର୍ଶନୀ ଗୃହ
- 3D ପ୍ରୋଜେକ୍ସନ ମ୍ୟାପିଙ୍ଗ
- 153 ମିଟର ଉଚ୍ଚରୁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ ପର୍ଯ୍ୟଟକ
- 250 ତମ୍ବୁ ସ୍ଥାପିତ ହୋଇଥିବା ସହର
- ଜନଜାତି ସଂଗ୍ରହାଳୟ, ହସ୍ତଶିଳ୍ପ ବଜାର
- ପୁଷ୍ପ ଉପତ୍ୟକା
- ରାଜ୍ୟମାନଙ୍କ ପାଇଁ ରହିବ ନିଜସ୍ୱ ଅତିଥି ଭବନ

/sou.official, /souindia, /+StatueofUnity, www.statueofunity.in

**ଆମର ବିଶାଳ ଓ ତୁଙ୍ଗ ନେତୃତ୍ୱ ହେଉଛନ୍ତି ଲୌହମାନବ ସର୍ଦ୍ଦାର !**

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୩୧ ଅକ୍ଟୋବର, ୨୦୧୮



“ଏନ୍‌ଡିଏ ସରକାର ପ୍ରଯୁକ୍ତିବିଦ୍ୟାକୁ ସାମାଜିକ ନ୍ୟାୟ, ସଶକ୍ତୀକରଣ ଓ ସ୍ୱଚ୍ଛତାର ଏକ ମାଧ୍ୟମରେ ପରିଣତ କରିଛନ୍ତି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ଭାରତରେ ଇଟାଲୀ ପ୍ରଧାନମନ୍ତ୍ରୀ
## ମୋଦି-କୋଣ୍ଟେ ଆଲୋଚନା



**ନୂଆଦିଲ୍ଲୀ,୩୦।୧୦(ପି.ଟି.):** ଭାରତ ଗସ୍ତରେ ଆସିଥିବା ଇଟାଲୀ ପ୍ରଧାନମନ୍ତ୍ରୀ ଜିଉସେପେ କୋଣ୍ଟେ ନୂଆଦିଲ୍ଲୀରେ ମଙ୍ଗଳବାର ତାଙ୍କ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ବାଣିଜ୍ୟ ଓ ପୁଞ୍ଜିନିବେଶରେ ସହଯୋଗ ବୃଦ୍ଧି ଆଦି କ୍ଷେତ୍ର ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। କୋଣ୍ଟେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ (ଡିଏସ୍‌ଟି) ଏବଂ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଭାରତ-ଇଟାଲୀ ସମ୍ମିଳନୀର ୨୪ତମ ସଂସ୍କରଣରେ କୋଣ୍ଟେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ୮୦୦ ଫୁଟ ଉପରୁ ଖସି
## କେରଳୀ ଦମ୍ପତିଙ୍କ ମୃତ୍ୟୁ



**ନ୍ୟୁୟର୍କ,୩୦।୧୦(ପି.ଟି.):** ଆମେରିକାସ୍ଥିତ କାଲିଫର୍ନିଆର ୟୋସେମାଇଟ୍ ଜାତୀୟ ଉଦ୍ୟାନରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଭାରତୀୟ ଦମ୍ପତି ୮୦୦ ଫୁଟ ଉଚ୍ଚରୁ ତଳକୁ ଖସିପଡ଼ିଛନ୍ତି। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। କେରଳର ବିଷ୍ଣୁ ବିଶ୍ୱନାଥ (୨୯) ଆମେରିକାର ସାନ୍ ଫ୍ରାନ୍‌ସିସ୍କୋରେ ସିଷ୍ଟମ୍ ଇଞ୍ଜିନିୟର ଭାବେ କାମ କରୁଥିଲେ। ସେ ଓ ତାଙ୍କ ସ୍ତ୍ରୀ ମୀନାକ୍ଷୀ ମୂର୍ତ୍ତି (୩୦) ନିକଟରେ ୟୋସେମାଇଟ୍ ପାର୍କ ବୁଲିବାକୁ ଯାଇଥିବାବେଳେ ଟାଫ୍ଟ ପଏଣ୍ଟରୁ ୮୦୦ ଫୁଟ ତଳକୁ ଖସିପଡ଼ିଥିଲେ। ପୋଲିସ ପାହାଡ଼ ତଳୁ ଉଭୟଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଚଳିତବର୍ଷ ଏହି ସ୍ଥାନରୁ ଖସିପଡ଼ି ୧୦ ଜଣଙ୍କ ମୃତ୍ୟୁ ଘଟିସାରିଲାଣି।

### ୧୮ ଆସନରେ ବିଧାନସଭା ନିର୍ବାଚନକୁ ୧୩ ଦିନ
# ଛତିଶଗଡ଼ରେ ଲାଲ ଆତଙ୍କ

**ରାୟପୁର/ନୂଆଦିଲ୍ଲୀ,୩୦।୧୦**



ଛତିଶଗଡ଼ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୧୩ ଦିନ ବାକି ଥିବାବେଳେ ପଡ଼ୋଶୀ ରାଜ୍ୟରେ ଦେଖାଦେଇଛି ଲାଲ ଆତଙ୍କ। ମାଓବାଦୀମାନେ କେତେବେଳେ ନିର୍ବାଚନ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରୁଛନ୍ତି ତ ଆଉ କେତେବେଳେ ଖବର ସଂଗ୍ରହ ପାଇଁ ଯାଇଥିବା ଟିମ୍‌କୁ ଆକ୍ରମଣ କରୁଛନ୍ତି। ଏହି କ୍ରମରେ ୪ ଦିନ ମଧ୍ୟରେ ମାଓବାଦୀଙ୍କ ଗୁଳିମାଡ଼ରେ ୨ ଓଡ଼ିଆଙ୍କ ସମେତ ୫ ଜଣଙ୍କ ପ୍ରାଣହାନି ଘଟିଲାଣି। ପୋଲିସ ପ୍ରଶାସନ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା କହୁଥିବାବେଳେ ମାଓବାଦୀଙ୍କ ସଂହାରଲୀଳା ରାଜ୍ୟର ଭାଜପା ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। ମୁଖ୍ୟମନ୍ତ୍ରୀ ରମଣ ସିଂ କ୍ଷମତାରେ ରହିବାର ନୈତିକତା ହରାଇଥିବା ଦର୍ଶାଇ ତାଙ୍କର ଇସ୍ତଫା ଦାବି କରିଛି କଂଗ୍ରେସ। ମିଳିଥିବା ସୂଚନାନୁସାରେ, ସୁରକ୍ଷା ବଳକୁ ଘେରିବା ପାଇଁ ମାଓବାଦୀମାନେ ନାନା ଉପାୟ ଅବଲମ୍ବନ କରୁଛନ୍ତି। କେତେବେଳେ ଆଇଇଡି ତ ଆଉ କେତେବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ଯବାନଙ୍କ ମୁଣ୍ଡ ନେବା ପାଇଁ ସେମାନେ ରଚିଛନ୍ତି ସାଂଘାତିକ ଷଡ଼ଯନ୍ତ୍ର। ମଙ୍ଗଳବାର ଏହାର ଏକ ଝଲକ ଦେଖିବାକୁ ମିଳିଛି ଦାନ୍ତେୱାଡ଼ା ଜିଲା ଅରନ୍‌ପୁର ଅଞ୍ଚଳରେ। ଅରନ୍‌ପୁର ଥାନାରୁ ନିଲୱାୟା ଗ୍ରାମ ଅଭିମୁଖେ ଯାଉଥିବାବେଳେ ମାଓବାଦୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଦୂରଦର୍ଶନର ଏକ ଟିମ୍ ଓ ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ। ଜଙ୍ଗଲରେ ଲୁଚିଥିବା ଶତାଧିକ ମାଓବାଦୀ ସେମାନଙ୍କ ବାଟ ଓଗାଳିଥିଲେ। ମାଓବାଦୀମାନେ ରାସ୍ତାରେ ସେମାନଙ୍କ ଗାଡ଼ିକୁ ଅଟକାଇ ଆଖିବୁଜା ଗୁଳି ଚଳାଇଥିଲେ। ଏଥିରେ ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ସହ ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ମାଓବାଦୀ ନିହତ ହୋଇଥିବା ଆଶଙ୍କା କରାଯାଉଛି। ମାଓବାଦୀମାନେ ସେହି ବାଟ ଦେଇ ଯିବାକୁ ଥିବା ସିଆର୍‌ପିଏଫ୍ ପାଟ୍ରୋଲିଂ ଟିମ୍‌କୁ ଟାର୍ଗେଟ କରିବାକୁ ଅପେକ୍ଷାରତ ଥିବାବେଳେ ଦିଲ୍ଲୀରୁ ଆସିଥିବା ଦୂରଦର୍ଶନ ଟିମ୍ ଦୁର୍ଭାଗ୍ୟବଶତଃ ଆକ୍ରମଣର ଶିକାର ହୋଇଥିବା ଛତିଶଗଡ଼ ପୋଲିସର ସ୍ପେଶାଲ ଡିଜି ଡି.ଏମ୍. ଅୱସ୍ଥି କହିଛନ୍ତି।

**ରକ୍ତମୁଖା ମାଓବାଦୀ**

- ଜବାବୀ କାର୍ଯ୍ୟାନୁଷ୍ଠାନରେ ୩ ମାଓବାଦୀଙ୍କ ମୃତ୍ୟୁ
- ଲାଲ ବାହିନୀ ଦେଇଛି ଭୋଟ ବର୍ଜନ ଆହ୍ୱାନ
- ରମଣ ସିଂଙ୍କ ଇସ୍ତଫା ଦାବି କଲା କଂଗ୍ରେସ

## ପୋଲିସ ପ୍ରଶାସନକୁ ଚ୍ୟାଲେଞ୍ଜ

**ରାୟପୁର,୩୦।୧୦:** ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମାଓବାଦୀ ପ୍ରଭାବିତ ଅଞ୍ଚଳର ୧୮ ଆସନରେ ନଭେମ୍ବର ୧୨ ଓ ଅନ୍ୟ ୭୨ ନିର୍ବାଚନମଣ୍ଡଳୀରେ ୨୦ ତାରିଖରେ ଭୋଟଗ୍ରହଣ କରାଯିବ ବୋଲି ପୂର୍ବରୁ ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ବସ୍ତର, କଙ୍କେର ସୁକ୍‌ମା, ବିଜାପୁର, ଦାନ୍ତେୱାଡ଼ା, ନାରାୟଣପୁର, କୋଣ୍ଡାଗାଁ ଓ ରାଜନନ୍ଦଗାଁ ଜିଲାର ୧୮ ଆସନରେ ସୁରୁଖୁରୁରେ ମତଦାନ କରାଇବା ଏବେ ପୋଲିସ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। କାରଣ ଏହି ଜିଲାଗୁଡ଼ିକରେ ମାଓବାଦୀଙ୍କ ପ୍ରଭାବ ସର୍ବାଧିକ। ଏଥିଯୋଗୁ ଏଠାରେ ଭୋଟ ବର୍ଜନ କରିବାକୁ ମାଓବାଦୀମାନେ ପୂର୍ବରୁ ଲୋକଙ୍କୁ ଆହ୍ୱାନ ଦେଇସାରିଛନ୍ତି। ଏହାକୁ ଅବଜ୍ଞା କଲେ ପରିଣତି ଭୋଗିବେ ବୋଲି ମଧ୍ୟ ମାଓବାଦୀମାନେ ଧମକ ଦେଇଛନ୍ତି। ମାଓବାଦୀଙ୍କ ଚେତାବନୀକୁ ବେଖାତିର କରି ୧୮ ଆସନରେ ନିର୍ବାଚନ କରାଯାଉଥିବାରୁ ଆଗକୁ ମତଦାନ ଯାଏ ୧୩ ଦିନ ମଧ୍ୟରେ ସେମାନେ ଆହୁରି ଏକାଧିକ ସଂହାରଲୀଳା ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ୪ ଦିନ ମଧ୍ୟରେ ଏହା ହେଉଛି ମାଓବାଦୀଙ୍କ ଦ୍ୱିତୀୟ ଆକ୍ରମଣ। ଶନିବାର ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ଼ର ବିଜାପୁର ଜିଲାରେ ଜଣେ ଓଡ଼ିଆଙ୍କ ସମେତ ୪ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ।





“ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ରେ ବାରମ୍ବାର ମାଓବାଦୀଙ୍କ ଆକ୍ରମଣ ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ଅକ୍ଷମ ଓ ଅଯୋଗ୍ୟ ରମଣ ସିଂ ସରକାର କ୍ଷମତାରେ ରହିବାର ନୈତିକତା ହରାଇଛନ୍ତି।

-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

### ଦୀପାବଳିରେ ବାଣ ଫୁଟାଇବା ନେଇ କଟକଣା
## ନିର୍ଦ୍ଧାରିତ ସମୟରେ ପରିବର୍ତ୍ତନ ଆଣିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ପ୍ରଦୂଷଣ ପ୍ରାଣନାଶକାରୀ ସାଜିଥିବାରୁ ଦୀପାବଳି ଓ ଅନ୍ୟ ଉତ୍ସବରେ ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟ ଲଗାଇଥିବା କଟକଣାରେ ମଙ୍ଗଳବାର ପରିବର୍ତ୍ତନ ଆଣିଛନ୍ତି। ରାତି ୮ରୁ ୧୦ଟା ମଧ୍ୟରେ ବାଣ ଫୁଟାଯାଇପାରିବ ବୋଲି ଅଦାଲତ ସମୟ ନିର୍ଘଣ୍ଟ କରିଥିଲେ। କିନ୍ତୁ ଏବେ ନିର୍ଦ୍ଦିଷ୍ଟ ଭାବେ ସେହି ସମୟରେ କଟକଣା ଲାଗୁ ହେବ ନାହିଁ। ରାଜ୍ୟ ସରକାର ଚାହିଁଲେ ନିଜ ହିସାବରେ ସମୟ ନିର୍ଦ୍ଧାରଣ କରିପାରିବେ। ତେବେ ଯେତେବେଳେ ହେଉନା କାହିଁକି ୨ ଘଣ୍ଟା ଭିତରେ ବାଣ ଫୁଟାଯାଇପାରିବ ବୋଲି ସଦ୍ୟ ରାୟରେ ସୁପ୍ରିମକୋର୍ଟ କହିଛନ୍ତି। ଅକ୍ଟୋବର ୨୩ରେ ସର୍ବୋଚ୍ଚ ଅଦାଲତ ଦୀପାବଳି ଉତ୍ସବ ନେଇ ନିର୍ଦ୍ଦେଶନାମା ଜାରି କରିବା ପରେ ତାମିଲନାଡୁ ସରକାର ଏହାକୁ ଚ୍ୟାଲେଞ୍ଜ କରି ଆବେଦନ କରିଥିଲେ। ଦୀପାବଳି ଦିନ ସକାଳେ ତାମିଲନାଡୁବାସୀ ବାଣ ଫୁଟାଇ ଆଲୋକର ପର୍ବ ପାଳନ କରିବାକୁ ଚାହୁଁଥିବାରୁ କୋର୍ଟ ଅନୁମତି ପ୍ରଦାନ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଥିଲା। ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାକୁ ଗ୍ରହଣ କରିବା ସହ ଉପରୋକ୍ତ ରାୟ ଦେଇଛନ୍ତି। ତେବେ ‘ସବୁଜ ବାଣ’ ଫୁଟାଇବା ଲାଗି ଦିଆଯାଇଥିବା ନିର୍ଦ୍ଦେଶ କେବଳ ଦିଲ୍ଲୀ-ଏନ୍‌ସିଆର ପାଇଁ ପ୍ରଯୁଜ୍ୟ ବୋଲି ଅଦାଲତ କହିଛନ୍ତି। ପଣ୍ଡିଚେରିରେ ସକାଳେ ବାଣ ଫୁଟାଇବାକୁ ଜଣେ ଆଇନଜୀବୀ ଅନୁମତି ମାଗିଥିଲେ। ପ୍ରକାଶ ଯେ, ଖ୍ରୀଷ୍ଟମାସ ଏବଂ ନୂଆବର୍ଷରେ ରାତି ୧୧ଟା ୫୫ରୁ ୧୨ଟା ୩୦ ପର୍ଯ୍ୟନ୍ତ ଲୋକେ ବାଣ ଫୁଟାଇପାରିବେ ବୋଲି ଅକ୍ଟୋବର ୨୩ ରାୟରେ ସୁପ୍ରିମକୋର୍ଟ କହିଛନ୍ତି।

**୨ ଘଣ୍ଟାରେ ସୀମିତ**



## ରାହୁଲଙ୍କ ନାଁରେ ମାନହାନି ମକଦ୍ଦମା କଲେ ଚୌହାନଙ୍କ ପୁଅ

**ଭୋପାଳ/ଇନ୍ଦୋର,୩୦।୧୦(ପି.ଟି.)**

ନଭେମ୍ବର ୨୮ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ମଧ୍ୟପ୍ରଦେଶରେ ଏବେ ବାତାବରଣ ଉଷ୍ମ ରହିଛି। ଭାଜପାକୁ ପୁନଃ କ୍ଷମତାସୀନ କରିବା ଲାଗି ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଉଦ୍ୟମ ଚଳାଇଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଘନ ଘନ ପ୍ରଚାର ଚଳାଇଛନ୍ତି। କଂଗ୍ରେସ ମୁଖ୍ୟ ରାଜ୍ୟ ସରକାରଙ୍କ ବିଫଳତା ବଖାଣିବା ସହ ପାନାମା ପେପର୍ସ ଦୁର୍ନୀତିରେ ଚୌହାନଙ୍କ ପୁଅ କାର୍ତ୍ତିକୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣିଛନ୍ତି। ଝାବୁଆରେ ସୋମବାର ରାହୁଲ ଏଭଳି ବିବାଦୀୟ ମନ୍ତବ୍ୟ ଦେବା ପରେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି କାର୍ତ୍ତିକୀ। ମଙ୍ଗଳବାର ସେ ରାହୁଲଙ୍କ ନାଁରେ ମାନହାନି ମକଦ୍ଦମା କରିଛନ୍ତି। ଅତିରିକ୍ତ ଜିଲା ଜଜ୍‌ଙ୍କ ସ୍ୱତନ୍ତ୍ର କୋର୍ଟରେ ଦାଏର କରିଥିବା ମକଦ୍ଦମାରେ କାର୍ତ୍ତିକୀ ଦର୍ଶାଇଛନ୍ତି ଯେ, ତାଙ୍କୁ ବଦନାମ କରିବା ପାଇଁ ରାହୁଲ ଜାଣିଶୁଣି ଏଭଳି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ରାହୁଲ କହିଛନ୍ତି, ଭାଜପା ନେତାମାନେ ଏତେମାତ୍ରାରେ ଦୁର୍ନୀତିରେ ଲିପ୍ତ ଯେ ସେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।



### ମାଲେଗାଓଁ ବିସ୍ଫୋରଣ ମାମଲା
## ପୁରୋହିତ, ସାଧ୍ୱୀଙ୍କ ନାଁରେ ଚାର୍ଜଫ୍ରେମ୍

**ମୁମ୍ବାଇ,୩୦।୧୦(ପି.ଟି.)**

୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ମଙ୍ଗଳବାର ଲ୍ୟୁଟ୍‌ନାଣ୍ଟ କଲୋନେଲ ପ୍ରସାଦ ପୁରୋହିତ, ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ଏବଂ ଅନ୍ୟ ୫ ଜଣଙ୍କ ନାଁରେ ଚାର୍ଜଫ୍ରେମ୍ ହୋଇଛି। ଏମାନଙ୍କ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ, ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା ଓ ଅନ୍ୟାନ୍ୟ ସଙ୍ଗିନ ଅଭିଯୋଗ ରହିଛି। ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ଏବଂ ଆଇପିସିର ବିଭିନ୍ନ ଦଫା ଅନୁଯାୟୀ ୭ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରାଯାଇଛି। ଏମାନେ ଏବେ ବିଚାରର ସମ୍ମୁଖୀନ ହେବେ ବୋଲି ମୁମ୍ବାଇସ୍ଥିତ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟର ବିଚାରପତି ବିନୋଦ ପଦଲକର କହିଛନ୍ତି। ନଭେମ୍ବର ୨ରୁ ମାମଲାର ଶୁଣାଣି ଆରମ୍ଭ ହେବ।

## ସ୍ୱତଃ ନାଗରିକତ୍ୱ ବ୍ୟବସ୍ଥା ହଟାଇବେ ଟ୍ରମ୍ପ୍

**ୱାଶିଂଟନ,୩୦।୧୦(ପି.ଟି.)**

ଆମେରିକାରେ ସ୍ୱତଃ ନାଗରିକତ୍ୱ ବ୍ୟବସ୍ଥା ଉଚ୍ଛେଦ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ କାର୍ଯ୍ୟକାରୀ ନିର୍ଦ୍ଦେଶ ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ଆମେରିକାରେ ଅଣନାଗରିକମାନଙ୍କ ପିଲାଛୁଆଙ୍କୁ ମିଳୁଥିବା ସ୍ୱତଃ ନାଗରିକ ବ୍ୟବସ୍ଥା ଉଚ୍ଛେଦ ହୋଇଯିବ। ଦେଶରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପୂର୍ବରୁ ଆପ୍ରବାସନ ନୀତିକୁ ନେଇ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଥିବା ମଙ୍ଗଳବାର ଟ୍ରମ୍ପ୍ କହିଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ଜନ୍ମଗତ ଅଧିକାରକୁ ନେଇ ନାଗରିକତ୍ୱ ପ୍ରଦାନ ବନ୍ଦ କରାଯିବା ଦରକାର। ଆମେରିକା ହେଉଛି ଏକମାତ୍ର ଦେଶ ଯେଉଁଠାକୁ ଯେକୌଣସି ଦେଶର ନାଗରିକ ଆସି ସନ୍ତାନ ଜନ୍ମ କଲେ ପିଲାଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ନାଗରିକତ୍ୱ ମିଳିଯାଏ। ୮୫ ବର୍ଷ ଧରି ଚାଲିଥିବା ଏହି ଧାରାରେ କାର୍ଯ୍ୟକାରୀ ନିର୍ଦ୍ଦେଶ ବଳରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି।



## ଏନ୍‌କାଉଣ୍ଟରରେ ଆଝାରଙ୍କ ପୁତୁରା ନିହତ

**ଶ୍ରୀନଗର,୩୦।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ତ୍ରାଲ୍‌ରେ ମଙ୍ଗଳବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ପୁତୁରା ଉସ୍‌ମାନ୍ ହାଇଦର ବୋଲି ଜଣାପଡ଼ିଛି। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ଏକ ଏମ୍-୪ କାର୍ବାଇନ୍ ଜବତ ହୋଇଥିବାରୁ ସେମାନେ ସ୍ନାଇପର ଆକ୍ରମଣ ଯୋଜନା ଚଳାଇଥିଲେ ବୋଲି ସନ୍ଦେହ କରାଯାଉଛି। ପୁଲୱାମା ଜିଲା ତ୍ରାଲ ଅଞ୍ଚଳର ଚାନ୍‌କେତାର ଗ୍ରାମରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳିବର୍ଷା କରିଥିଲେ। ମଙ୍ଗଳବାର ଦିନ ସାରା ଯବାନ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା। ଯବାନଙ୍କ ଗୁଳିମାଡ଼ରେ ଉସ୍‌ମାନ ଓ ତାଙ୍କର ଜଣେ ସହଯୋଗୀ ଟଳି ପଡ଼ିଛନ୍ତି। ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳ ଉପରେ ହୋଇଥିବା ଏକାଧିକ ଆକ୍ରମଣର ମାଷ୍ଟରମାଇଣ୍ଡ ହେଉଛନ୍ତି ଉସ୍‌ମାନ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୯.୧ |
| ଚାନ୍ଦବାଲି | ୨୫.୫ | ୨୨.୦ |
| କଟକ | ୨୭.୦ | ୧୯.୮ |
| ପାରାଦ୍ୱୀପ | ୨୬.୨ | ୨୨.୨ |
| ଭୁବନେଶ୍ୱର | ୨୮.୮ | ୨୧.୫ |
| ଗୋପାଳପୁର | ୩୧.୪ | ୨୧.୭ |
| ପୁରୀ | ୨୯.୪ | ୨୨.୬ |
| ଅନୁଗୋଳ | ୨୮.୯ | ୧୮.୦ |
| ବାରିପଦା | ୨୭.୬ | ୨୧.୬ |
| ଝାରସୁଗୁଡ଼ା | ୩୧.୦ | ୧୯.୪ |
| କେନ୍ଦୁଝର | ୨୫.୧ | ୧୭.୬ |
| ସମ୍ବଲପୁର | ୩୧.୬ | ୧୯.୮ |
| ସୁନ୍ଦରଗଡ଼ | ୩୨.୦ | --- |
| ହୀରାକୁଦ | ୩୨.୭ | ୨୧.୧ |
| ତାଳଚେର | ୩୩.୩ | ୧୯.୪ |
| ଭବାନୀପାଟଣା | ୨୯.୦ | ୧୭.୦ |
| ବଲାଙ୍ଗୀର | ୩୧.୬ | ୧୯.୫ |
| କୋରାପୁଟ | --- | ୧୪.୬ |
| ଫୁଲବାଣୀ | ୨୭.୫ | ୧୫.୦ |
| ଟିଟିଲାଗଡ଼ | ୩୦.୫ | ୧୭.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୧.୪ | ୧୮.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସିବିଆଇରେ କନ୍ଦଳ: ଅସ୍ଥାନାଙ୍କ ନାଁରେ ଲାଞ୍ଚ ମାମଲା
## ହ୍ୱିସିଲ୍‌ବ୍ଲୋୟରଙ୍କୁ ସୁପ୍ରିମକୋର୍ଟଙ୍କ ସୁରକ୍ଷା

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ସୃଷ୍ଟି ହୋଇଥିବା ଝଡ଼ ଅନେକ ବିବାଦର ପର୍ଦ୍ଦାଫାଶ କରିଛି। ତଦନ୍ତ ସଂସ୍ଥାର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ନାଁରେ ଥିବା ଲାଞ୍ଚ ଅଭିଯୋଗ ଆସିବା ପରେ ଏତେସବୁ ଦୃଶ୍ୟପଟ ଦେଖିବାକୁ ମିଳିଛି। ତେବେ ଅସ୍ଥାନାଙ୍କ ବିରୋଧରେ ମୁହଁ ଖୋଲିଥିବା ବ୍ୟବସାୟୀ ସଥୀଶ ବାବୁ ସାନା ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକୁ ଗ୍ରହଣ କରିବା ସହ ହ୍ୱିସିଲ୍‌ବ୍ଲୋୟର ସାନାଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବାକୁ ମଙ୍ଗଳବାର ଅଦାଲତ ହାଇଦ୍ରାବାଦ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକୋରୀ ସାନାଙ୍କୁ ଜେରା ପାଇଁ ସିବିଆଇ ସମନ କରିଛି। ଏହା ଉପରେ ରହିତାଦେଶ ଜାରି କରିବା ଲାଗି ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। କିନ୍ତୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ୟୁ.ୟୁ. ଲଳିତ ଏବଂ କେ.ଏମ୍. ଯୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଖାଲି ସେତିକି ନୁହେଁ, ତଦନ୍ତ ଆରମ୍ଭ ହେବା ପୂର୍ବରୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏ.କେ. ପଟ୍ଟନାୟକଙ୍କ ନିକଟରେ ବୟାନ ରେକର୍ଡ କରିବାକୁ ଚାହୁଁଥିବା ଦର୍ଶାଇ ସାନା ଆଉ ଏକ ଆବେଦନ କରିଛନ୍ତି। ଏହାକୁ ମଧ୍ୟ କୋର୍ଟ ଖଣ୍ଡନ କରିଦେଇଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ହୋଇଥିବା ଲାଞ୍ଚ ମାମଲାର ତଦନ୍ତର ତଦାରଖ କରିବା ଲାଗି ପଟ୍ଟନାୟକଙ୍କୁ କୋର୍ଟ ନିଯୁକ୍ତ କରିଛନ୍ତି। ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ଅସ୍ଥାନାଙ୍କ ବିରୋଧରେ ଦାଏର ହୋଇଥିବା ମାମଲାର ତଦନ୍ତ ଭାର ପ୍ରଥମେ ସିବିଆଇ ଡିଏସ୍‌ପି ଏ.କେ. ବାସ୍ସିଙ୍କୁ ଦିଆଯାଇଥିଲା। ତାଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପୋର୍ଟବ୍ଲେୟାରକୁ ବଦଳି କରିଛନ୍ତି କାମଚଳା ସିବିଆଇ ମୁଖ୍ୟ ଏମ୍. ନାଗେଶ୍ୱର ରାଓ। ଏହି ବଦଳିକୁ ଚ୍ୟାଲେଞ୍ଜ କରି ବାସ୍ସି କରିଥିବା ସାନି ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି। ଅନ୍ୟପଟେ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଗିରଫ ହୋଇଥିବା ସିବିଆଇ ଡିଏସ୍‌ପି ଦେବେନ୍ଦ୍ର କୁମାରଙ୍କ ହାଜତ ମିଆଦ ଶେଷ ହେବା ପରେ ତାଙ୍କୁ ମଙ୍ଗଳବାର ଏକ ତଳକୋର୍ଟରେ ହାଜର କରାଯାଇଥିଲା। ସ୍ୱତନ୍ତ୍ର ସିବିଆଇ ଜଜ୍ ସନ୍ତୋଷ ସ୍ନେହୀ ମନ୍ନ ଲାଞ୍ଚ ମାମଲାର ମଧ୍ୟସ୍ଥ ମନୋଜ ପ୍ରସାଦ ଏବଂ କୁମାରଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି।

- ଅଭିଯୋଗକାରୀ ସାନାଙ୍କ ଦୁଇ ଆବେଦନ ଖାରଜ
- ବଦଳିକୁ ଚ୍ୟାଲେଞ୍ଜ କରି ବାସ୍ସି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ
- ବିଚାରବିଭାଗୀୟ ହାଜତରେ ମଧ୍ୟସ୍ଥ, ଡିଏସ୍‌ପି କୁମାର




**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୧/୨୦୧୮ | Bhubaneswar, Wednesday, October 31/ 2018 | ପୃଷ୍ଠା-୧




**ଉତ୍ତମ ସ୍ୱାସ୍ଥ୍ୟ, ଫିଟ୍‌ନେସ୍‌ରେ ଗୁରୁତ୍ୱ ଦିଏ: କରିନା**
ସ୍ୱାସ୍ଥ୍ୟ ସଚେତନ ହେବା ସହିତ ସବୁବେଳେ ଫିଟ୍ ରହିବା ଉପରେ ଗୁରୁତ୍ୱ ଦିଅନ୍ତି ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍। ୦୫

୧୬ **ମା’ ହେଲେ ସାନିଆ ମିର୍ଜା**
ପାକିସ୍ତାନ କ୍ରିକେଟ ଅଲରାଉଣ୍ଡର ସୋଏବ ମଲିକଙ୍କୁ ବିବାହ କରିଥିବା ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି।




ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

**ସ୍ୱଚ୍ଛତା ଅଭିମୁଖେ ଓଡ଼ିଶା ସହରାଞ୍ଚଳ**
ରାଜ୍ୟରେ ଦୀର୍ଘସ୍ଥାୟୀ ପରିମଳ ବ୍ୟବସ୍ଥା ନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ





- ବୈଜ୍ଞାନିକ ପଦ୍ଧତିରେ ମଳ ବିଶୋଧନ
- ୬ଟି ସହର ପାଇଁ ସେପ୍ଟେଜ୍ ବିଶୋଧନାଗାର ଲୋକାର୍ପିତ
- ୫ ଟି ସହରରେ ସେପ୍ଟେଜ୍ ବିଶୋଧନାଗାର ନିର୍ମାଣାଧୀନ
- ଉପକୃତ ହେବେ ୬୦%ରୁ ଊର୍ଦ୍ଧ୍ୱ ସହର ବାସିନ୍ଦା



ସ୍ୱଚ୍ଛ ଓଡ଼ିଶା - ସୁସ୍ଥ ଓଡ଼ିଶା
@CMO_Odisha | CMO.Odisha | @Naveen_Odisha
15001/13/0351/1819
DADLS-156


# ସେସୁକୁ ଏନ୍‌ଜିଟି ଛାଟ
## ■ ୧ କୋଟି ଟଙ୍କା ଜରିମାନା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ବିଦ୍ୟୁତ୍ ଆଘାତରେ ଏକ ସଙ୍ଗେ ୭ ହାତୀ ମୃତ୍ୟୁ ଘଟଣା କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ଆଲୋଚ୍ୟର ବିଷୟ ହୋଇଛି। ଉକ୍ତ ଘଟଣା ପ୍ରାଣୀପ୍ରେମୀ ଏବଂ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ମର୍ମାହତ କରିଛି। ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟ ସହିତ ଜଙ୍ଗଲ ଓ ପରିବେଶ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ବିଲୁପ୍ତପ୍ରାୟ ଏହି ବୃହତ୍ ପ୍ରାଣୀଗୁଡ଼ିକର ଜୀବନ ଗଲା। ଏହାକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଭିତ୍ତିକରି ଏନ୍‌ଜିଟି ନିଜ ଆଡୁ ଏକ ମାମଲା ଦାଏର କରି ବିଦ୍ୟୁତ୍ ବଣ୍ଟନ କମ୍ପାନୀ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି(ସେସୁ)କୁ ୧ କୋଟି ଟଙ୍କାର ଜରିମାନା କରିଛନ୍ତି। ସେସୁର ଅବହେଳା ଯୋଗୁ ୭ ହାତୀଙ୍କର ଜୀବନ ଗଲା ବୋଲି ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ ଆଦର୍ଶ କୁମାର ଗୋଏଲ ଦର୍ଶାଇ ଏହି ଆର୍ଥିକ ଦଣ୍ଡ ଶୁଣାଇଛନ୍ତି। ଏଥିସହିତ ତିନିଜଣିଆ ଏନ୍‌ଜିଟି ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବାକୁ ଗୋଏଲ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୨୬ ତାରିଖ ରାତିରେ ଢେଙ୍କାନାଳ ଜିଲା ☞ପୃଷ୍ଠା–୧୪

**ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା**



■ ଦାନ୍ତେୱାଡ଼ାରେ ମାଓବାଦୀ ଆକ୍ରମଣ: ୨ ପୋଲିସ ଶହୀଦ

# ଓଡ଼ିଆ କ୍ୟାମେରାମ୍ୟାନ୍ ନିହତ

ରାୟପୁର/ମାଲକାନଗିରି,୩୦।୧୦ (ଆଇଏଏନ୍‌ଏସ୍/ଡି.ଏନ୍.ଏ.)

ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ର ଦାନ୍ତେୱାଡ଼ାରେ ମଙ୍ଗଳବାର ମାଓବାଦୀମାନେ ରଚିଛନ୍ତି ସଂହାରଲୀଳା। ମାଓବାଦୀଙ୍କ ଆକ୍ରମଣରେ ଜଣେ ଓଡ଼ିଆ କ୍ୟାମେରାମ୍ୟାନ୍‌ଙ୍କ ମୃତ୍ୟୁ ଘଟିଥିବାବେଳେ ୨ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି। ଏଥିରେ ଅନ୍ୟ ୨ ପୋଲିସ କର୍ମୀ ଓ ଜଣେ ଖବରଦାତା ଆହତ ହୋଇଛନ୍ତି। ୪ ଦିନ ମଧ୍ୟରେ ଏହା ହେଉଛି ମାଓବାଦୀଙ୍କ ଦ୍ୱିତୀୟ ଆକ୍ରମଣ। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୧୮ ନିର୍ବାଚନମଣ୍ଡଳୀରେ ନଭେମ୍ବର ୧୨ରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ସୁରୁଖୁରୁରେ ମତଦାନ କରାଇବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଉଛି। ନିର୍ବାଚନକୁ ୧୩ ଦିନ ବାକି ଥିବାବେଳେ ମଙ୍ଗଳବାର ଦାନ୍ତେୱାଡ଼ା ଜିଲା ଅରନ୍‌ପୁର ଅଞ୍ଚଳରେ ଖବର ସଂଗ୍ରହ ପାଇଁ ଦୂରଦର୍ଶନର ଏକ ୩ ଜଣିଆ ଟିମ୍ ଯାଉଥିଲା। ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଆଶଙ୍କା କରି ନିରାପତ୍ତା ଦୃଷ୍ଟିରୁ ସେମାନଙ୍କ ସହ ଏକ ପାଟ୍ରୋଲିଂ ପାର୍ଟି ମଧ୍ୟ ଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୨୦ରେ ଉକ୍ତ ଟିମ୍ ଅରନ୍‌ପୁର ଥାନାରୁ ଏକ ଗାଡ଼ିରେ ନିଲୱାୟା ଗ୍ରାମ ଅଭିମୁଖେ ଅଗ୍ରସର ହେଉଥିବାବେଳେ ରାସ୍ତାରେ ମାଓବାଦୀମାନେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ମାଓବାଦୀଙ୍କ ଆଖିବୁଜା ଗୁଳିମାଡ଼ରେ ଟଳିପଡ଼ିଥିଲେ ଦୂରଦର୍ଶନର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁ, କନ୍‌ଷ୍ଟେବଲ ମଙ୍ଗଳରାମ ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ରୁଦ୍ରପ୍ରତାପ ସିଂ। ଏଥିରେ ପୋଲିସ କର୍ମଚାରୀ ବିଷ୍ଣୁ ନେତମ୍ ଓ ରାକେଶ କୌଶଲ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦାନ୍ତେୱାଡା ଏସ୍‌ପିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଆକ୍ରମଣସ୍ଥଳରେ ପହଞ୍ଚି ଛାନବିନ୍ ଚଳାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନ ଚାଲିଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଡିଆଇଜି (ନକ୍ସଲ ନିରୋଧୀ ଅପରେଶନ) ସୁନ୍ଦରରାଜ୍ ସୂଚନା ଦେଇଛନ୍ତି। ନିର୍ବାଚନ ଭଣ୍ଡୁର କରିବା ପାଇଁ ମାଓବାଦୀମାନେ ଏଭଳି କାଣ୍ଡ ଭିଆଇଥିବା କୁହାଯାଉଛି। କାରଣ ଏହି ୧୮ ନିର୍ବାଚନମଣ୍ଡଳୀରେ ଭୋଟ ବର୍ଜନ କରିବା ପାଇଁ ସେମାନେ ପୂର୍ବରୁ ଆହ୍ୱାନ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଉଥିବା ଏହି ୧୮ ଆସନ ମଧ୍ୟରେ ଦାନ୍ତେୱାଡ଼ା ମଧ୍ୟ ରହିଛି। ☞ପୃଷ୍ଠା–୧୪


ଅଚ୍ୟୁତାନନ୍ଦ ସାହୁ

# ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଏ ନେଇ ମଙ୍ଗଳବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅର୍ଦ୍ଧକୁଶଳ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବର୍ତ୍ତମାନ ମଜୁରିର ୪୦% ବୃଦ୍ଧି କରାଯାଇଛି। ସରକାରୀ ଘୋଷଣା ମୁତାବକ ଅଣକୁଶଳ ଶ୍ରମିକମାନଙ୍କ ଦୈନିକ ମଜୁରି ୨୦୦ ଟଙ୍କାରୁ ୨୮୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅର୍ଦ୍ଧକୁଶଳ ଶ୍ରମିକଙ୍କର ୪୫% ହିସାବରେ ୨୨୦ରୁ ୩୨୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ କୁଶଳ ଶ୍ରମିକଙ୍କର ୫୪% ହିସାବରେ ୨୪୦ରୁ ୩୭୦ ଟଙ୍କା ଏବଂ ଉଚ୍ଚ କୁଶଳ ଶ୍ରମିକମାନଙ୍କର ଦୈନିକ ମଜୁରି ୬୫% ହିସାବରେ ୨୬୦ ଟଙ୍କାରୁ ୪୩୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ୧୫ଟି ନିୟୋଜନ କାର୍ଯ୍ୟାଳୟରେ ଠିକାକାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ମଧ୍ୟ ମଜୁରି ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ଏବଂ ରାଜ୍ୟ ସର୍ବନିମ୍ନ ମଜୁରି ଉପଦେଷ୍ଟା ପରିଷଦ ଦରବୃଦ୍ଧି, ଖାଉଟି ମୂଲ୍ୟସୂଚୀ, ବଜାର ଦର ଏବଂ ପଡୋଶୀ ରାଜ୍ୟଗୁଡିକର ସର୍ବନିମ୍ନ ମଜୁରିକୁ ଦୃଷ୍ଟିରେ ରଖି ୩ ବର୍ଷ ପରେ ସର୍ବନିମ୍ନ ମଜୁରିରେ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ସର୍ବନିମ୍ନ ମଜୁରୀ ☞ପୃଷ୍ଠା–୧୪

**କାହାର କେତେ ବଢ଼ିଲା**
- ■ ଅଣକୁଶଳ ୪୦%
- ■ ଅର୍ଦ୍ଧକୁଶଳ ୪୫%
- ■ କୁଶଳ ୫୪%
- ■ ଉଚ୍ଚକୁଶଳ ୬୫%



# ବିଧାୟକ ପଦରୁ ସଗରିଆଙ୍କ ଇସ୍ତଫା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

କୋରାପୁଟ କଂଗ୍ରେସ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ନିଜ ଇସ୍ତଫା ନେଇ ମଙ୍ଗଳବାର କୃଷ୍ଣ ବିଧାନସଭା କାର୍ଯ୍ୟାଳୟକୁ ଜଣାଇଛନ୍ତି। ବାଚସ୍ପତି ପ୍ରଦୀପ ଅମାତ ରାଜଧାନୀରେ ନ ଥିବାରୁ ତାଙ୍କ ଇସ୍ତଫାପତ୍ର ଆନୁଷ୍ଠାନିକ ଭାବେ ଗ୍ରହଣ ହୋଇନାହିଁ। ଆସନ୍ତା ନଭେମ୍ବର ୬ରେ ବାଚସ୍ପତି ଅମାତଙ୍କୁ ଭେଟି ଇସ୍ତଫାପତ୍ର ଦେବେ ବୋଲି ସେ ସୂଚନା ଦେଇଛନ୍ତି।

ନିଜ ଇସ୍ତଫା ସମ୍ପର୍କରେ କୃଷ୍ଣ କହିଛନ୍ତି, ଗତ ୧୦ତାରିଖରେ କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟାର ବର୍ଷେ ପୂରଣ ହୋଇଛି। ପୀଡ଼ିତାଙ୍କ ସହ ବିତିଥିବା ସମସ୍ତ ଘଟଣା ହୃଦୟ ବିଦାରକ ଏବଂ ମର୍ମନ୍ତୁଦ। ବଳାତ୍କାରର ଶିକାର ହେବା ପରେ ତାଙ୍କୁ ନ୍ୟାୟ ଦିଆଗଲା ନାହିଁ। ଏମିତି କି ପୀଡ଼ିତାଙ୍କ ମୃତ୍ୟୁ ପରେ ମଧ୍ୟ ଜଣେ ବି ଦୋଷୀଙ୍କୁ ପ୍ରଶାସନ ଦଣ୍ଡ ଦେଇ ପାରିଲା ନାହିଁ। ପୀଡ଼ିତା ସମାଜର ମୁଁ ଜଣେ ନିର୍ବାଚିତ ପ୍ରତିନିଧି। ପାରୁ ପର୍ଯ୍ୟନ୍ତ ତାଙ୍କର ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଜାତୀୟ ଏସ୍‌ସି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲି। ହେଲେ କୌଣସି ସୁଫଳ ପାଇନାହିଁ। ତେଣୁ ନୈତିକ ଦାୟିତ୍ୱ ନେବା ସହ ପ୍ରତୀକାତ୍ମକ ଭାବେ ବିଧାୟକ ପଦରୁ ଇସ୍ତଫା ଦେଉଥିବା କୃଷ୍ଣ କହିଛନ୍ତି। ଆସନ୍ତା ୧୦ତାରିଖରେ ଦଳିତ ସମାଜର ଅର୍ଥନୈତିକ-ରାଜନୈତିକ ସମସ୍ୟା ନେଇ ଆଲୋଚନାଚକ୍ର କରାଯିବ। ସେହିପରି ଡିସେମ୍ବର ୬ ତଥା ☞ପୃଷ୍ଠା–୧୪

**କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ପ୍ରସଙ୍ଗ**
- ■ ୬ରେ ବାଚସ୍ପତିଙ୍କୁ ଭେଟିବେ
- ■ ୧୦ରେ ପରବର୍ତ୍ତୀ ପଦକ୍ଷେପ ନେଇ ରଣନୀତି
- ■ କଂଗ୍ରେସରେ ରହିବେ


କୃଷ୍ଣଚନ୍ଦ୍ର ସଗରିଆ

# ବିଚାରପତିଙ୍କ ତଦାରଖରେ ଚାଲିବ ତଦନ୍ତ

କଟକ ଅଫିସ, ୩୦।୧୦

କଟକରେ ଓକିଲଙ୍କ ବିବାଦକୁ ନେଇ ଉପୁଜିଥିବା ବିବାଦ ମଙ୍ଗଳବାର ଆଉ ଏକ ମୋଡ଼ ନେଇଛି। ହାଇକୋର୍ଟ ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ରେ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ବରିଷ୍ଠ ଆଇନଜୀବୀ ବିଜନ ରାୟ ଆନ୍ଦୋଳନକାରୀ ଓକିଲଙ୍କ ପକ୍ଷରୁ ପକ୍ଷ ରଖି କହିଥିଲେ ଯେ, ଆଇନଜୀବୀ ଏବଂ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମାମଲାର ତଦନ୍ତ ତୁରନ୍ତ ଶେଷ ହେବା ଆବଶ୍ୟକ। ତେଣୁ ତଦନ୍ତକାରୀ ଅଧିକାରୀ ୫ ଦିନ ମଧ୍ୟରେ ତଦନ୍ତ ସମ୍ପର୍କିତ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ରାୟ ଯୁକ୍ତି ବାଢିଥିଲେ। ଏପରିକି ମାମଲାର ତଦନ୍ତ କାର୍ଯ୍ୟ ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ଆଡଭୋକେଟ ରାୟ ପ୍ରସ୍ତାବ ଦେଇଥିଲେ। ଏହା ପରେ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଆଦେଶନାମା ଜାରି କରିଛନ୍ତି। ଏହି ଅନୁଯାୟୀ, ହାଇକୋର୍ଟ ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ କରାଯିବ। ତଦନ୍ତକାରୀ ଅଧିକାରୀ ପ୍ରତିଦିନ ତଦନ୍ତ ସମ୍ପର୍କିତ ରିପୋର୍ଟ ଜଷ୍ଟିସ ଦାସଙ୍କ ନିକଟରେ ଦାଖଲ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ଅର୍ଥାତ୍ ନଭେମ୍ବର ୯ ତାରିଖ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଖଣ୍ଡପୀଠ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚକୁ ଆଦେଶ ଦେଇଛନ୍ତି। ☞ପୃଷ୍ଠା–୧୪

**ଓକିଲ ବିବାଦ**




- ■ ୯ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ
- ■ ଗୁରୁବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

■ ଆନ୍ଦୋଳନ ବେଳେ ମହିଳା ଆଇନଜୀବୀଙ୍କୁ ଦୁର୍ବ୍ୟବହାର

# ବିଧାୟକଙ୍କ ପୁଅ ନାଁରେ ମାମଲା

କଟକ ଅଫିସ, ୩୦।୧୦

ଆନ୍ଦୋଳନ ସମୟରେ ଜଣେ ମହିଳା ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର କଟକ ଲାଲବାଗ ଥାନାରେ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ ଓରଫ ଟୁବୁଙ୍କ ସମେତ ବିଜୁ ଯୁବ ବାହିନୀର ଅନ୍ୟ ଦୁଇ ଜଣଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି ମହିଳା ଆଇନଜୀବୀ ବିଷ୍ଣୁପ୍ରିୟା ବେହେରା। ଏନେଇ ଆଇପିସି ଦଫା ୨୯୪, ୩୫୪ ଓ ୩୪ରେ ଏକ ମାମଲା (ନଂ.୧୬୯/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି ଜଣାଇଛନ୍ତି। ଆଇନଜୀବୀ ବିଷ୍ଣୁପ୍ରିୟା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଇକୋର୍ଟ ବାର୍ ଆସୋସିଏଶନର ଆନ୍ଦୋଳନ ଚାଲୁଥିଲା। ଏହି ସମୟରେ ହାଇକୋର୍ଟ ମୁଖ୍ୟ ଫାଟକ ସାମ୍ନାରେ ସେ ତାଙ୍କର ବନ୍ଧୁ ଆଇନଜୀବୀମାନଙ୍କ ସହ ଛିଡା ହୋଇଥିଲେ। ହଠାତ୍ ବିଜେଡି ଲିଗାଲ ସେଲ୍‌ର ଆଇନଜୀବୀମାନେ ଦଳବଦ୍ଧ ଭାବେ ମାଡ଼ି ଆସିଥିଲେ। ଏହି ସମୟରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ବିଜୁ ଯୁବ ବାହିନୀ ସଦସ୍ୟ ଦେବୀ ରଞ୍ଜନ ତ୍ରିପାଠୀ କେତେଜଣ ସହଯୋଗୀଙ୍କ ସହ ଆସି ଭିଡ ☞ପୃଷ୍ଠା–୧୪


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ‘ଅଗ୍ନି-୧’ର ରାତ୍ରିକାଳୀନ ପରୀକ୍ଷଣ



ବାଲେଶ୍ୱର ଅଫିସ, ୩୦।୧୦

ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତର ଆନ୍ତଃମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୧ର ସଫଳ ପରୀକ୍ଷଣ ମଙ୍ଗଳବାର ରାତି ୮ଟା ସମୟରେ ହୋଇଛି। ଭଦ୍ରକ ସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଏହି କ୍ଷେପଣାସ୍ତ୍ରକୁ ନିକ୍ଷେପ କରାଯାଇ ପରୀକ୍ଷଣ କରାଯାଇଥିଲା। ପ୍ରଥମ କରି ରାତି ସମୟରେ ଭାରତୀୟ ସେନାର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡୋଙ୍କ ପକ୍ଷରୁ ଏହାର ବ୍ୟବହାରିକ ପରୀକ୍ଷା କରାଯାଇଥିବା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷଣ ସମୟରେ ପ୍ରତିରକ୍ଷା ବିଶେଷଜ୍ଞ ଓ ବୈଜ୍ଞାନିକ ଉପସ୍ଥିତ ଥିଲେ। ☞ପୃଷ୍ଠା–୧୪

**ଆଜିର ସମ୍ପାଦକୀୟ**
ପ୍ରମାଣ ଲାଗି ସୁଯୋଗ

**ଆଜିର ମନ୍ତବ୍ୟ**
“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ସହ ପ୍ରତାରଣା କରିଛନ୍ତି।
– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ


NECC NATIONAL EGG CO-ORDINATION COMMITTEE | 30.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 73 | 123 | 133 |
| BDK | 73 | 123 | 133 |
| BLS | 73 | 123 | 133 |
| ANG | 75 | 126 | 136 |

Eggs Retail Price- 49/-Dozen
Issued in the Interest of Consumers
*Conditions Apply



ଜମ୍ମୁ-କଶ୍ମୀରରେ ଚଳିତବର୍ଷ ୧୬୪ ଯୁବକ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇଛନ୍ତି। ସେନା ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ ଅଲ୍‌ଆଉଟ୍ ଅଭିଯାନରେ ଇତିମଧ୍ୟରେ ୧୮୦ ଆତଙ୍କବାଦୀ ନିହତ ହୋଇଛନ୍ତି। ନିୟନ୍ତ୍ରଣ ରେଖାଠାରେ ୩୫୦ରୁ ୪୦୦ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ସୁଯୋଗକୁ ଅପେକ୍ଷା କରିଥିବା ଭାରତୀୟ ଗୋଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଛି।




## ସଂକ୍ଷେପରେ

### ଫସଲ ନଷ୍ଟ, ଋଣଭାର ଅସହ୍ୟ
## ଭାଗଚାଷୀଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୩୦।୧୦:** ଫସଲ ନଷ୍ଟ, ଋଣ ଭାର ସହି ନ ପାରି ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଫାଣ୍ଡି ତାଳବରକୋଟ ଗ୍ରାମର ଜଣେ ଚାଷୀ ମଙ୍ଗଳବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୈଳାସ ନାୟକ (୫୫)। ପରିବାର ଲୋକଙ୍କ କହିବା ଅନୁଯାୟୀ, କୈଳାସ ୩ଏକର ଜମିରେ ଭାଗଚାଷ କରିଥିଲେ। ଏଥି ଲାଗି ସେ ହାତଉଧାରି କରଜ କରିଥିଲେ। ତିତ୍‌ଲି ବାତ୍ୟା ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଗଲା। ଏ ନେଇ ସେ ପ୍ରଶାସନକୁ ଜଣାଇଥିଲେ। କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଭାଗଚାଷୀ ହୋଇଥିବାରୁ ସମବାୟ ସଂସ୍ଥାରୁ ଋଣ ମଧ ମିଳିଲାନି। ସବୁଆଡୁ ହତାଶ ହେବା ପରେ ସେ ସୋମବାର କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଚାଷୀ ଆତ୍ମହତ୍ୟା ଅଭିଯୋଗ ସମ୍ପର୍କରେ କୌଣସି ସୂଚନା ନ ଥିବା ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କୁହନ୍ତି, ସେ ଭାଗଚାଷୀ ଥିଲେ। ହାତ ଉଧାରି ଋଣ କରିଥିଲେ। କୀଟନାଶକ ପିଇ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

## ଜେଲ୍‌ରେ ସବ୍ୟସାଚୀଙ୍କ ଅନଶନ

**ବ୍ରହ୍ମପୁର ଅଫିସ୍,୩୦।୧୦:** ବ୍ରହ୍ମପୁର ମଣ୍ଡଳ କାରାଗାରରେ ମଙ୍ଗଳବାର ପୂର୍ବାହ୍ନରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଅନଶନ ଆରମ୍ଭ କରିଥିବା ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି । ସବ୍ୟସାଚୀଙ୍କୁ ଦଶପଲ୍ଲା ପୋଲିସ ଏକ ମାମଲାରେ ନେବା ପାଇଁ ଆସିଥିବା ବେଳେ ସେ ଯିବା ପାଇଁ ମନା କରିଦେଇଥିଲେ। ବ୍ରହ୍ମପୁର କାରାଗାର କର୍ତ୍ତୃପକ୍ଷ ଦଶପଲ୍ଲା କୋର୍ଟରେ ହାଜର କରାଯିବା ପାଇଁ ନେବାକୁ ନିୟମ ରହିଥିବା ବେଳେ ସେଠାକାର ପୋଲିସ ହାତରେ ଦଶପଲ୍ଲା କୋର୍ଟରେ ହାଜର କରିବା ନିୟମ ବିରୋଧୀ ବୋଲି ସେ ଅଭିଯୋଗ ଉଠାଇଥିଲେ । ଦଶପଲ୍ଲା କୋର୍ଟରେ ହାଜର ପାଇଁ ସବ୍ୟସାଚୀଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାର କର୍ତ୍ତୃପକ୍ଷ ଯଦି ଦଶପଲ୍ଲା ପୋଲିସ ହାତରେ ଛାଡିଦିଆନ୍ତି ତେବେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଦଶପଲ୍ଲା ପୋଲିସ ବିରୋଧରେ ସବ୍ୟସାଚୀ ଏକ ମାମଲା ରୁଜୁ କରିଥିବା ହେତୁ ସେ ଭୟ କରୁଛନ୍ତି ବୋଲି ତାଙ୍କ ଓକିଲ ପଟ୍ଟନାୟକ ସୂଚନା ଦେଇଛନ୍ତି । ସବ୍ୟସାଚୀଙ୍କ ଅନଶନ ହେତୁ ଦଶପଲ୍ଲା ପୋଲିସ ମଣ୍ଡଳ କାରାଗାରରେ ଦନତମାମ୍ ରହି ଫେରି ଯାଇଥିଲା । ଖବର ଲେଖିବା ସୁଦ୍ଧା ସବ୍ୟସାଚୀଙ୍କ ଅନଶନ ଜାରି ରହିଥିବା ସୂଚନା ମିଳିଛି ।




### କମଳାଙ୍ଗ ହାତୀ ମୃତ୍ୟୁ ଘଟଣା
# ନମୁନା ସଂଗ୍ରହ କଲା ଫରେନସିକ୍ ଟିମ୍

**ଓଡ଼ାପଡ଼ା, ୩୦।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ହାତୀ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ମଙ୍ଗଳବାର ରାଜ୍ୟ ଫରେନ୍‌ସିକ ସାଇନ୍ସ ଲାବରେଟୋରି ଅଧିକାରୀମାନେ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛନ୍ତି। ସାଇଣ୍ଟିଫିକ୍ ଅଫିସର ସନ୍ତୋଷ କୁମାର ରଥ, ଜନ୍ମେଜୟ ସାହୁ, ଲାବୋରେଟୋରି ଆସିଷ୍ଟାଣ୍ଟ ରଙ୍କନିଧି ମହାପାତ୍ର, ଫଟୋଗ୍ରାଫର ଦୁର୍ଗାପ୍ରସାଦ ନାୟକ ପ୍ରମୁଖ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଛନ୍ତି। ଭୂମିଠାରୁ ଅତି କମ୍ ଉଚ୍ଚତାରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ହାତୀଙ୍କ ଜୀବନ ଯାଇଥିଲା। ହାତୀ ମୃତ୍ୟୁର କାରଣ ସାଜିଥିବା ଉକ୍ତ ତାରରୁ ଅଧିକାରୀମାନେ ଟିସ୍ୟୁ, ରକ୍ତନମୁନା ଏବଂ ଘଟଣାସ୍ଥଳରୁ ରକ୍ତଭିଜା ମାଟି ସଂଗ୍ରହ କରିଥିଲେ। ସଂଗୃହୀତ ନମୁନାଗୁଡ଼ିକୁ ପରୀକ୍ଷା ଲାଗି ହାଇଦ୍ରାବାଦସ୍ଥିତ ସିସିଏମ୍‌ବି କ୍ୟାମ୍ପସ୍ ଏବଂ ଡେରାଡୁନର ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଏସ୍‌ପି ସୁଦର୍ଶନ ପାତ୍ର ସୂଚନା ଦେଇଛନ୍ତି।

ସେହିପରି କ୍ରାଇମବ୍ରାଞ୍ଚ ଟିମ୍ ଅଧିକାରୀମାନେ ଘଟଣାସ୍ଥଳ ସମେତ ସ୍ଥାନୀୟ ବନ କାର୍ଯ୍ୟାଳୟ, ସେସୁ କାର୍ଯ୍ୟାଳୟରେ ପହଞ୍ଚି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଥିବା ଜଣାପଡ଼ିଛି।

- କ୍ରାଇମବ୍ରାଞ୍ଚର ତନାଘନା ଜାରି
- ସଂଗ୍ରହ ହେଲା ରକ୍ତଭିଜା ମାଟି

କମଳାଙ୍ଗ ହାତୀ ମୃତ୍ୟୁ ଘଟଣାକୁ ବିତିଛି ୩ଦିନ। ହେଲେ ଏହାକୁ ନେଇ ଅଞ୍ଚଳବାସୀଙ୍କ ପାଇଁ ସୃଷ୍ଟି ହୋଇଛି ନୂଆ ସମସ୍ୟା। ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ଠିକ୍ ଭାବେ ପୋତାଯାଇନାହିଁ। ଫଳରେ ମୃତଦେହ ପଚି ଦୁର୍ଗନ୍ଧରେ ନାକ ଫାଟୁଛି। ଏହା ଯୋଗୁ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। କମ୍ ଗଭୀରରେ ହାତୀ ମୃତଦେହ ଗୁଡ଼ିକୁ ପୋତାଯାଇଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର କରିବାକୁ ସେମାନେ ଦାବି କରିଛନ୍ତି।


ଫରେନସିକ୍ ଟିମ ସଦସ୍ୟ ହାତୀ ମୃତ୍ୟୁସ୍ଥଳରୁ ନମୁନା ସଂଗ୍ରହ କରୁଛନ୍ତି।

# ସୌର ଜଳନିଧି କାର୍ଯ୍ୟକ୍ରମ ଲୋକାର୍ପିତ
### ଚାଷୀଙ୍କ ରୋଜଗାର ବୃଦ୍ଧି ପାଇବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ଚାଷୀମାନଙ୍କ ଲାଗି ସୌର ଜଳନିଧି ଯୋଜନା ଆରମ୍ଭ କରି ମୁଁ ବହୁତ ଖୁସି। ଗାଁ ଏବଂ କୃଷିର ଉନ୍ନତି ହେଉଛି ଆମ ବିକାଶର ମୂଳ ଲକ୍ଷ୍ୟ। ଏଥିପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସୌର ଜଳନିଧି ଯୋଜନାରେ ଚାଷୀମାନଙ୍କୁ ପାଞ୍ଚ ହଜାର ସୋଲାର ପମ୍ପ ଯୋଗାଇ ଦିଆଯିବ। ଏହାସହ ୨୫ଶହ ଏକର ଜମିକୁ ପାଣି ମିଳିବ। ଏହି ଯୋଜନା ଦ୍ୱାରା ଚାଷୀଭାଇମାନଙ୍କ ଖର୍ଚ୍ଚ କମିଯିବ। ସେମାନଙ୍କ ଜମିକୁ ଅଧିକ ପାଣି ମିଳିବା ସହ ଅଧିକ ଫସଲ ହେବ ଏବଂ ରୋଜଗାର ମଧ୍ୟ ବୃଦ୍ଧି ପାଇପାରିବ। ପ୍ରଥମ ପର୍ଯ୍ୟାୟରେ ଅଣଜଳସେଚିତ ଏବଂ ଜଳସେଚିତ ହେବାକୁ ଥିବା ଜମିର ଚାଷୀମାନେ ଏହି ଯୋଜନାର ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପରବର୍ତ୍ତୀ ସମୟରେ ରାଜ୍ୟର ବାକି ସବୁ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ରାଜ୍ୟ ସରକାର ଚାଷୀମାନଙ୍କୁ ୯୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦେବେ। ମୁଁ ଆଶା କରୁଛି, ଆମ ଚାଷୀ ଭାଇମାନେ ଏହି ଯୋଜନାର ସୁଯୋଗ ନେବେ ଏବଂ କୃଷିର ବିକାଶରେ ସଫଳ ଅବଦାନ ରଖିବେ ବୋଲି ସେ କହିଛନ୍ତି।

ରାଜ୍ୟ ସରକାରଙ୍କ ନିଜସ୍ୱ ସୌର ଜଳନିଧି ଯୋଜନାକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ସଚିବାଳୟ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଲୋକାର୍ପିତ କରିଛନ୍ତି। ଏହି ଉତ୍ସବରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲାର ଚାରିଜଣ ଲେଖା ଚାଷୀଙ୍କୁ ସେଚକୂପରେ ସୌରପମ୍ପ ସ୍ଥାପନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ୩୦ଜିଲାର ୧ହଜାର ଚାଷୀ ଭିଡିଓ କନଫରେନ୍ସିଂ ଜରିଆରେ ଲୋକାର୍ପଣ ଉତ୍ସବରେ ଯୋଡି ହୋଇଛନ୍ତି। ଓଡିଶା ବର୍ଷକୁ ୩ଶହ ଦିନ ସ୍ପଷ୍ଟ ସୂର୍ଯ୍ୟାଲୋକ ପାଇଥାଏ। ଯାହା ଦିନକୁ ୫ କିଲୋୱାଟ ସୌର ବିକିରଣ ଦେଇଥାଏ। ଭୂତଳ ଜଳ ବ୍ୟବହାର ପାଇଁ ରାଜ୍ୟରେ ବହୁତ ସୁଯୋଗ ରହିଛି। ରାଜ୍ୟରେ ୯୦ପ୍ରତିଶତରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଚାଷୀମାନେ ସେଚକୂପରେ ସୌରଚାଳିତ ପମ୍ପ ଲଗାଇ ଖରିଫ୍ ଓ ରବି ଋତୁରେ ୦.୩୦ରୁ ୦.୫୦ଏକର ଜମିରେ ପନିପରିବା ଚାଷ କରିପାରିବେ। ରାଜ୍ୟରେ ବିଦ୍ୟୁତ୍ ସଂଯୋଗ କରାଯାଇପାରୁ ନ ଥିବା ଚାଷ ଜମିରେ ଜଳସେଚନ ଓ ବହୁଳ ଚାଷ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସୌରଚାଳିତ ପମ୍ପ ପ୍ରଚାର ଓ ପ୍ରସାର ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି। ଏହାଦ୍ୱାରା ୫ହଜାର କୃଷକ ପରିବାରର ୨୫ଶହ ଏକର ଚାଷଜମିକୁ ନିଶ୍ଚିତ ଜଳସେଚନ ସହିତ ରୋଜଗାର ଯୋଗାଯାଇ ପାରିବ। ଏହି ଯୋଜନାର ଖର୍ଚ୍ଚ କୃଷକଙ୍କ ଅଂଶଧନ ସହ କୃଷି ବିଭାଗ ଓ ବିଜ୍ଞାନ କାରିଗରି ବିଭାଗ ମିଳିତ ଆର୍ଥିକ ସହାୟତାରେ ହେବ। ଏଥିପାଇଁ ରାଜ୍ୟ ସରକାର ୨୭.୧୮କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହି ଯୋଜନାରେ ସୌରପମ୍ପ ଲାଗି ଚାଷୀଙ୍କୁ ୫୪ହଜାର ଟଙ୍କାର ରିହାତି ଯୋଗାଇ ଦିଆଯିବ। ଭୂପୃଷ୍ଠ ପମ୍ପ ପାଇଁ ଏଥିରେ ଚାଷୀଙ୍କ ଅଂଶଧନ(ନିଜସ୍ୱ କିମ୍ବା ବ୍ୟାଙ୍କ ଋଣ) ୫,୪୫୪ଟଙ୍କା ଏବଂ ଭୂତଳ ପମ୍ପ ପାଇଁ ୨୨,୨୫୭ଟଙ୍କା ରହିବ। ଏହି ଯୋଜନା ଦ୍ୱାରା ବାର୍ଷିକ ୧.୫୨ଲକ୍ଷ ଶ୍ରମଦିବସ ସୃଷ୍ଟି ହେବାସହ ସର୍ବାଧିକ ୩ଟି ଫସଲ କରାଯାଇପାରିବ। ରାଜ୍ୟର ୩୦ଜିଲାର ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବିଦ୍ୟୁତ୍ ଶକ୍ତି ଅଭାବ ପରିଲକ୍ଷିତ ହେଉଥିବା ଅଞ୍ଚଳରେ ଏହା କାର୍ଯ୍ୟକାରୀ ହେବ। କୃଷକ ପରିଚୟ ସଂଖ୍ୟା ଥିବା ହିତାଧିକାରୀ http:/ odishasolarpump.nic.inରେ ଆବେଦନ କରିପାରିବେ। ଏଥିପାଇଁ ସର୍ବନିମ୍ନ ୦.୫ଏକର ଚାଷ ଉପଯୋଗୀ ଜମି ଏବଂ ଏକ ସେଚକୂପ ଥିବା ବିଧେୟ। ଏହି କାର୍ଯ୍ୟ ଓରିଡା ସଂସ୍ଥାର କାର୍ଯ୍ୟାବଳୀ ନିୟାମନୁଯାୟୀ କାର୍ଯ୍ୟକାରୀ ହେବ।


ସୌର ଜଳନିଧି କାର୍ଯ୍ୟକ୍ରମ ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।




**XAVIER UNIVERSITY BHUBANESWAR**

**EXCELLENCE & INTEGRITY** ...the winning way

**Invites applications for Admissions - 2019**

**XUB Advantages**
- Excellent Academic/ Learning Experience.
- Globally/Industry aligned Curriculum.
- Eminent and Committed Faculty.
- Top Ranked Programs.
- Excellent Infrastructure with Green Campuses.
- International Collaboration and Student Exchange.
- Career Advisory Services.
- Educational Loan Facility.

Eligibility and other details and Online Application Form at : www.xub.edu.in

**Xavier Institute of Management (XIMB)**
- MBA in Business Management (MBA-BM)
- International Master's Program in Management (MBA-Global)
- One-Year MBA in Business Management for Executives (EMBA-BM)
- One-Year MBA in Business Analytics (BA) for Executives (EMBA-BA)

**Xavier School of Rural Management (XSRM)**
- MBA in Rural Management (MBA-RM)
- One-Year MBA in Agri-Business Management for Executives (EMBA-ABM)

**Xavier Centre for Urban Management & Governance (XUMG)**
- MBA in Urban Management and Governance (MBA-UMG)
- Master of Urban and Regional Planning (MURP)

**Xavier School of Economics (XSE)**
- Master of Economics (MSc-Economics)
- Bachelor's Degree in Economics [BSc (Hons)-Economics]

**Xavier School of Communications (XCOMM)**
- Master of Mass Communication (MA-MC)
- Bachelor's Degree in Mass Communication (BSc-MC)

**Xavier School of Human Resource Management (XAHR)**
- MBA in Human Resource Management (MBA-HRM)

**Xavier School of Sustainability (XSOS)**
- MBA in Sustainability Management (MBA-SM)
- Bachelor's Degree in Sustainable Development [BSc (Hons) - SD]
- Bachelor's Degree in Environmental Science [BSc (Hons) - EVS]

**Xavier School of Commerce (XSC)**
- Master of Business Finance (MBF)
- Bachelor's Degree in Commerce [Accounting/Finance] (BCom)
- Bachelor's Degree in Business Management [HR/Marketing] (BBM)

**Xavier School of Computer Science & Engineering (XCOMP)**
- Master of Science in Data Science & Analytics (MS-DSA)
- Master of Technology in Artificial Intelligence (MTech-AI)
- Bachelor's Degree in Computer Science & Engineering (BTech-CSE)

**Xavier Law School (XLS)**
Five-Year Integrated Programs in
- BA-LLB (Hons) • BBA-LLB (Hons)

■ For Doctoral Programs visit : www.xub.edu.in/doctoral-programs.html

CAT/XAT/GMAT/X-GMT scores are used for shortlisting candidates for our PG programs in Management. NMAT by GMAC scores are also accepted for MBA-HRM, MBA-RM, MBA-SM, MBA-UMG and MBF programs. XLRI or IIMs have no role either in the selection process or in the conduct of the programs.

**LAST DATE** PG programs-Dec 07, 2018; PhD program-Feb 28, 2019; UG programs-May 31, 2019

**ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ଚାକିରୀ କରିବା ପାଇଁ ଚାହୁଁଛନ୍ତି କି? ଯୋଗାଯୋଗ କରନ୍ତୁ:-**

**ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ବଲାଙ୍ଗୀର ଦ୍ୱାରା ନିମ୍ନଲିଖିତ ଟ୍ରେଡ଼ ଗୁଡିକରେ ପ୍ରଶିକ୍ଷଣ ଦିଆଯାଉଛି ।**

**(1) Food & Beverage Service (2) Food Production (3) Housekeeping Utility**

Course Commences from 15.11.2018 onwards

* ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା: ଅଷ୍ଟମ ପାସ କିମ୍ବା ତତୁର୍ଦ୍ଧ * ବୟସ ସୀମା: ୧୮ ରୁ ୨୮ ବର୍ଷ (୦୧. ୦୭. ୨୦୧୮ ସୁଦ୍ଧା) ସମସ୍ତ ବର୍ଗର ସମସ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ଉଦ୍ଦିଷ୍ଟ ।

ନିୟମ ଓ ସର୍ତ୍ତାବଳୀ: ୨ ମାସର ପାଠ୍ୟକ୍ରମ ସହିତ ୩ ମାସର ବାଧ୍ୟତାମୂଳକ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସମ୍ପୂର୍ଣ୍ଣ କରିବାକୁ ପଡିବ ଏବଂ ୯୫% ଉପସ୍ଥାନ ଜରୁରୀ ଅଟେ ।କେବଳ ଚାକିରୀ କରିବାକୁ ଚାହୁଁଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଯୋଗାଯୋଗ କରନ୍ତୁ ।

ଭୁବନେଶ୍ୱର ପାଇଁ ଯୋଗାଯୋଗ କରନ୍ତୁ: ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଶାଖା ପାନ୍ଥନିବାସ, ରୁମ ନମ୍ବର.୩୦୭, ବିଜେବି କଲେଜ ସାମ୍ନା, ଭୁବନେଶ୍ୱର (ଫୋନ ନମ୍ବର- ୭୭୫୬୦୯୬୦୮୦)

ବଲାଙ୍ଗୀର ପାଇ ଯୋଗାଯୋଗ କରନ୍ତୁ: ୯୪୩୭୧୪୦୭୭୨, ୭୩୭୦୧୮୦୦୪୦, ୯୪୩୭୧୨୭୫୦୪, (୦୬୬୫୨)-୨୩୦୭୨୯,୨୩୦୭୩୦

**STATE INSTITUTE OF HOTEL MANAGEMENT, BALANGIR**
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
e-mail: principal@sihmbalangir.org website: www.sihmbalangir.org

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। –ଶ୍ରୀଅରବିନ୍ଦ



# ପ୍ରମାଣ ଲାଗି ସୁଯୋଗ

କେରଳର ସାବରିମାଲା ମନ୍ଦିରକୁ ମହିଳାଙ୍କ ପ୍ରବେଶ ନେଇ ସୁପ୍ରିମକୋର୍ଟଙ୍କ ରାୟ ଏବେ ବିତର୍କିତ ହୋଇପଡ଼ିଛି। କେତେକ ଗୋଷ୍ଠୀ ଏହାକୁ ବିରୋଧ କରୁଥିବା ବେଳେ ଆଉ କିଛି ସମର୍ଥନ କରିଚାଲିଛନ୍ତି। ମାଲା ଆର୍ଯ୍ୟମାନେ ଏବେ ପୁନର୍ବାର ମନ୍ଦିରରେ ନୀତିକାନ୍ତି କରିବାର ଅଧିକାର ଦାବିରେ ଅଡ଼ି ବସିଛନ୍ତି। ଏମାନେ ନିଜକୁ ଭଗବାନ୍ ଆୟାପ୍ପାନ୍‌ଙ୍କ ସବୁଠାରୁ ପ୍ରମୁଖ ସେବକ ଭାବେ ଅଭିହିତ କରୁଛନ୍ତି। ଏଥିସହିତ ମନ୍ଦିର ପ୍ରଶାସନ ସହ ଜଡ଼ିତ ନିଯୁକ୍ତିର ୫୦ ପ୍ରତିଶତ ସେମାନଙ୍କ ପାଇଁ ସଂରକ୍ଷଣ ରଖାଯାଉ ବୋଲି ଚାହୁଁଛନ୍ତି। ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ନେଇ ଚାରିଆଡ଼ୁ ଚାପ ପଡ଼ିବା ପରେ ଆୟାପ୍ପାନ୍ କ୍ରୋଧିତ ହୋଇ କିଛି ମାସ ପୂର୍ବରୁ କେରଳରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି କଲେ ବୋଲି ବିଭିନ୍ନ ସ୍ତରରେ ଆଲୋଚନା ହେଲା। କେତେକ ଏହାକୁ ନେଇ କାହାଣୀମାନ ରଚନା ମଧ୍ୟ କରିବାକୁ ପଛାଇ ନାହାନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିୟମ ପାଳନ କରିବାକୁ ଯାଇ ଅସହାୟ ହୋଇପଡ଼ିଛନ୍ତି ବୋଲି କହୁଛନ୍ତି। ଅନ୍ୟପଟେ ଅଛନ୍ତି ଏକ ବୃହତ୍ ଗୋଷ୍ଠୀ, ଯେଉଁମାନେ ମହିଳାମାନଙ୍କ ମୌଳିକ ଅଧିକାରକୁ ବାଦ୍ ପକାଇ ଧର୍ମବିଶ୍ୱାସକୁ ବଜାୟ ରଖିବାକୁ ଚାହୁଁଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ସରକାର ତରବରିଆ କାର୍ଯ୍ୟକାରୀ କରାଯିବା ନେଇ ଏମାନେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ଅନ୍ୟ ଧର୍ମକୁ ନେଇ ଦିଆଯାଇଥିବା ମତ କାର୍ଯ୍ୟକାରୀ କରିବାରେ କିଭଳି ବିଳମ୍ବ ହେଉଛି ତାହା ଉପରେ ଟିପ୍ପଣୀ ଦେଇଛନ୍ତି।

ମନ୍ଦିର ଓ ଅନ୍ୟାନ୍ୟ ଧର୍ମର ପୂଜାସ୍ଥଳୀରେ ପରିବର୍ତ୍ତନ ଆଣିବା ସକାଶେ ବ୍ୟକ୍ତିବିଶେଷ କେରଳ ହାଇକୋର୍ଟରେ ଅଭିଯୋଗମାନ ଦାଏର କରିଚାଲିଛନ୍ତି। କେରଳ ହିନ୍ଦୁ ପ୍ଲେସେସ୍ ଅଫ୍ ପବ୍ଲିକ୍ ଓର୍ସିପ (ଅଥରାଇଜେଶନ ଅଫ୍ ଏଣ୍ଟ୍ରି) ଆକ୍ଟ ୧୯୬୫ର ନିୟମ ୩ (ଏ) ଅନୁଯାୟୀ ସାବରିମାଲା ମନ୍ଦିରକୁ ଅନ୍ୟ ଧର୍ମର ଲୋକଙ୍କୁ ପ୍ରବେଶ ନିଷେଧ ସଂକ୍ରାନ୍ତ ଏକ ଆବେଦନକୁ ଅକ୍ଟୋବର ୨୯ରେ କେରଳ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ମୁସଲମାନ ମହିଳାମାନେ ମସ୍‌ଜିଦକୁ ପ୍ରବେଶ ନେଇ ଅନୁମତି ଦିଆଯିବା ଉପରେ ହୋଇଥିବା ଏକ ରିଟ୍ ପିଟିଶନକୁ ମଧ୍ୟ କେରଳ ହାଇକୋର୍ଟ ଖାରଜ କରିଦେଇଥିଲେ।

ସାବରିମାଲା ସଂକ୍ରାନ୍ତ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ନେଇ ଉଠୁଥିବା ଅନେକ ପ୍ରଶ୍ନର ଉତ୍ତର ମିଳିପାରୁ ନାହିଁ। ବିଭିନ୍ନ ରାଜନୈତିକ ଦଳ ନିଜର ସୁବିଧା ଓ ସ୍ୱାର୍ଥ ସାଧନ ପାଇଁ ଏହି ପ୍ରସଙ୍ଗକୁ ଜୀବିତ ରଖିବାକୁ ଚାହୁଁଛନ୍ତି। ନିକଟରେ ସ୍ୱାମୀ ସନ୍ଦିପାନନ୍ଦଗିରିଙ୍କ ଆଶ୍ରମ ପରିସରରେ ଥିବା କେତେକ ଗାଡ଼ିକୁ ଜାଳି ଦିଆଯିବାରେ ହିନ୍ଦୁ ମୌଳବାଦୀଙ୍କ ହାତ ଥିବା କଥା ଉଠିଛି। ଏହି ଘଟଣା ଘଟିବା ପୂର୍ବରୁ ଆଶ୍ରମ ପରିସରରେ ଥିବା ସିସିଟିଭିକୁ ବନ୍ଦ କରାଯିବା ସହ ସ୍ୱାମିଜୀଙ୍କ ସହାୟକଙ୍କୁ ଛୁଟିରେ ଚାଲିଯିବା ପାଇଁ କୁହାଯିବା ବିଷୟକୁ ନେଇ ଏବେ ଅନେକ ପ୍ରଶ୍ନ ଉଠୁଛି। ଏଠାରେ ସୂଚନାଯୋଗ୍ୟ, ସନ୍ଦିପାନନ୍ଦଗିରି ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ସମର୍ଥନ କରୁଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କେରଳ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନଙ୍କ ଜିଲା ଗସ୍ତ ଅବସରରେ ସ୍ୱାମିଜୀଙ୍କ ଉପରେ ଆକ୍ରମଣ ଘଟିବାକୁ ନେଇ ଚର୍ଚ୍ଚା ଚାଲିଛି। ଏଭଳି ସ୍ଥଳେ କେରଳବାସୀଙ୍କୁ ଏକ ମୂଳ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସହନଶୀଳତା ଓ ବୁଝାମଣାର ବାଟ ଖୋଜି ରାଜ୍ୟକୁ ଶାନ୍ତି ଓ ସମୃଦ୍ଧି ଦିଗରେ ନେବେ ନା ଧର୍ମୀୟ ଆବେଗରେ ବୋହିଯାଇ ଅଶାନ୍ତି ନିଆଁରେ ଜଳିବେ। ଏହା ପ୍ରତ୍ୟେକ ମାଲୟାଲୀ ପାଇଁ ଚିନ୍ତା କରିବାର ବିଷୟ। କିଛି ମହଲରେ କଥା ଉଠିଛି ଯେ, ସୁପ୍ରିମକୋର୍ଟ ଅଜାଣତରେ ମତଭେଦର ମଞ୍ଜି ଏହି ପ୍ରସଙ୍ଗରେ ପୋତି ଦେଇଛନ୍ତି। କେରଳବାସୀ ଉଚ୍ଚଶିକ୍ଷିତ ଓ ପ୍ରଗତିଶୀଳ ଭାବେ ଜଣା। ତେବେ ସାବରିମାଲା ପ୍ରସଙ୍ଗ ଏହି ଜାତିର ଲୁକ୍କାୟିତ ପୁରୁଣାକାଳିଆ ପୁରୁଷକୈନ୍ଦ୍ରିକ ଚିନ୍ତାଧାରାକୁ ପଦାରେ ପକାଇଛି। ଆଶା କରାଯାଏ, ଏହା ଏକ ପରୀକ୍ଷାର ଘଡ଼ି। ମାଲୟାଲୀମାନଙ୍କୁ ପୁନର୍ବାର ପ୍ରମାଣ କରିବାକୁ ହେବ ଯେ ସେମାନେ ପାଠ ପଢ଼ି କେବଳ ବିଦେଶକୁ ଯାଇ ବଡ଼ ଚାକିରି କରିବା ପାଇଁ ଯୋଗ୍ୟ ନୁହନ୍ତି, ବରଂ ସହନଶୀଳତା ଓ ପ୍ରଗତିଶୀଳ ଚିନ୍ତାଧାରାର ପ୍ରତୀକ ମଧ୍ୟ ହୋଇପାରନ୍ତି।

## ଚିରନ୍ତନୀ

ଏକାକୀ କେତେ ପଥିକ ଏଥି
ଚଳଇ ମୋହ ସରି
ବିଫଳ ଅବା ସଫଳ ଶତ
ବାସନା ହୃଦେ ଭରି।
ମଥାରେ ଝରେ ନିଦାଘ ତାପ
ପାଦରେ ଜଳେ ଧରଣୀ–ପାପ
ସକଳ କ୍ଲେଦ କାଳିମାରାଶି
ଯାଇଛି ଅପସରି,
ପଥିକ କେତେ ଚଳଇ ମୋହ ସରି।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | D | | 4 | C | B | | A | | |
| B | 5 | | D | | | 1 | | | | | A | | | |
| | E | 4 | | | 7 | | | | | | | 2 | 0 | |
| C | 0 | | | | | E | | | 9 | | | | 8 | B |
| D | 2 | 1 | C | | 0 | | | B | | 4 | 3 | | | |
| 7 | | | | | | | | 3 | | 1 | C | 8 | | |
| | | | | | | 4 | | | D | 6 | E | 1 | 7 | 5 |
| | | | 6 | | 8 | 7 | C | 1 | | | | D | | 2 |
| | | | | A | 1 | 0 | E | | 2 | | | | | |
| | | | 3 | | | | | | B | | | | | C |
| | | 6 | | | | 3 | | | | | | B | | 7 |
| | | | | 5 | 9 | | | A | | | | | 2 | |
| | | | 2 | | | | | D | 5 | | 9 | | | |
| | | D | | | E | B | | | 4 | 3 | | C | A | |
| | B | | | | A | | | 0 | E | 7 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | 5 | 1 | 7 | 3 | B | C | 2 | 6 | 4 | A | E | 8 | 9 |
| 2 | 8 | A | 9 | B | 0 | E | 3 | 4 | 7 | C | D | 5 | 6 | 1 |
| 9 | 3 | C | E | D | 2 | A | 8 | 6 | 5 | B | 1 | 0 | 4 | 7 |
| 1 | 4 | B | 6 | 8 | C | D | 7 | 5 | 9 | 0 | E | 2 | 3 | A |
| 7 | E | 6 | A | 4 | 5 | 0 | 1 | 9 | 8 | 3 | 2 | D | B | C |
| D | C | 0 | 5 | 6 | 1 | 8 | 2 | 3 | A | 7 | 9 | B | E | 4 |
| 6 | 9 | 4 | C | 0 | 8 | 7 | B | D | 3 | E | 5 | 1 | A | 2 |
| 3 | A | 7 | B | 2 | 9 | 4 | 5 | E | D | 1 | 0 | 8 | C | 6 |
| B | 5 | E | 3 | A | 7 | 1 | 6 | C | 2 | 8 | 4 | 9 | D | 0 |
| 8 | 2 | 1 | D | E | 4 | 9 | 0 | A | C | 6 | B | 3 | 7 | 5 |
| E | 0 | 9 | 8 | C | B | 5 | A | 1 | 4 | D | 6 | 7 | 2 | 3 |
| 4 | 1 | 8 | 0 | 3 | A | C | 9 | B | E | 2 | 7 | 6 | 5 | D |
| 5 | 7 | D | 2 | 1 | 6 | 3 | 4 | 8 | B | 9 | C | A | 0 | E |
| A | B | 2 | 4 | 9 | D | 6 | E | 7 | 0 | 5 | 3 | C | 1 | 8 |
| C | 6 | 3 | 7 | 5 | E | 2 | D | 0 | 1 | A | 8 | 4 | 9 | B |

ଗତକାଲିର ଉତ୍ତର

# ଆଧୁନିକ ଭାରତର ନିର୍ମାତା



ନରେନ୍ଦ୍ର ମୋଦି

୧୯୪୭ର ପ୍ରଥମାର୍ଦ୍ଧ ଭାରତ ଇତିହାସ ପାଇଁ ଥିଲା ଏକ ସଂକଟମୟ ସମୟ। ଔପନିବେଶିକ ଶାସନର ଅନ୍ତ ଅବଧାରିତ ଥିଲା ଏବଂ ଭାରତର ବିଭାଜନ ମଧ୍ୟ ନିର୍ଦ୍ଧାରିତ ଥିଲା, କିନ୍ତୁ ଯାହା ଅନିଶ୍ଚିତ ଥିଲା ତାହା ହେଉଛି ଭାରତର ଗୋଟିଏରୁ ଅଧିକ ବିଭାଜନ ହେବ ନାହିଁ ତ? ଦରଦାମ୍ ବଢ଼ୁଥିଲା, ଖାଦ୍ୟାଭାବ ଅତି ସାଧାରଣ କଥା ଥିଲା କିନ୍ତୁ ଏସବୁର ଊର୍ଦ୍ଧ୍ୱରେ, ଭାରତର ଅଖଣ୍ଡତା ପ୍ରତି ଗମ୍ଭୀର ଚାପ ରହିଥିଲା।

ଏହିପରି ସ୍ଥିତିରେ ସ୍ୱରାଷ୍ଟ୍ର ବିଭାଗ ଜୁନ୍ ୧୯୪୭ରେ କାର୍ଯ୍ୟକ୍ଷମ ହେଲା। ଏହିବିଭାଗର ପ୍ରମୁଖ ଲକ୍ଷ୍ୟ ମଧ୍ୟରେ ଥିଲା ୫୫୦ରୁ ଅଧିକ ଗଡଜାତ ରାଜ୍ୟ ସହ ଭାରତର ସମ୍ପର୍କ ବିଷୟରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ଏବଂ ଏହାକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା। ଏହି ରାଜ୍ୟଗୁଡ଼ିକ ଆକାର, ଜନସଂଖ୍ୟା, ପ୍ରାକୃତିକ ବୈଶିଷ୍ଟ୍ୟ ଏବଂ ଅର୍ଥନୈତିକ ସ୍ଥିତି ଦୃଷ୍ଟିରୁ ଅତ୍ୟନ୍ତ ବିବିଧ ଥିଲେ। ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ମହାତ୍ମା ଗାନ୍ଧୀଙ୍କ ବକ୍ତବ୍ୟ ଥିଲା ଏହିପରି: ''ରାଜ୍ୟଗୁଡ଼ିକର ସମସ୍ୟା ଏତେ ଜଟିଳ ଯେ କେବଳ ଆପଣ ହିଁ ଏହାର ସମାଧାନ କରିପାରିବେ।''

ଚିରାଚରିତ ସର୍ଦ୍ଦାର ପଟେଲ ଶୈଳୀରେ, ସେ ନିଜର କାର୍ଯ୍ୟକୁ ତ୍ରୁଟିଶୂନ୍ୟ, ଦୃଢ଼ ଏବଂ ଦକ୍ଷତାର ସହ କାର୍ଯ୍ୟକାରୀ କରିବା ଲାଗି ଆଗେଇ ଆସିଲେ। ସମୟ କମ୍ ଥିଲା ଏବଂ କାର୍ଯ୍ୟର ପରିମାଣ ଅତି ବ୍ୟାପକ ଥିଲା, କିନ୍ତୁ ସେ ସାଧାରଣ ବ୍ୟକ୍ତି ନ ଥିଲେ, ଥିଲେ ସର୍ଦ୍ଦାର ପଟେଲ, ଯିଏ କି ନିଜ ରାଷ୍ଟ୍ରର ସମ୍ମାନକୁ ତଳେ ପକାଇ ନ ଦେବା ଲାଗି ପ୍ରତିବଦ୍ଧ ଥିଲେ। ଗୋଟିଏ ପରେ ଗୋଟିଏ ଛୋଟବଡ ରାଜତନ୍ତ୍ର ତଥା ଗଡଜାତ ଶାସନାଧୀନ ରାଜ୍ୟ ସହିତ ସେ ଓ ତାଙ୍କ ଟିମ୍ ଆଲୋଚନା ଜାରି ରଖିଲେ ଏବଂ ଏହି ସବୁ ରାଜ୍ୟଗୁଡ଼ିକ ଯେପରି ସ୍ୱାଧୀନ ଭାରତର ଅଂଶ ହୋଇପାରିବେ, ତାହା ସୁନିଶ୍ଚିତ କଲେ। ଆଜି ଭାରତର ଯେଉଁ ରୂପ ଆମେ ଦେଖିପାରୁଛୁ, ତାହା କେବଳ ସର୍ଦ୍ଦାର ପଟେଲଙ୍କ ନିରନ୍ତର ପ୍ରୟାସ ଯୋଗୁ ସମ୍ଭବ ହୋଇପାରିଛି।

ସ୍ୱାଧୀନତା ହାସଲ ପରେ ଭିପି ମେନନ୍ ପ୍ରଶାସନିକ ସେବାରୁ ଅବସର ନେବାକୁ ଇଚ୍ଛାବ୍ୟକ୍ତ କଲେ। ହେଲେ ସର୍ଦ୍ଦାର ପଟେଲ ତାଙ୍କୁ କହିଲେ, ଏହା ନା ବିଶ୍ରାମ ନେବାର ସମୟ ନା ଅବସର ନେବାର। ଏପରି ଥିଲା ସର୍ଦ୍ଦାର ପଟେଲଙ୍କ ଦୃଢ଼ସଂକଳ୍ପ। ଭିପି ମେନନଙ୍କୁ ସ୍ୱରାଷ୍ଟ୍ର ବିଭାଗର ସଚିବ କରାଗଲା। ତାଙ୍କର ପୁସ୍ତକ 'ଦି ଷ୍ଟୋରୀ ଅଫ୍ ଦି ଇଣ୍ଟିଗ୍ରେସନ ଅଫ୍ ଇଣ୍ଡିଆନ ଷ୍ଟେଟ୍ସ'ରେ ସେ ଲେଖିଛନ୍ତି, କିପରି ସର୍ଦ୍ଦାର ପଟେଲ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ ଏବଂ ତାଙ୍କର ପୂରା ଟିମ୍‌କୁ ଅଧ୍ୟବସାୟର ସହ କାର୍ଯ୍ୟ କରିବା ଲାଗି ଅନୁପ୍ରାଣିତ କରିଥିଲେ। ୧୫ ଅଗଷ୍ଟ ୧୯୪୭ରେ ଆମେ ଏକ ନୂତନ ଭାଗ୍ୟର ଉଦୟ ଉତ୍ସବକୁ ପାଳନ କରୁଥିଲୁ କିନ୍ତୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ବହୁଦୂରରେ ଥିଲା। ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ସେ ପ୍ରଥମେ ଏକ ପ୍ରଶାସନିକ ବ୍ୟବସ୍ଥା ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲେ, ଯାହା ନିରନ୍ତର ରାଷ୍ଟ୍ରର ସେବା କରିପାରିବ, ତାହା ଦୈନିକ ପ୍ରଶାସନିକ କାର୍ଯ୍ୟ ହେଉ କିମ୍ବା ଲୋକମାନଙ୍କ ସ୍ୱାର୍ଥ, ବିଶେଷ କରି ଗରିବ ଏବଂ ବଞ୍ଚିତମାନଙ୍କର ସୁରକ୍ଷା ହେଉ।

ସର୍ଦ୍ଦାର ପଟେଲ ଜଣେ ଅଭିଜ୍ଞ ପ୍ରଶାସକ ଥିଲେ। ପ୍ରଶାସନିକ କ୍ଷେତ୍ରରେ ତାଙ୍କର ନିଜସ୍ୱ ଅଭିଜ୍ଞତା, ବିଶେଷ କରି ୧୯୨୦ରେ ସେ ଅହମଦାବାଦ ପୌରପାଳିକାର ପ୍ରଶାସକ ଥିବା ବେଳର ଅନୁଭବକୁ ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାର ଦୃଢ଼ୀକରଣରେ ନିୟୋଜିତ କରିଥିଲେ। ଅହମଦାବାଦରେ ଥିବା ସମୟରେ ସେ ସହରର ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସେ ସାରା ସହରରେ ସ୍ୱଚ୍ଛତା ଏବଂ ଡ୍ରେନେଜ୍ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥିଲେ। ସଡ଼କ, ବିଦ୍ୟୁତୀକରଣ ଏବଂ ଶିକ୍ଷା ଭଳି ସହରାଞ୍ଚଳ ଭିତ୍ତିଭୂମିର ଅନ୍ୟ ଦିଗ ପ୍ରତି ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଆଜି ଭାରତ ଯଦି ନିଜର ଉଜ୍ଜ୍ୱଳ ସମବାୟ କ୍ଷେତ୍ରକୁ ନେଇ ଗର୍ବ କରୁଥାଏ, ଏହାର ଅଧିକାଂଶ ଶ୍ରେୟ ସର୍ଦ୍ଦାର ପଟେଲଙ୍କ ପାଖକୁ ହିଁ ଯିବ। ସ୍ଥାନୀୟ ଲୋକ, ବିଶେଷ କରି ମହିଳାମାନଙ୍କୁ ସଶକ୍ତ କରିବା ଲାଗି ତାଙ୍କ ଦୂରଦୃଷ୍ଟିର ମୂଳଦୁଆ ଉପରେ 'ଅମୁଲ' ଭଳି ସମବାୟ ସଂସ୍ଥା ଜନ୍ମ ନେଇଥିଲା। ସର୍ଦ୍ଦାର ପଟେଲ ହିଁ ସମବାୟ ଗୃହ ନିର୍ମାଣ ସମିତିର ବିଚାରକୁ ଲୋକପ୍ରିୟ କରିଥିଲେ, ଯାହା ଅନେକଙ୍କ ପାଇଁ ସମ୍ମାନ ଏବଂ ବାସସ୍ଥାନ ସୁନିଶ୍ଚିତ କରିଥିଲା।

ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା– ବିଶ୍ୱାସ ଏବଂ ସଚ୍ଚୋଟତା। ଭାରତର କୃଷକମାନେ



### ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ

ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ। ସର୍ବୋପରି ସେ ଜଣେ କୃଷକର ସନ୍ତାନ ଥିଲେ, ଯିଏ ବର୍ଦ୍ଦୋଲି ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। ଶ୍ରମିକ ଶ୍ରେଣୀର ଲୋକମାନେ ତାଙ୍କଠାରେ ଆଶାର କିରଣ ଦେଖିପାରିଥିଲେ, କାରଣ ସେମାନଙ୍କର ବିଶ୍ୱାସ ଥିଲା ଯେ ସେ ହିଁ କେବଳ ସେମାନଙ୍କ ପାଇଁ କହିପାରିବେ। ବ୍ୟବସାୟୀ ଏବଂ ଶିଳ୍ପପତି ସର୍ଦ୍ଦାର ପଟେଲଙ୍କ ସହିତ କାର୍ଯ୍ୟ କରିବାକୁ ପସନ୍ଦ କରୁଥିଲେ କାରଣ ସେମାନେ ତାଙ୍କଠାରେ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱକୁ ଦେଖିପାରୁଥିଲେ, ଯାହାଙ୍କର ଭାରତର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବାର ଦୂରଦୃଷ୍ଟି ରହିଥିଲା।

ତାଙ୍କର ରାଜନୈତିକ ସହଯୋଗୀମାନେ ମଧ୍ୟ ତାଙ୍କୁ ବିଶ୍ୱାସ କରୁଥିଲେ। ଆଚାର୍ଯ୍ୟ କୃପାଳିନୀ ମତବ୍ୟକ୍ତ କରିଥିଲେ ଯେ, ସେମାନେ ଯେତେବେଳେ କୌଣସି ସମସ୍ୟାରେ ପଡୁଥିଲେ ଓ ବାପୁଙ୍କ ପରାମର୍ଶ ମିଳିପାରୁ ନ ଥିଲା, ସେତେବେଳେ ସର୍ଦ୍ଦାର ପଟେଲଙ୍କ ନିକଟକୁ ଯାଉଥିଲେ। ୧୯୪୭ରେ ଯେତେବେଳେ ରାଜନୈତିକ ଆଲୋଚନା ଶୀର୍ଷରେ ରହିଥିଲା, ସରୋଜିନୀ ନାଇଡୁ ତାଙ୍କୁ 'ନିଷ୍ପତ୍ତି ନେବା ଏବଂ କ୍ରିୟାନ୍ୱିତ କରିବାର ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରିଥିଲେ। ସମସ୍ତେ ତାଙ୍କୁ ବିଶ୍ୱାସ କରୁଥିଲେ, ତାଙ୍କର କଥା ଓ କାର୍ଯ୍ୟ ପାଇଁ। ସର୍ଦ୍ଦାର ପଟେଲ ଜାତି, ବର୍ଣ୍ଣ, ଧର୍ମ, ବିଶ୍ୱାସ ଏବଂ ବୟସ ନିର୍ବିଶେଷରେ ସମ୍ମାନର ପାତ୍ର ଥିଲେ।

ଚଳିତ ବର୍ଷର ସର୍ଦ୍ଦାର ପଟେଲ ଜୟନ୍ତୀ ବେଶ୍ ସ୍ୱତନ୍ତ୍ର ହୋଇପାରିଛି। ୧୩୦ କୋଟି ଭାରତୀୟଙ୍କ ଶୁଭକାମନା ସହିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଆଜି ଉଦ୍‌ଘାଟିତ ହେଉଛି। ନର୍ମଦା ନଦୀ ତଟରେ ରହିଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସାରା ବିଶ୍ୱରେ ସର୍ବୋଚ୍ଚ। 'ଧରିତ୍ରୀପୁତ୍ର' ସର୍ଦ୍ଦାର ପଟେଲ ନଭଶ୍ଚୁମ୍ବୀ ସ୍ୱରୂପରେ ଦଣ୍ଡାୟମାନ ହୋଇ ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରିବେ ଏବଂ ଆମକୁ ପ୍ରେରଣା ଦେବେ। ସର୍ଦ୍ଦାର ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ଏହି ବିଶାଳ ପ୍ରତିମୂର୍ତ୍ତିକୁ ବାସ୍ତବ ରୂପ ଦେବା ଲାଗି ଦିନରାତି କାର୍ଯ୍ୟ କରିଥିବା ଲୋକମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମୋର ୩୧ ଅକ୍ଟୋବର ୨୦୧୩ କଥା ମନେପଡ଼ିଯାଉଛି ଯେତେବେଳେ ଆମେ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲୁ। ରେକର୍ଡ ସମୟ ମଧ୍ୟରେ ଏତେ ଉଚ୍ଚ ସ୍ତରର ପ୍ରକଳ୍ପ ପ୍ରସ୍ତୁତ ହୋଇପାରିଛି, ଯାହାକୁ ନେଇ ପ୍ରତ୍ୟେକ ଭାରତୀୟ ନିଶ୍ଚିତ ଭାବେ ଗର୍ବ ଅନୁଭବ କରୁଥିବେ। ଆଗାମୀ ଦିନରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଦେଖି ଆସିବା ଲାଗି ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଅନୁରୋଧ କରୁଛି।

'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଉଭୟ ହୃଦୟର ଏକତା ଏବଂ ଆମ ମାତୃଭୂମିର ଭୌଗୋଳିକ ଅଖଣ୍ଡତାର ପ୍ରତୀକ। ଏହା ମନେପକାଇଦେବ ଯେ ବିଭାଜିତ ଭାବେ ଆମେ ଆମ ନିଜକୁ ମଧ୍ୟ ମୁକାବିଲା କରିପାରିବା ନାହିଁ। ଏକତ୍ରିତ ଭାବେ ଆମେ ସାରା ବିଶ୍ୱର ସାମନା କରିପାରିବା ଏବଂ ଅଭିବୃଦ୍ଧି ଓ ସମୃଦ୍ଧିର ନୂତନ ଉଚ୍ଚତାକୁ ଛୁଇଁପାରିବା। ରାଷ୍ଟ୍ରବାଦର ଜୀବନୀଶକ୍ତି ସହିତ ଅଖଣ୍ଡ ଭୂଭାଗର ନିର୍ମାଣ କରିବା ଲାଗି ସର୍ଦ୍ଦାର ପଟେଲ ଆଶ୍ଚର୍ଯ୍ୟଜନକ ଗତିରେ କାର୍ଯ୍ୟ କରିଥିଲେ। ସର୍ଦ୍ଦାର ପଟେଲ ଯେପରି ଚାହୁଁଥିଲେ, ବିକାଶର ଫଳ ବିନା ଦୁର୍ନୀତି ଏବଂ ପ୍ରିୟାପ୍ରୀତି ତୋଷଣରେ ସବୁଠୁ ଦୁର୍ବଳ ନିକଟରେ ପହଞ୍ଚିପାରିବ, ତାହା ସୁନିଶ୍ଚିତ କରିବା ଲାଗି ପ୍ରତିଟି ନିଷ୍ପତ୍ତି ନିଆଯାଉଛି।

ଭାରତର ପ୍ରଧାନମନ୍ତ୍ରୀ

# ବିଜ୍ଞାନରେ ଆଗେ ଆଗେ ଚାଇନା



ଇଂ. ମାୟାଧର ସ୍ୱାଇଁ

ପ୍ରାଚୀନ ଯୁଗରେ ଭାରତ, ମିଶର, ଗ୍ରୀସ୍, ବେବିଲୋନ ଆଦି ଦେଶରେ ବିଜ୍ଞାନର ବିକାଶ ହୋଇଥିଲା। ପଞ୍ଚଦଶ ଶତାବ୍ଦୀରେ ୟୁରୋପରେ ନବଜାଗରଣ ହେବା ପରେ ଆଧୁନିକ ବିଜ୍ଞାନର ସୂତ୍ରପାତ ହେଲା। ପ୍ରାୟୋଗିକ ବିଜ୍ଞାନ ସାହାଯ୍ୟରେ କଳକାରଖାନା ଓ ଶିଳ୍ପ ଗଢ଼ିଉଠିଲା ଏବଂ ୟୁରୋପୀୟ ଦେଶଗୁଡ଼ିକ ସମୃଦ୍ଧିଶାଳୀ ହେଲେ। ଏହି ସମୟରେ ୟୁରୋପରେ ବିଜ୍ଞାନର ଅନେକ ନୂତନ ତତ୍ତ୍ୱ ଆବିଷ୍କୃତ ହୋଇଥିଲା। ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ପର୍ଯ୍ୟନ୍ତ ୟୁରୋପ ବିଜ୍ଞାନ ଗବେଷଣାରେ ଶୀର୍ଷରେ ଥିଲା। ଏହାପରେ ଗତ ଶହେ ବର୍ଷ ଧରି ଯୁକ୍ତରାଷ୍ଟ୍ର ଆମେରିକା ବିଜ୍ଞାନରେ ପ୍ରାଧାନ୍ୟ ବିସ୍ତାର କରିଛି। ସେଠାରେ ଗବେଷଣା ପାଇଁ ଯଥେଷ୍ଟ ପୁଞ୍ଜି ବିନିଯୋଗ କରାଯାଇଛି ଏବଂ ପୃଥିବୀର ବିଭିନ୍ନ ଦେଶରୁ ପ୍ରତିଭାବାନ୍ ଛାତ୍ରୀଛାତ୍ର ଆମେରିକାକୁ ନିଜର କାର୍ଯ୍ୟସ୍ଥଳୀ ଭାବେ ଚୟନ କରୁଛନ୍ତି। ଆମେରିକା ପ୍ରତିରକ୍ଷା କ୍ଷେତ୍ରରେ ବିଜ୍ଞାନକୁ ପ୍ରୟୋଗ କରି ଶକ୍ତିଶାଳୀ ଦେଶରେ ପରିଣତ ହୋଇଛି। ରୁଷିଆ ମଧ୍ୟ ଆମେରିକା ସହ ତାଳଦେଇ ଅଗ୍ରଗତି କରିଛି।

ଜିନୀୟ ଇଞ୍ଜିନିୟରିଂ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କୃତ୍ରିମ ବୌଦ୍ଧିକତା ଆଦି ହେଉଛି ଅତ୍ୟାଧୁନିକ ବିଜ୍ଞାନ ଗବେଷଣାର କେତୋଟି ଉଦାହରଣ। ଭବିଷ୍ୟତର ଶିଳ୍ପ ଓ ପ୍ରତିରକ୍ଷା ପ୍ରଯୁକ୍ତି ଆଦିରେ ଏହାର ସମ୍ଭାବ୍ୟ ଉପଯୋଗ ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହିସବୁ ଗବେଷଣା ପାଶ୍ଚାତ୍ୟ ଦେଶର ବିଖ୍ୟାତ ବିଜ୍ଞାନ କେନ୍ଦ୍ରଗୁଡ଼ିକରେ ହେଉନାହିଁ। ଏଗୁଡ଼ିକର ମୁଖ୍ୟ କେନ୍ଦ୍ର ହେଉଛି ବେଜିଂ, ସାଙ୍ଘାଇ, ହେଫେଇ, ଶେନଝେନ ଏବଂ ଚାଇନାର ଅନ୍ୟ କେତୋଟି ସହର। ଚାଇନା ବର୍ତ୍ତମାନ ଯେପରି ଭାବେ ବିଜ୍ଞାନ ଗବେଷଣାରେ ଲିପ୍ତ ଅଛି ଏବଂ ଏଥିରେ ଅଜସ୍ର ଅର୍ଥ ବିନିଯୋଗ କରୁଛି, ଅଳ୍ପ କେତେବର୍ଷ ମଧ୍ୟରେ ଏହା ବିଜ୍ଞାନରେ ପୃଥିବୀର ଅନ୍ୟ ସବୁ ଦେଶକୁ ଟପିଯିବ।

ଗବେଷଣା ଓ ବିକାଶ ପାଇଁ ଚାଇନାର ବ୍ୟୟବରାଦ ଗତ କୋଡ଼ିଏ ବର୍ଷ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଛି। ବର୍ତ୍ତମାନ ଏହି କ୍ଷେତ୍ରରେ ଆମେରିକା ପରେ ଏହାର ସ୍ଥାନ ହେଉଛି ଦ୍ୱିତୀୟ। ତୃତୀୟରେ ୟୁରୋପୀୟ ସଂଘ ଓ ଚତୁର୍ଥ ସ୍ଥାନରେ ଜାପାନ ରହିଛି। ବିଜ୍ଞାନ ଗବେଷଣା ପାଇଁ ଆମେରିକା ୨୦୧୫ ମସିହାରେ ୫୦୦ ବିଲିୟନ ଡଲାର ଖର୍ଚ୍ଚ କରିଥିବା ବେଳେ ଚାଇନା ୪୦୦ ବିଲିୟନ ଡଲାର ଖର୍ଚ୍ଚ କରିଛି। ବିଜ୍ଞାନ ଓ ଇଞ୍ଜିନିୟରିଂରେ ମଧ୍ୟ ଚାଇନା ପୃଥିବୀରେ ଉଚ୍ଚ ସ୍ଥାନ ଅଧିକାର କରିଛି। ୨୦୧୬ରେ ଏହା ପ୍ରଥମଥର ପାଇଁ ଆମେରିକାଠାରୁ ଅଧିକ ଗବେଷଣାତ୍ମକ ବିଜ୍ଞାନ ନିବନ୍ଧ ପ୍ରକାଶ କରିଛି।

ଗତ ଜୁନ୍‌ରେ ପ୍ରକାଶ ପାଇଥିବା ପୃଥିବୀର ଶ୍ରେଷ୍ଠ ୫୦୦ଟି ସୁପରକମ୍ପ୍ୟୁଟର ମଧ୍ୟରେ ଚାଇନାର ୨୦୬ଟି ଥିବାବେଳେ ଆମେରିକାର ୧୨୪ଟି ଅଛି। ଏହି ତାଲିକାରେ ଭାରତର ମାତ୍ର ୫ଟି ସୁପର କମ୍ପ୍ୟୁଟର ଅଛି। ପୃଥିବୀର ବୃହତ୍ତମ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ଚାଇନାର ଗୁଇଝୋଉଠାରେ ସ୍ଥାପିତ ହୋଇଛି। ମହାକାଶ ଅଭିଯାନ କ୍ଷେତ୍ରରେ ଚାଇନା ନିଜର ରକେଟ୍ ସାହାଯ୍ୟରେ ମହାକାଶକୁ ନିଜର କୃତ୍ରିମ ଉପଗ୍ରହ ପଠାଇପାରିଛି। ଏହା ମଧ୍ୟ ମହାକାଶକୁ ନିଜର ମହାକାଶଚାରୀ ପଠାଇଛି ଏବଂ ଚନ୍ଦ୍ରକୁ ମନୁଷ୍ୟ ପଠାଇବା ପାଇଁ ଯୋଜନା କରୁଛି। ଏହା ମହାକାଶରେ କ୍ୱାଣ୍ଟମ୍ ପଦାର୍ଥବିଜ୍ଞାନରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରିଛି। ଚାଇନା ୨୦୧୩ରେ ଚନ୍ଦ୍ରପୃଷ୍ଠକୁ ଚାଙ୍ଗେ–୩ ମହାକାଶଯାନ ପଠାଇଛି ଏବଂ ଚନ୍ଦ୍ରପୃଷ୍ଠକୁ ଯାନ ପଠାଇବାରେ ଏହା ହେଉଛି ତୃତୀୟ ଦେଶ। ଏହା ୨୦୧୬ରେ ଶକ୍ତିଶାଳୀ ରକେଟ୍ ଲଙ୍ଗ ମାର୍ଚ୍ଚ–୭କୁ ଉତ୍‌କ୍ଷେପଣ କରିଛି।

ଚାଇନା ଗତବର୍ଷ ଗୋଟିଏ ମାଙ୍କଡର କ୍ଲୋନିଂ କରିପାରିଛି। ଚାଇନାର ପ୍ରଥମ ମାନବଚାଳିତ ବୁଡ଼ାଜାହାଜ ଜିଆଓଲୋଙ୍ଗ ୨୦୧୨ରେ ସମୁଦ୍ର ପତ୍ତନରୁ ୭୦୨୦ ମିଟର ଗଭୀରକୁ ଯାଇଥିଲା ଏବଂ ୨୦୨୦ରେ ଏହା ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର ଓ ଭାରତୀୟ ମହାସାଗର ଶଯ୍ୟାରେ ଏକ ବର୍ଷ ପାଇଁ ବିଜ୍ଞାନ ଗବେଷଣା ଅଭିଯାନରେ ଯିବ।

ଚାଇନାରେ ବର୍ତ୍ତମାନ ପାଞ୍ଚ ପ୍ରକାର ଅନୁଷ୍ଠାନରେ ବିଜ୍ଞାନ ଗବେଷଣା ହେଉଛି। ପ୍ରଥମରେ ଚାଇନା ବିଜ୍ଞାନ ଏକାଡେମୀ ଅଧୀନରେ ୧୨୦ଟି ଅନୁଷ୍ଠାନ ରହିଛି ଏବଂ ଏହା ମଧ୍ୟରେ ତିନୋଟି ଉଚ୍ଚ ଶିକ୍ଷାନୁଷ୍ଠାନ ଅଛି। ଦ୍ୱିତୀୟରେ ଚାଇନାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓ ତୃତୀୟରେ ଶିଳ୍ପକ୍ଷେତ୍ରରେ ବିଜ୍ଞାନ ଗବେଷଣା ହେଉଛି। ଶିଳ୍ପକ୍ଷେତ୍ରରେ ଗବେଷଣା ଖର୍ଚ୍ଚ ହେଉଛି ଚାଇନାର ମୋଟ ଗବେଷଣା ଖର୍ଚ୍ଚର ପ୍ରାୟ ୮୦ ପ୍ରତିଶତ। ଏଗୁଡ଼ିକ ମୁଖ୍ୟତଃ ବଜାର ପ୍ରତି ଦୃଷ୍ଟି ଦେଇଥାଆନ୍ତି। ବେସାମରିକ ମନ୍ତ୍ରଣାଳୟ ଅଧୀନରେ ଚତୁର୍ଥ ପ୍ରକାର ବିଜ୍ଞାନ ଅନୁଷ୍ଠାନ ରହିଛି। ଏଗୁଡ଼ିକ ମୁଖ୍ୟତଃ କୃଷି, ଜନସ୍ୱାସ୍ଥ୍ୟ, ପରିବେଶ, ପ୍ରାକୃତିକ ସମ୍ପଦ ଆଦିର ଗବେଷଣା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ପଞ୍ଚମ ପ୍ରକାର ବିଜ୍ଞାନ ଗବେଷଣା ଅନୁଷ୍ଠାନ ପ୍ରତିରକ୍ଷା ବିଭାଗ ଅଧୀନରେ ଅଛି। ବିଜ୍ଞାନ ଗବେଷଣା ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିବା ସହ ବୈଜ୍ଞାନିକମାନଙ୍କୁ ପ୍ରୋତ୍ସାହନ ଦେବା କାରଣରୁ ଆମେରିକାରେ କାର୍ଯ୍ୟ କରୁଥିବା ଚାଇନାର ବୈଜ୍ଞାନିକମାନେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଅନେକ ୟୁରୋପୀୟ ଓ ଆମେରିକୀୟ ବୈଜ୍ଞାନିକ ମଧ୍ୟ ଚାଇନାରେ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବିଦେଶର ଅନେକ ବୈଜ୍ଞାନିକ ଏଠାରେ କାର୍ଯ୍ୟରତ ଅଛନ୍ତି। ଚାଇନା ଅତିଶୀଘ୍ର ବିଜ୍ଞାନରେ ଅତି ଶକ୍ତିଶାଳୀ ଦେଶ ହୋଇଯିବ ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର, ମୋ–୯୪୩୮୬୯୩୭୨୪

## ଏଇ ଭାରତରେ

ଦୁନିଆରେ ଖୁବ୍ କମ୍ ଲୋକ ସଚ୍ଚୋଟପଣିଆ ଦେଖାଇ ଅନ୍ୟର ଉପକାର କରିଥାଆନ୍ତି। ସେମାନେ ପାଇଥିବା ମହାର୍ଘ ଜିନିଷକୁ ମାଟି ସଦୃଶ ମନେକରୁଥିବାରୁ ହରାଇବା ଲୋକେ ଉପକୃତ ହୋଇଥାଆନ୍ତି। ଏପରି ଏକ ଘଟଣାକ୍ରମରେ ଜଣେ ଅଟୋ ଡ୍ରାଇଭର ସ୍ୱର୍ଣ୍ଣାଳଙ୍କାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ଏକ ବ୍ୟାଗ୍ ପାଇ ତାକୁ ଫେରାଇଦେବା ପରେ ସଚ୍ଚୋଟପଣିଆର ସ୍ୱାକ୍ଷର ଛାଡ଼ିଛନ୍ତି। ମଣିମାଜ୍ରା ଅଞ୍ଚଳର ଅଟୋ ଡ୍ରାଇଭର ମହମ୍ମଦ ଶରିଫ୍ ସୋମବାର ରାସ୍ତାରେ ପଡିଥିବା ଏକ ବ୍ୟାଗ୍ ପାଇଥିଲେ। ଏହାକୁ ଖୋଲିବା ପରେ ଏଥିରେ କିଛି କାଗଜପତ୍ର ଏବଂ ଅନ୍ୟାନ୍ୟ ଜିନିଷ ସମେତ ପ୍ରାୟ ୨ଲକ୍ଷ ଟଙ୍କାର ସ୍ୱର୍ଣ୍ଣାଳଙ୍କାର ଥିବା ଦେଖିଥିଲେ। ସେ ତୁରନ୍ତ ସ୍ଥାନୀୟ ପୋଲିସ ଷ୍ଟେଶନ୍ ଯାଇ ଉକ୍ତ ବ୍ୟାଗ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଏହାକୁ ଖୋଲିବା ପରେ ଏଥିରେ ଗୋଟିଏ ପ୍ୟାନ୍‌କାର୍ଡ, ମୋବାଇଲ୍ ଫୋନ୍, ଏଟିଏମ୍ କାର୍ଡ ଏବଂ ୮୦୦ଟଙ୍କା ସମେତ କିଛି ଦରକାରୀ କାଗଜପତ୍ର ଥିବା ଦେଖିବାକୁ ପାଇଲେ। ଏତଦ୍‌ଭିନ୍ନ ଉକ୍ତ ବ୍ୟାଗ୍‌ରେ ପାଖାପାଖି ୨ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ରହିଥିଲା। ଅନୁସନ୍ଧାନରୁ ଜଣାପଡିଥିଲା ଯେ, ଏହି ବ୍ୟାଗଟି ମଡର୍ନ ହାଉସ୍ କମ୍ପ୍ଲେକ୍ସର ବାସିନ୍ଦା ଅମ୍ରିତରାଜ କୌରଙ୍କର। ସେ ମଣିମାଜ୍ରାସ୍ଥିତ ସରକାରୀ ମଡେଲ ସିନିୟର ସେକେଣ୍ଡାରି ସ୍କୁଲ୍‌ର ଇଂଲିଶ୍ ଶିକ୍ଷୟିତ୍ରୀ। ଷ୍ଟେଶନ୍ ହାଉସ୍ ଅଫିସର ଅମ୍ରିତଙ୍କୁ ଥାନାକୁ ଡକାଇ ବ୍ୟାଗ୍‌ଟି ଫେରାଇଦେବା ସହିତ ଅଟୋ ଡ୍ରାଇଭରଙ୍କୁ ତାଙ୍କ ସାଧୁତା ପାଇଁ ପୁରସ୍କୃତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅକ୍ଟୋବର ୧୯୯୩

- ଉପାସନାପୀଠ ମଧ୍ୟରେ ଆତ୍ମଗୋପନକାରୀ ଉଗ୍ରପନ୍ଥୀମାନଙ୍କ ସହ କଥାବାର୍ତ୍ତାରୁ ସର୍ବଦଳୀୟ ହୁରିୟାତ ସମ୍ମିଳନୀର ପ୍ରତିନିଧିମାନେ ଓହରିଯିବା ବିଷୟ ଘୋଷଣା କରିବା ପରେ ହଜରତବଲ ସଙ୍କଟର ସମାଧାନ ଉଦ୍ୟମ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।
- ଶୀତଳଯୁଦ୍ଧ ପରବର୍ତ୍ତୀ ପରିସ୍ଥିତିରେ କେତେକ ଦେଶ ଅଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେଉଥିବାରୁ ଏବଂ ଆତଙ୍କବାଦ କ୍ରମଶଃ ମୁଣ୍ଡ ଟେକୁଥିବାରୁ ଆମେରିକା ତା'ର ଅଣୁ କାର୍ଯ୍ୟକ୍ରମର ପୁନଃସମୀକ୍ଷା କରିବା ନେଇ ନିଷ୍ପତ୍ତି ନେଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମହାନୁଭବ ପଟେଲ

ମହାଶୟ,

ଭାରତ ସ୍ୱାଧୀନତା ପ୍ରାପ୍ତିର ମାତ୍ର ୩ ବର୍ଷ ହେଇଥାଏ। ଦୁଇଜଣ ବିଦେଶୀ ଛାତ୍ର ପାର୍ଲାମେଣ୍ଟ ଦେଖିବାକୁ ଆସିଥିଲେ। ସେମାନେ ରାଜନୀତି ବିଜ୍ଞାନର ଛାତ୍ର। ତେଣୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ପାସ୍ ନେଇ ଆସିଥିଲେ ପାର୍ଲାମେଣ୍ଟ ଦେଖିବାକୁ। ସେମାନେ ହଠାତ୍ ବାରଣ୍ଡାରେ ଜଣେ ମଧ୍ୟବୟସ୍କ ପାଇଜାମା ପିନ୍ଧା ଲୋକଙ୍କୁ ଦେଖିଲେ। ସେ ସେମାନଙ୍କୁ ପାର୍ଲାମେଣ୍ଟ ବୁଲେଇ ଦେଖାଇଲେ। ସେମାନେ ଭାବିଥିଲେ ଏଇ ବୋଧହୁଏ ପାର୍ଲାମେଣ୍ଟର ତତ୍ତ୍ୱାବଧାରକ। କିଛି ସମୟ ପରେ ପାର୍ଲାମେଣ୍ଟ ଆରମ୍ଭ ହେଲା। ଯୁବକ ଦୁହେଁ ଆଚମ୍ବିତ ହେଲେ– ତତ୍ତ୍ୱାବଧାରକ ସାଜିଥିବା ଲୋକଟି ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଲୋକ ସଭାରେ ଭାଷଣ ଦେଉଛନ୍ତି। ସଭା ସାଙ୍ଗ ହେଲା ପରେ ଦୁହେଁ ଦଉଡିଲେ ତାଙ୍କ କୋଠରିକୁ। ବିନୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ସେମାନଙ୍କୁ ହାଲ୍‌କା କରିବାକୁ କହିଲେ ଆପଣମାନେ ଆମ ଦେଶର ଅତିଥି। ଅତିଥି ଭଗବାନଙ୍କ ସାକ୍ଷାତ୍ ସ୍ୱରୂପ। ତେଣୁ ଲଜ୍ଜାବୋଧ ବା କ୍ଷମା ପ୍ରାର୍ଥନାର ପ୍ରଶ୍ନ ଉଠୁନି। ସେହି ବିନୟୀ ମହାନୁଭବ ଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ।

ଡି. ଲକ୍ଷ୍ମୀନାରାୟଣ,ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ଗଣତନ୍ତ୍ର ଓ ବ୍ଲକ୍ ଗ୍ରାଣ୍ଟ

ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଓ ଅଧ୍ୟାପକମାନେ ଦୀର୍ଘ ୩୦ ବର୍ଷ ଧରି ରାଜ୍ୟର ଶିକ୍ଷାକୁ ସମୃଦ୍ଧ କରିଆସୁଛନ୍ତି। ସେମାନଙ୍କୁ ସରକାରୀ ଚାକିରିଆଙ୍କ ପରି ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯାଉନାହିଁ। ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି। ଶିକ୍ଷକଙ୍କୁ ଉଚିତ ନ୍ୟାୟ ନ ଦେବା ଅର୍ଥ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେବା। ଗଣତାନ୍ତ୍ରିକ ରାଷ୍ଟ୍ରରେ ସମାନ କାମକୁ ସମାନ ଦରମା ଦେବା ସରକାରଙ୍କ ନୈତିକ କର୍ତ୍ତବ୍ୟ। ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ନ ଦେଲେ ସମାଜର ଅଧଃପତନ ସୁନିଶ୍ଚିତ। ସରକାରୀ କର୍ମଚାରୀଙ୍କ ପାଇଁ ଯେଉଁ ନୀତିନିୟମ, ସୁବିଧା ଅଛି ସେହି ନିୟମ ସେମାନଙ୍କ ପାଇଁ ଲାଗୁ କରାଯାଉ। ଶିକ୍ଷା ବ୍ୟବସ୍ଥାକୁ ନ ସଜାଡିଲେ ଭବିଷ୍ୟତ ବଂଶଧର ବିଶୃଙ୍ଖଳିତ ହେବେ। ସମାଜର ନୈତିକ ଅଧଃପତନ ଘଟିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



'ବାଜାର୍'ରେ ମୋର ଅଭିନୟ ବିଭିନ୍ନ କାରଣ ପାଇଁ ଚ୍ୟାଲେଞ୍ଜିଙ୍ଗ୍ ଥିଲେ ବି ଏହା ଭଲ ଆୟ କରୁଛି।
-ସୈଫ ଅଲି ଖାନ୍, ବଲିଉଡ୍ ଅଭିନେତା




# ରେକର୍ଡ ଦୂରତାରେ ସୋଲାର ପ୍ରୋବ୍

ୱାଶିଂଟନ୍



ପାର୍କର ସୋଲାର ପ୍ରୋବ୍ ଅକ୍ଟୋବର ୨୯ ସୁଦ୍ଧା ସୂର୍ଯ୍ୟଙ୍କ ପୃଷ୍ଠଭୂମିଠାରୁ ରେକର୍ଡ ମାତ୍ରା ୨୬.୫୫ ନିୟୁତ ମାଇଲ୍ ଦୂରତାରେ ପହଞ୍ଚିପାରିଛି। ପୂର୍ବରୁ କୌଣସି ଅନୁସନ୍ଧାନକାରୀ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟଙ୍କ ଏତେ ନିକଟତର ହୋଇ ନ ଥିଲା ବୋଲି ନାସା ବୈଜ୍ଞାନିକ ଟିମ୍ ପ୍ରକାଶ କରିଛି। ନାସାର ଐତିହାସିକ ପାର୍କର ସୋଲାର ପ୍ରୋବ୍ ସୂର୍ଯ୍ୟ ଅଭିମୁଖେ ଗତିଶୀଳ। ଏହା ସୂର୍ଯ୍ୟର ତେଜୋଦ୍ଦୀପ୍ତ ମଣ୍ଡଳର ରହସ୍ୟ ଅନୁସନ୍ଧାନ କରିବ। ୧୯୭୬ ଏପ୍ରିଲରେ ଜର୍ମାନ-ଆମେରିକାନ୍ ହିଲିୟସ୍ ୨ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥିଲେ ହେଁ ବର୍ତ୍ତମାନ ସୋଲାର ପ୍ରୋବ୍ ପୂର୍ବ ରେକର୍ଡକୁ ଭଙ୍ଗ କରିପାରିଛି। ସୋଲାର ପ୍ରୋବ୍ ୨୦୨୪ରେ ସୂର୍ଯ୍ୟଙ୍କଠାରୁ ୩.୮୩ ନିୟୁତ ମାଇଲ୍ ଦୂରତାରେ ରହି ଅନୁସନ୍ଧାନ କାର୍ଯ୍ୟ ଚାଲୁରଖିବ। ଏହା ଲଞ୍ଚ୍ ହେବାର ମାତ୍ର ୭୮ଦିନ ମଧ୍ୟରେ ସୂର୍ଯ୍ୟଙ୍କ ଏତେ ନିକଟବର୍ତ୍ତୀ ହୋଇପାରିଛି ବୋଲି ମେରିଲାଣ୍ଡସ୍ଥିତ ଜନ୍ ହପକିନ୍ସ ଆପ୍ଲାଏଡ ଫିଜିକ୍ସ ଲାବୋରେଟୋରିର ପ୍ରୋଜେକ୍ଟ ମ୍ୟାନେଜର ଆଣ୍ଡି ଡ୍ରାଏଜମ୍ୟାନ୍ ପ୍ରକାଶ କରିଛନ୍ତି। ବୈଜ୍ଞାନିକ ଟିମ୍ ପାଇଁ ଏହା ଗୌରବର ବିଷୟ ବୋଲି ସେ କହିଛନ୍ତି। ପାର୍କର ସୋଲାର ପ୍ରୋବ ଟିମ୍ ପର୍ଯ୍ୟାୟକ୍ରମିକ ଭାବରେ ସ୍ପେସ୍‌କ୍ରାଫ୍ଟର ବେଗ ଓ ସ୍ଥିତିକୁ ନାସାର ଡିପ୍ ସ୍ପେସ୍ ନେଟୱର୍କ (ଡିଏସ୍ଏନ୍) ଦ୍ୱାରା ନିର୍ଦ୍ଧାରଣ କରିଆସୁଛି।

## ଇତିହାସର ଆଇନାରେ — ଅକ୍ଟୋବର ୩୧ର ପ୍ରମୁଖ ଘଟଣା

୧୯୮୪ ଅକ୍ଟୋବର ୩୧ରେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା। ତାଙ୍କର ଦୁଇ ଅଙ୍ଗରକ୍ଷୀ ବେଅନ୍ତ ସିଂ ଏବଂ ସତୱନ୍ତ ସିଂ ଇନ୍ଦିରାଙ୍କୁ ତାଙ୍କ ବାସଭବନ ବାହାରେ ୩୦ ରାଉଣ୍ଡ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣା ପରେ ଇନ୍ଦିରାଙ୍କ ଅନ୍ୟ ସୁରକ୍ଷାକର୍ମୀଙ୍କ ଗୁଳିରେ ବେଅନ୍ତ ସିଂଙ୍କର ମୃତ୍ୟୁ ଘଟିଥିଲା।

୨୦୧୫ଅକ୍ଟୋବର ୩୧ରେ ଋଷିଆନ୍ ଏୟାରଲାଇନ୍ସର ମେଟ୍ରୋଜେଟ୍ ବିମାନ ୯୨୬୮ରେ ବିସ୍ଫୋରଣ ଘଟିଥିଲା। ଏଥିରେ ୨୨୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଉତ୍ତର ସିନାଇ ପେନିନ୍‌ସୁଲାରେ ଏହି ବିସ୍ଫୋରଣ ହୋଇଥିଲା। ଇଜିପ୍ଟର ଶର୍ମ ଏଲ୍ ଶେଖ୍ ଆନ୍ତର୍ଜାତୀୟ ବିମାନବନ୍ଦରରୁ ଋଷିଆର ପିଟର୍ସବର୍ଗ ଅଭିମୁଖେ ଯାତ୍ରା କରୁଥିବା ବେଳେ ବିମାନରେ ଏହି ବିସ୍ଫୋରଣ ହୋଇଥିଲା।

ଭାରତୀୟ ରିଜର୍ଭ ବ୍ୟାଙ୍କ୍
www.rbi.org.in

**ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଲୋକପାଳ ଯୋଜନା-୨୦୧୮**

ଯଦି ରିଜର୍ଭ ବ୍ୟାଙ୍କ୍# ଦ୍ୱାରା ପଞ୍ଜୀକୃତ ହୋଇଥିବା କୌଣସି ଜମାଗ୍ରହଣକାରୀ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ତାଙ୍କଦ୍ୱାରା ପ୍ରଦତ୍ତ ସେବା* ସମ୍ବନ୍ଧୀୟ **ଅଭିଯୋଗକୁ ୩୦ ଦିନ ମଧ୍ୟରେ ସମାଧାନ କରି ନ ପାରନ୍ତି ଅଥବା ଆପଣ ତାଙ୍କ ଉତ୍ତରରେ ସନ୍ତୁଷ୍ଟ ନୁହନ୍ତି,** ତେବେ ଆପଣ 'ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ'ଙ୍କୁ ନିମ୍ନପ୍ରଦତ୍ତ ଠିକଣାରେ ଆବେଦନ କରିପାରିବେ।

**The NBFC Ombudsman (East Zone)**
**C/o Reserve Bank of India**
**4th Floor, 15, N.S. Road, Kolkata-700001**
**Phone No. 033-22628772, Fax: 033-22305899**
**E-mail: nbfcokolkata@rbi.org.in**

ପଶ୍ଚିମବଙ୍ଗ, ସିକିମ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା, ବିହାର ଓ ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟ ଗୁଡ଼ିକ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ (ପୂର୍ବ କ୍ଷେତ୍ର)ଙ୍କର କାର୍ଯ୍ୟ ପରିସରଭୁକ୍ତ ଅଟନ୍ତି।

**ଦ୍ରଷ୍ଟବ୍ୟ: ଅଭିଯୋଗ କରିବାର ବିଷୟ, ଅଭିଯୋଗ ଦାଖଲ କରିବା ଏବଂ ଅପିଲ କରିବାର ପ୍ରଣାଳୀ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ୱେବସାଇଟ https://rbidocs.rbi.org.in/rdocs/Content/PDFs/NBFC23022018.pdf ଏବଂ https://www.rbi.org.in/Scripts/FAQView.aspx?Id=125 କୁ ଦେଖନ୍ତୁ।**

* ଯେଉଁସବୁ ସେବାପ୍ରଦାନର ତ୍ରୁଟି ସମ୍ବନ୍ଧରେ ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳଙ୍କୁ ଆବେଦନ କରିପାରିବେ, ତାହା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ଲୋକପାଳ ଯୋଜନା-୨୦୧୮ର ଧାରା ୮ରେ ଉପଲବ୍ଧ।

# ଆପଣ ନିବେଶ କରିଥିବା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ, ରିଜର୍ଭ ବ୍ୟାଙ୍କ ଦ୍ୱାରା ପଞ୍ଜୀକୃତ କି ନୁହେଁ ଜାଣିବାପାଇଁ ଦୟାକରି ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ https://rbi.org.in/Scripts/NBFC_Pub_lic.aspx କୁ ଦେଖନ୍ତୁ।

ସତର୍କତା: ଇ-ମେଲ୍/ଏସ୍ଏମ୍ଏସ୍/ଫୋନ କଲ୍ ମାଧ୍ୟମରେ ଟଙ୍କା ଦେବାର ପ୍ରତିଶ୍ରୁତି ଭଳି ଠକାମିର ଶିକାର ହୁଅନ୍ତୁ ନାହିଁ।

# ଉତ୍ତମ ସ୍ୱାସ୍ଥ୍ୟ, ଫିଟ୍‌ନେସ୍‌ରେ ଗୁରୁତ୍ୱ ଦିଏ



କରିନା କପୁର ଖାନ୍

**ମୁମ୍ବାଇ:** ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବା ବେଳେ ସ୍ୱାସ୍ଥ୍ୟ ସଚେତନ ହେବା ସହିତ ଫିଟ୍ ରହିବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବଲିଉଡ୍ ଅଭିନେତ୍ରୀ କରିନା କପୁର ଖାନ୍ ପ୍ରକାଶ କରିଛନ୍ତି। ଘରଭିତର ବାୟୁର ବିଶୁଦ୍ଧୀକରଣରେ ସହାୟତା କରୁଥିବା କମ୍ପାନି ହନିୱେଲ୍‌ର 'ହେଲ୍‌ଦି ସ୍ଲିପ୍' ପ୍ରଚାର ଅଭିଯାନରେ ସାମିଲ ହୋଇଥିବା କରିନା ଏହା କହିଛନ୍ତି। ଆମେ ଶୋଇବା ସମୟରେ ପ୍ରଦୂଷିତ ବାୟୁ ପ୍ରଶ୍ୱାସରେ ଗ୍ରହଣ କରୁ ଯାହା ଜୀବାଣୁ, ଧୂଳି ଏବଂ ପିଏମ୍୨.୫ କଣିକାରେ ପରିପୂର୍ଣ୍ଣ। ଘର ଭିତର ବାୟୁକୁ ବିଶୁଦ୍ଧ କରିବାରେ ସହାୟକ ହୋଇ ପାରୁଥିବା ହନିୱେଲ୍ ଉତ୍ପାଦ ପ୍ରତି କରିନା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କ କହିବାନୁଯାୟୀ, ବାସ କରୁଥିବା ଘର ଓ ପରିବେଶ ପ୍ରତି ସେ ଖୁବ୍ ଯତ୍ନବାନ୍। ଜଣେ ମା' ହିସାବରେ ଏକ ନିର୍ମଳ ପରିବେଶ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଉପରେ ସେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ସକ୍ରିୟ, ଅଧିକ ଉତ୍ପାଦନକ୍ଷମ ଏବଂ ସୁସ୍ଥ ଜୀବନଶୈଳୀ ପାଇଁ ସୁଖନିଦ୍ରା ଅପେକ୍ଷା ସୁସ୍ଥନିଦ୍ରା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମନେକରନ୍ତି। ଘରଭିତର ବାୟୁକୁ ନିର୍ମଳ ରଖିବା ପାଇଁ ସେ ନିୟମିତ ଏହାକୁ ନିଷ୍କାସନ କରିବା ସହିତ ଘରେ ମଧ୍ୟ ସବୁଜ ଉଦ୍ଭିଦ ରଖିଛନ୍ତି। ଏହାଦ୍ୱାରା ତାଙ୍କ ପରିବାର ପାଇଁ ସତେଜ ବାୟୁ ମିଳିପାରିବ। ସେ ମୁକ୍ତବାୟୁ ଚଳାଚଳ ସ୍ଥାନରେ ନିୟମିତ ଯୋଗାଭ୍ୟାସ କରି ନିଜକୁ ଫିଟ୍ ରଖନ୍ତି। ସୂଚନାଯୋଗ୍ୟ ଯେ, ରଣଧୀର କପୁରଙ୍କ କନ୍ୟା କରିନାଙ୍କ ଶିଶୁପୁତ୍ର ତୈମୁର ଅଲି ଖାନ୍ ଡିସେମ୍ବରରେ ୨ ବର୍ଷରେ ପଦାର୍ପଣ କରିବାକୁ ଯାଉଛି।

# ନିଖୋଜ ଘଟଣା ସୃଷ୍ଟିକରିଛି ବିଶ୍ୱସଂକଟ

**ଜାତିସଂଘ:** ବିଶ୍ୱରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ହୋଇଯିବା ଘଟଣା ସଙ୍କଟ ସୃଷ୍ଟି କରିଛି ବୋଲି ରେଡକ୍ରସ୍ ଅନ୍ତର୍ଜାତୀୟ କମିଟି ସୋମବାର ପ୍ରକାଶ କରିଛି। ଉକ୍ତ ସଂଗଠନର ସୁରକ୍ଷା ଉପଦେଷ୍ଟା ଆଗ୍ନେସ କୋଉଟୁ ଜାତିସଂଘ ସାଧାରଣ ପରିଷଦର ମାନବିକ ଅଧିକାର କମିଟିକୁ ଏହି ବିଷୟ ଅବଗତ କରାଇଛନ୍ତି। ଯୁଦ୍ଧ ପ୍ରଭାବିତ ୪୦ଟି ଦେଶର କର୍ତ୍ତୃପକ୍ଷ ଏବଂ ନିଖୋଜ ବ୍ୟକ୍ତିଙ୍କ ପରିବାର ସହ ଯୋଗାଯୋଗ ରକ୍ଷାକରି ରେଡକ୍ରସ ଅନ୍ତର୍ଜାତୀୟ କମିଟି ନିଖୋଜ ବ୍ୟକ୍ତିଙ୍କ ଅନୁସନ୍ଧାନ ଦିଗରେ କାର୍ଯ୍ୟ କରୁଛି। କେତେକ ଦେଶରେ ସଶସ୍ତ୍ର ବିପ୍ଳବ ଯୋଗୁ ଲୋକମାନେ ବହୁସଂଖ୍ୟାରେ ନିଖୋଜ ହୋଇଯାଉଛନ୍ତି। ଏଭଳି ଏକ ଅସମାହିତ ସମସ୍ୟା ଦୀର୍ଘ ଦଶନ୍ଧି ଧରି ଲାଗିରହିଥିବାରୁ ବିଶ୍ୱଶାନ୍ତି ପାଇଁ ସଂକଟ ସୃଷ୍ଟି କରିଛି। ବର୍ତ୍ତମାନ କେତେକ ଦେଶରେ ଗୃହଯୁଦ୍ଧ କାରଣରୁ ଲୋକମାନେ ଭୟରେ ଅନ୍ୟ ଦେଶରେ ଆଶ୍ରୟ ନେଉଥିବାବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ପତ୍ତା ମିଳୁନାହିଁ। ଏଥିପାଇଁ ରେଡକ୍ରସ ଅନ୍ତର୍ଜାତୀୟ କମିଟି 'ଆଗୁଆ ନିରାକରଣ କାର୍ଯ୍ୟକ୍ରମ' ପାଇଁ ଆହ୍ୱାନ ଦେଇଛି। ତଦନୁଯାୟୀ ନିଖୋଜ ହେବାରୁ ଲୋକଙ୍କୁ ନିବୃତ୍ତ କରାଯାଇ ପାରିବ। ଜାତିସଂଘର ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ ନିଖୋଜ ବ୍ୟକ୍ତିଙ୍କ ଅପେକ୍ଷାରେ ଥିବା ପରିବାରକୁ ଏ ଦିଗରେ ସହାୟତା କରିବେ ବୋଲି ସେ ଆଶାବାଦୀ।

# ପୃଥିବୀର ବାଦଲ ଉପଗ୍ରହ

**ଲଣ୍ଡନ:** ୧୯୬୧ରେ ପୃଥିବୀଠାରୁ ୪ ଲକ୍ଷ କିଲୋମିଟର ଦୂରରେ ଠାବ କରାଯାଇଥିବା ଦୁଇଟି ଧୂସର-ବାଦଲଯୁକ୍ତ ଉପଗ୍ରହ ସମ୍ପର୍କରେ ବୈଜ୍ଞାନିକମାନେ ନିଶ୍ଚିତ ହୋଇଛନ୍ତି। ଏହି ଦୁଇଟି ଉପଗ୍ରହକୁ ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ କାଜିମିର୍ଜ କୋର୍ଡି ଲେୱିସ୍କିଙ୍କ ନାମାନୁସାରେ ନାମିତ କରାଯାଇଛି। ଅତି ଅସ୍ପଷ୍ଟ ଦେଖା ଯାଉଥିବାରୁ ସେଗୁଡିକର ସ୍ଥିତି ବିବଦମାନ ହୋଇ ରହିଛି ବୋଲି ହଙ୍ଗେରିସ୍ଥିତ ଇୟଟଭସ୍ ଲୋରାଣ୍ଡ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି।











ଚିକିତ୍ସା ବେଳେ ୧୦୦ଜଣ ରୋଗୀଙ୍କୁ ହତ୍ୟା କରିଥିବା କଥାକୁ ଜର୍ମାନୀର ଜଣେ ପୁରୁଷ ନର୍ସ କୋର୍ଟରେ ସ୍ୱୀକାର କରିଛନ୍ତି। ୪୧ ବର୍ଷୀୟ ନାଇଲସ୍ ହେଜେଲେ ଏକ ଦଶନ୍ଧି ହେବ ଜେଲରେ ଆଜୀବନ ଦଣ୍ଡାଦେଶ କାଟୁଛନ୍ତି। ମଙ୍ଗଳବାର ଓଲଡେନ୍‌ବର୍ଗ ସ୍ଥିତ ଏକ କୋର୍ଟରେ ହାଜର ହୋଇ ସେ କହିଥିଲେ, ୧୯୯୯ରୁ ୨୦୦୫ ମଧ୍ୟରେ ସେ ଦୁଇଟି ହସ୍ପିଟାଲର ୧୦୦ ରୁ ଅଧିକ ରୋଗୀଙ୍କୁ ମାରିଛନ୍ତି।



## ସଂକ୍ଷେପରେ

### ସାମୂହିକ ଛୁଟିରେ ଯାଇ ଚାକିରିରୁ ବିଦା ହେଲେ ୨୩୬ ଇଞ୍ଜିନିୟର

ନୂଆଦିଲ୍ଲୀ,୩୦।୧୦: ଅଟୋ ପାର୍ଟ୍ସ ତିଆରି କରୁଥିବା ପୁଣେର ଏକ କମ୍ପାନୀ ଜେଡ୍‌ଏଫ୍ ଷ୍ଟିୟରିଂ ଗିୟର ଏକାସଙ୍ଗରେ ୨୩୬ ଇଞ୍ଜିନିୟରଙ୍କୁ ଚାକିରିରୁ ବିଦା କରିଦେଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ସୂଚନାରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସେମାନେ ବିନାନୁମତିରେ ସାମୂହିକ ଛୁଟି ନେଇଥିଲେ। ହଠାତ୍ ସାମୂହିକ ଛୁଟି ନେବାର କାରଣ ସମ୍ପର୍କରେ ଖୋଳତାଡ ବେଳେ ସେମାନଙ୍କ ତ୍ରୁଟିପୂର୍ଣ୍ଣ ଆଚରଣ ସମ୍ପର୍କରେ ଜଣାପଡିଥିଲା। ଏହାପରେ ସେମାନଙ୍କୁ ଚାକିରିରୁ ବିଦା କରିବା ଲାଗି କମ୍ପାନୀ ନିଷ୍ପତ୍ତି ନେଇଥିଲା। ତେବେ ସମ୍ପୃକ୍ତ ଇଞ୍ଜିନିୟରଙ୍କୁ ବହିଷ୍କାର କରିବା ପୂର୍ବରୁ ସେମାନଙ୍କ ସହ କମ୍ପାନୀର ଏକାଧିକଥର ଆଲୋଚନା ହୋଇଥିଲେ ହେଁ ଏହା ବିଫଳ ହୋଇଥିଲା।

### ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲାରେ ଏନ୍‌ଆଇଏର ଚଢାଉ

ଶ୍ରୀନଗର, ୩୦।୧୦(ପି.ଟି.): ଆତଙ୍କବାଦୀ ସଙ୍ଗଠନକୁ ଅର୍ଥ ଯୋଗାଣ ମାମଲାରେ ଜାତୀୟ ତଦନ୍ତକାରୀ ଏଜେନ୍ସି(ଏନ୍‌ଆଇଏ) ହିଜବୁଲ ମୁଜାହିଦ୍ଦିନ ସମର୍ଥକ ଏବଂ ବ୍ୟବସାୟୀ ନାସିର ସାଫି ମୀରଙ୍କ ଘରେ ମଙ୍ଗଳବାର ଚଢାଉ କରିଛି। ଲାଲବଜାର ଅଞ୍ଚଳରେ ଥିବା ତାଙ୍କ ବାସ ଭବନ ସହିତ ୩ ଟି ସ୍ଥାନରେ ଚଢାଉ ହୋଇଛି। ୪୮ ବର୍ଷୀୟ ମୀର ଫେରାର ଥିବା ବେଳେ ଦୁବାଇରୁ ହୁରିୟତ ନେତାଙ୍କୁ ଅର୍ଥ ଯୋଗାଉଛନ୍ତି। ଏନେଇ ୧୦ ମାସ ତଳେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ମଙ୍ଗଳବାର ଏହି ଚଢାଉ ହୋଇଛି। ଏନ୍‌ଆଇଏ ଟିମ୍ ସହିତ ଜମ୍ମୁ-କଶ୍ମୀର ପୋଲିସ ଏବଂ ଅର୍ଦ୍ଧସାମରିକ ବଳ ମିଳିତ ଭାବରେ ଏହି ଚଢାଉ କରିଥିଲେ। ମୀରଙ୍କୁ ୨୦୦୬ରେ ଗିରଫ କରାଯାଇଥିବା ବେଳେ ୫୫ ଲକ୍ଷର ନଗଦ ଟଙ୍କା ଏବଂ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା।

# ନୀଳଗିରିକୁ ପଶିଲେ ୩୫ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡ ହାତୀ

ସଜନାଗଡ଼/ନୀଳଗିରି, ୩୦।୧୦(ଡି.ଏନ୍.ଏ.)

- ଆଗରେ ବାଟ କଢ଼ାଉଛି ଦନ୍ତା, ଦଳରେ ୪ ଛୁଆ ହାତୀ
- ଚଲାପଥରେ ଉଜାଡ଼ିଲେ ବ୍ୟାପକ ଧାନ ଫସଲ
- ବନାଞ୍ଚଳବାସୀ ଆତଙ୍କିତ

ଝାଡଖଣ୍ଡ ଜଙ୍ଗଲରୁ ଚାଲି ଆସିଥିବା ୩୫ରୁ ଊର୍ଦ୍ଧ୍ୱ ହାତୀ ମଙ୍ଗଳବାର ଭୋର ସମୟରେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ପ୍ରବେଶ କରି ଆତଙ୍କ ଖେଳାଇଛନ୍ତି। ଆଗରେ ଦନ୍ତାହାତୀ ଏହି ପଲକୁ ବାଟ କଢାଇ ଆଣୁଛନ୍ତି। ଦଳରେ ୪ଟି ଛୁଆହାତୀ ରହିଛନ୍ତି। ସେମାନେ ଆସିବା ବାଟରେ ଧାନ ଫସଲର ବ୍ୟାପକ କ୍ଷତି ଘଟାଇଛନ୍ତି। ସେମାନେ ଝାଡଖଣ୍ଡର ଦଲମା ଜଙ୍ଗଲରୁ ବାହାରି ମୟୂରଭଞ୍ଜ ଜିଲା ଦେଇ ଚଲାପଥରେ ନୀଳଗିରି ବନାଞ୍ଚଳକୁ ଆସିବା ବାଟରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ସୂଚନା ମିଳିଛି। ମାସେ ଆଗରୁ କେତେକ ହାତୀପଲ ନୀଳଗିରି ବନାଞ୍ଚଳକୁ ଆସି ଏଠାରୁ ଫେରି ଯାଇଥିଲେ। ଏବେ ନୀଳଗିରି ବନାଞ୍ଚଳକୁ ପଶିଥବବା ହାତୀପଲଙ୍କ ସୁରକ୍ଷା ଲାଗି ଚଲାପଥ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦିଆଯାଇଛି। ଏହା ବନାଞ୍ଚଳବାସୀଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ଚାଷ ଜମିରେ ହାତୀପଲ ପଶି ଦଳିଚକଟି ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି।

ଦଲମା ଜଙ୍ଗଲରୁ ଦଳବଦ୍ଧ ହୋଇ ଚାଲିଆସିଥିବା ହାତୀପଲ ସୋମବାର ମୟୂରଭଞ୍ଜର ନଡ଼ପୁର ଦେଇ ବାଲେଶ୍ୱରର ନୀଳଗିରି ରେଞ୍ଜକୁ ପଶିଥିଲେ। ସେମାନେ ଏହି ରେଞ୍ଜ ଅଧୀନ ପୁନ୍ଦାଳ, କାଠପାଳ, ଦୁର୍ଗାଦେବୀ, ପାଟଣା, ଅଯୋଧ୍ୟା ରାସ୍ତା ଦେଇ ମଙ୍ଗଳବାର ଗୋପାଳପୁର ସଂରକ୍ଷିତ ଜଙ୍ଗଲକୁ ପଶିଥିବା ସୂଚନା ମିଳିଛି। ଗୋପାଳପୁର ଜଙ୍ଗଲକୁ ଲାଗିଥିବା ଚାଷଜମିରେ ମଙ୍ଗଳବାର କେତେକ ହାତୀ ପଶି ଧାନ ଖାଉଥିବା ଦେଖିବାକୁ ମିଳିଥିଲା। ଏହି ହାତୀପଲ ଏବେ ତିନିକୋଶିଆ ଜଙ୍ଗଲକୁ ମୁହାଁଉଥିବା ଜଣାପଡିଛି। ଏ ନେଇ ଗୋପାଳପୁର ଏବଂ ତିନିକୋଶିଆ ଜଙ୍ଗଲକୁ ଲାଗିଥିବା ଉଡ଼ଁରିଆବାଡ଼, ଜାମୁଡ଼ିହା, ନରଣପୁର, ସଜନାଗଡ଼, ତେଲିପାଳ ଆଦି ପଞ୍ଚାୟତର ବାସିନ୍ଦା ଅଧିକ ଆତଙ୍କିତ ଅବସ୍ଥାରେ ରହିଛନ୍ତି।



ନୀଳଗିରି ଅଞ୍ଚଳକୁ ପ୍ରବେଶ କରିଥିବା ଝାଡ଼ଖଣ୍ଡ ହାତୀପଲ।

# ଆଜି ଭାଜପା ପ୍ରତିନିଧି ଦଳର ସାତକୋଶିଆ ଗସ୍ତ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ସୁନ୍ଦରୀ ବାଘ ଆକ୍ରମଣକୁ ନେଇ ସାତକୋଶିଆ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସ୍ଥାନୀୟ ଅଞ୍ଚଳର ବର୍ତ୍ତମାନ ସ୍ଥିତି ପରଖିବାକୁ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ସାତକୋଶିଆ ଗସ୍ତ କରିବ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

ସମୀର କହିଛନ୍ତି ଯେ, ସୁନ୍ଦରୀ ଆକ୍ରମଣରେ ଦୁଇଟି ନିରୀହ ଜୀବନ ଯିବାପରେ ମଧ୍ୟ ପ୍ରଶାସନ ବାଘୁଣିକୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଅନ୍ୟପଟେ ରାଜ୍ୟ ସରକାର ଏବଂ ଜଙ୍ଗଲ ପରିବେଶ ବିଭାଗ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସ୍ଥାନୀୟ ବାସିନ୍ଦାଙ୍କୁ ବାଘ ମୁହଁକୁ ଠେଲି ଦେଇଛନ୍ତି । ସାଧାରଣ ଲୋକଙ୍କ ପ୍ରତିବାଦ ସ୍ୱରକୁ ଚାପିବା ପାଇଁ ପୋଲିସ ପ୍ରଶାସନ ରାଜନୈତିକ ପ୍ରତିହିଂସା ପରାୟଣ ହୋଇ ଭାଜପା ଅନୁଗୋଳ ଜିଲା ସଭାପତି ଭାଗିରଥୀ ପ୍ରଧାନଙ୍କ ସମେତ ସାଧାରଣ ଲୋକଙ୍କୁ ଗିରଫ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି । ସାତକୋଶିଆ ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ବାସିନ୍ଦା ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି । ଏହାକୁ ଗୁରୁତ୍ୱ ଦେଇ ବୁଧବାର ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧୀ ଦଳ ସାତକୋଶିଆ ଗସ୍ତ କରି ସରଜମିନ ତଦନ୍ତ କରିବ। ପ୍ରତିନିଧୀ ଦଳରେ ଭାଜପା ଉପ ସଭାପତି ସମୀର ମହାନ୍ତି, ପୂର୍ବତନ ଏମ୍‌ପି ରୁଦ୍ର ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଓ ଦିଲୀପ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଅନୁଗୁଳ ଜିଲା ପ୍ରଭାରୀ ଜଗନ୍ନାଥ ପ୍ରଧାନ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ସାତକୋଶିଆ ପରିଦର୍ଶନ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରି ରାଜ୍ୟ ସଭାପତିଙ୍କୁ ଏକ ରିପୋର୍ଟ ପ୍ରଦାନ କରିବେ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

■ ମୁଜାଫରପୁର ଆଶ୍ରୟଗୃହ ମାମଲା

### ବ୍ରଜେଶ ଠାକୁର ଯିବେ ପଟିଆଲା ଜେଲ୍

ନୂଆଦିଲ୍ଲୀ, ୩୦।୧୦(ପି.ଟି.)

ମୁଜାଫରପୁର ଆଶ୍ରୟଗୃହ ଯୌନ ଶୋଷଣ ମାମଲାର ମୁଖ୍ୟ ଅଭିଯୁକ୍ତ ବ୍ରଜେଶ ଠାକୁରଙ୍କୁ ବିହାର ଭାଗଲପୁର ଜେଲରୁ କଡା ସୁରକ୍ଷାବ୍ୟବସ୍ଥା ଥିବା ପଞ୍ଜାବର ପଟିଆଲା ଜେଲ୍‌କୁ ସ୍ଥାନାନ୍ତର କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ପକ୍ଷରୁ କୋର୍ଟରେ କୁହାଯାଇଥିଲା ବ୍ରଜେଶ ଜଣେ ପ୍ରଭାବଶାଳୀ ବ୍ୟକ୍ତି। ଜେଲ ଭିତରେ ତାଙ୍କ ପାଖରୁ ମୋବାଇଲ ଫୋନ୍ ଜବତ କରାଯାଇଛି। ସେଥିପାଇଁ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯାଉ। ସେଭଳି ଏହି ମାମଲାରେ ପୂର୍ବତନ ମନ୍ତ୍ରୀ ମଞ୍ଜୁ ବର୍ମାଙ୍କୁ କାହିଁକି ଗିରଫ କରାଯାଇ ନାହିଁ ବୋଲି ବିହାର ପୋଲିସକୁ ସୁପ୍ରିମକୋର୍ଟ ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ୍ ଏମ୍.ବି ଲୋକୁର, ଏସ୍.ଏ ନଜିର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ପୁଅ ମିଶି କରିବ ଚାଷ<br>ପର ଆଶରାରେ ସରବନାଶ<br>ଭାଇ ଭାଇ ମିଳି କରିଲେ କୃଷି<br>ଅବଶ୍ୟ ବହୁତ ପ୍ରାଣୀଙ୍କ ପୋଷି ।**

ଘରଲୋକଙ୍କ ସହ ମିଳିମିଶି ଚାଷ କଲେ କୃଷିର ଉନ୍ନତି ଘଟିଥାଏ। ଫସଲରୁ ଭଲ ଆମଦାନୀ ମିଳିବା ସହ ପରିବାର ପ୍ରତିପୋଷଣ କରିବା ସମ୍ଭବପର ହୋଇଥାଏ। ପରନ୍ତୁ ପର ଉପରେ ନିର୍ଭର କରି ବସି ରହିଲେ ଅନେକ ସମୟରେ ଲାଭ ବଦଳରେ ଅଧିକ କ୍ଷତି ସହିବାକୁ ପଡ଼ିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବାଟରେ ଯାଉଛି କମାର<br>ଲୁହା ପକେଇଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବାମାତ୍ରେ କିଛି ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍ଫୁଲ୍ଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଇପ୍ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ<br>-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଏଫ୍‌ଏସ୍‌ଡିସି ବୈଠକରେ ନଗଦ ସଙ୍କଟ ଆଲୋଚନା

### ଅର୍ଥ ଯୋଗାଇବାକୁ ଆର୍‌ବିଆଇର ପ୍ରତିଶ୍ରୁତି

ନୂଆଦିଲ୍ଲୀ,୩୦।୧୦

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏଫ୍‌ଏସ୍‌ଡିସିର ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏନ୍‌ବିଏଫ୍‌ସି କମ୍ପାନୀଗୁଡିକ ନଗଦ ସଙ୍କଟର ସାମ୍ନା କରୁଥିବାରୁ ଏହାର ସମାଧାନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଫାଇନାନ୍ସିଆଲ ଷ୍ଟାବିଲିଟି ଆଣ୍ଡ ଡେଭଲପମେଣ୍ଟ କାଉନସିଲ(ଏଫ୍‌ଏସ୍‌ଡିସି)ର ବୈଠକରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ, ସେବି ଅଧ୍ୟକ୍ଷ ତଥା ଅନ୍ୟ ନିୟନ୍ତ୍ରକ ପିଏଫଆର୍‌ଡିଏ, ଆଇଆର୍‌ଡିଏ, ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ପଟେଲ କହିଥିଲେ ଯେ, ଏନ୍‌ବିଏଫ୍‌ସିରେ ନଗଦ ସଙ୍କଟ ସେତେଟା ଗୁରୁତର ନୁହେଁ। ଏହାକୁ ଅତିଶୟ ଭାବେ ଚିତ୍ରଣ କରାଯାଉଛି । ରିଜର୍ଭ ବ୍ୟାଙ୍କ ନଗଦ ଯୋଗାଣକୁ ପ୍ରାଧାନ୍ୟ ଦେବ। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କକୁ ସ୍ୱାୟତ୍ତତା ଦେବା ନେଇ ବିରଲ ଆଚାର୍ଯ୍ୟଙ୍କ ବିବୃତି ପରେ ଏଫ୍‌ଏସ୍‌ଡିସିର ବୈଠକ ବସିବା ବିଶେଷ ଗୁରୁତ୍ୱ ବହନ କରେ। ଅତୀତ ଭଳି ଏହି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କର ୪ ଜଣ ଡେପୁଟି ଗଭର୍ନର ମଧ୍ୟ ଉପସ୍ଥିତ ଥିଲେ। ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି ଯେ, ଅର୍ଥନୀତିରେ ନଗଦ ସଙ୍କଟ ନାହିଁ ବୋଲି ପଟେଲ ଦୋହରାଇଛନ୍ତି। ତେବେ କେତେକ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳୁଛି ବୋଲି ସେ ସ୍ୱୀକାର କରିଛନ୍ତି।

# ପିସିସି କର୍ମକର୍ତ୍ତାମାନଙ୍କୁ ଜିଲା ସଙ୍ଗଠନ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ତୃଣମୂଳସ୍ତରରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ କରିବା ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପିସିସି କର୍ମକର୍ତ୍ତାମାଙ୍କ ମଧ୍ୟରେ ଜିଲା ଏବଂ ବିଭିନ୍ନ ସାଙ୍ଗଠନିକଦାୟିତ୍ୱ ବଣ୍ଟନ କରିଛନ୍ତି। ପିସିସି ଉପସଭାପତି ଅନନ୍ତ ପ୍ରସାଦ ସେଠୀଙ୍କୁ ଶୃଙ୍ଖଳାଗତ କମିଟି ଆବାହକ, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟକ୍ରମ, ଆକାଉଣ୍ଟସ, ପ୍ରଦେଶ ନିର୍ବାଚନ ପ୍ରସ୍ତୁତି ଏବଂ ପ୍ରଚାର କମିଟି ସଦସ୍ୟ ଭାବେ ଦାୟିତ୍ୱ ପାଇଛନ୍ତି। ପିସିସି ଉପସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କୁ ଢେଙ୍କାନାଳ ଜିଲା ସହ ସ୍ୱାଧିନତା ସଂଗ୍ରାମୀ ବିଭାଗ, କଳା ଏବଂ ସଂସ୍କୃତି ବିଭାଗ ଓ ସେବାଦଳ ସଙ୍ଗଠନ ଦାୟିତ୍ୱ ଦିଆଯାଇଛି। ବିଜୟଲକ୍ଷ୍ମୀ ସାହୁଙ୍କୁ ପୁରୀ ଜିଲା ସହ ପଞ୍ଚାୟତିରାଜ ଦାୟିତ୍ୱ ଦିଆଯାଇଛି। ସଦନ ନାୟକଙ୍କୁ ରାୟଗଡା ଜିଲା ସହ ଅବସରପ୍ରାପ୍ତ ସାମରିକ ବିଭାଗ ଓ ପେନସନ, ସନ୍ତୋଷ ସିଂ ସାଲୁଜାଙ୍କୁ ସମ୍ବଲପୁର ଓ ସୁନ୍ଦରଗଡ ଜିଲା, ରାଧାକାନ୍ତ ଦିଗଲଙ୍କୁ ସୁବର୍ଣ୍ଣପୁର ଜିଲା, ଗଣେଶ୍ୱର ବେହେରାଙ୍କୁ ଜଗତସିଂହପୁର ଜିଲା, ଦେବାଶିଷ ପଟ୍ଟନାୟକଙ୍କୁ ବାଲେଶ୍ୱର ଜିଲା, ଅମରନାଥ ପ୍ରଧାନଙ୍କୁ ପିସିସି ସଭାପତି ସହ ସମ୍ପୃକ୍ତ କରାଯାଇଛି। ସେହିପରି କୈଳାଶ ଆଚାର୍ଯ୍ୟଙ୍କୁ କଳା ଓ ସଂସ୍କୃତି, ଶିକ୍ଷକ କଂଗ୍ରେସ, ବୁଦ୍ଧିଜିବୀ ବିଭାଗ, ଶିବାନନ୍ଦ ରାୟଙ୍କୁ ଯାଜପୁର ଜିଲା ସହ ନିର୍ବାଚନ କମିଶନ ଏବଂ ଆଇନ ପ୍ରକୋଷ୍ଠ ଦାୟିତ୍ୱ, ଶୁଭେନ୍ଦୁ ମହାନ୍ତିଙ୍କୁ ଗଞ୍ଜାମ, ନକୂଳ ନାୟକଙ୍କୁ କୋରାପୁଟ, ସସ୍ମିତା ବେହେରାଙ୍କୁ ବୌଦ୍ଧ, କିଶୋର ପଟେଲଙ୍କୁ ବଲାଙ୍ଗୀର ଜିଲା ସହ ଅର୍ଥ ଦାୟିତ୍ୱ, ସତ୍ୟପ୍ରକାଶ ନାୟକଙ୍କୁ ମିଡିଆ ଓ କମ୍ୟୁନିକେସନ ବିଭାଗ ଦାୟିତ୍ୱ ମିଳିଛି। ସେହିପରି ଅନ୍ୟ ଜିଲାଗୁଡିକ ପାଇଁ ବିଭିନ୍ନ ନେତାଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କୁ ପ୍ରୋଟୋକଲ ଦାୟିତ୍ୱ, ବିସ୍ମୟ ମହାପାତ୍ରଙ୍କୁ ମୋ ବୁଥ୍ ମୋ ଗୌରବ, ପ୍ରୋଜେକ୍ଟ ଶକ୍ତି ଓ ଡାଟା ଆନାଲିସିସ୍ ଦାୟିତ୍ୱ ମିଳିଛି। ପ୍ରଦେଶ କଂଗ୍ରେସ ଉପସଭାପତି ଓ ସାଧାରଣ ସମ୍ପାଦକ ସହିତ ସମ୍ପାଦକମାନଙ୍କୁ ମଧ୍ୟ ବିଭିନ୍ନ ଜିଲା ଓ ସଙ୍ଗଠନ ଦାୟିତ୍ୱ ଦିଆଯାଇଛି ବୋଲି ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

SMS JOB
Send SMS, Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - ୨୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପାକିସ୍ତାନ ଅଧିକୃତ କଶ୍ମୀରରେ ଭାରତୀୟ ସେନାକୁ ମିଳିଛି ଏକ ବଡ଼ ସଫଳତା। ଏଠାରେ ପାକିସ୍ତାନ ପକ୍ଷରୁ ବାରମ୍ବାର ଅନୁପ୍ରବେଶ ଉଦ୍ୟମ ସହିତ ମୋର୍ଟାର ଶେଲିଂ ମାଡ଼ କରାଯାଉଥିବାରୁ ଭାରତୀୟ ସେନା ଆରମ୍ଭ କରିଛନ୍ତି ପାଲଟା ଆକ୍ରମଣ। ଭାରତୀୟ ସେନାଙ୍କ ଆକ୍ରମଣରେ କେତେକ ଆତଙ୍କବାଦୀ ଲଞ୍ଚପ୍ୟାଡ୍ ନଷ୍ଟ ହୋଇଥିବା କୁହାଯାଉଛି। ସେନାର ଏଭଳି ପ୍ରତି ଆକ୍ରମଣ ଦ୍ୱାରା ଆତଙ୍କବାଦୀଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି।



## ସଂକ୍ଷେପରେ

### ଶେରଗଡ଼ରେ ଏନ୍‌କାଉଣ୍ଟର ହତ୍ୟା ଅଭିଯୁକ୍ତ ଆହତ, ସହଯୋଗୀ ଫେରାର୍

**ଶେରଗଡ,୩୦।୧୦(ଡି.ଏନ.ଏ.):** ଗଞ୍ଜାମ ପୋଲିସ ଜିଲାରେ ପୁଣି ଏନ୍‌କାଉଣ୍ଟର ହୋଇଛି। ସୋମବାର ରାତିରେ ଶେରଗଡ ବ୍ଲକ ଡେଙ୍ଗାପଦର ଗ୍ରାମ ଛକରେ ହୋଇଥିବା ଏନ୍‌କାଉଣ୍ଟରରେ ଏକାଧିକ ହତ୍ୟା ମାମଲାର ଜଣେ ଅଭିଯୁକ୍ତ ଆହତ ହୋଇଛନ୍ତି। ସେ ହେଲେ ଗଙ୍ଗାପୁର ଗ୍ରାମର ଜିତୁ ସ୍ୱାଇଁ ଓରଫ ବାଦଲ। ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଜିତୁଙ୍କ ନିକଟରୁ ବନ୍ଧୁକ, ଗୁଳି, ମୋବାଇଲ ଫୋନ ଓ ବାଇକ୍ ଜବତ କରାଯାଇଛି। ତାଙ୍କର ଜଣେ ସହଯୋଗୀ ହିଞ୍ଜିଳିର ସୁନିଲ ସେଠି ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ସହ ଧସ୍ତାଧସ୍ତି ବେଳେ ୩ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଜିତୁଙ୍କ ନାମରେ ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଥାନାରେ ଏକାଧିକ ହତ୍ୟା, ହତ୍ୟା ଉଦ୍ୟମ ଓ ଚୋରି, ରାହଜାନୀ ଆଦି ମାମଲାର ରହିଛି। ସେ ଜେଲ ଯାଇ କିଛି ମାସ ହେଲା ଜାମିନରେ ମୁକୁଳିଥିଲେ। ସହଯୋଗୀ ସୁନିଲଙ୍କ ନାମରେ ମଧ ବହୁ ଆପରାଧିକ ମାମଲାର ରହିଛି। ଜୁଲାଇ ୩୦ ତାରିଖରେ ଶେରଗଡ଼ ଥାନା ଗୋଠଗାଁର ଯୋଗୀ ସ୍ୱାଇଁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଥିଲେ ଜିତୁ। ସେବେଠାରୁ ଗଞ୍ଜାମ ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିଲେ।

### ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ କଟକଣା ନଭେମ୍ବର ୧ରୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ବନ୍ଦ

**ମହାକାଳପଡା/ରାଜନଗର, ୩୦।୧୦(ଡି.ଏନ୍.ଏ.):** କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ନଭେମ୍ବର୧ରୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ବନ୍ଦ କରାଯାଇଛି। ଏହି କଟକଣା ୨୦୧୯ ମେ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ମହାକାଳପଡା ବନବିଭାଗ ପକ୍ଷରୁ କୁହାଯାଇଛି। ଅଲିଭରିଡଲେ କଇଁଛଙ୍କ ଆଗମନକୁ ଦୃଷ୍ଟିରେ ରଖି ମହାକାଳପଡା ବନବିଭାଗ ଓ ମତ୍ସ୍ୟବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଗହୀରମଥା ଅଭୟାରଣ୍ୟ ଓ ଧାମରା ମୁହାଣରୁ ଦେବୀ ମୁହାଣ ଯାଏଁ ୧୬୦ କିଲୋମିଟର ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏହି ସମୟରେ ସମୁଦ୍ରକୂଳଠାରୁ ୨୦ କିଲୋମିଟର ଭିତର ପର୍ଯ୍ୟନ୍ତ ମାଛଧରିବାକୁ ବାରଣ କରାଯିବା ସହ ଟ୍ରଲର,ଗିଲଟିଙ୍ଗ ଚଳାଚଳ ବନ୍ଦ କରାଯାଇଛି। ଫଳରେ ୭ମାସ ପର୍ଯ୍ୟନ୍ତ ଏଠାକାର ପ୍ରାୟ ୧୦ ହଜାର ମତ୍ସ୍ୟଜୀବୀ ପରିବାରଙ୍କ ଜୀବିକା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ମାତ୍ର ପ୍ରଶାସନ ପକ୍ଷରୁ କେବଳ ହଜାରେ ମତ୍ସ୍ୟଜୀବୀ ପରିବାରଙ୍କୁ ୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବା

### ବିଷପିଇ ଜୀବନ ହାରିଲେ ଯୁବଚାଷୀ

**ବରଗଡ଼ ଅଫିସ୍/ବୁର୍ଲା,୩୦।୧୦:** ବରଗଡ଼ ଜିଲା ଅତାବିରା ଥାନା ଲୁରୁପାଲି ଗ୍ରାମର ଜଣେ ଯୁବଚାଷୀ ଅଶୋକ ମେହେର(୪୦)ଙ୍କ ମଙ୍ଗଳବାର ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଫସଲ କ୍ଷତି ଏବଂ ଋଣବୋଝ ଚିନ୍ତାରେ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ମୃତକଙ୍କ ଭାଇ ବାବୁଲାଲ ଅଭିଯୋଗ କରିଛନ୍ତି । ଏ ନେଇ ବୁର୍ଲା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯୨୦/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ମିଳିଥିବା ସୂଚନା ମୁତାବକ, ଲୁରୁପାଲି ଗ୍ରାମର ନିରଞ୍ଜନ ମେହେରଙ୍କ ପୁଅ ଅଶୋକ ସାଢ଼େ ୩ ଏକର ଜମି ଭାଗରେ ନେଇ ଧାନ ଚାଷ କରିଥିଲେ। ଏଥିପାଇଁ ସେ ୧ଲକ୍ଷ ଟଙ୍କାରୁ ଅଧିକ ହାତ ଉଧାରୀ ନେଇ ଖର୍ଚ୍ଚରେ କରିଥିଲେ । ତେବେ ଚକଡ଼ା ସମେତ ବିଭିନ୍ନ ରୋଗପୋକରେ ଧାନ ଫସଲ ଉଜୁଡ଼ି ଯାଇଥିଲା । ଫଳରେ ସେ ଋଣ ପରିଶୋଧ ଚିନ୍ତାରେ ରହୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ୧୬ତାରିଖରେ ଅଶୋକ ପରିବାର ଲୋକଙ୍କ ଅନୁପସ୍ଥିତିରେ ଘରେ ଥିବା କୀଟନାଶକ ପିଇ ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ଲୁହରେ ବୁଡ଼ିଲା ଘୁଷୁରାମୁଣ୍ଡା ଗାଁ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୩୦।୧୦(ଡି.ଏନ୍.ଏ.)**



ମୃତ୍ୟୁ ଖବର ପାଇବା ପରେ ସ୍ତବ୍ଧ ଘୁଷୁରାମୁଣ୍ଡା ଗାଁ।

ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ମଙ୍ଗଳବାର ସଂଘଟିତ ମାଓବାଦୀ ଆକ୍ରମଣରେ ଦୂରଦର୍ଶନ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି। ମୃତ ଅଚ୍ୟୁତାନନ୍ଦଙ୍କ ଘର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗାଁରେ। ଏହି ଖବର ମିଳିବା ପରେ ଘୁଷୁରାମୁଣ୍ଡାରେ ଶୋକର ଛାୟା ଖେଳିଯାଇଛି। କାହା ମୁହଁରେ କଥା ନାହିଁ। ସାରା ଗାଁ ସ୍ତବ୍ଧ ହୋଇଯାଇଛି। ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସୋମବାର ରାତିରେ ଅଚ୍ୟୁତାନନ୍ଦ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ବନ୍ଧୁମାନଙ୍କୁ ଛତିଶଗଡ଼ରୁ ଫଟୋ ପଠାଇଥିଲେ। ତେବେ ମଙ୍ଗଳବାର ତାଙ୍କ ମୃତ୍ୟୁ ଖବରକୁ ଏଠାରେ କେହି ବିଶ୍ୱାସ କରିପାରୁ ନାହାନ୍ତି।

ଅଚ୍ୟୁତାନନ୍ଦ ଦିଲ୍ଲୀ ଦୂରଦର୍ଶନ ନ୍ୟୁଜ୍ ଟିମ୍‌ରେ କ୍ୟାମେରାମ୍ୟାନ୍ ଭାବେ କାର୍ଯ୍ୟରତ ଥିଲେ। ଛତିଶଗଡ଼ ନିର୍ବାଚନ ସଂକ୍ରାନ୍ତୀୟ ଖବର ସଂଗ୍ରହ ପାଇଁ ମଙ୍ଗଳବାର ସକାଳେ ଦାନ୍ତେୱାଡାର ଆରନ୍‌ପୁର ଗାଁରେ ପହଞ୍ଚିଥିଲେ। ସେଠାରେ ବିକାଶମୂଳକ କାର୍ଯ୍ୟ ନେଇ ଖବର ସଂଗ୍ରହ କରୁଥିବାବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଅଚ୍ୟୁତାନନ୍ଦଙ୍କ ସହ ଦୁଇ ପୋଲିସ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ଅଚ୍ୟୁତାନନ୍ଦ ଦୁଇବର୍ଷ ତଳେ ସମ୍ବଲପୁରରେ ବିବାହ କରିଥିଲେ। ପରିବାରରେ ତାଙ୍କ ବାପା ନରେନ୍ଦ୍ର ସାହୁ, ମା' ତୁଳସୀ ସାହୁ, ସ୍ତ୍ରୀ ହିମାଞ୍ଜଳି ସାହୁ, ୩ଭାଇ ଓ ଅନ୍ୟ ସଦସ୍ୟ ଅଛନ୍ତି। ୧୯୮୪ ମାର୍ଚ୍ଚ ୧୨ରେ ଜନ୍ମଗ୍ରହଣ କରିଥିବା ଅଚ୍ୟୁତାନନ୍ଦ ଗତ ପ୍ରାୟ ୪ ବର୍ଷ ତଳେ ଦୂରଦର୍ଶନ ନ୍ୟୁଜ୍ କ୍ୟାମେରାମ୍ୟାନ୍ ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ଭାରତୀୟ ସେନାବାହିନୀରେ ଯୋଗଦେଇ କିରାଣି ଭାବେ କାର୍ଯ୍ୟ କରିଥିଲେ। କିଛିବର୍ଷ କାମ କଲାପରେ ସେ ସେନାବାହିନୀରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ପରେ ଓଡ଼ିଶା ଫେରି କଟକ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ରେ ସିନେମାଟୋଗ୍ରାଫି କୋର୍ସ କରିଥିଲେ। ସେଠାରେ ପାଠପଢ଼ା ସରିବା ପରେ ନିଜ ଗାଁ ଘୁଷୁରାମୁଣ୍ଡା ପାଖ ବୁଢ଼ୀପଦର ପଞ୍ଚାୟତ ଅଫିସରେ ଦୁଇବର୍ଷ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଦିଲ୍ଲୀ ଯାଇ ଦୂରଦର୍ଶନ (ଡିଡି) ନ୍ୟୁଜ୍ ଚ୍ୟାନେଲରେ କ୍ୟାମେରାମ୍ୟାନ୍ ଭାବେ ଯୋଗଦେଇଥିଲେ। ପ୍ରାୟ ୨ ବର୍ଷ ତଳେ ସେ ହିମାଞ୍ଜଳିଙ୍କୁ ବିବାହ କରିଥିଲେ। ଅଚ୍ୟୁତାନନ୍ଦ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ପ୍ରାଥମିକ, ହାଇସ୍କୁଲ ଓ କଲେଜ ଶିକ୍ଷା ଗ୍ରହଣ କରିଥିଲେ। ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଖବର ଶୁଣିବା ପରେ ଅଚ୍ୟୁତାନନ୍ଦଙ୍କ ସ୍ତ୍ରୀ ହିମାଞ୍ଜଳି ଦିଲ୍ଲୀରୁ ରାୟପୁର ଅଭିମୁଖେ ଯାଇଛନ୍ତି। ପରିବାର ଓ ଗାଁ ଲୋକେ ଅଚ୍ୟୁତାନନ୍ଦଙ୍କ ମୃତଦେହକୁ ଘୁଷୁରାମୁଣ୍ଡା ଗାଁକୁ ଆଣିବା ପାଇଁ କହୁଥିବାବେଳେ ଗଣମାଧ୍ୟମ ପ୍ରତିନିଧିମାନେ ମୃତଦେହକୁ ଦିଲ୍ଲୀ ନେଇଯିବାକୁ କହୁଥିବା ଜଣାପଡ଼ିଛି। ତେବେ ବୁଧବାର ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି କୁହାଯାଇଛି।

## ବିଶ୍ୱାସ କରି ହେଉନାହିଁ

**ଲୋଇସିଂହା, ୩୦।୧୦(ଡି.ଏନ୍.ଏ.)**



ମୃତ ଅଚ୍ୟୁତାନନ୍ଦଙ୍କ ମା' ବାପା।

ଖୋଲା ହୃଦୟର ମଣିଷ ଥିଲେ ଅଚ୍ୟୁତାନନ୍ଦ ସାହୁ। ଗାଁକୁ ଆସିଲେ ସମସ୍ତଙ୍କ ସହ ମିଶୁଥିଲେ। କରୁଥିଲେ ଭାବର ଆଦାନପ୍ରଦାନ। ତାଙ୍କୁ ହରାଇ ଆଜି ଗାଁ କାନ୍ଦୁଛି ବୋଲି କହିଛନ୍ତି ଅଚ୍ୟୁତାନନ୍ଦଙ୍କ ପଡ଼ୋଶୀ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗାଁର କୁମୁଦିନୀ ହୋତା। ଅଚ୍ୟୁତାନନ୍ଦଙ୍କ ବାଲ୍ୟବନ୍ଧୁ ରଞ୍ଜିତ ସାହୁ, ଆନନ୍ଦ ହୋତା, ରାଧାକାନ୍ତ ତେଜି ପ୍ରମୁଖ ଏହି ଦୁଃଖଦ ଖବର ପାଇ ଭାଙ୍ଗି ପଡ଼ିଥିବା କହିଛନ୍ତି। ୫ ଦିନ ତଳେ ଅଚ୍ୟୁତାନନ୍ଦଙ୍କ ସହ କଥା ହୋଇଥିଲି। ମୃତ୍ୟୁ ଖବରକୁ ବିଶ୍ୱାସ କରିପାରୁନାହିଁ ବୋଲି କହିଛନ୍ତି ମଝିଆ ଭାଇ ପ୍ରଭାତ ସାହୁ। ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଖବର ପାଇବା ପରେ ଡୁଙ୍ଗୁରିପାଲିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ କାମ କରୁଥିବା ମଝିଆ ଭାଇ ପ୍ରଭାତ ମା'ବାପଙ୍କୁ ଧରି ସନ୍ଧ୍ୟାରେ ଘୁଷୁରାମୁଣ୍ଡାରେ ପହଞ୍ଚିବା ପରେ ଏହିଭଳି ମତ ରଖିଛନ୍ତି। ସମ୍ପର୍କୀୟ ଭାଇ ହିମାଂଶୁ ଶେଖର ସାହୁ ଅଚ୍ୟୁତାନନ୍ଦଙ୍କୁ ଜଣେ ଶହୀଦ ଭଳି ସମ୍ମାନ ମିଳିବା ଦରକାର ବୋଲି ଦାବି କରିଛନ୍ତି।

ମା' ତୁଳସୀ ସାହୁ, ବାପା ନରେନ୍ଦ୍ର ସାହୁଙ୍କ ୪ପୁଅଙ୍କ ମଧ୍ୟରେ ଅଚ୍ୟୁତାନନ୍ଦ ତୃତୀୟ ସନ୍ତାନ ଥିଲେ। ନରେନ୍ଦ୍ର ଜଣେ ଅମିନ ଭାବେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ କାମ କରୁଥିଲେ। ଅଚ୍ୟୁତାନନ୍ଦ ଗାଁ ଘୁଷୁରାମୁଣ୍ଡା ସ୍କୁଲରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ବାପାଙ୍କ କର୍ମକ୍ଷେତ୍ର ବୀରମହାରାଜପୁରରେ ପ୍ରାଥମିକଠାରୁ କଲେଜ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିଲେ। ସବୁ ଶ୍ରେଣୀରେ ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟର ଥିଲା। ଅଚ୍ୟୁତାନନ୍ଦଙ୍କ ବୃଦ୍ଧ ମା'ବାପ ହୃଦ୍‌ରୋଗୀ ହୋଇଥିବାରୁ ତାଙ୍କଠାରୁ କୌଣସି ପ୍ରତିକ୍ରିୟା ନେବାକୁ ପରିବାର ଲୋକେ ବାରଣ କରିଥିଲେ।

■ ଝାରସୁଗୁଡ଼ା ବିମାନବନ୍ଦର ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

## ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମକରଣ ବିଜ୍ଞପ୍ତି ପ୍ରକାଶ ପାଇଁ ଅନୁରୋଧ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**



ଗତ ସେପ୍ଟେମ୍ବର ୨୨ରେ ଉଡ଼ାନ ଯୋଜନାରେ ଝାରସୁଗୁଡ଼ା ବିମାନବନ୍ଦର ଲୋକାର୍ପିତ ହୋଇଥିଲା। ଏହି ବିମାନବନ୍ଦରକୁ ସ୍ୱାଧୀନତା ସଂଗ୍ରାମୀ ତଥା ଏହି ମାଟିର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମକରଣ କରିବା ପାଇଁ ଘୋଷଣା କରାଯାଇଥିଲା। କିନ୍ତୁ ଏଯାଏ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ। ତେଣୁ କେନ୍ଦ୍ର ସରକାର ତୁରନ୍ତ ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ଏୟାର ଓଡ଼ିଶା କୌଣସି କାରଣ ନ ଦର୍ଶାଇ ଝାରସୁଗୁଡ଼ା ବିମାନବନ୍ଦରରୁ ଗତ ଅକ୍ଟୋବର ୬ରୁ ସେବା ବନ୍ଦ କରିଦେଇଛି, ଯାହାଫଳରେ ରାଜ୍ୟର ବିମାନ ସେବା କ୍ଷେତ୍ର ପ୍ରଭାବିତ ହୋଇଛି। ଏଥି ସହିତ ପଶ୍ଚିମ ଓଡ଼ିଶାବାସୀଙ୍କ ମନୋଭାବକୁ ମଧ ବହୁତ କଷ୍ଟ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଉଡ଼ାନ ଯୋଜନାରେ କମର୍ସିଆଲ ବିମାନ ଯୋଗାଇ ଝାରସୁଗୁଡ଼ା ବିମାନବନ୍ଦରକୁ ସମ୍ପୂର୍ଣ୍ଣ ଭାବେ କମର୍ସିଆଲ ବିମାନବନ୍ଦର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପୂର୍ବରୁ ଅନୁରୋଧ କରିଥିଲେ। ବିମାନବନ୍ଦରର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପାଣ୍ଠି ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ପୂର୍ବ ଆଧାର ଅନୁସାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଝାରସୁଗୁଡ଼ାରୁ ଅନ୍ୟ ସହର ତଥା ପଡ଼ୋଶୀ ରାଜ୍ୟକୁ ଉଡ଼ାନ ଯୋଜନା କିମ୍ବା ଅନ୍ୟ କେଉଁ ଯୋଜନାରେ ଅନ୍ୟ କୌଣସି ଏୟାରଲାଇନ୍ସକୁ କାର୍ଯ୍ୟକ୍ଷମ କରାଯାଉ। ଭୁବନେଶ୍ୱରରୁ ନୂଆଦିଲ୍ଲୀକୁ ଝାରସୁଗୁଡ଼ା ଦେଇ ବିମାନ ସେବା ପ୍ରଦାନ କରିବା ପାଇଁ ଯଦି ଏୟାର ଇଣ୍ଡିଆକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବେ, ତେବେ ପଶ୍ଚିମ ଓଡ଼ିଶାବାସୀ ବହୁତ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।




ବରିଷ୍ଠ ରେଳ ଅଧିକାରୀମାନେ ରେଳଧାରଣାର ଚୂଡ଼ାନ୍ତ ନିରୀକ୍ଷଣ କରୁଛନ୍ତି।

■ ବଲାଙ୍ଗୀର-ଖୋର୍ଦ୍ଧା ରୋଡ୍ ରେଳପଥ

## ଭଇଁଷାପାଲି ପର୍ଯ୍ୟନ୍ତ ସରିଲା ସ୍ପିଡ୍ ଟ୍ରାଏଲ

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ବଲାଙ୍ଗୀର ପଟରୁ ଟ୍ରେନ୍ ଗଡ଼ିବା ସମୟ ପାଖେଇ ଆସିଛି। ବଲାଙ୍ଗୀର ରେଳ ଷ୍ଟେଶନରୁ ପ୍ରାୟ ୧୫ କିଲୋମିଟର ଦୂର ଭଇଁଷାପାଲି ପର୍ଯ୍ୟନ୍ତ ସମାପ୍ତ ହୋଇଥିବା ରେଳଧାରଣାର ଚୂଡ଼ାନ୍ତ ନିରୀକ୍ଷଣ କରିବାକୁ ବେଙ୍ଗାଲୁରୁରୁ ଆସିଥିବା ଦକ୍ଷିଣ ସର୍କଲ ରେଳ ସୁରକ୍ଷା ଆୟୁକ୍ତ (ସିଆର୍‌ଏସ୍) କେ.ଏ. ମନୋହରନ ମଙ୍ଗଳବାର ବଲାଙ୍ଗୀର ପହଞ୍ଚି ଭଇଁଷାପାଲି ପର୍ଯ୍ୟନ୍ତ ନବନିର୍ମିତ ରେଳଧାରଣା ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ କରିଛନ୍ତି। ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇଥିବା ଚୂଡ଼ାନ୍ତ ନିରୀକ୍ଷଣ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ମଙ୍ଗଳବାର ସକାଳୁ ସିଆର୍‌ଏସ୍ ସ୍ପେଶାଲ ଟ୍ରେନ୍ ବଲାଙ୍ଗୀର ରେଳ ଷ୍ଟେଶନରେ ପହଞ୍ଚିଥିଲା। ସିଆର୍‌ଏସ୍ ମନୋହରନ୍‌ଙ୍କ ସହ ସମ୍ବଲପୁର ଡିଆର୍‌ଏମ୍ ଜୟଦୀପ ଗୁପ୍ତା, ରେଲୱେ ପ୍ରଶାସନିକ ଅଧିକାରୀ ଆର୍.ଏସ୍, ଦୁବେ ଓ ଅନ୍ୟ ଅଧିକାରୀ ବଲାଙ୍ଗୀର ରେଳ ଷ୍ଟେଶନ ନିକଟରେ ପୂଜାର୍ଚ୍ଚନା କରିବା ପରେ ଟ୍ରାଏଲ ଟ୍ରେନ୍ ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ଭଇଁଷାପାଲି ପର୍ଯ୍ୟନ୍ତ ଚାଲିଥିଲା। ଏହି ଟ୍ରେନ୍ ଗଡ଼ିବା ପରେ ରେଳ ସୁରକ୍ଷା ଆୟୁକ୍ତ ମନୋହରନ ଓ ତାଙ୍କ ଟିମ୍ ବିଭିନ୍ନ ସ୍ଥାନରେ ରେଳଧାରଣା ପରୀକ୍ଷା ନିରୀକ୍ଷା କରିଥିଲେ। ତିଆରି ହୋଇଥିବା ୧୫.୬ କିମି ରେଳଧାରଣାରେ ରେଳ ଚଳାଚଳ କରିବା ଯୋଗ୍ୟ ହୋଇଛି କି ନାହିଁ ସେ ପରୀକ୍ଷା କରିଥିଲେ। ବିଭିନ୍ନ ସ୍ଥାନରେ ରେଳଧାରଣାଗୁଡ଼ିକର ରିଡିଂ ନେଇ ଭଇଁଷାପାଲି ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଅପରାହ୍ଣ ପ୍ରାୟ ୫ଟାରେ ସ୍ପିଡ୍ ଟ୍ରାଏଲ କରାଯାଇଥିଲା। ତେବେ ସିଆରଏସ୍ ସ୍ପେଶାଲ ଟ୍ରେନ୍‌ର ସ୍ପିଡ୍ ଟ୍ରାଏଲ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଜଣାପଡ଼ିଛି।

## ବାଜି ରାଉତ ଛାତ୍ରାବାସ ବୁଲିଲେ ରାଜ୍ୟପାଳ

**ଅନୁଗୋଳ ଅଫିସ,୩୦।୧୦**



ଆଶ୍ରମର ପିଲାଙ୍କୁ ରାଜ୍ୟପାଳ ଚକୋଲେଟ ପ୍ରଦାନ କରୁଛନ୍ତି।

ଏଠାରେ କିଛି କହିବାର ନାହିଁ ବରଂ ଏଠାରୁ ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି। ଅନୁଗୋଳ ବାଜି ରାଉତ ଛାତ୍ରାବାସ ପରିଦର୍ଶନ ବେଳେ ମଙ୍ଗଳବାର ଅନୁଷ୍ଠିତ ସଭାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏପରି ମତବ୍ୟକ୍ତ କରିଛନ୍ତି। ରାଜ୍ୟପାଳ କହିଥିଲେ ଯେ, ଏହା ଏକ ପବିତ୍ର ସ୍ଥାନ। ଏ ମାଟିର ବାସ୍ନାରୁ ହିଁ ବାରି ହୋଇ ପଡୁଛି ପବିତ୍ରତା। ଏପରି ସ୍ଥାନ ସାରା ଭାରତ ବର୍ଷରେ ବହୁ କମ୍ ଅଛି। ଏହି ମାଟିକୁ ଦର୍ଶନ କରି ପବିତ୍ର ହୋଇଗଲି। ଏପରି ଅନୁଷ୍ଠାନ ଗଢ଼ି ତୋଳିଥିବା ଲୋକ ସାଧାରଣ ମଣିଷ ବୋଲି କହି ହେବନି। ଯେଉଁମାନେ ଅକ୍ଳାନ୍ତ ପରିଶ୍ରମ କରି ଏହି ଛାତ୍ରାବାସ ପ୍ରତିଷ୍ଠା କରିଛନ୍ତି ତାଙ୍କ ଦାୟାଦମାନେ ଏହାକୁ ଚଳାଇବା ଏକ ଉଲ୍ଲେଖନୀୟ ଉପଲବ୍ଧି। ଏ ଅନୁଷ୍ଠାନ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ରାଜ୍ୟପାଳ ଘୋଷଣା କରିଥିଲେ। ଛାତ୍ରାବାସ ପରିଦର୍ଶନ ସମୟରେ ମହାନ ଜନନାୟକ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ଚୌଧୁରୀଙ୍କ ସମାଧି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଭା ଶେଷରେ ଅନ୍ତେବାସୀ କୁନିକୁନି ପିଲାଙ୍କ ସହ ରାଜ୍ୟପାଳ କିଛି ସମୟ ଭାବ ବିନିମୟ କରିବା ସହିତ ଚକୋଲେଟ ବାଣ୍ଟିଥିଲେ। ଏହି ବୈଠକରେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ପ୍ରମୁଖ ସଚିବ ଡ.ମଧୁସୂଦନ ପାଢ଼ୀ, ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ବାଜି ରାଉତ ଛାତ୍ରାବାସ ସମ୍ପାଦିକା କ୍ରିଷ୍ଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବେ ସରକାର

■ ମୁହଁ ଖୋଲିଲେ ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**



ଦୀର୍ଘ ଦୁଇମାସରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଥିବା ଆଇନଜୀବୀମାନଙ୍କ ଆନ୍ଦୋଳନରେ ମୁହଁ ଖୋଲିଛନ୍ତି ଆଇନମନ୍ତ୍ରୀ ପ୍ରତାପ ଜେନା। ସେ କହିଛନ୍ତି ଯେ, ଯେଉଁ ରାଜନୈତିକ ଦଳଗୁଡିକ ଏହି ଘଟଣାରେ ଉସୁକାଉଛନ୍ତି ଏବଂ ସରକାର ହସ୍ତକ୍ଷେପ କରୁନାହାନ୍ତି ବୋଲି ଆରୋପ ଲଗାଉଛନ୍ତି ଏକଥା ସମ୍ପୂର୍ଣ୍ଣ ଭୁଲ୍। ଯଦି ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ନ ଥାଆନ୍ତେ ତେବେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ଜଣଙ୍କୁ ନିଲମ୍ବନ କରାଯାଇ ନ ଥାଆନ୍ତା। ଏହି ଘଟଣାରେ ସୁପ୍ରିମକୋର୍ଟ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ମଧ ରାଜ୍ୟର ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆନ୍ଦୋଳନ ବନ୍ଦ କରିବାକୁ ଆଇନଜୀବୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଏବେ ଏ ସମ୍ପର୍କରେ ନିଷ୍ପତ୍ତି ନେବେ ତେଣୁ ଆଇନଜୀବୀମାନେ ଆନ୍ଦୋଳନକୁ ବନ୍ଦ କରି କାର୍ଯ୍ୟରେ ଯୋଗ ଦେବା ପାଇଁ ମୁଁ ଅନୁରୋଧ କରୁଛି। ରାଜ୍ୟରେ ବହୁ ଲୋକ ବର୍ତ୍ତମାନ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଘଟଣାରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣେ ଆଇଜି ପାହ୍ୟାର ଅଫିସର ଏହାର ତଦନ୍ତ କରୁଛନ୍ତି। ତେଣୁ ଏବେ ଆନ୍ଦୋଳନରୁ ଓହରି ଆଇନ ଅନୁଯାୟୀ କଥାକୁ ଆଗେଇ ନିଅନ୍ତୁ। ହାଇକୋର୍ଟ ଯାହା ନିଷ୍ପତ୍ତି ନେବେ ସରକାର ତାକୁ ମାନିନେବେ ବୋଲି ଜେନା କହିଛନ୍ତି। ଅନ୍ୟପଟେ ଭାଜପା କିନ୍ତୁ ପାଲଟା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଭାଜପା ମୁଖ୍ୟାଳୟଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଦୀର୍ଘଦିନ ଧରି ଚାଲିଥିବା ଆଇନଜୀବୀମାନଙ୍କ ଆନ୍ଦୋଳନ ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହେବା ପରେ ଏହାକୁ ଏକ ହିଂସାତ୍ମକ ରୂପ ଦେଇଛନ୍ତି। ଏହା ଗଣତନ୍ତ୍ରର ହତ୍ୟା ସଦୃଶ। ଯେତେବେଳେ କୌଣସି ସରକାର ଆନ୍ଦୋଳନକୁ ବଳପୂର୍ବକ ଦମନ କରିବାକୁ ଚେଷ୍ଟା କରିବେ ସେତେବେଳେ ତା'ର ପତନ ସୁନିଶ୍ଚିତ। ରାଜ୍ୟ ସରକାର ବର୍ତ୍ତମାନ ସେହି ରାସ୍ତାଦେଇ ଚାଲିଛନ୍ତି। ରାଜ୍ୟରେ ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିଛନ୍ତି। ସରକାର ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛନ୍ତି। ସରକାର ତୁରନ୍ତ ଆଇନଜୀବୀମାନଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରନ୍ତୁ ବୋଲି ହରିଚନ୍ଦନ କହିଛନ୍ତି।

## କୋର୍ଟରେ ଅଚଳାବସ୍ଥା ଦୂର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**କଟକ ଅଫିସ, ୩୦।୧୦**

■ ସ୍ଥାୟୀ କମିଟି ଗଠନ ପ୍ରସ୍ତାବ ରଖିଲେ ଆଇନଜୀବୀ

■ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବିଧେୟକ ପ୍ରଣୟନ ଦାବି

ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଜ୍ୟର କୋର୍ଟଗୁଡ଼ିକରେ ଅଚଳାବସ୍ଥା ସୃଷ୍ଟିହୋଇଛି। ଏହାର ଦୀର୍ଘସୂତ୍ରୀ ସ୍ଥାୟୀ ସମାଧାନର ରାସ୍ତା ସରକାର ବାହାର କରିବାର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ସିତାଂଶୁ ମୋହନ ଦ୍ୱିବେଦୀ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସାଧାରଣ ସମ୍ପାଦକ ତଥା ରାଜ୍ୟ ବାର୍ କାଉନସିଲ ସଦସ୍ୟ ବିଭୁପ୍ରସାଦ ତ୍ରିପାଠୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଭବିଷ୍ୟତରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ରାଜ୍ୟ ବାର୍ କାଉନସିଲ, ହାଇକୋର୍ଟ ବାର୍ ଆସୋସିଏଶନ ଓ ଗୃହ କମିଟିର ପ୍ରତିନିଧିଙ୍କୁ ନେଇ ସ୍ଥାୟୀ କମିଟି ଗଠନ କରାଗଲେ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ହୋଇପାରିବ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି।

ଅନ୍ୟପକ୍ଷରେ ଆଇନଜୀବୀଙ୍କ ଆନ୍ଦୋଳନକୁ ବିଭାଜିତ ତଥା ବିଭ୍ରାନ୍ତ କରିବା ଓ ନ୍ୟାୟପାଳିକାକୁ ରାଜନୀତିର ପରୀକ୍ଷାଗାର ନ କରିବାକୁ ରାଜନୈତିକ ଦଳଗୁଡ଼ିକୁ ଦ୍ୱିବେଦୀ ଓ ତ୍ରିପାଠୀ ଅନୁରୋଧ କରିଛନ୍ତି। ଅଗଷ୍ଟ ୨୮ରେ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କ ସହିତ ଘଟିଥିବା ଅସ୍ୱାଭାବିକ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ରାଜନୈତିକ ଦଳଗୁଡ଼ିକ କେବଳ ବାର୍ ଆସୋସିଏଶନ ନୁହେଁ, ଏପରିକି ଆଇନଜୀବୀମାନଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା ରାଜ୍ୟ ବାର୍ କାଉନସିଲକୁ ବିଭାଜନ କରିବାକୁ ଅପଚେଷ୍ଟା ଚଳାଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଇନଜୀବୀଙ୍କ ସମ୍ମାନ ଓ ମର୍ଯ୍ୟାଦାର ସୁରକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ ସାଧାରଣ ଜନତାଙ୍କ ନ୍ୟାୟିକ ଅଧିକାରକୁ ମଧ ଅଣଦେଖା କରାଯିବା ସାମ୍ବିଧାନିକ ବିଧି ବ୍ୟବସ୍ଥାର ଘୋର ବିରୋଧୀ। ତେଣୁ ସରକାର ଆସନ୍ତା କ୍ୟାବିନେଟ୍ ବୈଠକରେ ମଧ୍ୟପ୍ରଦେଶ ଢାଞ୍ଚାରେ ଆଇନଜୀବୀ ସୁରକ୍ଷା ଆଇନ ଆଣିବାକୁ ସେମାନେ ଅନୁରୋଧ କରିଛନ୍ତି। ତେବେ ରାଜ୍ୟ ଆଇନଜୀବୀ ପରିଷଦର ବରିଷ୍ଠ ସଦସ୍ୟ ଅସିମ ଅମିତାଭ ଦାସଙ୍କ ଉପରେ କେତେଜଣ ଅଣଆଇନଜୀବୀଙ୍କ ଆକ୍ରମଣକୁ ସେମାନେ ନିନ୍ଦା କରିବା ସହ ପରିଷଦରେ କୌଣସି ବିଭାଜନ ନାହିଁ ବୋଲି ଦ୍ୱିବେଦୀ ଓ ତ୍ରିପାଠୀ ସ୍ପଷ୍ଟୀକରଣ ଦେଇଛନ୍ତି।



ଯେଉଁଥିରେ ତୁମ ମନ ଥରେ ମାନିଯାଇଛି, ତାହା କେବେହେଲେ ସ୍ମୃତିରୁ ସହଜରେ ଲିଭି ଯାଏ ନାହିଁ।
- ପ୍ଲାଟସ୍

# କାର୍ତ୍ତିକ ପରେ ମହାପ୍ରସାଦ ଦର ନିର୍ଦ୍ଧାରଣ

ପୁରୀ ଅଫିସ,୩୦।୧୦



- ରାତି ସାଢେ ୯ ପର୍ଯ୍ୟନ୍ତ ଖୋଲା ରହିବ ଉତ୍ତର ଦ୍ୱାର
- ପ୍ରଥମ ଭୋଗ ମଣ୍ଡପରେ ହବିଷିଆଳିଙ୍କ ପାଇଁ ଅବଢ଼ା
- ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ଅପରିବର୍ତ୍ତିତ

କାର୍ତ୍ତିକ ମାସ ପରେ ଆନନ୍ଦ ବଜାରକୁ ସୁବ୍ୟବସ୍ଥିତ କରାଯିବ। ମହାପ୍ରସାଦ ବିକ୍ରି ଲାଗି ଶେଡ୍ ନିର୍ମାଣ ହେବ। ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ତାଲିକା ଲଗାଯିବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏ ନେଇ ଆଲୋଚନା ହୋଇଛି।

ବୈଠକରେ ଶ୍ରୀମନ୍ଦିରରେ ସଂସ୍କାର ନେଇ ଏକାଧିକ ଆଲୋଚନା ହୋଇଛି। ଆଶ୍ରୟସ୍ଥଳରେ ରହୁଥିବା ହବିଷିଆଳିଙ୍କ ମହାପ୍ରସାଦ ଯୋଗାଣରେ ବିଳମ୍ବ ହେଉଥିବା ନେଇ ଆଲୋଚନା କରାଯାଇଥିଲା। ପ୍ରଥମ ଭୋଗ ମଣ୍ଡପରେ ହବିଷିଆଳିଙ୍କ ଲାଗି ମହାପ୍ରସାଦ ବାହାର କରିବାକୁ ଶ୍ରୀମନ୍ଦିର ପ୍ରଶାସନ ସୁଆର ମହାସୁଆର ନିଯୋଗକୁ ଅନୁରୋଧ କରିଛି। ଏହାସହିତ ଟ୍ରଲିରେ ମହାପ୍ରସାଦ ଆଶ୍ରୟସ୍ଥଳକୁ ନିଆଯାଉଥିବାରୁ ମଧ୍ୟ ବିଳମ୍ବ ହେଉଛି। ତେଣୁ ଆଶ୍ରୟସ୍ଥଳଗୁଡ଼ିକୁ ଗାଡ଼ିରେ ମହାପ୍ରସାଦ ନେଇ ଯୋଗାଇଦେବାକୁ ମନ୍ଦିର ପ୍ରଶାସନ କହିଛି। ବର୍ତ୍ତମାନ ଉତ୍ତର ଦ୍ୱାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଏହାକୁ ରାତି ସାଢେ ୯ଟା ପର୍ଯ୍ୟନ୍ତ ଖୋଲିବାକୁ ଆଲୋଚନା ହୋଇଛି। କାର୍ତ୍ତିକ ମାସ ଚାଲୁଥିବାରୁ ଶ୍ରୀମନ୍ଦିରକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଛନ୍ତି। ଅଧିକ ପରିମାଣର ମହାପ୍ରସାଦ ବାହାରୁଛି। ଉତ୍ତର ଦ୍ୱାର ଦେଇ ବରାଦି ମହାପ୍ରସାଦ ଯାଇଥାଏ। ତେଣୁ ସନ୍ଧ୍ୟା ୬ଟାରେ ଉତ୍ତର ଦ୍ୱାର ବନ୍ଦ ହୋଇଯାଉଥିବାରୁ ଏଥିରେ ସମସ୍ୟା ହେଉଛି। କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ଏହି ଦ୍ୱାର ରାତି ସାଢେ ୯ଟା ପର୍ଯ୍ୟନ୍ତ ଖୋଲାଯିବାକୁ ଆଲୋଚନା ହୋଇଛି। ସେହିପରି ଶ୍ରୀମନ୍ଦିରରେ ବର୍ତ୍ତମାନ ଯେଉଁପରି ଦର୍ଶନ ବ୍ୟବସ୍ଥା ଚାଲିଛି ତାହା ଅପରିବର୍ତ୍ତିତ ରହିବ। ବର୍ତ୍ତମାନ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ନାହିଁ କହିଲେ ଚଳେ। କେବଳ ଏକକ ପ୍ରବେଶ ବ୍ୟବସ୍ଥା ରହିଛି। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରୁଥିବା ବେଳେ ଅନ୍ୟ ଦ୍ୱାର ଦେଇ ବାହାରୁଛନ୍ତି। ପୁରୀବାସୀ ଚାରିଦ୍ୱାର ଦେଇ ଯାଇପାରିବେ, କିନ୍ତୁ ସେମାନଙ୍କ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ ରହିବ। ହବିଷିଆଳିମାନେ ସବୁ ଦ୍ୱାର ଦେଇ ପ୍ରବେଶ ଏବଂ ପ୍ରସ୍ଥାନ କରିପାରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ପୁରୀ ହିଂସା ନେଇ ପୋଲିସର ଗିରଫଦାରି ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ନେଇ ସମସ୍ତେ ଭୟଭୀତ ଅଛନ୍ତି। ଯେହେତୁ ୧୦୦ରୁ ଅଧିକ ଗିରଫ ହେଲେଣି ପୋଲିସ ସାମାନ୍ୟ କୋହଳ ମନୋବୃତ୍ତି ପୋଷଣ କରୁ ବୋଲି ସେବାୟତଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା।

ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ପରିଚାଳନା କମିଟି ସଦସ୍ୟ ତଲ୍ଲୁଛ ନୀଳକଣ୍ଠ ମହାପାତ୍ର, ମାଧବ ପୂଜାପଣ୍ଡା ସାମନ୍ତ, ମାଧବ ମହାପାତ୍ର, ଅନନ୍ତ ତିଆଡ଼ି, ରାମଚନ୍ଦ୍ର ଦାସମହାପାତ୍ର ଓ ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମଙ୍କ ବିକାଶ ଉପରେ ଗୁରୁତ୍ୱ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

# ଏସ୍‌ଏସ୍‌ଇପିଡିକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଭିନ୍ନକ୍ଷମମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା ସହ ସେମାନଙ୍କର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ। ସେମାନେ ସାଧାରଣ ବ୍ୟକ୍ତିଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଜନ୍ମରୁ ୬ ବର୍ଷ ମଧ୍ୟରେ ଭିନ୍ନକ୍ଷମ ଶିଶୁମାନଙ୍କର ଠିକ୍ ଉପଚାର, ଅସ୍ତ୍ରୋପଚାର ଓ ଚିକିତ୍ସା କଲେ ଅନେକ ଶିଶୁ ଏଥିରୁ ମୁକ୍ତି ପାଇପାରିବେ ଏବଂ ସାଧାରଣ ଜୀବନ ବଞ୍ଚିପାରିବେ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ(ଏସ୍‌ଏସ୍‌ଇପିଡି) ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। 'ଭିନ୍ନକ୍ଷମଙ୍କ ଅକ୍ଷମତା ଆକଳନ ମାର୍ଗଦର୍ଶିକା ଓ ପ୍ରମାଣୀକରଣ ପଦ୍ଧତି' ସମ୍ପର୍କିତ ଏକ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟନ କରି ମନ୍ତ୍ରୀ ଆହୁରି କହିଛନ୍ତି, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ପ୍ରଶାସନ ସେମାନଙ୍କ ନିକଟକୁ ଗଲେ ପ୍ରମାଣୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମଧ୍ୟରେ ସହଯୋଗ ସ୍ଥାପନ ହେଲେ ପ୍ରମାଣୀକରଣ ପ୍ରକ୍ରିୟା ସହଜ ହେବ। ଏହି ଅବସରରେ ଭିନ୍ନକ୍ଷମଙ୍କ ଉନ୍ନତି ନିମନ୍ତେ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ମନ୍ତ୍ରୀ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, ରାଜ୍ୟରେ ଥିବା ସମସ୍ତ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହେବା ଆବଶ୍ୟକ। ଏହାଦ୍ୱାରା ଭିନ୍ନକ୍ଷମମାନେ ଅବିଳମ୍ବେ ସରକାରଙ୍କ ପ୍ରଦତ୍ତ ସୁବିଧାସୁଯୋଗ ହାସଲ କରିପାରିବେ। ଭିନ୍ନକ୍ଷମ ଚିହ୍ନଟ, ସେମାନଙ୍କୁ ସୁବିଧା ପ୍ରଦାନ ଓ ସେମାନଙ୍କ ଶାରୀରିକ କ୍ଷମତାର ଉନ୍ନତି ପାଇଁ ଚିକିତ୍ସା ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଏସ୍‌ଏସ୍‌ଇପିଡି ବିଭାଗ ଆବଶ୍ୟକ କରୁଥିବା ସମସ୍ତ ପ୍ରକାର ସହଯୋଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ଏଥିନିମନ୍ତେ ଦୁଇ ବିଭାଗ ମଧ୍ୟରେ ନିୟମିତ ବ୍ୟବଧାନରେ ସମନ୍ୱୟ ବୈଠକର ଆବଶ୍ୟକତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତେନ୍ ଚନ୍ଦ୍ର, ଭିନ୍ନକ୍ଷମ ଆୟୁକ୍ତ ଡ. ମିନତି ବେହେରା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ସ୍ୱପ୍ନେଶ୍ୱର ଗଡ଼ନାୟକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏସ୍‌ଏସ୍‌ଇପିଡି ବିଭାଗ ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ବିଭିନ୍ନ ଜିଲାରୁ ଆସିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୁନର୍ବାସ କର୍ମୀ ଯୋଗଦେଇଥିଲେ।

## ପୁରୀ ହିଂସା: ଆଇନଜୀବୀ ଗିରଫ

ପୁରୀ ଅଫିସ,୩୦।୧୦

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ମଙ୍ଗଳବାର ଜଣେ ଆଇନଜୀବୀ ଗିରଫ ହୋଇଛନ୍ତି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ ମାମଲା ନଂ.୮୫/୧୮ରେ ଆଇନଜୀବୀ ବିଶ୍ୱଜିତ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ପୁରୀ ହିଂସା ଘଟଣାରେ ପୋଲିସ ମୋଟ ୧୦୮ ଜଣଙ୍କୁ ଗିରଫ କଲାଣି। ସିଂହଦ୍ୱାର ଥାନାରେ ରୁଜୁ ହୋଇଥିବା ମାମଲାଗୁଡ଼ିକରେ ୫୭ ଜଣ ଗିରଫ ହୋଇଥିବା ବେଳେ ଟାଉନ ଥାନାରେ ରୁଜୁ ମାମଲାଗୁଡ଼ିକରେ ୫୧ ଜଣ ଗିରଫ ହୋଇଥିବା ଜଣାପଡିଛି।

## ଆଜି ବନକଲାଗି: ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ ଅଫିସ, ୩୦।୧୦

ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ସାଢେ ୪ଟାରୁ ରାତି ସାଢେ ୮ଟା ଅର୍ଥାତ୍ ୪ ଘଣ୍ଟା ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।









@ ସୌମ୍ୟରଞ୍ଜନ



@ ବିଭୂତିଭୂଷଣ



@ ସୁବ୍ରତ



@ ଆଲୋକ



@ ମୋତିଲାଲ



@ ଶଙ୍କର



@ ଗୁରୁପ୍ରସାଦ



@ ସର୍ଫରାଜ



ଯେଉଁ ବ୍ୟକ୍ତି ବା କୌଣସି ପଦାର୍ଥ ପ୍ରତି ଯାହାର ଆସକ୍ତି ଥାଏ, ତାକୁ ତ୍ୟାଗ କରିବା ଦ୍ୱାରା ତା'ର ଆନନ୍ଦ ଆସେ।
- ଇଶୋପନିଷଦ



# ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଆରମ୍ଭ

■ ୯୦ ଷ୍ଟଲ୍‌ରେ ୧୮୦ରୁ ଊର୍ଦ୍ଧ୍ୱ କାରିଗରଙ୍କ ସାମଗ୍ରୀ

■ ଏଥର ୧ କୋଟି ୨୫ ଲକ୍ଷ ଟଙ୍କାର ବିକ୍ରିବଟା ଲକ୍ଷ୍ୟ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ହସ୍ତଶିଳ୍ପ କାରିଗରଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ମଙ୍ଗଳବାରଠାରୁ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ ମୃତ୍ତିକା-୨୦୧୮। ପ୍ରତିବର୍ଷ ଭଳି ଚଳିତବର୍ଷ ଦୀପାବଳି ଉପଲକ୍ଷେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବ ଶୁଭା ଶର୍ମା ଉଦ୍‌ଘାଟନ କରିଛନ୍ତି। କାରିଗରଙ୍କୁ ବଜାର ସୁବିଧା ଯୋଗାଇଦେବା ଏବଂ ସେମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀକୁ ଉପଯୁକ୍ତ ମୂଲ୍ୟରେ ବିକ୍ରିବଟା କରିବା ପ୍ରଦର୍ଶନୀର ମୁଖ୍ୟ ଆଭିମୁଖ୍ୟ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ସ୍ୱତନ୍ତ୍ର ଭାବେ 'ଟେରାକୋଟା'କୁ ନେଇ ଏହି ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଏଠାରୁ ଗ୍ରାହକ ଶତାଧିକ ଡିଜାଇନ୍‌ର ଗୃହ ଉପକରଣ ଓ ସାଜସଜ୍ଜା ସାମଗ୍ରୀ ପାଇପାରୁଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ହସ୍ତଶିଳ୍ପର ବିକାଶ ପାଇଁ ବିଭିନ୍ନ ପ୍ରୋତ୍ସାହନ ପ୍ରଦାନ କରୁଛି। କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ଶୀର୍ଷ ଅନୁଷ୍ଠାନ ଓ ସମବାୟ ସମିତିଗୁଡ଼ିକୁ ଦକ୍ଷତା ବୃଦ୍ଧି, କାରିଗରି କୌଶଳ ବୃଦ୍ଧି ତାଲିମ୍, ଉନ୍ନତମାନର ଯନ୍ତ୍ରପାତି, ନମୁନା ବିକାଶ, ବଜାର ସହାୟତା ଆଦି ଦିଆଯାଉଛି। ଏଥିସହ 'ଉତ୍କଳିକା' ମାଧ୍ୟମରେ ଅନ୍‌ଲାଇନ୍ ବା ଇ-ମାର୍କେଟିଂର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ଶର୍ମା କହିଛନ୍ତି।

ଆସନ୍ତା ନଭେମ୍ବର ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ମୋଟ ୯୦ଟି ଷ୍ଟଲରେ ୧୮୦ରୁ ଊର୍ଦ୍ଧ୍ୱ କାରିଗର ନିଜ ନିଜର ସାମଗ୍ରୀ ବିକ୍ରି କରୁଛନ୍ତି। କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, ଜଗତ୍‌ସିଂହପୁର, ଭଦ୍ରକ, କଟକ, ନବରଙ୍ଗପୁର, ସମ୍ବଲପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ କୋରାପୁଟ ଆଦି ଜିଲାର କାରିଗରମାନେ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ଡିଜାଇନ୍‌ର ଦୀପ ସହ ଫୁଲକୁଣ୍ଡ, ଫୁଲଦାନୀ, ଘରସଜ୍ଜା ଓ ଘରକରଣା ସାମଗ୍ରୀ ପ୍ରଦର୍ଶନୀର ପ୍ରମୁଖ ଆକର୍ଷଣ ମଧ୍ୟରେ ରହିଛି। ଗତବର୍ଷ ୧ କୋଟି ୧୨ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ବେଳେ ଚଳିତବର୍ଷ ବିକ୍ରିବଟାକୁ ୧ କୋଟି ୨୫ ଲକ୍ଷ ଟଙ୍କା ଅତିକ୍ରମ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ତ ଓ କୁଟୀର ଶିଳ୍ପ ଯୁଗ୍ମ ନିର୍ଦ୍ଦେଶିକା ମୀନା କୁମାରୀ ବେହେରା, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ, ସ୍ୱତନ୍ତ୍ର ଅଧିକାରୀ ସନାତନ ନାୟକ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ବିଭାଗୀୟ ସଚିବ ଶୁଭା ଶର୍ମା ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ୩ ଲକ୍ଷ ୫୦ ହଜାର ଟଙ୍କାର ମାଟି ଚକ

ଚଳିତବର୍ଷ ବାର୍ଷିକ ଟେରାକୋଟା ପ୍ରଦର୍ଶନୀରେ ସବୁଠାରୁ ଦାମୀ ସାମଗ୍ରୀ ଭାବେ ପ୍ରଦର୍ଶିତ ହୋଇଛି ମାଟି ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥର ଚକ। ଏହାର ମୂଲ୍ୟ ରହିଛି ୩ ଲକ୍ଷ ୫୦ ହଜାର ଟଙ୍କା। ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ସଦୃଶ ଏହି ମାଟି ଚକରେ ରହିଛି ୧୬ଟି ଅଖ। ପ୍ରତି ଅଖରେ ଶୋଭାପାଉଛି ମହାପ୍ରଭୁଙ୍କର ୨ଟି ଲେଖାଏ ବେଶ। ବାଙ୍କଚୂଳ ବେଶରୁ ଆରମ୍ଭ କରି ଟାହିଆ ଲାଗି ବେଶ, ସୁନାବେଶ, ଗଜ ଉଦ୍ଧାରଣ ବେଶ, କାଳୀୟ ଦଳନ ବେଶ, ଶକଟାସୁର ବଧ ବେଶ ଭଳି ମୋଟ ୩୨ଟି ବେଶରେ ମହାପ୍ରଭୁଙ୍କୁ ଏଥିରେ ଦେଖିବାକୁ ମିଳୁଛି। ୭ ଫୁଟ ଉଚ୍ଚର ଏହି ଚକକୁ ନିର୍ମାଣ କରିଛନ୍ତି କେନ୍ଦ୍ରାପଡ଼ା ମାର୍ଶାଘାଇର ରାଜ୍ୟ ପୁରସ୍କାର ବିଜେତା ଫାଇନ୍ ଆର୍ଟ ଶିଳ୍ପୀ ସରୋଜ କୁମାର ରାଉତ। ଏହି ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ତାଙ୍କୁ ୬ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। କେବଳ ସେତିକି ନୁହେଁ, ୧୦୮ ଦୀପକୁ ନେଇ ଏକ ବିଶାଳ ଦୀପସ୍ତମ୍ଭ ନିର୍ମାଣ କରିଛନ୍ତି ସରୋଜ, ଯାହାର ଦାମ୍ ରହିଛି ୧୨ ହଜାର ଟଙ୍କା। ଗତବର୍ଷ ସରୋଜଙ୍କ ଦ୍ୱାରା ନିର୍ମିତ ଏକ ବିଶାଳ ରଥ 'ମୃତ୍ତିକା'ରେ ସ୍ଥାନ ପାଇଥିଲା। ଶ୍ରୀଜଗନ୍ନାଥଙ୍କ ନବକଳେବରର ବିଭିନ୍ନ କାର୍ଯ୍ୟକଳାପକୁ ଦର୍ଶାଯାଇଥିବା ଏହି ରଥ ୮୦ ହଜାର ଟଙ୍କାରେ ବିକ୍ରି ହୋଇଥିଲା। ଏହାବ୍ୟତୀତ କେନ୍ଦ୍ରପଡ଼ାର ଅନ୍ୟଜଣେ ଶିଳ୍ପୀ ମକର କେତନ ସାହୁଙ୍କ ଦ୍ୱାରା ନିର୍ମିତ 'ଦଶାବତାର କଇଁଛ' ଏହି ପ୍ରଦର୍ଶନୀର ଅନ୍ୟ ଏକ ଆକର୍ଷଣ ରହିଛି। ଶ୍ରୀକୃଷ୍ଣଙ୍କ ଦଶାବତାରକୁ ଏକ କଇଁଛ ମାଧ୍ୟମରେ ଦର୍ଶାଯାଇଥିବା ବେଳେ ଏହାର ଦାମ୍ ୧୦ ହଜାର ଟଙ୍କା ରହିଛି।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିରକୁ ପ୍ଲାଷ୍ଟିକ ଦ୍ରବ୍ୟ ମନା
### ସଚେତନତା କାର୍ଯ୍ୟକ୍ରମରେ ୩ ନିଯୋଗ ସାମିଲ

**ପୁରୁଣା ଭୁବନେଶ୍ୱର, ୩୦।୧୦ (ଡି.ଏନ.ଏ.):** ରାଜ୍ୟ ସରକାର ପ୍ଲାଷ୍ଟିକ ଉପରେ ରୋକ ଲଗାଇଥିବା ବେଳେ ଏବେ ମଧ ସଚେତନତା ଅଭାବରୁ ଅନେକ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ମଙ୍ଗଳବାର ମନ୍ଦିରକୁ ପଲିଥିନ, ପ୍ଲାଷ୍ଟିକ ଡାଳ, ବାହୁଙ୍ଗି ଆଦି ନିଷେଧ ପାଇଁ ମନ୍ଦିର ପ୍ରଶାସନ ପଦକ୍ଷେପ ନେଇଛି। ବୋର୍ଡରେ ୩ ନିଯୋଗ ପ୍ରମୁଖଙ୍କୁ ନେଇ ସ୍ୱତନ୍ତ୍ର ବୈଠକରେ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧକ୍ଷତା କରିଥିଲେ। ଐତିହ୍ୟ ସ୍ଥଳର କୌଣସିଠାରେ ଏପରି କି ଦୋକାନୀମାନେ ପ୍ଲାଷ୍ଟିକ ଦ୍ରବ୍ୟ, ପଲିଥିନ ବିକ୍ରି କରି ପାରିବେ ନାହିଁ ବୋଲି ମାଇକ୍ ସାହାଯ୍ୟରେ ସଚେତନତା କରାଯାଇଥିଲା। ବ୍ୟତିକ୍ରମ ହେଲେ ଦଣ୍ଡ ବିଧାନ ରହିଥିବା ସୂଚନା ଦିଆଯାଇଥିଲା।

### ଦାବିପୂରଣ ନେଇ ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲା ଶିକ୍ଷକ ସଂଘ

**ଭୁବନେଶ୍ୱର,୩୦।୧୦(ଡି.ଏନ୍.ଏ.):** ନିଖିଳ ଓଡ଼ିଶା ବେସରକାରୀ ଶିକ୍ଷକ ସଂଘ ଓ ରାଜ୍ୟ ଦରମାପ୍ରାପ୍ତ କଲେଜ ଶିକ୍ଷକ ଫୋରମ ମିଳିତ ସମନ୍ୱୟ ସମିତିର ବିଭିନ୍ନ ଦାବି ନେଇ ମଙ୍ଗଳବାର ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସମିତିର ସଂଯୋଜକ ଅକ୍ଷୟ କୁମାର ମହାପାତ୍ର, ରାଜ୍ୟ ଆବାହକ ଡ.କମଳ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ, ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ଭେଟି ଦାବିଗୁଡିକ ବିଷୟରେ ଆଲୋଚନା କରି ଦାବିପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସମିତିର ଦାବିଗୁଡିକ ମଧରେ ୟୁଜିସି ଦରମାର ସମ୍ପ୍ରସାରଣ, ୨୭ବର୍ଷ ବଦଳରେ ୧୮ବର୍ଷରେ ପ୍ରାଧାପକ ପଦବୀକୁ ପଦୋନ୍ନତି, ବାକି ଥିବା ବକେୟା ବର୍ଦ୍ଧିତ ବେତନ ଏରିଅର ଆକାରରେ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବା ଆଦି ଅନ୍ତର୍ଭୁକ୍ତ। ସମିତିର କର୍ମକର୍ତ୍ତାମାନେ ଏକ ସରକାରୀ ସ୍ତରୀୟ ଆଲୋଚନା ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏଥିରେ ଡ.ଗୀତିରାଣୀ ଦାସ, ଲକ୍ଷ୍ମୀଧର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ନନ୍ଦ ଓ ସତ୍ୟପ୍ରକାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ମତ୍ସ୍ୟଜୀବୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୩୦।୧୦:** କୁମାଣ୍ଡୋଳ ଗାଁର ପଥରା ପୋଖରୀ ହୁଡାରେ ଥିବା ଚାକୁଣ୍ଡା ଗଛରୁ ଝୁଲନ୍ତା ଅବସ୍ଥାରେ ବାଣପୁର ଥାନା ନାଚୁଣୀ ଫାଣ୍ଡି ପୋଲିସ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଉଦ୍ଧାର କରିଛି। ମୃତକ ହେଲେ ଭାସ୍କର ବେହେରା(୪୯)। ଚିଲିକାରୁ ମାଛ ମାରି ପରିବାର ପ୍ରତିପୋଷଣ କରୁଥିଲେ। ଅନ୍ୟପକ୍ଷେ ଆତ୍ମହତ୍ୟା ସ୍ଥାନରୁ ଭାସ୍କରଙ୍କ ଚପଲ ତଳେ କାଗଜ, ସୁଇସାଇଡ୍ ନୋଟ ଓ କଲମ ଦେଖିବାକୁ ମିଳିଥିଲା। ସୁଇସାଇଡ୍ ନୋଟରେ ମୃତ୍ୟୁ ପାଇଁ କେଉଁମାନେ ଦାୟୀ ସେ ନେଇ ଭାସ୍କର କେତେଜଣ ଲୋକଙ୍କ ନାଁ ଲେଖିଛନ୍ତି। ପୋଲିସ ସୁଇସାଇଡ୍ ନୋଟ ଜବତ କରି ତଦନ୍ତ ଆରମ୍ଭ କରିଛି। ନଂ. ୧୯/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ୧ରୁ ଶିଶୁ ଅଧିକାର ସୁରକ୍ଷା ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଷ୍ଟମ ପ୍ରତିଷ୍ଠା ଦିବସ ସହିତ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆସନ୍ତା ୧ ଓ ୨ ତାରିଖ ଦିନ ଭୁବନେଶ୍ୱରସ୍ଥିତ କିଟ୍ କନ୍‌ଭେନ୍‌ସନ୍ ହଲ୍‌ରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ବିଶିଷ୍ଟ ଅତିଥିଭାବେ ଯୋଗଦେବେ। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବେ। ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେବେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଅୟୋଗ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଓ ୟୁନିସେଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ସମ୍ମିଳନୀ ଆୟୋଜିତ ହେବ। ଏଥିରେ ରାଜ୍ୟ ସମେତ ଦେଶର ବିଭିନ୍ନ ସ୍ଥାନରୁ ଶତାଧିକ ଶିଶୁ ଅଧିକାର ସୁରକ୍ଷା କର୍ମୀ, ୧୬ରୁ ଅଧିକ ରାଜ୍ୟର ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷ, ସଭ୍ୟ, ଶିକ୍ଷାବିତ୍, ସାମାଜିକ କର୍ମୀ, ବିଚାର ବିଭାଗୀୟ ଅଧିକାରୀ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଇଛନ୍ତି।



କସ୍ତୁରବା ନାରୀମହଲ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ କୁମାର ଉତ୍ସବରେ ଛାତ୍ରୀଙ୍କ ନୃତ୍ୟ ପରିବେଷଣ।

## କାୟା ଗାଁରେ ହାତୀପଲ

ଖୋର୍ଦ୍ଧା ଅଫିସ,୩୦।୧୦

ଖୋର୍ଦ୍ଧା ବ୍ଲକ ଗୋଳବାଇ ପଞ୍ଚାୟତ କାୟା ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ୭ ଜଣିଆ ହାତୀପଲକୁ ଦେଖିବାକୁ ମିଳିଥିଲା। ମଙ୍ଗୁଳି ବରିସଲ ବାରିପଟେ ପଶି ଫଳ ଗଛ ଭାଙ୍ଗୁଥିବାବେଳେ ଗାଁଲୋକ ଭୟଭିତ ହୋଇପଡିଥିଲେ। ପରେ ସାହସ ଜୁଟାଇ ବାଣ, ଟିଣ ବାଜା ପିଟି ହାତୀକୁ ଘଉଡାଇଥିଲେ। ତେବେ ହାତୀଙ୍କ ଉତ୍ପାଦ ଯୋଗୁ ଏଠାକାର ଲୋକେ ରାତି ଉଜାଗର ରହି ହାତୀ ଘଉଡାଇବାକୁ ଏକାଠି ହୋଇଛନ୍ତି।

## ୪ ବନ୍ଧୁକ ବେପାରୀ ଗିରଫ
### ୫ ବନ୍ଧୁକ, ୧୩ ଗୁଳି ଜବତ



ଭୁବନେଶ୍ୱର(ବ୍ୟୁରୋ)/ ପାତ୍ରପଡ଼ା(ଡି.ଏନ.ଏ.), ୩୦।୧୦

ରାଜଧାନୀରେ ଏକାଧିକ ଗୁଳି ଫୁଟିଲା ପରେ କମିଶନରେଟ ପୋଲିସର ଚେତା ପଶିଛି। ଏଣିକି ପୋଲିସ ବନ୍ଧୁକ ବେପାରୀଙ୍କୁ ସାବାଡ଼ କରିବା ପାଇଁ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଛି। ସୋମବାର ବିଳମ୍ବିତ ରାତିରେ ସ୍ପେଶାଲ ସ୍କ୍ୱାଡ୍ ଏବଂ ପୋଲିସ ମିଶି ୪ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ପୋଲିସ ୫ ବନ୍ଧୁକ, ୧୩ ଗୁଳି, ଗୋଟିଏ ଅଟୋ ଏବଂ ଏକ କାର ଜବତ କରିଛି। ଜବତ ବନ୍ଧୁକ ମଧରେ ୨ଟି ଦେଶୀ ବନ୍ଧୁକ ଥିବାବେଳେ ୩ଟି ପିସ୍ତଲ ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କଣାସ ଅଞ୍ଚଳର ରାମଚନ୍ଦ୍ର ବାରିକ(୩୦), ଡେଲାଙ୍ଗ କୁଆପଦାର ସଞ୍ଜୟ କୁମାର ଜେନା(୨୫), ଟାଙ୍ଗୀ ପଳାସପୁର ପାଟଣା ଅଞ୍ଚଳର ଜ୍ଞାନରଞ୍ଜନ ସିଂ(୩୫) ଓ ତାରିଣୀନଗର ସାଲିଆସାହିର ଗୌରାଙ୍ଗ ଚରଣ ସେଠୀ(୩୫)। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ରାମଚନ୍ଦ୍ର ଓ ସଞ୍ଜୟ ଖଣ୍ଡଗିରି ଥାନା ନାକାଗେଟ୍ ନିକଟରେ ଏକ କାରରେ ବସିଥିଲେ। ସେମାନେ କୌଣସି ଅପରାଧ ଘଟାଇବାକୁ ଯୋଜନା କରୁଥିଲେ। ଖବର ପାଇ ସ୍ପେଶାଲ ସ୍କ୍ୱାଡ୍ ଓ ଖଣ୍ଡଗିରି ପୋଲିସ ସେଠାରେ ଅତର୍କିତ ଚଢାଉ କରିଥିଲେ। ସେମାନଙ୍କୁ ଯାଞ୍ଚ କରାଯିବା ପରେ ସେମାନଙ୍କଠାରୁ ୨ଟି ବନ୍ଧୁକ ଜବତ କରାଯାଇଥିଲା। ଉଭୟେ ବନ୍ଧୁକ ଡିଲର ବୋଲି ଜଣାପଡିଥିଲା। ସେମାନଙ୍କ ବିରୋଧରେ ଖଣ୍ଡଗିରି ଥାନାରେ ଦଫା ୨୫(ଆଇ)(ବି) ଆର୍ମ୍ସ ଆକ୍ଟରେ ଏକ ମାମଲା(୫୦୧/୧୮) ରୁଜୁ କରାଯାଇଛି। ସେହିଭଳି ଜ୍ଞାନରଞ୍ଜନ ସିଂ କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ବିକ୍ରି କରିବାକୁ ଯୋଜନା କରିଥିଲେ। ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

ଅନ୍ୟପଟେ ସୋମବାର ରାତି ପ୍ରାୟ ସାଢ଼େ ୧୧ଟାରେ ନୟାପଲ୍ଲୀ ଥାନା ଦୁର୍ଗାମଣ୍ଡପ ନିକଟରେ ଗୌରାଙ୍ଗ ଏକ ଅଟୋରେ ବସି ବନ୍ଧୁକ ବେପାର କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ନୟାପଲ୍ଲୀ ପୋଲିସ ଚଢାଉ କରି ତାଙ୍କୁ ଯାଞ୍ଚ କରିବା ପରେ ତାଙ୍କଠାରୁ ବନ୍ଧୁକ ମିଳିଥିଲା। ଏସବୁ ବନ୍ଧୁକ ବେପାରୀ କେଉଁଠୁ ବନ୍ଧୁକ ଆଣୁଥିଲେ ଏବଂ କେଉଁମାନଙ୍କୁ ଚୋରା ବନ୍ଧୁକ ଯୋଗାଉଥିଲେ ସେନେଇ ପୋଲିସ ଖୋଳତାଡ଼ କରୁଛି। ପୋଲିସ ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ଯେଉଁମାନଙ୍କ ନାମ ପଦାକୁ ଆସିଛି ସେମାନେ ଫେରାର ହୋଇଯାଇଥିବା ଜଣାପଡିଛି।

## 'ମିଶନ ସାହସୀ'ରେ ୧ ହଜାର ଛାତ୍ରୀଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସାରା ଦେଶରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କରିବା ପାଇଁ 'ମିଶନ୍ ସାହସୀ' କାର୍ଯ୍ୟକ୍ରମ ଅୟୋଜନ କରାଯାଇଛି। ଗତ ଏକ ମାସ ଧରି କୁଶଳୀ ପ୍ରଶିକ୍ଷକଙ୍କ ଦ୍ୱାରା ଓଡ଼ିଶାର ବିଭିନ୍ନ କ୍ୟାମ୍ପସ୍‌ରେ ଏବିଭିପି ତରଫରୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଛି। ମଙ୍ଗଳବାର ଦେଶବ୍ୟାପୀ ୫ଲକ୍ଷରୁ ଅଧିକ ଏବଂ ଓଡ଼ିଶାରେ ୩୬ଟି ସ୍ଥାନରେ ୨୦ ହଜାରରୁ ଅଧିକ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆଠାରେ ପ୍ରଶିକ୍ଷକ ସୌମ୍ୟରଞ୍ଜନ ଦାଶଙ୍କ ଦ୍ୱାରା ୧ ହଜାରରୁ ଅଧିକ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନଙ୍କୁ ନିର୍ଭୟ ରୂପେ ଗଢ଼ିତୋଳିବା ପାଇଁ ଏବିଭିପିର ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଏବିଭିପିର ରାଜ୍ୟ ଉପସଭାପତି ଡ. ଗାର୍ଗୀ ବାନାର୍ଜୀ 'ମିଶନ୍ ସାହସୀ'ର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ ଛାତ୍ରୀମାନଙ୍କ ବିକାଶ ପାଇଁ ଏବିଭିପିର ବିଭିନ୍ନ ଗଠନ ମୂଳକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ଅଭିଳାଷ ପଣ୍ଡା ଯୋଗଦେଇ ଏକ ସୁଦୃଢ଼ ସମାଜ ପାଇଁ ସଶକ୍ତ ନାରୀ ସମାଜର ଆବଶ୍ୟକତା ରହିଛି ଏବଂ ନାରୀ ସଶକ୍ତୀକରଣ ପାଇଁ ଏବିଭିପି କାର୍ଯ୍ୟ କରିଆସିଛି ବୋଲି ମତବ୍ୟକ୍ତ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀନେତ୍ରୀ ଲିନା ନନ୍ଦିତା ପରିଡ଼ା ସଂଯୋଜନା କରିଥିଲେ ଏବଂ ଭୁବନେଶ୍ୱର ମହାନଗର ସମ୍ପାଦକ ସଞ୍ଜୟ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଉଛନ୍ତି।

## ଫଟୋରେ ଖବର



ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଦୀପ୍ସି ପଟ୍ଟନାୟକ ଓ ସୂର୍ଯ୍ୟାଂଶୀ ମିଶ୍ରଙ୍କୁ 'ଗୁରୁ ପଙ୍କଜ ଚରଣ ଦାସ ସମ୍ମାନ' ପ୍ରଦାନ କରୁଛନ୍ତି।




ଜାତୀୟ ଏକତା ଦିବସ ପରିପ୍ରେକ୍ଷୀରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।




ତ୍ରୁଟିପୂର୍ଣ୍ଣ ଆଟ୍ରୋସିଟି ଆଇନ ପ୍ରତ୍ୟାହାର ଦାବିରେ ମଙ୍ଗଳବାର ଭାରତ ବନ୍ଦ ପାଳନ ଅବସରରେ ଓବିସି ଓ ସାଧାରଣ ବର୍ଗ ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର କ୍ରାଉନ ହୋଟେଲ ନିକଟ ଜାତୀୟ ରାଜପଥରେ ବିକ୍ଷୋଭ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ଅକ୍ଟୋବର, ୨୦୧୮



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

-ଜନ୍ ଡ୍ରାଇଡେନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନେହେରୁ ଯୁବ କେନ୍ଦ୍ର ଅନୁକୂଲ୍ୟରେ 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମ, ମଞ୍ଚେଶ୍ୱର ରେଲୱେ ଷ୍ଟାଡିୟମ୍‌ଠାରୁ ଇଷ୍ଟ କୋଷ୍ଟ ରେଲୱେ ଅଡିଟୋରିୟମ୍, ସକାଳ ୬ଟା ୩୦।
- ରାଷ୍ଟ୍ରୀୟ ସଂକଳ୍ପ ଦିବସ ସମାରୋହ, ଇନ୍ଦିରା ଗାନ୍ଧୀ ପାର୍କ, ସକାଳ ୮ଟା।
- 'ନ୍ୟାଶନାଲ ବିଲ୍ଡିଂ କୋଡ୍ ଅଫ୍ ଇଣ୍ଡିଆ ୨୦୧୬' ଉପରେ ଜାତୀୟ କର୍ମଶାଳା, ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ, ସକାଳ ୯ଟା ୩୦। ଉଦ୍‌ଯାପନୀ ଅଧିବେଶନ, ଅପରାହ୍ନ ୪ଟା।
- ସିପିଆଇର ରାସ୍ତାରୋକୋ, ରାଜମହଲ, ପୂର୍ବାହ୍ନ ୧୦ଟା ୩୦।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ ପାଳନ, ସମାଜବାଦୀ ପାର୍ଟି ଅଫିସ, ୟୁନିଟ୍-୬, ପୂର୍ବାହ୍ନ ୧୧ଟା।
- ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା।
- ବିଜେଡି ଜନସମ୍ପର୍କ ପଦଯାତ୍ରା, ମଣ୍ଡପ ବସ୍ତି, ବିଏମ୍‌ସି ୱାର୍ଡ ନଂ. ୯, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ଏକତା ଦିବସ ପରେଡ୍, ଓଏସ୍‌ଏପି ସପ୍ତମ ବାଟାଲିୟନ ପରିସର, ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ସଂକଳ୍ପ ଦିବସର ରାଜ୍ୟସ୍ତରୀୟ ସମାରୋହ, ସୂଚନା ଭବନ, ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା କମିଟି, କପିଳପ୍ରସାଦ ପକ୍ଷରୁ ନାଟକ 'ଅଦେଖା ଦୁଃଖ' ପରିବେଷଣ, ସୁନ୍ଦରପଦା, ସନ୍ଧ୍ୟା ୬ଟା।
- ଆଦି ଗୁରୁ ପଙ୍କଜ ଚରଣ ଦାସ ପୁରସ୍କାର ପ୍ରଦାନ ଉତ୍ସବ ଉଦ୍‌ଯାପନ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଅସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ସମର୍ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ କନ୍‌ଟେଷ୍ଟ 'ପ୍ରକଳ୍ପ-୨୦୧୮', ଅସ୍ଥା କ୍ୟାମ୍ପସ୍, ଅଟଳା, ପୂର୍ବାହ୍ନ ୧୧ଟା ୩୦।

# ଆରମ୍ଭ ହେଲା ଗୋରୁଙ୍କ କାନ ନୋଳୀକରଣ

- ଅବାଧ ବିଚରଣ ନିୟନ୍ତ୍ରଣ ହେବ
- ରାସ୍ତାରେ ବୁଲିଲେ ଜରିମାନା ଦେବେ ମାଲିକ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ଏଣିକି ରାଜଧାନୀର ରାସ୍ତାଘାଟରେ ଅବାଧରେ ଗୋରୁ ବିଚରଣ କରିପାରିବେ ନାହିଁ। ଅନେକ ସମୟରେ ଗୋରୁ ମାଲିକମାନେ ଗୋରୁଙ୍କୁ ଫିଟାଇ ଦେଉଥିବାରୁ ସେମାନେ ରାସ୍ତାରେ ବୁଲାବୁଲି କରିବା ସହ ଯାନବାହନ ଏବଂ ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ସେହିପରି ଆଗକୁ ହକି ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଥିବାରୁ ରାସ୍ତାଘାଟରେ ଗୋରୁ ବିଚରଣ କରିବା ଦ୍ୱାରା ସହରର ମର୍ଯ୍ୟାଦା ହାନି ହେବ। ଏସବୁକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଗୋରୁଙ୍କ କାନ ନୋଳୀକରଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବେହେରାସାହିରେ ବିଏମ୍‌ସି ଏବଂ ମତ୍ସ୍ୟ ଓ ପଶୁପାଳନ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହାଦ୍ୱାରା କୌଣସି ବ୍ୟକ୍ତିଙ୍କ ଗୋରୁ ରାସ୍ତାରେ ବୁଲିବାର ନଜରକୁ ଆସିଲେ କାଞ୍ଜିଆହୁଦା ମାଧ୍ୟମରେ ତାଙ୍କଠାରୁ ୧୦୦ ଟଙ୍କା ଜରିମାନା ଆଦାୟ କରାଯିବ। ଯଦି ବୁଲୁଥିବା ଗୋରୁଙ୍କର କାନ ନୋଳୀକରଣ ହୋଇ ନ ଥିବ, ତା'ହେଲେ ୧୫୦୦ ଟଙ୍କା ଜରିମାନା ଆଦାୟ କରାଯିବ।

ମେୟର ଅନନ୍ତ ନାରାୟଣ ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ, ଭୁବନେଶ୍ୱରକୁ ସ୍ୱଚ୍ଛ, ସୁରକ୍ଷିତ ଏବଂ ସୁସ୍ଥ କରି ଗଢ଼ି ତୋଳିବାର ପ୍ରୟାସ ସ୍ୱରୂପ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହକି ବିଶ୍ୱକପ୍ ପାଇଁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ରାଜଧାନୀ ଭୁବନେଶ୍ୱରକୁ ବିଦେଶୀ ଖେଳାଳି, ପ୍ରତିଷ୍ଠିତ ବ୍ୟକ୍ତି ଏବଂ ସଂଗଠନର କର୍ମକର୍ତ୍ତା ଆସିବେ। ତେଣୁ ସହରର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଗୋରୁଙ୍କୁ ରାସ୍ତା ଉପରେ ବିଚରଣ କରିବାରୁ ଦୂରେଇ ରଖିବା ଉଚିତ। ଏଥିଲାଗି ସେମାନଙ୍କର କାନ ନୋଳିକରଣ କରିବାକୁ ପଦକ୍ଷେପ ନିଆଯାଇଛି। ଫଳରେ ଲୋକଙ୍କ ଗୋରୁଙ୍କୁ ଏକ ପ୍ରକାର ସରକାରୀ ଭାବେ ଚିହ୍ନଟ କରାଯାଇପରିବ।

ଏହି ଅବସରରେ ୨ଟି ପ୍ରଚାର ଅଟୋକୁ ମେୟର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମେୟରଙ୍କ ବ୍ୟତୀତ ବିଏମ୍‌ସି ଷ୍ଟାଣ୍ଡିଂ କମିଟି(ଜନସ୍ୱାସ୍ଥ୍ୟ)ର ଅଧ୍ୟକ୍ଷ ବିରଞ୍ଚିନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ନବ କିଶୋର ବେହେରା, ୩୮ ନଂ. ୱାର୍ଡ କର୍ପୋରେଟର ନିଖିଲ ବଳବନ୍ତରାୟ ପ୍ରମୁଖଙ୍କ ସମେତ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ(ଏସ୍‌ଡିଭିଓ) ଡା. ହରେକୃଷ୍ଣ ସାହୁ, ଭୁବନେଶ୍ୱର ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚନ୍ଦ୍ରଶେଖର ରଥ ଏବଂ ବିଏମସିର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୌଭାଗ୍ୟ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ବିଏମସି ଡେପୁଟି କମିଶନର ଶୁଭ୍ରାଂଶୁ ମିଶ୍ର କହିଲେ, ପ୍ରଥମ ପର୍ଯ୍ୟାୟରେ ୨୦୦୦ ଗୋରୁଙ୍କ କାନ ନୋଳୀକରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହାକୁ ବାଧ୍ୟତାମୂଳକ କରାଯାଇଛି। ଗୋରୁ ମାଲିକମାନେ ନିକଟ ପ୍ରାଣୀଚିକିତ୍ସା କେନ୍ଦ୍ର ବା କ୍ଲିନିକ୍‌କୁ ଯାଇ ବିନା ମୂଲ୍ୟରେ ଏହି ସୁବିଧା ପାଇପାରିବେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସାହୁ କହିଲେ, ଗୋରୁଙ୍କ କାନ ନୋଳୀକରଣ ଦ୍ୱାରା ବିଏମ୍‌ସି ପାଖରେ ଏକ ତଥ୍ୟାବଳୀ ରହିପାରିବ।



ଛତିଶଗଡ ଦାନ୍ତେୱାଡାଠାରେ ମାଓବାଦୀଙ୍କ ଆକ୍ରମଣରେ ମୃତ ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ଆତ୍ମାର ସଦ୍‌ଗତି ପାଇଁ ଭୁବନେଶ୍ୱର ରାମମନ୍ଦିରଠାରେ ମଙ୍ଗଳବାର ଗଣମାଧ୍ୟମର ପ୍ରତିନିଧିମାନେ ମହମବତି ଜାଳି ନୀରବ ପ୍ରାର୍ଥନା କରୁଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ, ଟ୍ୟୁଶନ ଶିକ୍ଷକ ଗିରଫ

କଟକ ରୋଡ,୩୦।୧୦(ଡି.ଏନ୍.ଏ.)

ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ଟ୍ୟୁଶନ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଞ୍ଚଳର ପ୍ରଦୀପ କୁମାର ସାହୁ(୪୨)। ପୋଲିସ ସୂଚନା ଅନୁଯାୟୀ, ଛାତ୍ରୀଜଣକ ନବମ ଶ୍ରେଣୀରେ ପଢୁଥିବା ବେଳେ ଲକ୍ଷ୍ମୀସାଗର ଅଞ୍ଚଳରେ ଭଡାରେ ରହୁଥିବା ପ୍ରଦୀପ ଗତ ଅଗଷ୍ଟ ମାସରୁ ତାଙ୍କୁ ଟ୍ୟୁଶନ କରୁଥିଲେ। ତେବେ ଅଭିଯୁକ୍ତଜଣଙ୍କ ଛାତ୍ରୀଙ୍କୁ ପଢାଇବା ସମୟରେ ଅସଦାଚରଣ କରୁଥିଲେ। ଏ ନେଇ ପରିବାରଲୋକେ ଜାଣିବା ପରେ ଗତ ୨୭ ତାରିଖରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୬୯/୧୮)ରୁଜୁ କରି ତଦନ୍ତ ଚଳାଇଥିଲା।

## ୪ ଚୋରା ମଦ ବ୍ୟବସାୟୀ ଗିରଫ

କଟକ ରୋଡ,୩୦।୧୦(ଡି.ଏନ୍.ଏ.): ଭୁବନେଶ୍ୱର ଅବକାରୀ ବିଭାଗ ମଙ୍ଗଳବାର ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୪ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଳରାମ ପୁର୍ତ୍ତି, ନିରଞ୍ଜନ ଅଲଡିଆ, ସୁଶାନ୍ତ ରାଉତ ଓ ହରିହର ସାହୁ। ଏମାନଙ୍କଠାରୁ ୧୩୩ ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି।

## ଯୁବତୀଙ୍କ ଆତ୍ମହତ୍ୟା

ପୁରୁଣା ଭୁବନେଶ୍ୱର,୩୦।୧୦(ଡି.ଏନ.ଏ.)

ଲିଙ୍ଗରାଜ ଥାନା ଅଧୀନ ସାମନ୍ତରାପୁର, ମହାବୀର ଅଞ୍ଚଳରେ ରହୁଥିବା ସୁଚିସ୍ମିତା ରାଉତ(୨୦) ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ ସୁଚିସ୍ମିତା ନିଜେ ରହୁଥିବା ଘରେ ଶାଢୀ ସାହାଯ୍ୟରେ ପଙ୍ଖାରେ ଝୁଲି ରହିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହକି ବିଶ୍ୱକପ୍ ପୂର୍ବରୁ ଫ୍ଲାଏ ଓଭର କାନ୍ଥରେ ହେବ ଥ୍ରୀଡି ଛବି

### ସହରର ସୌନ୍ଦର୍ଯ୍ୟ ବଢାଇବେ ଆନ୍ତର୍ଜାତିକ ଚିତ୍ରଶିଳ୍ପୀ



ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ)

ହକି ବିଶ୍ୱକପ୍ ପୂର୍ବରୁ ସହରରେ ଥିବା ସମସ୍ତ ଫ୍ଲାଏ ଓଭରବ୍ରିଜ୍ କାନ୍ଥରେ ଥ୍ରୀଡି ଛବି ଅଙ୍କାଯିବ। ଏହାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଆଙ୍କିବେ ବୋଲି ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ସୂଚନା ମିଳିଛି।

ଷ୍ଟ୍ରିଟ୍ ଆଣ୍ଡ୍ ମୁରାଲ୍ ପ୍ରକଳ୍ପର ଅଂଶ ଭାବେ ବକୁଲ ଫାଉଣ୍ଡେଶନ୍ ୫ ଜଣ ଅନ୍ତର୍ଜାତୀୟ ଥ୍ରୀଡି ଆର୍ଟିଷ୍ଟଙ୍କୁ ଭୁବନେଶ୍ୱରକୁ ଆଣିବା ଯୋଜନା କରିଛି। ସେମାନେ ଚିତ୍ର ମାଧ୍ୟମରେ କଳାକୌଶଳ ଦେଖାଇବେ। ଶିଳ୍ପୀମାନେ ନଭେମ୍ବର ୧ରୁ ୧୫ ଯାଏ ଭୁବନେଶ୍ୱରରେ ରହିବେ। ସହରରେ ଥିବା ଫ୍ଲାଏ ଓଭର୍‌ବ୍ରିଜ୍ କାନ୍ଥ ଗୁଡିକରେ ଚିତ୍ର ଆଙ୍କିବେ। ଯୁକ୍ତରାଷ୍ଟ୍ର ଆମେରିକାର ଚିତ୍ରକଳା ରାଷ୍ଟ୍ରଦୂତ ଭାବେ ପରିଚିତ ଶିଳ୍ପୀ ଆଷ୍ଟ ରୋନେନ୍ ନିଜର ଥ୍ରୀଡି ଚିତ୍ରକଳାର ପରାକାଷ୍ଠା ଦେଖାଇବେ। ବକୁଲ ଫାଉଣ୍ଡେଶନ୍ ବିଏମ୍‌ସିର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ତୁଲାଇବାରେ ଅଗ୍ରଣୀ ଭୂମିକା ନେଇଛି। ଏହି ପ୍ରକଳ୍ପରେ ରାଜମହଲ, ଆଚାର୍ଯ୍ୟବିହାର ଏବଂ ଜୟଦେବ ବିହାରର ଫ୍ଲାଏ ଓଭରବ୍ରିଜ୍ କାନ୍ଥଗୁଡିକୁ ଚିତ୍ରରେ ସଜାଯିବ। ଏବେ ଭାରତର ବିଭିନ୍ନ ସହରରେ ଷ୍ଟ୍ରିଟ୍ ଆର୍ଟ ଲୋକାଭିମୁଖୀ ହେବାରେ ଲାଗିଛି। ଭୁବନେଶ୍ୱର ପ୍ରଥମ ସହର ଯିଏକି ସାରା ବିଶ୍ୱରୁ ଥ୍ରୀଡି ଚିତ୍ରକରମାନଙ୍କୁ ନିମନ୍ତ୍ରଣ କରି ସହରର କାନ୍ଥଗୁଡିକରେ ଏବଂ ଦୃଶ୍ୟମାନ ଚଟାଣରେ କଳାକୃତିକୁ ଉଜ୍ଜୀବିତ କରିବାକୁ ପ୍ରୟାସ କରୁଛି।

## ପୃଥକ୍ ଦୁର୍ଘଟଣାରେ ୪ ଆହତ, ଉତ୍ତେଜନା

ପୁରୁଣା ଭୁବନେଶ୍ୱର,୩୦।୧୦(ଡି.ଏନ.ଏ.)

ମଙ୍ଗଳବାର ପୃଥକ୍ ଦୁର୍ଘଟଣାରେ ୪ଜଣ ଆହତ ହୋଇଛନ୍ତି। ପ୍ରଥମଟି ଦୟା ବିଜ୍ର ନିକଟରେ ଏକ ପ୍ୟାସେଞ୍ଜର ଅଟୋ ଦୁର୍ଘଟଣା ଘଟିବାରୁ ଏଥିରେ ଥିବା ୩ ଯାତ୍ରୀ ଆହତ ହୋଇଥିଲେ। ଅନ୍ୟଟି ୩୧୬ ନଂ. ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡିଆପୋଖରୀ ଛକ ଲକ୍ଷ୍ମୀନାରାପୁର ପଞ୍ଚାୟତ ରାସ୍ତାରେ ଘଟିଥିଲା। ପୋଲିସ ସୂଚନା ମୁତାବକ ଏହି ରାସ୍ତାର ସଙ୍ଗଳାଇ ଶାସନ ଗାଁଠାରେ ଏକ ଧାନ ବୋଝେଇ ୪୦୭ ମିନିଟ୍ରକ୍ ଲୁନା ଚାଳକଙ୍କୁ ଧକ୍କା ଦେଇଥିଲା। ଲୁନା ଚାଳକ ସେହି ଗାଁର ନରେନ୍ଦ୍ର ସ୍ୱାଇଁ (୫୦) ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଏପଟେ କ୍ଷତିପୂରଣ ଦାବିରେ ଧାନ ବୋଝେଇ ମିନି ଟ୍ରକ୍‌କୁ ଯୁବକମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଭର୍ତ୍ତି କରି ଦେଇଥିଲେ। ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଡି ମାଲିକ, ଉତ୍ତରା ଫାଣ୍ଡି ଇନ୍‌ଚାର୍ଜ, ସରପଞ୍ଚଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିଲା।

- ଆତଙ୍କ ଖେଳାଇଛି ନମ୍ବର ବିହୀନ ସ୍ପିଡ୍ ବାଇକ୍

# ଲୁଟ୍ କରି ଆଖି ପିଛୁଳାକେ ଖସିଯାଉଛନ୍ତି ଲୁଟେରା

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

**ଯାଞ୍ଚ କରୁନି ପୋଲିସ**

ରାଜଧାନୀରେ ଲୁଟେରାଙ୍କ କଳା ପଲସର ଆତଙ୍କ ପରେ ଏବେ ନମ୍ବରବିହୀନ କେଟିଏମ୍ ଡ୍ୟୁକ୍ ବାଇକ୍ ଚର୍ଚ୍ଚାର ପରିସରକୁ ଆସିଛି। ବର୍ତ୍ତମାନ ସମୟରେ ଲୁଟେରାମାନେ ଏହି ସ୍ପିଡ୍ ବାଇକ୍‌କୁ ଲୁଟ୍ ପାଇଁ ବ୍ୟବହାର କରୁଛନ୍ତି, ଯାହାକୁ ପୋଲିସ କିମ୍ବା ଅନ୍ୟ କୌଣସି ସାଧାରଣ ବାଇକ୍ ଗୋଡ଼ାଇବା ସମ୍ଭବ ନୁହେଁ। ନିକଟରେ ଘଟିଥିବା କେତେକ ଲୁଟ୍ ଘଟଣାରେ ଏହି ବାଇକ୍‌ର ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ରାଜଧାନୀର କେତେକ ବସ୍ତିରେ ଏପରି ନମ୍ବରବିହୀନ ମାଲ ମାଲ ସ୍ପିଡ୍ ବାଇକ୍ ରହିଛି। ପୋଲିସ ରାସ୍ତାଘାଟରେ ଚାଲୁଥିବା ଏହି ନମ୍ବରବିହୀନ ବାଇକ୍‌ଗୁଡ଼ିକୁ ଯାଞ୍ଚ କରୁ ନ ଥିବାରୁ ଲୁଟେରାଙ୍କ ପାଇଁ ସୁବିଧା ହେଉଛି।

ସୋମବାର ରାତିରେ ଜଗତ୍‌ସିଂହପୁର ଜିଲାର ଦୀପକ ଜେନା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପୁରୀ ବାଇପାସ ଓଭରବ୍ରିଜ ନିକଟରେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ପଟିଆରେ ରହୁଥିବାବେଳେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ସୋମବାର ରାତି ପ୍ରାୟ ୧୦ଟାରେ ସେ କଟକରୁ କାମ ସାରି ସାଙ୍ଗ ସହିତ ବାଇକରେ ଭୁବନେଶ୍ୱର ଫେରୁଥିଲେ। ପୁରୀ ବାଇପାସ ନିକଟ ଓଭରବ୍ରିଜ ଉପରେ ବାଇକରୁ ପେଟ୍ରୋଲ ସରିଯିବାରୁ ସେ ରାସ୍ତା କଡରେ ବାଇକ ରଖି ବସିଥିବା ବେଳେ ସାଙ୍ଗ ପେଟ୍ରୋଲ ପାଇଁ ଯାଇଥିଲା। ଏହି ସମୟରେ ଏକ ନମ୍ବର ବିହୀନ କେଟିଏମ୍ ବାଇକ ତାଙ୍କ ପାଖରେ ଅଟକିଥିଲା। ଏଠାରେ କାହିଁକି ବସିଛ ବୋଲି ୨ ଯୁବକ ପଚାରିବା ପରେ ପାଖରେ ଯାହା ଅଛି ଦେବାକୁ କହିଥିଲେ। ଦୀପକ ରାଜି ନ ହେବାରୁ ସେମାନେ ତାଙ୍କ ମୁହଁକୁ ମୁଥ ମାରି ପକେଟରୁ ମୋବାଇଲ ଓ ପର୍ସ ଛଡାଇ ନେଇଥିଲେ। ମାତ୍ର ପର୍ସରେ ଟଙ୍କା ନ ଥିବାରୁ ସେମାନେ ତାକୁ ଫିଙ୍ଗି ଚାଲିଯାଇଥିଲେ।

ସେହିପରି ଢୁମୁଢୁମା ହାଉସିଂବୋର୍ଡ କଲୋନୀ ଅଞ୍ଚଳର ପ୍ରଶାନ୍ତ ବେହେରା ଓ ତାଙ୍କ ସ୍ତ୍ରୀ ଅଞ୍ଜନା ବେହେରା କିଛିଦିନ ତଳେ ରସୁଲଗଡରୁ ବାଇକରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୯ଟାରେ ନୟାପଲ୍ଲୀ ଓଭରବ୍ରିଜ ଉପରେ ୨ ଯୁବକ ନମ୍ବରବିହୀନ କେଟିଏମ ବାଇକରେ ଆସି ତାଙ୍କଠାରୁ ପର୍ସ ଓ ମୋବାଇଲ ଛଡାଇ ନେଇଥିଲେ। ରାଜଧାନୀରେ ନୟାପଲ୍ଲୀ, ମଞ୍ଚେଶ୍ୱର, ଶହୀଦନଗର ଓ ଖଣ୍ଡଗିରି ଥାନାରେ କେଟିଏମ୍ ବାଇକ୍ ଚୋରି ସମ୍ପର୍କରେ କେତେକ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୋରା ବାଇକ୍‌ଗୁଡ଼ିକୁ ଠାବ କରିପାରି ନାହିଁ। ଲୁଟେରାମାନେ ଯେଉଁ ବାଇକ୍ ବ୍ୟବହାର କରୁଛନ୍ତି ସେଗୁଡ଼ିକ ଚୋରା ବାଇକ୍ ହୋଇଥିବା ନେଇ ଆଶଙ୍କା ରହିଛି। ତେଣୁ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଇ ସହରରେ ବୁଲୁଥିବା ନମ୍ବରବିହୀନ ବାଇକ୍‌ଗୁଡ଼ିକୁ ଯାଞ୍ଚ କରିବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

- ନିଶାସକ୍ତ କାର ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ

# ସିଆରପି ଛକରେ ସିରିଜ ଦୁର୍ଘଟଣା

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

**ଯୁବକଙ୍କ ପାଦ ଉପରେ କାର୍ ଚଢ଼ାଇଦେଲେ**

ନୟାପଲ୍ଲୀ ଥାନା ସିଆରପି ଛକରେ ମଙ୍ଗଳବାର ଜଣେ ନିଶାଗ୍ରସ୍ତ କାର ଡ୍ରାଇଭରଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ଡ୍ରାଇଭର ଜଣକ ୨ଟି ସିରିଜ ଦୁର୍ଘଟଣା ଘଟାଇବା ପରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କ ପାଦ ଉପରେ କାର୍ ଚଢ଼ାଉ ଦେଇଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ଡ୍ରାଇଭରଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟା ୩୦ ହେବ। ବରମୁଣ୍ଡାରୁ ଏକ କାର ଦ୍ରୁତ ଗତିରେ ଜୟଦେବ ବିହାର ଅଭିମୁଖେ ଯାଉଥିଲା। ସିଆରପି ଛକ ନିକଟରେ ଡ୍ରାଇଭର ଜଣକ ୨ଟି ବାଇକ୍‌କୁ ଧକ୍କା ଦେଇଥିଲେ। ଶେଷରେ ସିଆରପି ଛକରେ ବସ୍‌କୁ ଅପେକ୍ଷା କରି ଛିଡା ହୋଇଥିବା ଯାଜପୁର ଜିଲାର ଉଦୟନ ମିଶ୍ରଙ୍କ ପାଦ ଉପରେ କାର୍ ଚଢ଼ାଉ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଅନ୍ୟପଟେ ଗାଡି ଧକ୍କା କରିବା ପରେ କାର୍ ଡ୍ରାଇଭର ଜଣକ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସକୁ ଡକାଇଥିଲେ। ଖବର ପାଇ ପିସିଆର ଭ୍ୟାନ୍ ପହଞ୍ଚି ଉକ୍ତ ଡ୍ରାଇଭରଙ୍କୁ ଥାନାକୁ ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ଯାଇ ନ ଥିଲେ। ବରଂ ପୋଲିସକୁ ଗାଳିଗୁଲଜ କରିବା ସହ ମାରିବାକୁ ହାତ ଉଠାଇଥିଲେ। ପୋଲିସ ତାଙ୍କୁ କାବୁ କରି ପିସିଆର ଭ୍ୟାନ୍‌ରେ ବସାଇ ଥାନାକୁ ନେଇଥିଲା। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ପୋଲିସ ତାଙ୍କ କାର୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

# ଭବିଷ୍ୟନିଧି ପେନ୍‌ସନ୍ ଯୋଜନାକୁ କାର୍ଯ୍ୟକାରୀ ନ କରାଇବାକୁ ଚକ୍ରାନ୍ତ




ଓଡ଼ିଶା ବନ ଉନ୍ନୟନ ନିଗମ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ କଲ୍ୟାଣ ସମିତିର ସାଧାରଣ ସଭାରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଓଡ଼ିଶା ବନ ଉନ୍ନୟନ ନିଗମ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ କଲ୍ୟାଣ ସମିତିର ତୃତୀୟ ବାର୍ଷିକ ସାଧାରଣ ସଭା ମଙ୍ଗଳବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରଭାକର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମଗ୍ର ଓଡ଼ିଶାର ପ୍ରତିନିଧିଙ୍କ ସହ ନିଗମ କର୍ମଚାରୀ ମହାସଂଘ ଓ ସଂଗ୍ରାମ ସମିତିର ନେତୃବର୍ଗ ଯୋଗଦେଇଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ନଟବର ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଭାରତୀୟ ବନସେବାର ବରିଷ୍ଠ ଅଧିକାରୀ ତଥା ନିଗମର ବାଣିଜ୍ୟ ନିର୍ଦ୍ଦେଶକ ଇ.ଏଲ୍. ୟାଙ୍ଗର ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବି ଯୁକ୍ତିଯୁକ୍ତ ଓ ଏଥିପାଇଁ ଯଥୋଚିତ ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଅବସରପ୍ରାପ୍ତ କର୍ମଚାରୀଙ୍କର ଅଭିଜ୍ଞତାକୁ ସମାଜର ପ୍ରଗତି କ୍ଷେତ୍ରରେ ନିୟୋଜିତ କରାଯିବା ଆବଶ୍ୟକ ବୋଲି କହିଥିଲେ। ନିଗମ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ, ବରିଷ୍ଠ ଉପଦେଷ୍ଟା ଅମୂଲ୍ୟ ମହାପାତ୍ର, ସୁବର୍ଣ୍ଣ ମିଶ୍ର, କାର୍ଯ୍ୟକାରୀ ସଭାପତି କାଶୀନାଥ ଦାସ ଓ ମୁକୁନ୍ଦ ପଟ୍ଟନାୟକ ଭବିଷ୍ୟନିଧି ପେନ୍‌ସନ୍‌କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହାକୁ କାର୍ଯ୍ୟକାରୀ କରାଇ ନ ଦେବାକୁ ଚକ୍ରାନ୍ତ ଚାଲିଥିବା କହିଥିଲେ।

ନିର୍ବାଚନ ଅଧିକାରୀ ବାନାମ୍ବର ପରିଡ଼ା ଓ ବଂଶୀଧର ପରିଡ଼ା ନିର୍ବାଚନ ପରିଚାଳନା କରି ୨୦୧୮-୨୦ ମସିହା ପାଇଁ କର୍ମକର୍ତ୍ତା ନିର୍ବାଚିତ କରିଥିଲେ। ସମିତି ଉପଦେଷ୍ଟା ଭାବେ ଅମୂଲ୍ୟ କୁମାର ମହାପାତ୍ର, ସଭାପତି ପ୍ରଭାକର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଭାବେ କାଶୀନାଥ ଦାସ, ଉପସଭାପତି ଭାବେ ରବୀନ୍ଦ୍ର କୁମାର ନରେନ୍ଦ୍ର ସିଂ, ବାଞ୍ଛାନିଧି ସେନାପତି, ମୁକୁନ୍ଦ ପ୍ରସାଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ ନଟବର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ରବି ମହାପାତ୍ର, ନୀଳକଣ୍ଠ ସାହୁ ପ୍ରମୁଖ ନିର୍ବାଚିତ ହୋଇଥିଲେ। ମଣ୍ଡଳ ସମ୍ପାଦକ ଭାବେ ରୁଦ୍ରପ୍ରସାଦ ପାଢ଼ୀ, ନାରାୟଣ ପାଢ଼ୀ, ବିମଳ ପ୍ରଧାନ, ନିତ୍ୟାନନ୍ଦ ସାହୁ, କୋଷାଧ୍ୟକ୍ଷ ଭାବେ ଦିଲୀପ ପରିଡ଼ା, ସମୀକ୍ଷକ ନିତ୍ୟାନନ୍ଦ ତ୍ରିପାଠୀ ଓ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ନିର୍ବାଚିତ ହୋଇଥିଲେ।

# 'ପେଡ୍, ଫେକ୍ ଖବର ଗଣତନ୍ତ୍ର ପାଇଁ ବିପଦ'

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)




ଓଡ଼ିଶା ଇଲେକ୍ସନ ୱାଚ ପକ୍ଷରୁ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥି।

ନିର୍ବାଚନ ପ୍ରକ୍ରିୟା ରାଷ୍ଟ୍ର ପାଇଁ ବହୁତ ଗୁରୁତ୍ୱ ବହନ କରିଥାଏ। ଏହା ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ହେବା ଦ୍ୱାରା ହିଁ ଗଣତନ୍ତ୍ର ସମୃଦ୍ଧ ହେବ। ନିର୍ବାଚନକୁ ଅବାଧ କରିବା ନେଇ ଗଣମାଧ୍ୟମ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ବିଶେଷ ଭୂମିକା ରହିଛି। ଗଣମାଧ୍ୟମ କାହା ଦ୍ୱାରା ପ୍ରଭାବିତ ନ ହୋଇ ନିର୍ବାଚନ ଖବର ପରିବେଷଣ କରିବାର ଆବଶ୍ୟକତା ରହିଛି। ଓଡ଼ିଶା ଇଲେକ୍ସନ ୱାଚ ପକ୍ଷରୁ ଆୟୋଜିତ ଏକ କର୍ମଶାଳାରେ ଯୋଗଦେଇ ବକ୍ତାମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି।

ଗଣମାଧ୍ୟମରେ ପେଡ୍ ଏବଂ ଫେକ୍ ନ୍ୟୁଜ୍‌ର ଭୟାବହତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିଜର ସ୍ୱାର୍ଥ ସାଧନ ପାଇଁ ମିଛ ଖବରକୁ ଅସ୍ତ୍ର କରାଯାଉଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଭୁଲ୍ ଖବରକୁ ଭାଇରାଲ କରାଯାଉଛି। ଦିନ ଥିଲା ଗଣମାଧ୍ୟମ ସାମାଜିକ ସଂସ୍କାରକଙ୍କ ହାତରେ ରହୁଥିଲା। ସମୟ ବଦଳିବା ସହ ରାଜନେତା ଏବଂ ଶିଳ୍ପପତିମାନେ ବର୍ତ୍ତମାନ ଗଣମାଧ୍ୟମକୁ ନିୟନ୍ତ୍ରଣ କଲେଣି। ସାରା ଦେଶରେ ଥିବା ସମ୍ପତ୍ତିର ୭୦ ଭାଗକୁ ଅକ୍ତିଆର କରିଥିବା ଲୋକ ଯଦି ସଂଖ୍ୟାଧିକ ଗଣମାଧ୍ୟମର ମାଲିକାନା ହାତରେ ରଖେ, ତେବେ ଅବାଧ ଖବର ପରିବେଷଣ କିପରି ଆଶା କରିବା ବୋଲି ମତପ୍ରକାଶ ପାଇଥିଲା। ଆଲୋଚକ ପ୍ରିୟରଞ୍ଜନ ସାହୁ କହିଥିଲେ, ନିରାଶା ମଧ୍ୟରେ ଆଶାର କିରଣ ଜାଗିଛି। କିଛିବର୍ଷ ହେବ ଗଣମାଧ୍ୟମରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ୱେବସାଇଟ୍ ଜରିଆରେ ସତ୍ୟ ଖବର ପରିବେଷଣ କରୁଛନ୍ତି। ଧୀରେ ଧୀରେ ଏହା ପ୍ରତି ଲୋକଙ୍କ ଆଗ୍ରହ ବଢୁଛି। ଲୋକଙ୍କୁ ସବୁଦିନ ପାଇଁ ବୋକା ବନାଇ ଦିଆଯାଇ ପାରେନା। ଲୋକ ସଚେତନ ହୋଇପାରିଲେ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ସ୍ୱଚ୍ଛ ଓ ଅବାଧ ହୋଇପାରିବ ବୋଲି ସାହୁ କହିଥିଲେ। 'ସ୍ୱଚ୍ଛ, ଅବାଧ ନିର୍ବାଚନ ଓ ଚତୁର୍ଥସ୍ତମ୍ଭ' ଶୀର୍ଷକ କର୍ମଶାଳାରେ ଇଲେକ୍ସନ ୱାଚ୍‌ର ସଂଯୋଜକ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ୨ଟି ବିତର୍କ ଏବଂ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ରାମଚାନ୍ଦ ଯାଦବ ଯୋଗଦେଇ ୨୦୦୪ରେ ସୁପ୍ରିମକୋର୍ଟଙ୍କ ଆଦେଶାନୁସାରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ନିୟମାବଳୀ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ଭୋଟର ପଞ୍ଜୀକରଣ ନିର୍ଦ୍ଧାରିତ ସମୟରେ ସାରିବା ସହ ପ୍ରଭାବିତ ନ ହୋଇ ଭୋଟଦାନ କରିବା ପାଇଁ ଯାଦବ ପରାମର୍ଶ ଦେଇଛନ୍ତି। ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମୟସୀମା ନଭେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ନିକଟରେ ରାଜ୍ୟର ବୁଥଗୁଡିକର ପୁନର୍ଗଠନ ହୋଇଛି। ଗୋଟିଏ ବୁଥ୍‌ରେ ସର୍ବାଧିକ ୧୪୦୦ ଭୋଟର ରହିପାରିବେ ବୋଲି ଜଣାପଡିଛି। ରାଜ୍ୟର ବିଭିନ୍ନ ଅଞ୍ଚଳର ଖବରଦାତାଙ୍କ ସହ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଏଡିଆର ଟ୍ରଷ୍ଟି ଡକ୍ଟର ବିପୁଲ ମୁଦଗଲ ଉପସ୍ଥିତ ଥିଲେ।



ଯେ ଅନ୍ୟ କାର୍ଯ୍ୟରେ ପ୍ରଶଂସା କରେ, ସିଏ ହିଁ କେବଳ ନିଜ ବଂଶର ମର୍ଯ୍ୟାଦା ଦେଖାଇ ପାରିବ।
- ସେନେକା



## ସଂକ୍ଷେପରେ

### ୨ରେ ପୁରୀ ଆସିବ ହକି ବିଶ୍ୱକପ୍ ମାସ୍କଟ ଓଲି




ପୁରୀ ଅଫିସ, ୩୦।୧୦: ଆସନ୍ତା ନଭେମ୍ବର ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ। ଭାରତୀୟ ହକି ଦାୟିତ୍ୱ ନେଇଥିବା ରାଜ୍ୟ ସରକାର ହକି ବିଶ୍ୱକପକୁ ସଫଳତାର ସହ ସମ୍ପନ୍ନ କରିବା ଲାଗି ପ୍ରସ୍ତୁତିରେ ଲାଗିପଡିଛନ୍ତି। ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ପାଇଁ ଆସନ୍ତା ୨ତାରିଖରେ ପୁରୀ ଆସିବ ହକି ବିଶ୍ୱକପ ମାସ୍କଟ ଓଲି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ୨ ତାରିଖ ସନ୍ଧ୍ୟାରେ ମାସ୍କଟ ଓଲି ପୁରୀରେ ପହଞ୍ଚିବ। ଜିଲା ପ୍ରଶାସନ ପକ୍ଷରୁ ଅଠରନଳାରେ ମାସ୍କଟକୁ ସ୍ୱାଗତ କରାଯିବ। ୩ତାରିଖରେ ପୁରୀରେ ରୋଡ ଶୋ ହେବ। ବଡ଼ଦାଣ୍ଡ ଏବଂ ବେଳାଭୂମି ମାର୍ଗରେ ମାସ୍କଟ ବୁଲିବ। ୨ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ମଧ ସମ୍ଭାବନା ରହିଛି। ୩ତାରିଖ ଅପରାହ୍ନରେ ମାସ୍କଟ ଓଲି ପୁରୀ ଛାଡିବ। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏସିଆନ ଆଥଲେଟିକ୍ସରେ ମାସ୍କଟ ହୋଇଥିବା ଓଲି ଏହାକୁ ସଫଳତାର ସହ ଶେଷ କରିଥିଲା। ହକି ବିଶ୍ୱକପ୍ ପାଇଁ ମଧ ମାସ୍କଟ ଓଲି ରହିଛି। ଗତ ଅକ୍ଟୋବର ୯ରେ ପୁରୀ ବେଳାଭୂମିରେ ହକି ବିଶ୍ୱକପ ପାଇଁ ମାସ୍କଟ ଓଲି ଉନ୍ମୋଚିତ ହୋଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ାମନ୍ତ୍ରୀ ଏହାକୁ ଉନ୍ମୋଚନ କରିଥିଲେ। ଓଲି ହେଉଛି ସମୁଦ୍ରରେ ରହୁଥିବା ଏକପ୍ରକାର ବିରଳ କଇଁଛ ଅଲିଭ ରିଡ୍‌ଲେ। ହଜାର ହଜାର କିମି ଦୁର୍ଗମ ପଥ ଅତିକ୍ରମ କରି ଏମାନେ ଓଡ଼ିଶା ଆସିଥାନ୍ତି। କେନ୍ଦ୍ରାପଡ଼ାର ଗହୀରମଥା ଏମାନଙ୍କ ମିଳନସ୍ଥଳ ଭାବେ ସାରା ବିଶ୍ୱରେ ପରିଚିତ। ଅଲିଭ୍ ରିଡଲେଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଥିବାରୁ ଏମାନଙ୍କ ସୁରକ୍ଷା ଜରୁରୀ ହୋଇପଡିଛି। ଜନସାଧାରଣଙ୍କ ମଧରେ ସଚେତନତା ସୃଷ୍ଟି କରିବା ପାଇଁ ବିରଳ କଇଁଛ ଅଲିଭ ରିଡ୍‌ଲେକୁ ମାସ୍କଟ କରାଯାଇଥିବା କୁହାଯାଉଛି।

## ମହାପ୍ରସାଦ ପହଞ୍ଚିବାରେ ବିଳମ୍ବ

# ଧାଡ଼ିରେ ଘଣ୍ଟାଏ ବସିଲେ ହବିଷିଆଳି

ପୁରୀ ଅଫିସ,୩୦।୧୦



ଧାଡ଼ିରେ ବସିରହିଥିବା ହବିଷିଆଳି।

କାର୍ତ୍ତିକ ମାସରେ ସଅଳ ମହାପ୍ରସାଦ ବାହାରିବା ଉପରେ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଶୃଙ୍ଖଳିତ ଦର୍ଶନ ଏବଂ ମହାପ୍ରସାଦ ପାଇବାରେ ଯେପରି ହବିଷିଆଳି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ପୂର୍ବରୁ ଏକାଧିକ ବୈଠକରେ ସେବାୟତଙ୍କୁ ପରାମର୍ଶ ଦିଆଯାଇଥିଲା। ହେଲେ ଠିକଣା ବେଳକୁ ଏହା ଫେଲ୍ ମାରିଛି। ମଙ୍ଗଳବାର ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ମହାପ୍ରସାଦ ପହଞ୍ଚିବାରେ ବହୁ ବିଳମ୍ବ ହୋଇଛି। ଏପରି କି ମହାପ୍ରସାଦକୁ ଅପେକ୍ଷା କରି ହବିଷିଆଳିମାନେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଧାଡ଼ିରେ ବସି ରହିଥିଲେ।

ରାଜ୍ୟ ସରକାର ୨୦୧୬ ମସିହାରେ ଆରମ୍ଭ କରିଥିଲେ ହବିଷିଆଳି ଯୋଜନା। ଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ ଏହି ଯୋଜନାରେ ହବିଷିଆଳିଙ୍କ ରହିବା, ଦିନକୁ ଥରେ ମହାପ୍ରସାଦ ସେବନ ଆଦି ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି ସରକାର। ଜଣେ ଦାତା ଏହି ଯୋଜନାରେ ରହୁଥିବା ହବିଷିଆଳିଙ୍କୁ ମହାପ୍ରସାଦ ଯୋଗାଇ ଦେଉଛନ୍ତି। ସମ୍ପୃକ୍ତ ଦାତା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅର୍ଥ ପୈଠ କରୁଥିବା ବେଳେ ମନ୍ଦିର ପ୍ରଶାସନ ସୁଆର ମହାସୁଆର ନିୟୋଗକୁ ମହାପ୍ରସାଦ ଯୋଗାଣର ଦାୟିତ୍ୱ ଦେଇଛି। ହେଲେ ଚଳିତବର୍ଷ ମହାପ୍ରସାଦ ଯୋଗାଣ ସମୟରେ ତାଳମେଳ ରହୁନାହିଁ। ଆରମ୍ଭରୁ ହିଁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ମହାପ୍ରସାଦ ପହଞ୍ଚିବାରେ ବିଳମ୍ବ ହେଉଛି।

ମଙ୍ଗଳବାର ଶ୍ରୀମନ୍ଦିରରେ ପ୍ରଥମ ଭୋଗମଣ୍ଡପରେ ବାହାରିଥିବା ମହାପ୍ରସାଦ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସକୁ ଅଣାଯାଇଥିଲା। ଏଥିରେ ଅନ୍ନ, ଡାଲି ଆସିଥିବା ବେଳେ ଆବଶ୍ୟକ ପରିମାଣର ବେସର ଆସି ନ ଥିଲା। ତେଣୁ ଅନ୍ନ, ଡାଲି ପହଞ୍ଚି ଯାଇଥିବାରୁ ମହାପ୍ରସାଦ ସେବନ ପାଇଁ ଦାୟିତ୍ୱରେ ଥିବା କର୍ମଚାରୀ ହବିଷିଆଳିଙ୍କୁ କହିଥିଲେ। ଅପରାହ୍ନ ପ୍ରାୟ ସାଢେ ୪ଟାରେ ହବିଷିଆଳିମାନେ ଧାଡ଼ି ହୋଇ ବସିଯାଇଥିଲେ। ହେଲେ ବେସର ଏବଂ ଖଟା ପହଞ୍ଚି ନ ଥିବାରୁ ବ୍ରତଧାରୀଙ୍କୁ ପତ୍ର ଦିଆଯାଇ ନ ଥିଲା। ଏମିତି ସମୟ ଗଡ଼ିବାକୁ ଲାଗିଥିଲା। ହବିଷିଆଳିମାନେ ଧାଡ଼ିରେ ବସି ପରସ୍ପର ସହିତ ଗପଶପ ଆରମ୍ଭ କରିଥିଲେ। ଏପରି କି ଦୀର୍ଘ ସମୟ ଧରି ଚକା ପକାଇ ବସିବା ଅନେକଙ୍କୁ କଷ୍ଟ ଦେଇଥିଲା। ତେଣୁ ବହୁ ହବିଷିଆଳି ଧାଡ଼ିରେ ଗୋଡ଼ ଲମ୍ବାଇ ବସି ରହିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ କ'ଣ ପାଇଁ ପତ୍ର ଦିଆଯାଉନି ବୋଲି ହବିଷିଆଳିମାନେ ପରଷିବା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରୁଥିଲେ। ଆଉ ଟିକେ ଅପେକ୍ଷା କର ବୋଲି ସେମାନେ କହୁଥିଲେ। ଜଣେ ପ୍ରଶାସନିକ ଅଧିକାରୀ କହିଥିଲେ, ପ୍ରଥମ ଭୋଗମଣ୍ଡପରେ ବାହାରିଥିବା ଅନ୍ନ, ଡାଲି ଏବଂ ୬ଟି ବେସର ଆସିଛି। ଖଟା ଆସି ନ ଥିବା ବେଳେ ବେସର ସମସ୍ତଙ୍କୁ ପାଇବ ନାହିଁ। ଦ୍ୱିତୀୟ ଭୋଗ ମଣ୍ଡପ ପରେ ଏହା ପହଞ୍ଚିବ। ଏମିତି ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧାଡ଼ିରେ ବସିରହିବା ପରେ ୫ଟା ୩୦ରେ ଆବଶ୍ୟକ ବେସର, ଖଟା, ଅନ୍ନ ଏବଂ ଡାଲି ଆସି ପହଞ୍ଚିଥିଲା। ଏହାପରେ ସ୍ୱେଚ୍ଛାସେବୀମାନେ ବ୍ରତଧାରୀଙ୍କୁ କଦଳୀ ପତ୍ର ବାଣ୍ଟିଥିଲେ। ୫ଟା ୪୫ରେ ହବିଷିଆଳି ମହାପ୍ରସାଦ ସେବନ କରିବା ଆରମ୍ଭ କରିଥିଲେ। ଏମାନେ ଖାଇସାରି ଉଠିବା ପରେ ଦ୍ୱିତୀୟ ବ୍ୟାଚ୍ ହବିଷିଆଳି ମହାପ୍ରସାଦ ସେବନ କରିବା ବେଳକୁ ସନ୍ଧ୍ୟା ପାଖାପାଖି ସାଢେ ୬ଟା ବାଜିଥିଲା।

ଏଠାରେ ପ୍ରଶ୍ନ ଉଠୁଛି ପ୍ରଥମ ଭୋଗ ମଣ୍ଡପରେ ବାହାରିଥିବା ଅନ୍ନ, ଡାଲି, ବେସର, ଖଟା ଆଶ୍ରୟସ୍ଥଳକୁ ପଠାଗଲା ନାହିଁ କାହିଁକି? ଯଦି ଦ୍ୱିତୀୟ ଭୋଗ ମଣ୍ଡପ ବାହାରିବା ପରେ ବେସର ଏବଂ ଖଟା ପହଞ୍ଚିବ ଏବଂ ଏହାପରେ ମହାପ୍ରସାଦ ସେବନ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିଲା, ତେବେ ଏତେ ପୂର୍ବରୁ ହବିଷିଆଳିଙ୍କୁ ଧାଡ଼ିରେ ବସିବାକୁ କାହିଁକି କୁହାଯାଇଥିଲା ? ମହାପ୍ରସାଦ ଯୋଗାଣ ଦାୟିତ୍ୱ ନେଇଥିବା ନିଯୋଗ ହବିଷିଆଳିଙ୍କୁ ଗୁରୁତ୍ୱ ନ ଦେବାରୁ ମଙ୍ଗଳବାର ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ଏଭଳି ପରିସ୍ଥିତି ଉପୁଜିଲା ବୋଲି କୁହାଯାଉଛି। ତେବେ ଏହାକୁ ନିଯୋଗର ଜଣେ ବରିଷ୍ଠ କର୍ମକର୍ତ୍ତା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମହାପ୍ରସାଦ ବାହାରିଲେ ଆମେ ଯୋଗାଇବୁ। ପ୍ରଥମ ଭୋଗ ମଣ୍ଡପରେ ଯାହା ବାହାରିଥିଲା ତାହା ଆଗ ଅଣାଯାଇଥିଲା। ତେବେ ଟ୍ରଲିରେ ମହାପ୍ରସାଦ ଆଣି ପହଞ୍ଚିବାରୁ ମଧ ଅଧିକ ସମୟ ଲାଗୁଛି। ଏଥର ଡାଲା ଅଟୋରେ ମହାପ୍ରସାଦ ଅଣାଯିବାର ବ୍ୟବସ୍ଥା ହେବ ବୋଲି ସେ କହିଥିଲେ।

# ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ରିପୋର୍ଟ ମାଗିଲା ଏନ୍‌ଟିସିଏ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

### ବରଗଡ଼ ବାଘ ମୃତ୍ୟୁକୁ ନେଇ ତେଜୁଛି ବିବାଦ

ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ରବିବାର ଏକ ବାଘର ଗଳିତ ମୃତଦେହକୁ ମାଟି ତଳୁ ଜବତ କରାଯାଇଥିଲା। ମୃତ ବାଘଟି କଲରାପତରିଆ ବୋଲି ବନ ବିଭାଗ ପକ୍ଷରୁ କୁହାଯିବା ପରେ ଏହାକୁ ନେଇ ବିବାଦ ତେଜିବାରେ ଲାଗିଥିବାବେଳେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ରିପୋର୍ଟ ତଲବ କରିଛନ୍ତି।

ବାଘଟିର ଖପୁରୀ ଫଟୋ ଗଣମାଧମରେ ପ୍ରକାଶ ପାଇବା ପରେ ବିଭିନ୍ନ ସୋସିଆଲ ମିଡିଆରେ ରାଜ୍ୟ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଏହାକୁ ମହାବଳ ବାଘ ବୋଲି ଦାବି କରିଛନ୍ତି। ଖପୁରୀ ଫଟୋ ମହାବଳ ବାଘ ଖପୁରୀ ସହ ମେଳ ଖାଉଥିବା ସେମାନେ କହିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଘଟଣା ଘଟିଛି, ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କରେ ସବିଶେଷ ରିପୋର୍ଟ ଦେବା ପାଇଁ ଏନ୍‌ଟିସିଏ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ବାଘର ସଂରକ୍ଷଣ ଓ ସୁରକ୍ଷା ପାଇଁ ଥିବା ଏସ୍‌ଓପି ପାଳନ ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଏନ୍‌ଟିସିଏ ମୁଖ୍ୟ ଅନୁପ ନାୟକ କହିଛନ୍ତି, ଆମେ ବନ ବିଭାଗକୁ ତୁରନ୍ତ ରିପୋର୍ଟ ଦେବାକୁ କହିଛୁ। ରିପୋର୍ଟ ପାଇଲା ପରେ ଯାହା କିଛି କହିପାରିବୁ।

ପରିବେଶବିତ୍ ତଥା ବାଘ ବିଶାରଦ ଆଦିତ୍ୟ ପଣ୍ଡା କୁହନ୍ତି, ମିଳିଥିବା ଖପୁରିରୁ ତାହା ଏକ ମହାବଳ ବାଘ ବୋଲି ଜଣାପଡୁଛି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ଏବଂ ଏନ୍‌ଟିସିଏକୁ ଚିଠି ଲେଖିବୁ। ଦେବ୍ରୀଗଡ଼ ଜଙ୍ଗଲ ପଶ୍ଚିମ ପଟେ ଛତିଶଗଡ଼ ସହ ମିଶିଛି। ସେପଟୁ ବାଘ ଓଡ଼ିଶା ଭିତରକୁ ଆସନ୍ତି। କେବଳ ସେହି ଜାଗା ନୁହେଁ। ଅନେକ ଜଙ୍ଗଲକୁ ବାଘ ଆସୁଛନ୍ତି। କିନ୍ତୁ ବନ ବିଭାଗ ତାହାକୁ ଲୋକଲୋଚନକୁ ନ ଆଣି ଲୁଚାଇବା ପାଇଁ ଉଦ୍ୟମ କରିଥାଏ। କାରଣ ଜଙ୍ଗଲରେ ବାଘ ରହିଲେ ଦାୟିତ୍ୱ ବଢ଼ିଯିବ। ତେଣୁ ସ୍ଥାନୀୟ ବନ କର୍ମଚାରୀଙ୍କ ମଧ୍ୟରେ କଥା ଅଟକିଯାଇଥାଏ ବୋଲି ଆଦିତ୍ୟ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ନିକଟରେ ଦେବ୍ରୀଗଡ଼ରେ ଦେଖାଯାଇଥିବା ବାଘ ଏକ ମାଈ ଥିଲା। କିଛି ଦିନ ତଳେ ସେ ଶାବକ ଜନ୍ମ କରିଥିଲା। ଯଦି ମା'ର ଏତେଦିନ ହେବ ମୃତ୍ୟୁ ଘଟିଛି, ତେବେ ଛୁଆଟି ନିଶ୍ଚିତ ଭାବେ ମରିଯାଇଥିବ ବୋଲି ଆଲୋଚନା ହେଉଛି।

## ଆଇନଜୀବୀଙ୍କ ମଧରେ ଗଣ୍ଡଗୋଳ ଘଟଣା

# ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ: ପୋଲିସ କମିଶନର

କଟକ ଅଫିସ୍, ୩୦।୧୦

### ହାଇକୋର୍ଟ ପରିସରରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ

ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ଆଇନଜୀବୀଙ୍କ ମଧରେ ବିବାଦ ଦେଖାଦେଇଛି। ସୋମବାର ବିଜେଡି ଲିଗାଲ ସେଲ୍‌ର ଆଇନଜୀବୀମାନେ କାର୍ଯ୍ୟରେ ଯୋଗଦେବାକୁ କୋର୍ଟ ମଧକୁ ପ୍ରବେଶ କରିବାକୁ ଚେଷ୍ଟା କରିବାରୁ ହାଇକୋର୍ଟ ବାର ଆସୋସିଏଶନର ଅନ୍ୟ ଆଇନଜୀବୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ୫ ଜଣ ଆଇନଜୀବୀଙ୍କ ସମେତ ଜଣେ ଯୁବକ ଏବଂ ଜଣେ ପୋଲିସ କନ୍‌ଷ୍ଟେବଲ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଚାଲିଥିବାବେଳେ ମଙ୍ଗଳବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ହାଇକୋର୍ଟ ପରିସରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରଯାଇଛି। ମୋଟ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆବଶ୍ୟକ ପଡିଲେ ଓଏସ୍‌ଏପି ଏବଂ ଏପିଆର ଫୋର୍ସ ମୁତୟନ କରାଯିବ। ତେବେ ସୋମବାର ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରାଯାଇଥିବାବେଳେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଦୋଷୀଙ୍କୁ ଚିହ୍ନଟ କରାଯିବ। ଅନ୍ୟପକ୍ଷରେ ହାଇକୋର୍ଟ ପରିସରରେ ପୋଲିସ ପ୍ରବେଶକୁ ନେଇ କେତେଜଣ ଆଇନଜୀବୀ ଆପତ୍ତି ଉଠାଇଥିବା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଇ କମିଶନର କହିଛନ୍ତି, ହାଇକୋର୍ଟରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ହାଇକୋର୍ଟ ରେଜିଷ୍ଟ୍ରାର ପୋଲିସକୁ ଜଣାଇଥିଲେ। ସୋମବାର ହାଇକୋର୍ଟ ପରିସରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରୁ ପୋଲିସ ହାଇକୋର୍ଟ ଭିତରକୁ ପଶିବାକୁ ବାଧ ହୋଇଥିଲା। ଯଦି ଭବିଷ୍ୟତରେ ବିଶୃଙ୍ଖଳା ଦେଖାଦିଏ ତେବେ ପୋଲିସର କର୍ତ୍ତବ୍ୟ ଅନୁସାରେ ଏଥିରେ ହସ୍ତକ୍ଷେପ କରାଯିବ ବୋଲି କମିଶନର କହିଛନ୍ତି।

## ଆଇନଜୀବୀଙ୍କ ମାଡ଼ରେ କନ୍‌ଷ୍ଟେବଲ ଆହତ ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିକଲା ମହାସଂଘ

କଟକ ଅଫିସ୍, ୩୦।୧୦

ହାଇକୋର୍ଟ ପରିସରରେ ସୋମବାର ଆଇନଜୀବୀଙ୍କ ମଧରେ ହୋଇଥିବା ଗଣ୍ଡଗୋଳବେଳେ କନ୍‌ଷ୍ଟେବଲ ସତ୍ୟନାରାୟଣ ଛୁଆଲସିଂ ଆକ୍ରମଣର ଶିକାର ହୋଇଥିଲେ। କେତେଜଣ ଆଇନଜୀବୀ ତାଙ୍କୁ ମାଡ଼ ମାରିଥିବା ନେଇ ଲାଲ୍‌ବାଗ ଥାନାରେ ଅଭିଯୋଗ ହୋଇଥିବାବେଳେ ଏହି ଘଟଣାକୁ ଦୃଢ ନିନ୍ଦା କରିଛି ଓଡ଼ିଶା ପୋଲିସ ଏସ୍‌ଏପି କନଷ୍ଟେବଲ, ସିପାହି ଓ ହାବିଲଦାର ମହାସଂଘ। ମଙ୍ଗଳବାର ମହାସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସନ୍ତୋଷ ଶତପଥୀ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୬ ଜଣ ପୋଲିସ କନ୍‌ଷ୍ଟେବଲ ସାଦା ପୋଷାକରେ ହାଇକୋର୍ଟ ପରିସରରେ କାର୍ଯ୍ୟରତ ଥିଲେ। ଆଡ୍‌ଭୋକେଟ୍ ଜେନେରାଲଙ୍କ ସୁରକ୍ଷା ପାଇଁ ଏହି କନ୍‌ଷ୍ଟେବଲମାନଙ୍କୁ ମୁତୟନ କରାଯାଇଥିବା ବେଳେ ହାଇକୋର୍ଟ ମଧ ସେମାନଙ୍କ ପ୍ରବେଶ ପାଇଁ ପାସ୍ ଦେଇଥିଲେ। ହେଲେ ଆଇନଜୀବୀମାନେ କନଷ୍ଟେବଲଙ୍କୁ ମାଡ଼ ମାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କନ୍‌ଷ୍ଟେବଲଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିବାବେଳେ ହାଇକୋର୍ଟ ଏହା ଉପରେ ବିଚାର କରି ନ୍ୟାୟ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
every Wednesday & Saturday

OFFICIALLY JOB
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

REQUIRED (ଆବଶ୍ୟକ)
1. Marketing Executive
2. Ladies Tailor (ଲେଡିଜ୍ ଟେଲର)–F
3. Biriyani Cook (ବିରିୟାନି ରୋଷେୟା)
4. ସେଲ୍‌ସ ମ୍ୟାନ (ଲେଡିଜ୍ ଆଇଟମ୍, ରାସନ ଓ ବିରିୟାନି)
Contact:
9439778365, 8327747035
Satya Nagar, BBSR

Required The Following Personnel
1) ACCOUNTANT - 1 Nos
2) MARKETING - 2 Nos
PERSONS WITH EXPERIENCE ONLY CONTACT WITH DETAILS
AURO ENTERPRISERS
28A, Kharvela Nagar, Unit 3, Near Hotel Nandan, Bhubaneswar. Mail your CV at :
auro.akc@gmail.com

ଏକ SNACKS ଦୋକାନରେ DATA ENTRY OPERATOR ଆବଶ୍ୟକ। କମ୍ପ୍ୟୁଟର ସମ୍ପୂର୍ଣ୍ଣ ଜ୍ଞାନଥିବା ପୁଅ/ଝିଅ ଯୋଗାଯୋଗ କରନ୍ତୁ।
SHIVASHAKTI DRY FOODS
P.D MARKET, CRP SQUARE
BHUBANESWAR
Mob : 9040036116

WALK-IN-INTERVIEW
Urgently required Accountant cum Ware house in-charge, Auto CAD Designer, DTP Operator, Office Assistance, Sales Man & Driver for a reputed trading organization. Salary negotioable.
Interested persons are called for an interview at:
AP Enterprises, Rath Road (Opp. Gurukulam School), Old Town, BBSR
Contact:
9337179757 /7008010120

URGENTLY REQUIRED
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

Dr Lal PathLabs
One of India's oldest and leading diagnostic chain with its state-of-the-art diagnostic facilities requires:
PATHOLOGIST
(Part Time)
For Puri, Odisha
Candidate should be an MBBS + MD / DNB (Pathology) With 0-5 years of relevant work experience in a laboratory.
Attractive Remuneration offered.
Interested candidates can contact Rashish Bhat (Asst. Manager HR) on 8826639509 or can share CV's on - rashish.bhat@lalpathlabs.com

A Play and Pre-School in Tankapani Road area of Bhubaneswar Requires
Teacher for Nursery: Graduate, trained, Strong English speaking ability (Rs.5000-10000 per month).
Teachers for CBSE school level Science, Social Studies, Mathematics, English (payment negotiable).
Arts and Crafts Teacher: Experience in teaching arts, painting, crafts (salary negotiable).
Song Teachers: Odissi and Hindustani classical singing teachers (salary negotiable).
Please apply with bio-data to
ngorecruitment@gmail.com

See Career Appointment on every Wednesday & Saturday

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

MNC VACANCY
21 IN CUTTACK
Quali.- 10th To Graduation.
Age below 30 years
MONTHLY SALARY
Rs.7500/- To Rs.17000/-
9937042198, 9937172198

WANTED CAR DRIVER
for office at Cuttack, Jagatpur.
CONTACT:
9437496020
7381075901

DALA AUTO DRIVER REQUIRED
A Reputed Food Processing Unit at Mancheswar, Bhubaneswar needs experienced Driver for their three wheeler Dala Auto. Interested candidates may
CONTACT: 9438182103

PART / FULL TIME
ଘରକାମ/ ରୋଷେଇ/ ପେସେଣ୍ଟ କେୟାର/ ପିଲା ଯତ୍ନ/ (ମହିଳା ଓ ପୁରୁଷ ଆବଶ୍ୟକ)। ରହିବା ଖାଇବା ସୁବିଧା ଅଛି। ବୟସ: (18-50). ଦରମା: 6,000ରୁ 10,000 ଟଙ୍କା।
MOB: 9040063635
9090909111

J.K. Trust, Bombay
WANTED RURAL DEVELOPMENT OFFICERS
J.K. Trust, Bombay a renowned NGO is carrying out "Cattle Breed Improvement Programme" through establishment of "Integrated Livestock Development (ILD) Centers" across various states of India. For the monitoring of this programme, we are looking for Rural Development officers in Odisha state.
Candidates with graduation/post-graduation in Agriculture, Social Science, Sociology & Rural Development with at least 3 years of relevant or similar experience should apply.
The candidate should mention his mobile no. so that they can be informed about date of interview telephonically.
The last date for receiving application at our office will be 15th November, 2018.
Please forward your resume by post or e-mail to following address.
J. K. Trust
Padmalaya, Ground Floor, Plot No: 166/2152/3368, Near Udaygiri Vihar, Patrapada, Bhubaneswar
Dist: Khurda, Pin: 751019, Odisha. E-mail : odisha@jktrust.org
www.jktrust.org
www.jkbovagenix.org
JK BovaGenix
Improving Bovine Genetics

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul - 759 145, Odisha, India
CIN : L27203OR1981GOI000920
A NAVRATNA COMPANY
WALK-IN-INTERVIEW
A walk-in-interview for engagement of one Homeopathy Doctor on retainership shall be held on 28.11.2018. For details, please visit 'careers' selection in www.nalcoindia.com.
Advt. No.14180201
AGM (IE), Recruitment

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
ବିଜ୍ଞାପନ ସଂଖ୍ୟା ୦୧/୨୦୧୮/ଆର୍‌ଇସିଟିଟି.(ପିଡବ୍ଲ୍ୟୁଡି)
ସିନିୟର ଆସିଷ୍ଟାଣ୍ଟ (ଫାଇନାନ୍ସ), ସିନିୟର ଆସିଷ୍ଟାଣ୍ଟ (ଷ୍ଟେନୋ) ଏବଂ ଆସିଷ୍ଟାଣ୍ଟ (ଅଫିସ୍) ପଦବୀ ନିମନ୍ତେ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଲାଗି ବିଶେଷ ନିଯୁକ୍ତି ଅଭିଯାନ
ପଶ୍ଚିମବଙ୍ଗ/ବିହାର/ଓଡ଼ିଶା/ଛତିଶଗଡ଼/ଝାଡ଼ଖଣ୍ଡ/ଆଣ୍ଡାମାନ ଓ ନିକୋବର କିମ୍ବା ସିକିମ୍ ରାଜ୍ୟରେ ବାସ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇର ପୂର୍ବାଞ୍ଚଳରେ ଉପରୋକ୍ତ ରାଜ୍ୟଗୁଡ଼ିକରେ ଅବସ୍ଥିତ ବିଭିନ୍ନ ବିମାନବନ୍ଦରରେ ସିନିୟର ଆସିଷ୍ଟାଣ୍ଟ (ଫାଇନାନ୍ସ), ସିନିୟର ଆସିଷ୍ଟାଣ୍ଟ (ଷ୍ଟେନୋ) ଏବଂ ଆସିଷ୍ଟାଣ୍ଟ (ଅଫିସ୍) ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ତା୦୩।୧୧।୨୦୧୮ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶ କରାଯିବ ଏବଂ ଏହା ଏଏଆଇର ୱେବ୍‌ସାଇଟ୍ ଅର୍ଥାତ୍ http://www.aai.aero-->Careersରେ ମଧ ତା୦୫।୧୧।୨୦୧୮ରିଖ ପୂର୍ବାହ୍ନ ୧୦.୦୦ ଘଟିକା ପରଠାରୁ ଉପଲବ୍ଧ ହେବ।
ସାଧାରଣ ପରିଚାଳକ (ଏଚ୍‌ଆର୍)-ଇଆର୍
ଭାରତୀୟ ବିମାନବନ୍ଦର ପ୍ରାଧିକରଣ
ପୂର୍ବାଞ୍ଚଳ, କୋଲକାତା - ୭୦୦୦୫୨

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
ବିଜ୍ଞାପନ ସଂଖ୍ୟା ୦୨/୨୦୧୮/ଇଆର୍-ଆର୍‌ଇସିଟିଟି.(ଜେଆର୍.ଏଏସ୍‌ଏସ୍‌ଟିଟି.(ଏଫ୍‌ଏସ୍)
ଜୁନିୟର ଆସିଷ୍ଟାଣ୍ଟ (ଫାୟାର୍ ସର୍ଭିସେସ୍) ପଦବୀ ନିମନ୍ତେ ନିଯୁକ୍ତି
ପଶ୍ଚିମବଙ୍ଗ/ବିହାର/ଓଡ଼ିଶା/ଛତିଶଗଡ଼/ଝାଡ଼ଖଣ୍ଡ/ଆଣ୍ଡାମାନ ଓ ନିକୋବର କିମ୍ବା ସିକିମ୍ ରାଜ୍ୟରେ ବାସ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇର ପୂର୍ବାଞ୍ଚଳରେ ଉପରୋକ୍ତ ରାଜ୍ୟଗୁଡ଼ିକରେ ଅବସ୍ଥିତ ବିଭିନ୍ନ ବିମାନବନ୍ଦରରେ ଜୁନିୟର ଆସିଷ୍ଟାଣ୍ଟ (ଫାୟାର୍ ସର୍ଭିସେସ୍) ପଦବୀ ପୂରଣ କରିବା ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ ତା୦୩।୧୧।୨୦୧୮ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶ କରାଯିବ ଏବଂ ଏହା ଏଏଆଇର ୱେବ୍‌ସାଇଟ୍ ଅର୍ଥାତ୍ http://www.aai.aero-->Careersରେ ମଧ ତା୦୫।୧୧।୨୦୧୮ରିଖ ପୂର୍ବାହ୍ନ ୧୦.୦୦ ଘଟିକା ପରଠାରୁ ଉପଲବ୍ଧ ହେବ।
ସାଧାରଣ ପରିଚାଳକ (ଏଚ୍‌ଆର୍)-ଇଆର୍
ଭାରତୀୟ ବିମାନବନ୍ଦର ପ୍ରାଧିକରଣ
ପୂର୍ବାଞ୍ଚଳ, କୋଲକାତା - ୭୦୦୦୫୨

HDFC BANK
We understand your world
OM FINANCE
Authorized DSA of HDFC Bank Ltd.
We are the leading DSA of HDFC BANK Ltd requires following staffs in odisha for PERSONAL LOANS AND BUSINESS LOANS
Locations - Bhubaneswar,Cuttack,Puri,Khordha,Jatni,Paradip,Jagatsinghpur,Berhampur,Jajpur,Balasore,Bhadrak,Rourkela,Jharsuguda,Sambalpur,Bolangir,Sonepur.
1. Team Manager - Male /Female - Minimum Graduate - Salary up to 15000 pm
2. Sales Officer - Male / Female - Minimum Graduate - Salary up to 12000 pm
3. Office assistant - Female - Commerce Graduate - Salary up to 12000 - 15000
4. Office Co ordinator - Female - Any Graduate - Salary up to 10000 - 12000
Post No 3 & 4 only for Bhubaneswar and Cuttack Location.
We are also providing attractive incentive and bonus for all posts with salary
For Assistant Phone/Call ..
Bolangir/Sambalpur/Sonepur - 8457853731,7381003731
Jajpur/Balasore/Bhadrak - 7788900434,9658987215
Others - 9238326748,9348117069,9853428171
Come with Resume and one colour passport size photo for walk in interview dated 2nd, 3rd, 4th November 2018 between 11am to 2 pm
OM FINANCE, PLOT NO - 270, KHARVEL NAGAR, BHUBANESWAR
Web site-www.omfinance.co.in, Email - omfn@rediffmail.com

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
**ନୂଆଦିଲ୍ଲୀ,୩୦-୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କିଛି ଗ୍ରାହକ ବୁଧବାର ଠାରୁ ଏହାର ଏଟିଏମ୍‌ରୁ ଦିନକୁ ସର୍ବାଧିକ ୨୦ ହଜାର ଟଙ୍କା କାଢ଼ିପାରିବେ। ସେମାନଙ୍କ ପାଇଁ ଟଙ୍କା ଉଠାଣ ସୀମାକୁ ଅଧା କରିଦିଆଯାଇଛି। କ୍ଲାସିକ୍ ଓ ମାଇଷ୍ଟ୍ରୋ ଡେବିଟ୍ କାର୍ଡଧାରୀଙ୍କ ଲାଗି ଏହି ନୂଆ କଟକଣା ଲାଗୁ ହେବ। ବଡ଼ ସଂଖ୍ୟାରେ ଗ୍ରାହକଙ୍କ ନିକଟରେ ଉକ୍ତ ଦୁଇପ୍ରକାର କାର୍ଡ ରହିଥିବାରୁ ସେମାନେ ଅସୁବିଧାରେ ପଡିବା ନିଶ୍ଚିତ। ତେବେ ଅନ୍ୟ ପ୍ରକାର କାର୍ଡ ରଖିଥିବା ଗ୍ରାହକଙ୍କ ପାଇଁ କୌଣସି କଟକଣା ଲାଗୁ କରାଯାଇନି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏବେ ଏଟିଏମ୍‌ରୁ ପ୍ରତି କାର୍ଡରେ ହାରାହାରି ୨୦ ହଜାର ଟଙ୍କା ଉଠାଣ ହେଉଛି। ଏଭଳି ବ୍ୟବସ୍ଥା ଦ୍ୱାରା ଜାଲିଆତି, ଠକେଇକୁ ଅନେକାଂଶରେ ରୋକିହେବ। ଏହାଛଡା ଡିଜିଟାଲ କାରବାରକୁ ପ୍ରୋତ୍ସାହନ ମିଳିବ।

### କେନ୍ଦ୍ର-ରାଜ୍ୟ ବାଣ୍ଟିନେଲେ ୩୨ହଜାର କୋଟିର ଆଇଜିଏସ୍‌ଟି

**ନୂଆଦିଲ୍ଲୀ,୩୦-୧୦:** ଜିଏସ୍‌ଟି ଅଧୀନରେ ଆଇଜିଏସ୍‌ଟି ବାବଦରେ ଅକ୍ଟୋବରରେ ସଂଗ୍ରହ ହୋଇଥିବା ୩୨ ହଜାର କୋଟି ଟଙ୍କାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାଣ୍ଟି ନେଇଛନ୍ତି। ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ରାଜ୍ୟଗୁଡିକୁ ୧୫ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଏସ୍‌ଟି ବାବଦରେ ଅକ୍ଟୋବରରେ ସଂଗୃହୀତ ରାଜସ୍ୱ ବାବଦ ତଥ୍ୟକୁ ନଭେମ୍ବର ପହିଲାରେ ପ୍ରକାଶ କରାଯିବ। ସୂଚନାଥାଉ କି, ଆଇଜିଏସ୍‌ଟି ବାବଦରେ ସେପ୍ଟେମ୍ବରରେ ୨୯ହଜାର କୋଟି ଟଙ୍କା, ଅଗଷ୍ଟରେ ୧୨ହଜାର କୋଟି ଟଙ୍କା, ଜୁନ୍‌ରେ ୫୦ ହଜାର କୋଟି ଟଙ୍କା ଏବଂ ଫେବୃୟାରୀରେ ୩୫ ହଜାର କୋଟି ଟଙ୍କା ଭାଗବଣ୍ଟା ହୋଇଥିଲା। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ବାବଦରେ ମାସକୁ ୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। କିନ୍ତୁ ବାସ୍ତବରେ ମେ'ରେ ୯୪,୦୧୬ କୋଟି ଟଙ୍କା, ଜୁନ୍‌ରେ ୯୫,୬୧୦ କୋଟି ଟଙ୍କା, ଜୁଲାଇରେ ୯୬,୪୮୩ କୋଟି ଟଙ୍କା, ଅଗଷ୍ଟରେ ୯୩,୯୬୦ କୋଟି ଟଙ୍କା ଏବଂ ସେପ୍ଟେମ୍ବରରେ ୯୪,୪୪୨ କୋଟି ଟଙ୍କା ସଂଗ୍ରହ ହୋଇଥିଲା।

### କୋଲ୍ ଇଣ୍ଡିଆର ବିକ୍ରି ହେବ ୩% ଅଂଶଧନ

**ନୂଆଦିଲ୍ଲୀ,୩୦-୧୦:** କେନ୍ଦ୍ର ସରକାର ୨୬୬ ଟଙ୍କା ଶେୟାର ମୂଲ୍ୟରେ ଖୋଲା ପ୍ରସ୍ତାବ ଜରିଆରେ ରାଷ୍ଟ୍ରାୟତ୍ତ କୋଲ୍ ଇଣ୍ଡିଆର ୩% ଅର୍ଥାତ୍ ୧୮.୬୨ କୋଟି ଶେୟାର ବିକ୍ରି କରିବେ। ବୁଧବାର ଓ ଗୁରୁବାର ଏହି ଶେୟାର ବିକ୍ରି କରାଯିବ ବୋଲି କମ୍ପାନୀ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇ ଦିଆଯାଇଛି। କୋଲ୍ ଇଣ୍ଡିଆରେ କେନ୍ଦ୍ର ସରକାରଙ୍କ ୭୮.୩% ଅଂଶଧନ ରହିଛି। ସେହିପରି ଗ୍ରୀନ ସୁ ଅପ୍‌ସନ ଜରିଆରେ ଆହୁରି ୬% ଅର୍ଥାତ୍ ୩୭.୨୪ କୋଟି ଅଂଶଧନ ବିକ୍ରି କରାଯିବ। ସୂଚନାଥାଉ କି, ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ମିଳିବା ମାତ୍ରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ କୋଲ୍ ଇଣ୍ଡିଆ ଶେୟାର ଦର ବଢ଼ିଥିଲା। ମଙ୍ଗଳବାର ୨୭୫.୮୫ଟଙ୍କାରେ କୋଲ୍ ଇଣ୍ଡିଆ ଶେୟାର ବିକ୍ରି ବନ୍ଦ ହୋଇଥିଲା।

### ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍‌କୁ ବିକ୍ରି ଲାଗି ସରକାରଙ୍କ ବିଚାର

**ନୂଆଦିଲ୍ଲୀ,୩୦-୧୦:** ଢାଞ୍ଚାଗତ ନିର୍ମାଣ କ୍ଷେତ୍ରରେ ଋଣ ଦେଇ ସ୍ୱୟଂ ଏବେ ଋଣରେ ବୁଡିଯାଇଥିବା ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ(ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)କୁ ବିକ୍ରି କରିଦେବା ଲାଗି କେନ୍ଦ୍ର ସରକାର ବିଚାର କରୁଛନ୍ତି। କାରଣ ଏହା ଉପରେ ଏବେ ବିଭିନ୍ନ ବ୍ୟାଙ୍କ ତଥା ଆର୍ଥିକ ପ୍ରତିଷ୍ଠାନର ଋଣର ପରିମାଣ ପ୍ରାୟ ୧୨୬୦ କୋଟି ଡଲାରରେ ପହଞ୍ଚିଗଲାଣି। ନବନିଯୁକ୍ତ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ବୋର୍ଡ ବୁଧବାର ଏ ସଂକ୍ରାନ୍ତରେ ଦେବାଳିଆ ଅଦାଲତରେ ଏକ ଯୋଜନା ଉପସ୍ଥାପନ କରିବ ବୋଲି ଜଣାପଡିଛି। ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କୌଣସି ଏକ ନିବେଶକଙ୍କୁ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସକୁ ବିକ୍ରି କରିଦେବାକୁ ବୋର୍ଡ ପ୍ରସ୍ତାବ ଦେବ। ତେବେ ବୋର୍ଡ ନିକଟରେ ଅନ୍ୟ ଏକ ବିକଳ୍ପ ରହିଛି। ତଦନୁଯାୟୀ ବ୍ୟବସାୟ ଅନୁଯାୟୀ କମ୍ପାନୀକୁ ଭାଗ ଭାଗ କରିଦିଆଯିବ। ଏହାଦ୍ୱାରା ଗ୍ରୁପ୍ସ ସମ୍ପର୍କ ବିକ୍ରିକୁ ରୋକି ହେବ। ନିବେଶକଙ୍କ ଭରସା ବଜାୟ ରଖିବା ଏବେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସର ମୁଖ୍ୟ ଉଦ୍ଦେଶ୍ୟ। ଇତିମଧ୍ୟରେ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍ ପକ୍ଷରୁ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ ସଙ୍କଟର ଯାଞ୍ଚ ଆରମ୍ଭ ହୋଇଛି।

## ଆର୍‌ବିଆଇ ସହ ବିବାଦ

# କେନ୍ଦ୍ର ପାଇଁ ଅଣ୍ଟାଭିଡ଼ିଲେ ଜେଟ୍‌ଲୀ

**ରିଜର୍ଭ ବ୍ୟାଙ୍କ ଉପରେ ବର୍ଷିଲେ ଅର୍ଥମନ୍ତ୍ରୀ**

- ୨୦୦୮-୨୦୧୪ ମଧ୍ୟରେ ନିର୍ବିଚାରରେ ଋଣ ଦିଆଗଲା
- ପଦକ୍ଷେପ ନେଲାନି ଆର୍‌ବିଆଇ
- ବର୍ଷକ ଭିତରେ ୩୧% ଋଣ ଦେଲେ ବ୍ୟାଙ୍କ

**ନୂଆଦିଲ୍ଲୀ,୩୦-୧୦**

ବିଭିନ୍ନ ଆର୍ଥିକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମତଭେଦ ଏବେ ହାଟରେ ପଡି ଦାଣ୍ଡରେ ଗଡୁଛି। ଗଭର୍ନର ଉର୍ଜିତ ପଟେଲ ବସ୍ତୁତଃ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାର କ୍ଷୁବ୍ଧ। ସରକାର ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାରେ ହସ୍ତକ୍ଷେପ କରିବା ବନ୍ଦ କରନ୍ତୁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ବକ୍ତବ୍ୟ ପରେ ଏବେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ଆର୍‌ବିଆଇର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଇବା ସହ ବେଶ୍ ବର୍ଷିଛନ୍ତି। ବ୍ୟାଙ୍କଗୁଡିକ ୨୦୦୮ରୁ ୨୦୧୪ ମଧ୍ୟରେ ନିର୍ବିଚାର ଭାବେ ଋଣ ଦେଉଥିବା ବେଳେ ଆର୍‌ବିଆଇ ଏହାକୁ ଅଣଦେଖା କରିଥିଲା ବୋଲି ଜେଟ୍‌ଲୀ ଅଭିଯୋଗ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଢିଲା ମନୋଭାବ କାରଣରୁ ଆଜି ଅନାଦାୟ ଋଣ(ଏନ୍‌ପିଏ) ସମସ୍ୟା ମୁଣ୍ଡ ଟେକିଛି ବୋଲି ସେ କହିଛନ୍ତି।

ୟୁଏସ ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ ପକ୍ଷରୁ ଆୟୋଜିତ ଇଣ୍ଡିଆ ଲିଡରଶିପ୍ ସମିଟ୍‌ରେ ଯୋଗଦେବା ପରେ ଖବରଦାତାଙ୍କୁ ଜେଟ୍‌ଲୀ କହିଛନ୍ତି ଯେ, ବିଶ୍ୱରେ ଆର୍ଥିକ ସଙ୍କଟ ଦେଖା ଦେବା ପରେ ୨୦୦୮ରୁ ୨୦୧୪ ମଧ୍ୟରେ ଅର୍ଥନୀତିର କୃତ୍ରିମ ଅଭିବୃଦ୍ଧି ଦର୍ଶାଇବା ଲାଗି ବ୍ୟାଙ୍କଗୁଡିକୁ ନିର୍ବିଚାର ଭାବେ ଋଣ ଦେବାକୁ ଉପା ସରକାର ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ସେମାନେ ବ୍ୟାପକ ହାରରେ ଋଣ ପ୍ରଦାନ କରୁଥିବା ବେଳେ ରିଜର୍ଭ ବ୍ୟାଙ୍କ ଏହାକୁ ଅଣଦେଖା କଲା। ଦେଶରେ ସାଧାରଣତଃ ବର୍ଷକ ଭିତରେ ହାରାହାରି ୧୪ ପ୍ରତିଶତ ହାରରେ ଋଣ ପରିମାଣ ବଢ଼ିଥାଏ। କିନ୍ତୁ ତତ୍କାଳୀନ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଯୋଗୁ ବର୍ଷକ ଭିତରେ ଋଣ ପ୍ରଦାନ ପରିମାଣରେ ୩୧% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଉଲ୍ଲେଖଥାଉ କି, ବିରଲ ଆଚାର୍ଯ୍ୟ ଶୁକ୍ରବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ, ବ୍ୟାଙ୍କଗୁଡିକର ଆକାଉଣ୍ଟକୁ ସଜାଡିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱ ଦେଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଯେପରି ନିୟମ ପାଳନ ପ୍ରତି ସଜାଗ ରହିବେ ସେଥିଲାଗି ରିଜର୍ଭ ବ୍ୟାଙ୍କକୁ ଅଧିକ କ୍ଷମତା ଦେବା ଆବଶ୍ୟକ ବୋଲି ସେ ଯୁକ୍ତି ବାଢ଼ିଥିଲେ। ବ୍ୟାପକ ସ୍ତରରେ ବୃହତ ଆର୍ଥିକ ସ୍ଥିରତା ଲାଗି ଆର୍‌ବିଆଇକୁ ଅଧିକ ସ୍ୱାୟତ୍ତତା ମିଳିବା ଜରୁରୀ ବୋଲି ସେ କହିଥିଲେ। ତେବେ ଜେଟ୍‌ଲୀ ମତାମତ ଦେବା ବେଳେ ଆର୍‌ବିଆଇ ଏବଂ ତାଙ୍କ ମନ୍ତ୍ରଣାଳୟ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ କରି ନ ଥିଲେ। ପୂର୍ବରୁ ଏ ସମ୍ପର୍କରେ ସେ ଉଲ୍ଲେଖ କରି ସାରିଥିଲେ। ସେତେବେଳେ ସେ କହିଥିଲେ ଯେ, କୌଣସି ତ୍ରୁଟି ପାଇଁ ରାଜନୈତିକ ନେତାଙ୍କୁ ସମାଲୋଚନା କରାଯାଏ। କିନ୍ତୁ ନିୟନ୍ତ୍ରକ ସହଜରେ ଖସି ଯାଆନ୍ତି। ଏବେ ଏନଡିଏ ସରକାର ଅମଳରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯିବା ଯୋଗୁ ରାଜସ୍ୱ ଆଦାୟରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଛି। ୨୦୧୪ରୁ ୨୦୧୯ ମଧ୍ୟରେ ଟିକସଦାତାଙ୍କ ସଂଖ୍ୟା ଦ୍ୱିଗୁଣ ହେବ ବୋଲି ସେ ଅନୁମାନ କରୁଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଆର୍‌ବିଆଇକୁ ଜେଟଲୀଙ୍କ ସମାଲୋଚନା ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ର ସରକାର ସଂସ୍ଥାଗୁଡିକର ସ୍ୱାୟତ୍ତତାକୁ ପ୍ରଭାବିତ କରିବା ସହ କ୍ଷତି ପହଞ୍ଚାଉଥିବା କଂଗ୍ରେସ କହିଛି।



### ଗଭର୍ନରଙ୍କ କାର୍ଯ୍ୟରେ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଖପ୍ପା

ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କ କାର୍ଯ୍ୟଶୈଳୀ ନେଇ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଅସନ୍ତୁଷ୍ଟ। ଅନାଦାୟ ଋଣ ସମାଧାନ ଲାଗି ଗଭର୍ନରଙ୍କ କଠୋର ମନୋଭାବକୁ ଶୀର୍ଷ ବ୍ୟାଙ୍କ ଅଧିକାରୀ ନାପସନ୍ଦ କରୁଛନ୍ତି। କାରଣ ଏହାଦ୍ୱାରା ବ୍ୟାଙ୍କଗୁଡିକ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇପଡିଲାଣି। ତେବେ ପଟେଲଙ୍କ ଘନିଷ୍ଠ ସହଯୋଗୀମାନେ ଏହି ଅଭିଯୋଗକୁ ଖଣ୍ଡନ କରୁଛନ୍ତି। ବ୍ୟାଙ୍କିଙ୍ଗ ଉଦ୍ୟୋଗକୁ ସଫାସୁତୁରା ପାଇଁ ଉର୍ଜିତ କାର୍ଯ୍ୟ କରୁଥିବା ବେଳେ ଏହାକୁ ବିରୋଧ କରାଯାଉଛି। ଏହାଛଡା ଉର୍ଜିତ ବରିଷ୍ଠ ବ୍ୟାଙ୍କ ଅଧିକାରୀଙ୍କୁ ଭେଟିବାକୁ ଚାହୁନାହାନ୍ତି ବୋଲି ବହୁ ବ୍ୟାଙ୍କର ଅଧ୍ୟକ୍ଷ ଏବଂ ସିଇଓମାନେ ଅଭିଯୋଗ କରିଛନ୍ତି। ରଘୁରାମ ରାଜନଙ୍କ ପର୍ଯ୍ୟନ୍ତ ସେମାନେ ଗଭର୍ନରଙ୍କୁ ପ୍ରାୟତଃ ଭେଟୁଥିଲେ ଏବଂ ଦେଶର ଆର୍ଥିକ ପରିସ୍ଥିତି ନେଇ ଆଲୋଚନା କରୁଥିଲେ ବୋଲି ଶୀର୍ଷ ବ୍ୟାଙ୍କ ଅଧିକାରୀମାନେ ମତପ୍ରକାଶ କରିଛନ୍ତି। ଏହି କାରଣରୁ ସରକାର ଆର୍‌ବିଆଇ ବୋର୍ଡରେ ମ୍ୟୁଚୁଆଲ ଫଣ୍ଡ, ମାନଫାକ୍‌ଚରିଂ ଉଦ୍ୟୋଗର ପ୍ରତିନିଧିଙ୍କୁ ପଠାଇବାକୁ ବାଧ୍ୟ ହୋଇଛନ୍ତି। ଉଦ୍ୟୋଗର ଅଭିଯୋଗ ଯେ, କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କ ଦ୍ୱାରା ଉଠାଯାଉଥିବା ପ୍ରସଙ୍ଗ ଉପରେ ଆଦୌ ଧ୍ୟାନ ଦେଉନାହାନ୍ତି। ଫଳରେ ସେମାନେ ନିଜର ଅସୁବିଧାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ ହେଉଛନ୍ତି।

### ନଗଦ ସଙ୍କଟକୁ ଆର୍‌ବିଆଇର ଅଣଦେଖା ଅଭିଯୋଗ

ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରେ ଆର୍ଥିକ ସଙ୍କଟ ଦେଖାଦେବା ପରେ ଶେୟାର ବଜାରରେ ଭୟର ସଞ୍ଚାର ହେଲା। ନିବେଶକମାନେ ଶେୟାର ବିକ୍ରି କଲେ। ଫଳରେ ବଜାରରେ ନଗଦ ସଙ୍କଟ ଗଭୀର ହେଲା। ଏନ୍‌ବିଏଫସି ଉଦ୍ୟୋଗ ନଗଦ ସଙ୍କଟ ଦୂର ଲାଗି ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଲୋଡିଲେ। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କ ନିରୁତ୍ତର ରହିବା ପରିସ୍ଥିତିକୁ ଭୟାନକ କରିଛି। ଜଣେ ବ୍ୟାଙ୍କ ଟ୍ରେଜେରି ମୁଖ୍ୟ କହିଛନ୍ତି ଯେ, ପଟେଲ ଓ ତାଙ୍କ ଡେପୁଟିମାନେ ସରକାର କିମ୍ବା ଅନ୍ୟ ପ୍ରତିନିଧିଙ୍କୁ ଭେଟୁ ନାହାନ୍ତି। ଏହାଛଡା ସରକାର ଓ ଆର୍‌ବିଆଇ ମଧ୍ୟରେ ବୈଠକ ପ୍ରାୟ ବସୁନି। ଫଳରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ପ୍ରାୟତଃ ବନ୍ଦ ହୋଇଗଲାଣି। ଏହା ବଜାର ଲାଗି ଶୁଭସଙ୍କେତ ନୁହେଁ।

# ୟୁନିୟନ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

**ଭୁବନେଶ୍ୱର,୩୦-୧୦**




ୟୁନିୟନ ବ୍ୟାଙ୍କ ପକ୍ଷରୁ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସ ତଥା ଚଳିତ ବର୍ଷର ପ୍ରଥମ ୬ ମାସର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫଳାଫଳକୁ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟରଙ୍କଠାରୁ ଅନୁମୋଦନ ମିଳିଥିବା ଜଣାପଡିଛି। ଏହି ସମୟରେ ବ୍ୟାଙ୍କର ଗ୍ଲୋବାଲ ବିଜନେସରେ ୩.୧% ବୃଦ୍ଧି ଘଟିଛି। ସେହିଭଳି ଘରୋଇ ବାଣିଜ୍ୟ ୬.୫% ବୃଦ୍ଧି ହୋଇଛି। ସେପ୍ଟେମ୍ବରରେ ବ୍ୟାଙ୍କର ଜମା କ୍ଷେତ୍ରରେ ୩.୪% ଅଭିବୃଦ୍ଧି ହୋଇଛି। ସେହିଭଳି ସଞ୍ଚୟ ଜମାରେ ୧୦.୧% ବୃଦ୍ଧି, ଗ୍ଲୋବାଲ ଅଗ୍ରିମ କ୍ଷେତ୍ରରେ ୨.୮% ବୃଦ୍ଧି, ଘରୋଇ ଅଗ୍ରିମରେ ୯.୦% ବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସରେ ନେଟ୍ ସୁଧ ଆୟରେ ୭.୫% ବୃଦ୍ଧି ଘଟିଛି। ଜୁଲାଇ-ସେପ୍ଟେମ୍ବରରେ ପରିଚାଳନା ଲାଭ ୧୭୭୨ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ବ୍ୟାଙ୍କର ନେଟ୍ ଲାଭରେ ୧୩୯ କୋଟି ଟଙ୍କା ବୃଦ୍ଧି ଘଟିଛି। ଗ୍ଲୋବାଲ ନେଟ୍ ଇଣ୍ଟେରେଷ୍ଟ ମାର୍ଜିନ ୨.୧୮% ବଢ଼ିଛି। କଷ୍ଟମର ସେବାକୁ ଉନ୍ନତ କରିବା ଲାଗି ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଡିଜିଟାଲ ପ୍ରଡକ୍ଟ ଶୁଭାରମ୍ଭ ଘୋଷଣା ହୋଇଛି।

# କ୍ରମାଗତ ୧୩ ଦିନ ଲାଗି ତୈଳ ଦର ହ୍ରାସ

**ନୂଆଦିଲ୍ଲୀ,୩୦-୧୦**

କ୍ରମାଗତ ଭାବେ ୧୩ ଦିନ ଲାଗି ତୈଳ ଦରରେ ହ୍ରାସ ଘଟିଛି। ଏହା ଫଳରେ ଗ୍ରାହକଙ୍କ ପାଇଁ ଏହା ସାମାନ୍ୟ ଆଶ୍ୱସ୍ତି ଆଣିଛି। ନୂଆଦିଲ୍ଲୀରେ ସୋମବାର ତୁଳନାରେ ମଙ୍ଗଳବାର ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ-୨୦ ପଇସା ଏବଂ ୭ ପଇସା ହ୍ରାସ ଘଟିଛି। ଏହି ସମୟରେ ପେଟ୍ରୋଲ ଏବଂ ଡିଜେଲ ଦର ଲିଟର ପିଛା ଯଥାକ୍ରମେ- ୭୯.୫୫ ଏବଂ ୭୩.୭୮ ଟଙ୍କା ରହିଛି। ସେହିଭଳି ମୁମ୍ବାଇରେ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ-୮୫.୦୪ ଟଙ୍କା ଏବଂ ୭୭.୩୨ ଟଙ୍କା ରହିଛି। ସେଠାରେ ପେଟ୍ରୋଲ ୨୦ ପଇସା ଏବଂ ଡିଜେଲ ୮ ପଇସା ହ୍ରାସ ହୋଇଛି। ଏହା ପୂର୍ବରୁ ଗତ କିଛି ଦିନ ଲଗାତର ଭାବେ ଇନ୍ଧନ ଦର ଅହେତୁକ ଭାବେ ବୃଦ୍ଧି ହେବା ଯୋଗୁ ଏହା ଲୋକଙ୍କ ପ୍ରଭାବିତ କରିଥିଲା। ସରକାର ଇନ୍ଧନ ଉପରେ ୧.୫୦ ଟଙ୍କା ଉତ୍ପାଦ ଟିକସ ହ୍ରାସ କରିବା ପରେ ଏହାର ଦର ଲିଟରପିଛା ମୋଟ ୨.୫୦ ଟଙ୍କା ହ୍ରାସ ଘଟିଥିଲା। ସେହିଭଳି ଓଡିଶା କଥା ବିଚାରକୁ ନେଲେ ଭୁବନେଶ୍ୱରରେ ପେଟ୍ରୋଲ ତୁଳନାରେ ଡିଜେଲ ଦର ଏବେ ମଧ୍ୟ ଉଚ୍ଚରେ ରହିଛି। ପେଟ୍ରୋଲ ଏବଂ ଡିଜେଲ ଦର ୮୦ଟଙ୍କାରୁ ତଳକୁ ଖସିଥିବା ଜଣା ପଡିଛି। ଭୁବନେଶ୍ୱରରେ ପେଟ୍ରୋଲ ୭୮.୪୦ ଟଙ୍କା ଏବଂ ଡିଜେଲ ୭୯.୧୭ ଟଙ୍କାରେ ବିକ୍ରି ହେଉଛି।



### ପେଟ୍ରୋଲ, ଡିଜେଲ ଉପରେ ଜିଏସ୍‌ଟି ପ୍ରସଙ୍ଗକୁ ବିଚାର କରୁଛି କେନ୍ଦ୍ର

**ନୂଆଦିଲ୍ଲୀ,୩୦-୧୦:** ପେଟ୍ରୋଲ, ଡିଜେଲ ଦର ଉଚ୍ଚରେ ରହୁଥିବା ଫଳରେ ଏହା ଦ୍ୱାରା ଲୋକମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ପେଟ୍ରୋଲ,ଡିଜେଲକୁ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ପରିସରରେ ଆଣିବା ଲାଗି କେନ୍ଦ୍ର ସରକାର ବିଚାର କରୁଥିବା ଜଣାପଡିଛି। ଏ ନେଇ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଠାୱଲେ ମଙ୍ଗଳବାର ସୂଚନା ଦେଇଛନ୍ତି। ପେଟ୍ରୋଲ-ଡିଜେଲ ଉପରେ ଜିଏସ୍‌ଟି ଲାଗୁ ହେଲେ ଏହାର ଦାମ୍ ୨୦-୩୦ ଟଙ୍କା ହ୍ରାସ ହେବ। ଏହା ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ସେ କହିଛନ୍ତି।

## ଏଲ୍‌ଜି ପକ୍ଷରୁ ଦୀପାବଳି ଅଫର

**ଭୁବନେଶ୍ୱର,୩୦-୧୦**

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ଦୀପାବଳି ଉପଲକ୍ଷେ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହାର ବିସ୍ତୃତ ବର୍ଗର ଉତ୍ପାଦ ଶୃଙ୍ଖଳା ଉପରେ ଏହି ଅଫର ପ୍ରଦାନ କରୁଛି। 'ନୟେ ଇଣ୍ଡିଆ କି ଦିୱାଲୀ' ନାମରେ କମ୍ପାନୀ ଏକ କ୍ୟାମ୍ପେନ ମଧ୍ୟ ଆରମ୍ଭ କରିଛି। ଗ୍ରାହକଙ୍କ ଜୀବନକୁ ସୁଗମ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କମ୍ପାନୀ ସୂଚନା ଦେଇଛି। ଏହି ଅଫର ଅନ୍ତର୍ଗତ ଗ୍ରାହକଙ୍କୁ ବଛାବଛା ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ଉପରେ ୧୭.୫% କ୍ୟାଶବ୍ୟାକ ସୁବିଧା ଦେଉଥିବା କମ୍ପାନୀ କହିଛି। ସେହିଭଳି ପ୍ରଡକ୍ଟ ଉପରେ ବର୍ଦ୍ଧିତ ୱାରେଣ୍ଟି, ଆକର୍ଷଣୀୟ ଇଏମ୍‌ଆଇ ସୁବିଧା ରହିଛି। ଫ୍ଲାଟ ପ୍ୟାନେଲ ଟିଭି, ବଛାବଛା ୟୁଏଚ୍‌ଡି ମଡେଲ ସମେତ ଅନ୍ୟ କେତେକ ବର୍ଗର ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଆକର୍ଷଣୀୟ ଅଫର ରହିଥିବା କମ୍ପାନୀ ସୂଚନା ଦେଇଛି। ବିଭିନ୍ନ ଆକର୍ଷଣୀୟ ଅଫର ପ୍ରଦାନ ଦ୍ୱାରା ଗ୍ରାହକ ସନ୍ତୁଷ୍ଟି ଦିଗରେ କାର୍ଯ୍ୟ କରୁଛୁ ବୋଲି ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ କିମ୍ କି ୱାନ୍ ସୂଚନା ଦେଇଛନ୍ତି।

## ପୂର୍ବତଟ ରେଳପଥର ସତର୍କତା ସଚେତନତା ସପ୍ତାହ




**ଭୁବନେଶ୍ୱର,୩୦-୧୦**

ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହାର ପ୍ରାରମ୍ଭିକ ଦିବସରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ ରେଲୱେ କର୍ମଚାରୀ ତଥା ଅଧିକାରୀଙ୍କୁ ଶପଥ ପାଠ କରାଇଛନ୍ତି। ଦେଶର ଆର୍ଥିକ, ରାଜନୈତିକ, ସାମାଜିକ ପ୍ରଗତି ଲାଗି ଭ୍ରଷ୍ଟାଚାରକୁ ରୋକିବାକୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହା ଆସନ୍ତା ୩ ତାରିଖ ଯାଏ ଚାଲିବ। ସାଧାରଣ ଜୀବନରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଲାଗି ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମମାନ ଏହି ଅବସରରେ ଆୟୋଜନ କରାଯାଉଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ବ୍ୟାନର, ପୋଷ୍ଟର ବ୍ୟବହାର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି। ସେହିଭଳି ପଥପ୍ରାନ୍ତ ନାଟକ ଦ୍ୱାରା ରେଳ ବ୍ୟବହାରକାରୀ ଏବଂ କର୍ମଚାରୀଙ୍କୁ ସଚେତନ କରାଯାଉଛି। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପମହାପ୍ରବନ୍ଧକ ହେମନ୍ତ କୁମାର ଦତ୍ତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ଡିସେମ୍ବର ୧୨ରେ ଇଶା-ଆନନ୍ଦଙ୍କ ବିବାହ



**ନୂଆଦିଲ୍ଲୀ,୩୦-୧୦**

ଡିସେମ୍ବର ୧୨ରେ ଅମ୍ବାନୀ ପରିବାରର ବହୁ ପ୍ରତୀକ୍ଷିତ ଇଶା ଅମ୍ବାନୀଙ୍କ ବିବାହ ସମ୍ପନ୍ନ ହେବାକୁ ଯାଉଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ନିତା ଅମ୍ବାନୀଙ୍କ କନ୍ୟା ଇଶା, ଅଜୟ ଏବଂ ସ୍ୱାତୀ ମିରାମଲଙ୍କ ପୁତ୍ର ଆନନ୍ଦ ପିରାମଲଙ୍କୁ ବିବାହ କରିବେ। ଏହି ବିବାହ ମୁକେଶ ଅମ୍ବାନୀଙ୍କର ମୁମ୍ବାଇସ୍ଥିତ ବାସ ଭବନରେ ଅନୁଷ୍ଠିତ ହେବ। ଭାରତୀୟ ସଂସ୍କୃତି ତଥା ପରମ୍ପରା ଅନୁସାରେ ବିବାହ ସମ୍ପନ୍ନ ହେବ। ଏଥିରେ ଦୁଇ ପରିବାରର ସଦସ୍ୟଙ୍କ ସମେତ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିବାହର ଗୋଟିଏ ସପ୍ତାହ ପୂର୍ବରୁ ଦୁଇ ପରିବାର ସେମାନଙ୍କ ବନ୍ଧୁ ଏବଂ ପରିଜନଙ୍କୁ ଉଦୟପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭେଟିବେ ବୋଲି ଜଣାଯାଇଛି। ସେଠାରେ ସ୍ଥାନୀୟ ହସ୍ତଶିଳ୍ପୀ ଏବଂ କାରିଗରଙ୍କ ସହ ମିଳିତ ହୋଇ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର କରିବାର ଯୋଜନା ରହିଥିବା ଜଣାଯାଇଛି।

OFFICE OF THE ADDITIONAL DISTRICT URBAN PUBLIC HEALTH OFFICER, NUHM-BRAHMAPUR
National Health Mission, Odisha
Department of Health & Family welfare
Government of Odisha

**TENDER CALL NOTICE**

No. 03 of 2018/19 Date : 29.10.18

Sealed tenders (Percentage rate) in conformity with DTCN are invited from the "D" / "C" class contractors registered with the State Govt. for execution of works under CHS NUHM Berhampur as detailed below. The tender document for the work can be downloaded from the official website (http://www.ganjam.nic.in). The downloaded tender document must be accompanied with a non-refundable Demand Draft for Cost of tender paper amounting Rs. 2000.00 per set for below Rs. 5.00 Lakhs drawn from any nationalized Bank payable at Berhampur in favour of the CHS NUHM A/C BeMC BERHAMPUR. The tender paper duly signed by the Contractors should be accmpanied with photo copy of valid GSTIN, PAN card, Registrationcertificate and requisite EMD in shape of Demand Draft drawn in favour of "CHS NUHM A/C Be MC BERHAMPUR" payable at "Berhampur" from any Nationalized Bank. The tender will be received upto Dt. 12.11.2018 till 5P.M. at O/O Addl. District Urban Public Health Officer, Berhampur through Registered / Speed Post only and opened on Dt. 13.11.2018 at 11A.M. at Office of the Addl. District Urban Public Health Officer, Berhampur in presence of the tenderers or their authorized representatives. All bidders shall have to submit an affidavit in support of authenticity of documents / credentials. Abnormally, less quoted tenderers will have to deposit the differential cost prior to issue of work order in shape of Demand Draft in favour of "CHS NUHM A/C BeMC Berhampur". The envelope containing the bid documents must be superscribed as "Bid for the Civil works under CHS NUHM, Berhampur. The authority reserves the right to reject any or all tenders without assigning any reason thereof.

| Sl. No. | Name of the Work | Estimated Cost (in Rs.) | EMD @1% (in Rs.) | Cost of Tender Paper (in Rs.) | Period of Completion |
|---|---|---|---|---|---|
| 1 | Establishment of DDC at UPHC's Berhmapur | Rs. 4,24,836.00 | Rs. 4,248.00 | Rs. 2000.00 | Two Months |

**Sd./- ADUPHO (Nodal Officer NUHM)**
**Berhampur Municipal Corporation, Berhampur, Ganjam, Pin - 76002**

## ସଂକ୍ଷେପରେ

### ସ୍ୱାଫ୍ ଫୁଟ୍‌ବଲରୁ ଓହରିଲା ଭାରତ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ସାଉଥ୍ ୱେଷ୍ଟ ଏସିଆନ ଫୁଟ୍‌ବଲ ଫେଡେରେଶନ (ସ୍ୱାଫ୍) ଟୁର୍ଣ୍ଣାମେଣ୍ଟରୁ ଭାରତ ବ୍ୟତୀତ ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଅନ୍ତର୍ଗତ ଅନ୍ୟ ୬ଟି ଦେଶ ଓହରିଯାଇଛନ୍ତି। ଏହି ଦେଶଗୁଡ଼ିକ ହେଲେ ବାଂଲାଦେଶ, ନେପାଳ, ଭୁଟାନ, ମାଳଦ୍ୱୀପ, ଶ୍ରୀଲଙ୍କା ଓ ପାକିସ୍ତାନ। ମଙ୍ଗଳବାର ମାଲେସିଆର କୁଆଲାଲମ୍ପୁରଠାରେ ଏସିଆନ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି) କଂଗ୍ରେସ ଆରମ୍ଭ ହୋଇଛି। ଏସିଆନ ଫୁଟ୍‌ବଲ କନଫେଡେରେଶନ ସଭାପତି ଶେଖ ସଲମନ ଅଲ୍ ଖଲିଫାଙ୍କ ପ୍ରତି ସମର୍ଥନ ଜଣାଇ ସାଫ୍ ଦେଶଗୁଡ଼ିକ ଏହି ନିଷ୍ପତ୍ତି ନେଇଛନ୍ତି। ବୁଧବାର ଏଏଫ୍‌ସି କଂଗ୍ରେସର ଦ୍ୱିତୀୟ ଦିନ ଅବସରରେ ୫ଟି ଆଞ୍ଚଳିକ ଫେଡେରେଶନ ବିଧିବଦ୍ଧ ସ୍ୱୀକୃତି ପାଇବାର ଅଛି। ସୂଚନାଯୋଗ୍ୟ, ସ୍ୱାଫ୍ ଗତ ଅଗଷ୍ଟରେ ଗଠିତ ହୋଇଛି। ଏଥିରେ ୧୪ଟି ସଦସ୍ୟ ଦେଶ ରହିଛନ୍ତି। ସୌଦି ଆରବ ଫୁଟ୍‌ବଲ ସଂଘର ପୂର୍ବତନ ଆଦେଲ ଇଜାଜ୍ ଏହାର ମୁଖ୍ୟ ରହିଥିବାବେଳେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଉପସଭାପତି ସୁବ୍ରତ ଦତ୍ତ ଏହି ନୂଆ ଆଞ୍ଚଳିକ ଫୁଟ୍‌ବଲ ସଂଘର ଉପ ସଭାପତି ରହିଛନ୍ତି। ଏହାର ପ୍ରଥମ ସାଧାରଣ ବୈଠକ ସୌଦି ଆରବର ଜେଦ୍ଦାଠାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଏଫ୍ଏଫ୍‌ର ଜଣେ ଅଫିସିଆଲଙ୍କ କହିବା ଅନୁସାରେ ୨୦୧୯ ଏପ୍ରିଲରେ ଏଏଫ୍‌ସିର ନିର୍ବାଚନ ହେବ। ଅଲ୍ ଖଲିଫାଙ୍କ ବିରୋଧରେ ନିର୍ବାଚନ ଲଢ଼ିବା ପାଇଁ ଇଜାଜ ଯୋଜନା କରିଛନ୍ତି। ସାଫ୍ ଦେଶଗୁଡ଼ିକ ସ୍ୱାଫ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ଏହାର ମୁଖ୍ୟ କାରଣ ବୋଲି ସେ କହିଛନ୍ତି।

### ପ୍ରଶାସକ କମିଟି ଷ୍ଟାଟସ ରିପୋର୍ଟ : ୭ ରାଜ୍ୟ ଆସୋସିଏଶନ ବିଫଳ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ପ୍ରଶାସକ କମିଟି (ସିଓଏ) ସୁପ୍ରିମକୋର୍ଟଙ୍କ ନିକଟରେ ଏହାର ୧୦ମ ଷ୍ଟାଟସ ରିପୋର୍ଟ ଦାଖଲ କରିଛି। ୭ରାଜ୍ୟ ଆସୋସିଏଶନ ସେମାନଙ୍କର ଆଦେଶ ପାଳନ ପ୍ରମାଣପତ୍ର ଦାଖଲ କରିବାରେ ବିଫଳ ହୋଇଛନ୍ତି। ସେଗୁଡ଼ିକ ହେଲା ହରିୟାଣା, ହିମାଚଳ, ଗୁଜରାଟ, କର୍ଣ୍ଣାଟକ, ମେଘାଳୟ, ନାଗାଲାଣ୍ଡ ଓ ଅରୁଣାଚଳ। ଅଗଷ୍ଟ ୯ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଆଂଶିକ ଭାବେ କାର୍ଯ୍ୟକାରୀ କରିଥିବା ରାଜ୍ୟ ଆସୋସିଏଶନଗୁଡ଼ିକ ହେଲେ ତାମିଲନାଡୁ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଗୋଆ, ମହାରାଷ୍ଟ୍ର, ବିହାର, ବେଙ୍ଗଲ, ଛତିଶଗଡ଼, ମଣିପୁର ଓ ବିଦର୍ଭ। ଆଦେଶ ପାଳନ କରିଥିବା ଆସୋସିଏଶନଗୁଡ଼ିକ ମଧ୍ୟରେ ରହିଛନ୍ତି ମିଜୋରାମ, ପୁଡୁଚେରୀ, ଦିଲ୍ଲୀ, ହାଇଦ୍ରାବାଦ, ଜମ୍ମୁ କଶ୍ମୀର, କେରଳ, ମୁମ୍ବାଇ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ସୌରାଷ୍ଟ୍ର, ସିକ୍କିମ, ତ୍ରିପୁରା ଓ ଉତ୍ତର ପ୍ରଦେଶ।

### ଦିଲ୍ଲୀ ଡାଇନାମୋସ ପରାସ୍ତ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିଜୟ ଲାଭ କରିଛି। ଦଳ ୨-୦ ଗୋଲରେ ଦିଲ୍ଲୀ ଡାଇନାମୋସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଫେଡରିକୋ ଗାଲେଗୋ (୮୨ତମ ମିନିଟ୍) ଓ ବାର୍ଥୋଲୋମ୍ୟୁ ଓଗ୍‌ବେଚେ (୯୦ତମ ମିନିଟ)ରେ ଗୋଲ୍ ସ୍କୋର କରିଥିଲେ।

### ଘୋଷାଲ ତୃତୀୟ ରାଉଣ୍ଡରେ

**ଦୋହା, ୩୦।୧୦ (ପି.ଟି.):** ଭାରତର ଷ୍ଟାର ସ୍କ୍ୱାଶ ଖେଳାଳି ସୌରଭ ଘୋଷାଲ କାତାର କ୍ଲାସିକ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ଘୋଷାଲ ୧୧-୨, ୧୧-୩, ୧୧-୫ରେ ହଂକଂର ଲିଓ ଆଉଙ୍କୁ ହରାଇ ଦେଇଛନ୍ତି। ତୃତୀୟ ରାଉଣ୍ଡରେ ସେ ଦ୍ୱିତୀୟ ସିଡ୍ ତଥା ଇଜିପ୍ଟର ଅଲି ଫରାଗଙ୍କୁ ଭେଟିବେ।

> ଚଳିତବର୍ଷ ଘରୋଇ କ୍ରିକେଟ ସିଜନରେ ବାରମ୍ବାର ନିୟମ ପରିବର୍ତ୍ତନ କରାଯିବା ଖେଳ ପାଇଁ ଭଲ ଲକ୍ଷଣ ନୁହେଁ ।
> **-ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ**



> ଇଂଲଣ୍ଡରେ ହେବାକୁଥିବା ୨୦୧୯ ବିଶ୍ୱକପ୍‌ରେ ଏମ୍.ଏସ୍. ଧୋନୀଙ୍କ ପରାମର୍ଶ ଓ ଅଭିଜ୍ଞତା ବିରାଟ କୋହଲିଙ୍କ ପାଇଁ ବିଶେଷ ସହାୟକ ହେବ ।
> **-ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ**



# କ୍ରୀଡ଼ା, ସାହିତ୍ୟର ହେବ ମହାମିଳନ

**ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)**

ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ପାଇଁ କ୍ଷେତ୍ର ପ୍ରସ୍ତୁତ। ଏଠାରେ ହେବ କ୍ରୀଡ଼ା ଓ ସାହିତ୍ୟର ମହାମିଳନ। ତେଣୁ ଭୁବନେଶ୍ୱର ଉପରେ ଏବେ ସମସ୍ତଙ୍କ ନଜର। ଦେଶ, ବିଦେଶର ଅନେକ ପ୍ରତିଷ୍ଠିତ ଖେଳାଳି, ସାହିତ୍ୟିକ, ଖେଳ ସାମ୍ବାଦିକ, ଲେଖକ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଗୋଟିଏ ମଞ୍ଚରେ ସେମାନଙ୍କ ଭାବାବେଗ ବ୍ୟକ୍ତ କରିବେ। ହୋଟେଲ ମେ ଫେୟାରରେ ନଭେମ୍ବର ୨ ଓ ୩ ତାରିଖରେ ଆୟୋଜନ ହେବ ଏହି ମେଗା କାର୍ଯ୍ୟକ୍ରମ। କ୍ରୀଡ଼ା ମହୋତ୍ସବରେ ବକ୍ତାମାନେ ସେମାନଙ୍କ ବହୁମୂଲ୍ୟ କାର୍ଯ୍ୟ, କୃତିତ୍ୱ, ସଫଳତା ଓ ଦୃଷ୍ଟିକୋଣ ସମ୍ପର୍କରେ ବର୍ଣ୍ଣନା କରିବେ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଯାଉଛି ହକି

EKAMRA SPORTS LITERARY FESTIVAL 2018

ବିଶ୍ୱକପ୍। ହକି ମହାକୁମ୍ଭ ଆୟୋଜନ ହେବାର ମାତ୍ର କିଛି ସପ୍ତାହ ପୂର୍ବରୁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଭୁବନେଶ୍ୱରରେ ଖେଳ, ସାହିତ୍ୟ, ସଂସ୍କୃତିର ଏକ ଭିନ୍ନ ମାହୋଲ ସୃଷ୍ଟି କରିବ କହିଲେ ଅତ୍ୟୁକ୍ତି ହେବନାହିଁ।

ନଭେମ୍ବର ୨ ପୂର୍ବାହ୍ନ ୧୦ଟା ୪୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଅବସରରେ 'ହକି ବାଇଟ୍ସ'ର ପ୍ରଚ୍ଛଦ ପୃଷ୍ଠା ଉନ୍ମୋଚନ କରାଯିବ। କ୍ରୀଡ଼ା ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଦେବା ପରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବେ ପୂର୍ବତନ ଅଷ୍ଟ୍ରେଲୀୟ ସନ୍ତରଣକାରୀ ଷ୍ଟିଫାନି ରାଇସ ଓ ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର। ଏହାପରେ 'କ୍ରୀଡ଼ା ରାଜଧାନୀ ପଥରେ ଭୁବନେଶ୍ୱର' ଶୀର୍ଷକରେ ଆଲୋଚନା ହେବ। ଏଥିରେ ଅଂଶଗ୍ରହଣ କରିବେ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡିଜି ନୀଲମ କପୁର, ବିଶାଲ ଦେବ। କାର୍ଯ୍ୟକ୍ରମର ସଂଯୋଜନା କରିବେ ଶିରିନ। ଅପରାହ୍ନ ୧୨ଟା ୧୫ରେ 'ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର' ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ପୂର୍ବତନ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜେଫେରି ରବର୍ଟ ଥମ୍ପସନ। ସର୍ବକାଳୀନ ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଥମ୍ପସନ କ୍ରିକେଟ ଜଗତରେ ଜେଫ୍ ଥମ୍ପସନ ବା 'ଥୋମୋ' ରୂପେ ବେଶ୍ ଜଣାଶୁଣା ଥିଲେ। କିମ୍ବଦନ୍ତୀ ଦ୍ରୁତ ବୋଲର ଡେନିସ ଲିଲିଙ୍କର ସେ ଓପନିଂ ପାର୍ଟନର ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଏହି ଯୋଡ଼ିଙ୍କୁ ସବୁଠାରୁ ବିପଜ୍ଜନକ ବିବେଚନା କରାଯାଉଥିଲା। ଅଷ୍ଟ୍ରେଲିଆ ନ୍ୟୁ ସାଉଥ ୱେଲ୍ସର ଗ୍ରୀନାକ୍ରେରେ ୧୯୫୦ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିବା ଥମ୍ପସନ ଜଣେ ଡାହାଣହାତୀ ଫାଷ୍ଟ ବୋଲର ଥିଲେ। ସେ ୧୯୭୨ ଡିସେମ୍ବର ୨୯ ତାରିଖରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଥମ୍ପସନ ୫୧ଟି ଟେଷ୍ଟ ଓ ୫୦ ଦିନିକିଆ ଖେଳି ଯଥାକ୍ରମେ ୨୦୦ ଓ ୫୦ ଉଇକେଟ ହାସଲ କରିଥିଲେ। ସଫଳତା ଅପେକ୍ଷା ଦ୍ରୁତଗତିରେ ବୋଲିଂ ପାଇଁ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ଅପରାହ୍ନ ୨ଟାରେ ନିଜ ପୁସ୍ତକ 'ସେକ୍ସପିୟରର ଦି କୋଚ୍' ଉପରେ ମତ ରଖିବେ ଅଷ୍ଟ୍ରେଲିଆର ପୂର୍ବତନ ହକି ଖେଳାଳି, କୋଚ୍ ଏବଂ ରାଜନେତା ରିକ୍ ଚାର୍ଲ୍ସୱର୍ଥ। ଅରୂପ ଘୋଷ କାର୍ଯ୍ୟକ୍ରମର ସଂଯୋଜନା କରିବେ। ଏହାପରେ ''ୱାର୍ଲ୍ଡ କପ୍ ୨୦୧୮'କୁ ନେଇ ପୂର୍ବାନୁମାନ କରିବେ ପୂର୍ବତନ ଭାରତୀୟ ହକି ଅଧିନାୟକ ବାସୁଦେବନ ବାସ୍କରନ, ଧନରାଜ ପିଲ୍ଲେ, ଦିଲୀପ ତିର୍କୀ ଓ ଅଷ୍ଟ୍ରେଲିଆର ହକି ଅଲିମ୍ପିଆନ ବ୍ରେଣ୍ଟ ଲିଭମୋର। 'ଦି ଧୋନୀ ଟଚ୍' ପୁସ୍ତକ ଉପରେ ଆଲୋଚନା ଅବସରରେ ମହେନ୍ଦ୍ର ସିଂ ଧୋନୀଙ୍କ ସଫଳତାର ରହସ୍ୟ ଉପରେ ମତ ରଖିବେ ଏହାର ରଚୟିତା ଭାରତ ସୁନ୍ଦରେଶନ। ଏହାପରେ ନିଜ ପୁସ୍ତକ 'ନମ୍ବର୍ସ ଡୁ ଲାଏ:୬୧ ହିଡେନ କ୍ରିକେଟ ଷ୍ଟୋରିଜ୍' ଉପରେ ଆଲୋକପାତ କରିବେ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା। 'ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ, ଅନେକ ମତ' ଆଲୋଚନାଚକ୍ରରେ ଭାଗନେବେ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର ମେଡ୍‌ଲିନ ପେପ୍, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ ଏବଂ ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପି ଶଙ୍କର ମଦୁରାଇ। ଦ୍ୱିତୀୟ ଦିବସ ଅର୍ଥାତ୍ ନଭେମ୍ବର ୩ ପୂର୍ବାହ୍ନ ୧୦ଟାରେ 'ଧର୍ମନିରପେକ୍ଷତା ଏବଂ କ୍ରିକେଟର' ଶୀର୍ଷକରେ ନିଜ ଅନୁଭୂତି ବର୍ଣ୍ଣନା କରିବେ ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ। 'ଇତିହାସରେ କଳୁଷିତ ରେସ୍‌ର ୩୦ ବର୍ଷ ପୂର୍ତ୍ତି' ଆଲୋଚନା ଉପରେ ନିଜର ମତ ରଖିବେ ଜାମାଇକା ଜନ୍ମିତ କାନାଡ଼ିଆନ ଧାବକ ବେନ୍ ଜନସନ ଓ ପୂର୍ବତନ ସ୍କଟଲାଣ୍ଡ ସାଇକ୍ଲିଷ୍ଟ, ଜର୍ନାଲିଷ୍ଟ ଏବଂ ଲେଖକ ରିଚାର୍ଡ ମୁର୍। ୧୯୮୮ ସିଓଲ ଅଲିମ୍ପିକ୍ସର ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିବା ଜନସନ ପରେ ଡୋପଟେଷ୍ଟରେ ଧରା ପଡ଼ିବାରୁ ପଦକ ହରାଇଥିଲେ। ମାତ୍ର ସେତେବେଳେ ତାଙ୍କ ଲ୍ୟାବ୍ ରିପୋର୍ଟ ଟ୍ୟାମ୍ପରିଂ କରାଯାଇଥିଲା ବୋଲି ପରବର୍ତ୍ତୀ ସମୟରେ ଜଣା ପଡ଼ିବାରୁ ଚହଳ ସୃଷ୍ଟି କରିଥିଲା। ଏହାପରେ ପୂର୍ବତନ ବ୍ରାଜିଲିଆନ ଆକ୍ରମଣାତ୍ମକ ମିଡ୍ ଫିଲ୍ଡର ସକ୍ରେଟିସଙ୍କ ଉପରେ ରଚିତ ପୁସ୍ତକ 'ଡକ୍ଟର ସକ୍ରେଟିସ' ଉପରେ ଆଲୋଚନା କରିବେ ବ୍ରାଜିଲିଆନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆଣ୍ଡ୍ରୁ ଡୋୱିନ। 'ଡକ୍ଟର ସକ୍ରେଟିସ' ରଚନାର ଯଥାର୍ଥତା ସେ ଏଠାରେ ପ୍ରତିପାଦନ କରିବେ। ମଧ୍ୟାହ୍ନ ୧୨ଟା ୧୫ରେ ହେବାକୁଥିବା 'କୁସ୍ତିର ଐତିହ୍ୟ' ଆଲୋଚନାରେ ଭାଗନେବେ ଭାରତର ଦୁଇ ପ୍ରତିଷ୍ଠିତ ରେସ୍‌ଲର ଯୋଗେଶ୍ୱର ଦତ୍ତ ଓ ଭିନେଶ ଫୋଗଟ। ଅପରାହ୍ନରେ ଭାରତୀୟ ମହିଳା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ ଉପରେ ରଚିତ ପୁସ୍ତକ 'ଦି ସ୍ମଲ ୱଣ୍ଡର' ଉନ୍ମୋଚନ କରାଯିବ। ଏହି ପୁସ୍ତକ ଉପରେ ଆଲୋଚନା କରିବେ ଦୀପା କର୍ମକାର, ତାଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦୀ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଜର୍ନାଲିଷ୍ଟ ଦିଗ୍‌ବିଜୟ ସିଂ ଦେଓ ଏବଂ ବିମଳ ମୋହନ। ଅପରାହ୍ନ ୨ଟା ୩୦ ରେ 'ଦି ସ୍ପିୟରମ୍ୟାନ' ଶୀର୍ଷକ ଆଲୋଚନାରେ ନିଜର ମତ ରଖିବେ ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା। ଏହାପରେ ଷ୍ଟାଫାନି ରାଇସ-'ଦି ମେକିଂ ଅଫ ଆନ୍ ଅଲିମ୍ପିକ୍ ଚାମ୍ପିୟନ' ଉପରେ ନିଜେ ରାଇସ ମତବ୍ୟକ୍ତ କରିବେ। ଅପରାହ୍ନ ୪ଟାରେ 'ଗାର୍ଡିଆନ୍ସ ଅଫ୍ ଦି ଫେଥ୍-ସେଭିଂ ଟେଷ୍ଟ କ୍ରିକେଟ' ଆଲୋଚନାରେ ଭାଗନେବେ ଭାରତୀୟ କ୍ରିକେଟର ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ। ଅପରାହ୍ନ ୫ଟା ୩୦ରେ ଧନ୍ୟବାଦ ଅର୍ପଣ ପରେ ଉଦ୍‌ଯାପିତ ହେବ ଏହି ଖେଳ ଓ ସାହିତ୍ୟର ଆସର।


ବେନ୍ ଜନ୍‌ସନ୍


ଜେଫ୍ ଥମ୍ପସନ


ଆଣ୍ଡ୍ରୁ ଡୋୱିନ


ରିଚାର୍ଡ ମୁର


ଷ୍ଟେଫିନା ରାଇସ୍

### ପୁତ୍ର ସନ୍ତାନର ଜନନୀ ହେଲେ ସାନିଆ

**ହାଇଦ୍ରାବାଦ, ୩୦।୧୦:** ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ମା' ହେବାର ସୌଭାଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ହାଇଦ୍ରାବାଦସ୍ଥିତ ଘରୋଇ ହସ୍ପିଟାଲରେ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ଖବର ସାନିଆଙ୍କ କ୍ରିକେଟର ସ୍ୱାମୀ ସୋଏବ ମଲିକ ସୋସିଆଲ ମିଡିଆ ଟୁଇଟର ମାଧ୍ୟମରେ ଜଣାଇଛନ୍ତି। ଉଭୟ ସାନିଆ ଓ ତାଙ୍କ ନବଜାତ ଶିଶୁପୁତ୍ର ସୁସ୍ଥ ଥିବା ଜଣାପଡ଼ିଛି। ସାନିଆ ଓ ସୋଏବ ଶିଶୁପୁତ୍ରର ନାମ ଇଜହାନ ମିର୍ଜା ମଲିକ ରଖିଛନ୍ତି। ଉର୍ଦ୍ଦୁରେ 'ଇଜହାନ'ର ଅର୍ଥ ଭଗବାନଙ୍କ ଉପହାର ବୋଲି ଜଣାପଡ଼ିଛି। ମେଡିକାଲରେ ସୋଏବଙ୍କ ସମେତ ସାନିଆଙ୍କ ପିତା ଇମ୍ରାନ ମିର୍ଜା, ଭଉଣୀ ଅନମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ା ଜଗତ ସମେତ ଚାରିଆଡୁ ସାନିଆ ଓ ସୋଏବଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏଠାରେ ଉଲ୍ଲେଖଯୋଗ୍ୟ, ୬ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସାନିଆ ମିର୍ଜା ଚଳିତବର୍ଷ ଏପ୍ରିଲରେ ଗର୍ଭବତୀ ଥିବାନେଇ ସୂଚନା ଦେଇଥିଲେ। ସେହିଭଳି ସନ୍ତାନ ଜନ୍ମପରେ ଟେନିସ କୋର୍ଟକୁ ଫେରି ୨୦୨୦ ଟୋକିଓ ଅଲିମ୍ପିକ୍ସ ଲାଗି ନିଜକୁ ପ୍ରସ୍ତୁତି କରିବା ପାଇଁ ଯୋଜନା ରଖିଥିବା କହିଥିଲେ। ନିକଟରେ ଏକ ସାକ୍ଷାତକାର ଅବସରରେ ସାନିଆ ନୂତନ ସନ୍ତାନର ସାଙ୍ଗିଆ ମିର୍ଜା ମଲିକ ରଖିବେ ବୋଲି ପ୍ରକାଶ କରିଥିଲେ। ସାନିଆ ୨୦୧୦ରେ ପାରମ୍ପରିକ ହାଇଦ୍ରାବାଦୀ ମୁସଲିମ ବିବାହ ରୀତିନୀତି ଅନୁଯାୟୀ ସୋଏବ ମଲିକଙ୍କୁ ବିବାହ କରିଥିଲେ।

### ଜୟ ମଙ୍ଗଳା କ୍ଲବ ସମ୍ପାଦକଙ୍କ ପରଲୋକ

**କଟକ ଅଫିସ, ୩୦।୧୦:** ଜୟ ମଙ୍ଗଳା କ୍ଲବର ସମ୍ପାଦକ ରଘୁନାଥ ସାହୁଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ଫୁଟବଲ କ୍ରୀଡ଼ା କ୍ଷେତ୍ରରେ ଜୟ ମଙ୍ଗଳା କ୍ଲବର ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଏହି କ୍ଲବକୁ ସଫଳତାର ସହ ପରିଚାଳନା କରିବାରେ ରଘୁନାଥଙ୍କର ଅବଦାନ ଅତୁଳନୀୟ ରହିଥିଲା। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟାନ୍ୟ ସଦସ୍ୟ ରଘୁନାଥଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୩୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ବନାରସସ୍ଥିତ କାଶୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟ୍‌ବଲ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଆୟୋଜକ କାଶି ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ଏଥିସହିତ ଦଳ ସର୍ବଭାରତୀୟ ମହିଳା ଫୁଟ୍‌ବଲ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ହେଲେ ସ୍ୱପ୍ନାରାଣୀ ଦାସ, ପ୍ରିୟଙ୍କା ମହାନ୍ତି, କାପୁରା ମୁର୍ମୁ, ବୀଣାପାଣି ବିରୁଆ, ଉମାଭାରତୀ ପରିଡ଼ା, ଲିପା ନାୟକ, ରୁନି ନାୟକ, ଝରଣା ମଲିକ, ଲକ୍ଷ୍ମୀପ୍ରିୟା ମହାରଣା, ସସ୍ମିତା ମଲିକ, ବୁନ୍ଦେଶ୍ୱରୀ ମାଝି, ସୁମନ ମହାପାତ୍ର, ଦମୟନ୍ତୀ ତିରିଆ, ସୁସ୍ମିତା ଦଳେଇ, ପୀଙ୍କି ପୁରତୀ, ସରିତା ମଲିକ, ସସ୍ମିତା ସ୍ୱାଇଁ, ପୂର୍ଣ୍ଣିମା ରାଓ। ତୁଷାର ସାହୁ ଦଳର ମ୍ୟାନେଜର ଓ ସେକ୍ ସିରାଜ ଦଳର କୋଚ୍ ରହିଛନ୍ତି। ସର୍ବଭରତୀୟସ୍ତର ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା ଅମୃତସରସ୍ଥିତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ହେବ ବୋଲି ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ପ୍ରକାଶ କରିଛନ୍ତି।


ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଦଳ।

## ରାଜ୍ୟ ଜୁନିୟର ଆଥ୍‌ଲେଟିକ ଦଳ ଘୋଷିତ

**କଟକ ଅଫିସ,୩୦।୧୦**

ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ରାଞ୍ଚିଠାରେ ୩୪ତମ ଜାତୀୟ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ(ଓଏଏ) ପକ୍ଷରୁ ମଙ୍ଗଳବାର ୧୬ଜଣ ଆଥ୍‌ଲେଟଙ୍କ ନାମ ଘୋଷଣା କରାଯାଇଛି । ବୁଧବାର ଦଳ ଝାଡ଼ଖଣ୍ଡ ଅଭିମୁଖେ ଯାତ୍ରା କରିବ । ଓଏଏର ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ବାଳକ ଦଳର ମ୍ୟାନେଜର, ପୂର୍ବତନ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ବାଳିକା ଦଳର ମ୍ୟାନେଜର ଓ ନିବେଦିତା ସାହୁ କୋଚ୍ ଭାବେ ଦଳ ସହ ଯାତ୍ରା କରିବେ। ପ୍ରତିଯୋଗିତାର ୧୪ବର୍ଷରୁ କମ୍ ବାଳକ ୬୦ମିଟର ଦୌଡ଼ରେ ସୁରେନ୍ଦ୍ର ଖାରା, ୧୮ବର୍ଷରୁ କମ୍ ବାଳକ ୮୦୦ମିଟର ଦୌଡରେ ଦିଲ୍ଲୀପ ନାୟକ, ୧୧୦ମିଟର ହର୍ଡଲ୍ସରେ ପୁଙ୍ଗା ସୋରେନ୍, ୨୦ବର୍ଷରୁ କମ୍ ବାଳକ ୧୦୦ମିଟର ଦୌଡ଼, ୨୦୦ମିଟର ଦୌଡ଼ରେ ପ୍ରସନଜିତ କୁଜୁର, ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ, ଲଙ୍ଗଜମ୍ପରେ ସରୁଣ ପୟାସିଂ, ୧୪ବର୍ଷରୁ କମ୍ ବାଳିକା ସଟ୍‌ପୁଟରେ ଅମିକ୍ଷା ରାଉତରାୟ, ହାଇଜମ୍ପରେ ସବିତା ଟପ୍ପୋ, ୧୦୦ମିଟର ଦୌଡ଼ରେ ଯମୁନା ଟୁଡୁ, ୧୬ବର୍ଷରୁ କମ୍ ବାଳିକା ଜାଭେଲିନ୍‌ରେ ଧନୋମତୀ ଖେସ୍, ୧୮ବର୍ଷରୁ କମ୍ ବାଳିକା ୪୦୦ମିଟର ହର୍ଡଲ୍ସ, ମିଡଲେ ରିଲେରେ ଜ୍ୟୋତ୍ସ୍ନା ସବର, ୨୦୦ମିଟର ଦୌଡ଼, ମିଡଲେ ରିଲେରେ ମଧୁମିତା ଦେବ, ୧୦୦ମିଟର ଦୌଡ଼, ଲଙ୍ଗଜମ୍ପ, ମିଡଲେ ରିଲେରେ ସୁଖି ବସ୍କି, ୨୦ବର୍ଷରୁ କମ୍ ବାଳିକା ୧୦୦ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ, ଡିସ୍କସ୍ ହାମରରେ ଉତ୍କଳିକା ପ୍ରିୟଦର୍ଶିନୀ ଅଂଶ ଗ୍ରହଣ କରିବେ ।

## ଓଡ଼ିଶା, ହରିୟାଣା ଦଳର ଅଭ୍ୟାସ

**ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନର ପ୍ରଥମ ମ୍ୟାଚ ହରିୟାଣା ସହିତ ଖେଳିବ। ଏଲିଟ୍ 'ସି' ଲିଗ୍‌ର ଏହି ମ୍ୟାଚଟି କିଟ୍ କ୍ରିକେଟ ଷ୍ଟାଡିୟମରେ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଭୟ ଓଡ଼ିଶା ଓ ହରିୟାଣା ଦଳ କିଟ୍ ଗ୍ରାଉଣ୍ଡରେ ଜୋରଦାର ଅଭ୍ୟାସ କରିଛନ୍ତି। ଓଡ଼ିଶା ଏଥର ଏହାର ରଣଜୀ ଅଭିଯାନ ଅଭିଜ୍ଞ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱରେ ଆରମ୍ଭ କରିବ। ଏହି ମ୍ୟାଚ ପାଇଁ ରାଜୀବ ଦେବବର୍ମା ମ୍ୟାଚ ରେଫରି ନିଯୁକ୍ତ ହୋଇଛନ୍ତି। କମଲେଶ୍ ଶର୍ମା ଓ ଯଶଓ୍ୱନ୍ତ ବାର୍ଡେ ଦୁଇ ଫିଲ୍ଡ ଅମ୍ପାୟର ଦାୟିତ୍ୱ ନିର୍ବାହ କରିବେ। **ଓଡ଼ିଶା ଦଳ:** ବିପ୍ଳବ ସାମନ୍ତରାୟ (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ରଞ୍ଜିତ ସିଂ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ଉଇକେଟ କିପର), ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ୍ ନାୟକ। **ହରିୟାଣା ଦଳ:** ମୋହିତ ଶର୍ମା, ହର୍ଷଲ ପଟେଲ, ଜୟନ୍ତ ଯାଦବ, ଆଶିଷ ହୁଦା, ନୀତୀନ ସଇନୀ, ଚୈତନ୍ୟ ବିଷ୍ଣୋଇ, ଶୁଭମ୍ ରାହିଲା, ହିମାଂଶୁ ରଣା, ପ୍ରମୋଦ ଚାଣ୍ଡିଲା, ଅଜିତ ଚହଲ, ରୋହିତ ଶର୍ମା, ପୁନିଶ ମେହେଟା, ରାହୁଲ ଟେୱାଟିଆ, ଟିନୁ କୁଣ୍ଡୁ, ପ୍ରଶାନ୍ତ ବଶିଷ୍ଟ।

ମ୍ୟାଚ ରେଫରି: ରାଜୀବ ଦେବବର୍ମା।





କିଟ୍ କ୍ରିକେଟ୍ ଷ୍ଟାଡିୟମରେ ମଙ୍ଗଳବାର ନେଟ୍ସ ସେଶନରେ ଅଭ୍ୟାସରତ ହରିୟାଣା ଓ ଓଡ଼ିଶା ଦଳ।



"କ୍ୟାରିବିୟାନ ଓ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ରେ ଖେଳିସାରିବା ପରେ ଜାତୀୟ ଦଳରେ ଯୋଗ ଦେବା ପରିବାରକୁ ଫେରିବା ଭଳି ମନେହେଉଛି ।

–କଲିନ ମୁନ୍‌ରୋ, ନ୍ୟୁଜିଲାଣ୍ଡ କ୍ରିକେଟର



"ବଲ୍ ଟ୍ୟାମ୍ପରିଂ ମାମଲାରେ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନରଙ୍କ ବିରୋଧରେ ଲାଗୁ କରାଯାଇଥିବା ବାସନ୍ଦ ଦଣ୍ଡର ପୁନଃ ସମୀକ୍ଷା କରାଯିବା ଉଚିତ ।

–ଡାରେନ ଲେମ୍ୟାନ, ପୂର୍ବତନ ଅଷ୍ଟ୍ରେଲିଆ କୋଚ୍

# କ୍ରିକେଟର ଅତିଥି କୈଫ୍



EKAMRA SPORTS LITERARY FESTIVAL 2018

**ଭୁବନେଶ୍ୱର,୩୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆଉ ମାତ୍ର ଦୁଇ ଦିନ ପରେ ଆରମ୍ଭ ହେବ ଏକାମ୍ର ଲିଟେରାରି ଫେଷ୍ଟିଭାଲ। କ୍ରୀଡ଼ା ଓ ସାହିତ୍ୟକୁ ନେଇ ଆୟୋଜନ ହେବାକୁ ଯାଉଥିବା ଏହି ସ୍ୱତନ୍ତ୍ର ଉତ୍ସବରେ କ୍ରିକେଟର ମହମ୍ମଦ କୈଫ୍ ଅତିଥି ଭାବେ ସାମିଲ ହେବେ। କୈଫ୍‌ଙ୍କ ପରିଚୟର ଆବଶ୍ୟକାତା ନାହିଁ। ୩୦ଜଣ ନିମନ୍ତ୍ରିତ ବକ୍ତାଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ଏହି କ୍ରିକେଟର ଓ ପୂର୍ବତନ ତାରକା। ଏକଦା ଭାରତୀୟ ମିଡଲ ଅର୍ଡରରେ କୈଫ୍ ସୁପରଷ୍ଟାର ଯୁବରାଜ ସିଂଙ୍କ ସହିତ ଦିନିକିଆ ବ୍ୟାଟିଂର ମଙ୍ଗ ସଫଳତାର ସହ ସମ୍ଭାଳିଥିଲେ। ବ୍ୟାଟିଂକୁ ବାଦ ଦେଲେ ଖାସ୍ କରି ଫିଲ୍ଡିଂରେ କୈଫ ବିଶ୍ୱ କ୍ରିକେଟରେ ସେତେବେଳେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏବେକାର ତଥା ଆଗାମୀ ପିଢ଼ିର କ୍ରିକେଟର କୈଫ୍‌ଙ୍କଠାରୁ ପ୍ରେରଣା ପାଇପାରିବେ। ଲିଟେରାରି ଫେଷ୍ଟିଭାଲରେ ତାଙ୍କ ବକ୍ତୃତା ତଥା ମତ ବେଶ୍ ଗୁରୁତ୍ୱ ବହନ କରିବ।

ମହମ୍ମଦ କୈଫ୍‌ଙ୍କ ଆନ୍ତର୍ଜାତିକ କ୍ୟାରିୟର ସେତେ ଲମ୍ବା ହୋଇ ନ ଥିଲେ ମଧ୍ୟ ସେ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ୨୦୦୦ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଭାରତୀୟ କ୍ରିକେଟରେ ସେ ଅନ୍ୟତମ ଶ୍ରେଷ୍ଠ ଫିଲ୍ଡର ରୂପେ ପରିଗଣିତ ହୁଅନ୍ତି। ୧୩ଟି ଟେଷ୍ଟ ଓ ୧୨୫ଟି ଦିନିକିଆ ଖେଳିଥିବା କୈଫ୍ ୨୦୧୮ ଜୁଲାଇ ୧୩ ତାରିଖରେ କ୍ରିକେଟର ସବୁଫର୍ମାଟରୁ ଅବସର ଘୋଷଣା କରିଥିଲେ। ଯୁବରାଜ ସିଂଙ୍କ ସହ ମିଶି ୨୦୦୨ରେ ସେ ଇଂଲଣ୍ଡର ଭାରତ ନାଟୱେଷ୍ଟ ଟ୍ରଫି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କ୍ରିକେଟ ପ୍ରଶଂସକ ଏବେ ବି ଏହାକୁ ମନେ ରଖିଛନ୍ତି। ନାଟୱେଷ୍ଟ ଟ୍ରଫିର ସଫଳତା କୈଫ୍‌ଙ୍କୁ ରାତାରାତି ଷ୍ଟାର ବନାଇଦେଇଥିଲା। ଉତ୍ତର ପ୍ରଦେଶ ତରଫରୁ ପଞ୍ଚମ କ୍ରିକେଟର ଭାବେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। କଭର ଓ ପଏଣ୍ଟରେ ଦମ୍‌ଦାର ଫିଲ୍ଡିଂ କରି ସେ ନିଜକୁ ଜଣେ ଶ୍ରେଷ୍ଠ ଫିଲ୍ଡର ଭାବେ ପ୍ରତିଷ୍ଠିତ କରିଥିଲେ। କଭର ପୋଜିଶନରୁ ଉଇକେଟକୁ ଡାଇରେକ୍ଟ ହିଟ୍ କରିବାରେ ସେ ମାହିର ଥିଲେ। କୋଚ୍ ହିସାବରେ ମଧ୍ୟ ସେ ସଫଳ ହୋଇଥିଲେ। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୨୦୧୭ ସଂସ୍କରଣରେ ସେ ଗୁଜରାଟ ଲାୟନ୍ସର ମୁଖ୍ୟ କୋଚ୍ ବ୍ରାଡ ହଜ୍‌ଙ୍କର ଆସିଷ୍ଟାଣ୍ଟ କୋଚ୍‌ର ଦାୟିତ୍ୱ ତୁଲାଇଥିଲେ। ଏହା ପୂର୍ବରୁ ସେ ଆଫଗାନିସ୍ତାନର ମୁଖ୍ୟ କୋଚ୍ ଦୌଡରେ ସାମିଲ ହୋଇଥିଲେ। ତେବେ ଶେଷରେ ଲାଲଚାନ୍ଦ ରାଜପୁତଙ୍କୁ ଏହି ଗୁରୁଦାୟିତ୍ୱ ମିଳିଥିଲା। ରାଜନୀତିରେ ମଧ୍ୟ ସେ ସାମିଲ ହୋଇଥିଲେ। ଜାତୀୟ କଂଗ୍ରେସରେ ସେ ଯୋଗ ଦେଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ଫୁଲପୁର ଲୋକ ସଭା ଆସନରୁ ନିର୍ବାଚନ ଲଢ଼ି ଭାଜପାର କେଶବ ପ୍ରସାଦ ମୌର୍ଯ୍ୟଙ୍କଠାରୁ ପରାସ୍ତ ହୋଇଥିଲେ। କ୍ରିକେଟ, କୋଚିଂ ଓ ରାଜନୀତିର ଅଭିଜ୍ଞତାକୁ ନେଇ କୈଫ ଫେଷ୍ଟିଭାଲରେ ନିଜର ବକ୍ତୃତା ମାଧ୍ୟମରେ କ୍ରୀଡ଼ା ଓ ସାହିତ୍ୟପ୍ରେମୀଙ୍କୁ ପ୍ରଭାବିତ କରିବେ।

# ବାରବାଟୀରେ ଉଦ୍‌ଘାଟନୀ, ଉଦ୍‌ଯାପନୀ ପାଇଁ ଦାବି

**କଟକ ଅଫିସ, ୩୦।୧୦:** ଆସନ୍ତା ନଭେମ୍ବର ୨୮ରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ପୁରୁଷ ହକି ବିଶ୍ୱକପ୍ । ତେବେ ଏହି ଅନ୍ତର୍ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ କଟକର ବାରବାଟୀ ଷ୍ଟାଡିୟମରେ କରିବାକୁ ଦାବି କରିଛି ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂ (ଓଏଆର୍‌ଏସ୍)। ରାଜ୍ୟ କ୍ରୀଡ଼ାର ରାଜଧାନୀ ଭାବେ ପରିଚିତ କଟକରେ ଏହି ଉତ୍ସବ କରାଗଲେ ଅଧିକ ମାତ୍ରାରେ ଦର୍ଶକ ଉପସ୍ଥିତ ରହିପାରିବେ। କଳିଙ୍ଗ ଷ୍ଟାଡିୟମ ତୁଳନାରେ ବାରବାଟୀରେ ସିଟ୍ ସଂଖ୍ୟା ଅଧିକ ରହିଛି। ଏହାଛଡ଼ା ହଜାର ବର୍ଷର ଏହି ଐତିହାସିକ ସହରକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଉତ୍ସବ ଆୟୋଜନ କରିବା ଦିଗରେ ଦୃଷ୍ଟି ଦେବାକୁ ଆସୋସିଏଶନ ସଭାପତି ବିନୋଦ ଦାସ ଦାବି କରିଛନ୍ତି।

INDIAN RAILWAYS

## ଭିଜିଲାନ୍ସ ସଚେତନତା ସପ୍ତାହ

29 ଅକ୍ଟୋବରରୁ 3 ନଭେମ୍ବର 2018

► ଉପଭୋକ୍ତାମାନଙ୍କୁ ନିବେଦନ ◄

- ଦୟାକରି ବୈଧ ଦେୟଠାରୁ କୌଣସି ଅତିରିକ୍ତ ଦେୟ ଦିଅନ୍ତୁ ନାହିଁ।
- ଯେଉଁ ଅର୍ଥରାଶି ପୈଠ କରୁଛନ୍ତି ସେଥି ଲାଗି ରସିଦ୍/ ଟିକେଟ୍ ହାସଲ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣଙ୍କୁ କୌଣସି ରେଳବାଇ କର୍ମଚାରୀ ଲାଞ୍ଚ ମାଗୁଛନ୍ତି ବା କିଛି କାମ କରିଦେବାକୁ କହି ଅର୍ଥ ଦାବି କରୁଛନ୍ତି ତେବେ ଆପଣଙ୍କ ଅଭିଯୋଗ **ସିନିୟର ଡେପୁଟି ଜେନେରାଲ ମ୍ୟାନେଜର (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଫୋନ୍ ନଂ.0674-2300230, ଫ୍ୟାକ୍ସ ନଂ.0674-2301328ରେ ଯୋଗାଯୋଗ କରନ୍ତୁ କିମ୍ବା sdgm@ecor.railnet.gov.in / ୱେବସାଇଟ୍ http://www.eastcoastrail.indianrailways.gov.in** ରେ ଇ-ମେଲ୍ କରନ୍ତୁ।
- ଦୟାକରି ଅଭିଯୋଗକୁ ସ୍ୱାକ୍ଷର କରିବା ପୂର୍ବକ ସଠିକ୍ ଠିକଣା ପ୍ରଦାନ କରନ୍ତୁ । ଏ ସମ୍ପର୍କିତ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାଯାଇ ସେସବୁ ଦିଗରେ ତତ୍‌କ୍ଷଣାତ ଉପଯୁକ୍ତ ପଦକ୍ଷେପ ନିଆଯାଏ । ଯଦି ଆପଣ ଆପଣଙ୍କ ନାମ ଓ ଠିକଣା ଗୁପ୍ତ ରଖିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ଅଭିଯୋଗପତ୍ରରେ ଉଲ୍ଲେଖ କରନ୍ତୁ ଏବଂ ସଂପୃକ୍ତ ଅଭିଯୋଗପତ୍ରକୁ ଏକ ଜଉମୁଦଦିଆ ଲଫାପାରେ ସୁରକ୍ଷିତ ଭାବେ, ଦି ସେକ୍ରେଟାରୀ, ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ, **ସତର୍କତା ଭବନ, ବ୍ଲକ୍ 'ଏ'**, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023 ଠିକଣାରେ ପ୍ରେରଣ କରନ୍ତୁ । ଲଫାପା ଉପରେ **"କମ୍ପ୍ଲେଣ୍ଟ ଅଣ୍ଡର ଦି ପବ୍ଲିକ୍ ଇଣ୍ଟରେଷ୍ଟ ଡ଼ିସ୍‌କ୍ଲୋଜର"** ସ୍ପଷ୍ଟ ଭାବେ ଲେଖିବାକୁ ଭୁଲନ୍ତୁ ନାହିଁ ।
- ଯଦି ରେଳବାଇରେ କୌଣସି ପ୍ରକାର ଭ୍ରଷ୍ଟାଚାର ବିଷୟରେ ଅଭିଯୋଗ ଥାଏ, ତେବେ ଆପଣ ଭିଜିଲାନ୍ସ ହେଲ୍ପଲାଇନ୍ ନଂ.8455885031 କୁ କଲ୍ କରି ସୂଚନା ଦେଇପାରିବେ।

**ପୂର୍ବ ତଟ ରେଳପଥ**

www.eastcoastrail.indianrailways.gov.in

PR-370(A)/J/18-19

ଭିଜିଲାନ୍ସ ହେଲ୍ପଲାଇନ୍ ନଂ. **8455885031**

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ରାଜ୍ୟ ଦଳ ଘୋଷିତ

**କଟକ ଅଫିସ, ୩୦।୧୦**

ବିଡ଼ାନାସୀ ଗ୍ରାଉଣ୍ଡରେ ଆସନ୍ତା ୨ରୁ ୪ ତାରିଖ ପର୍ଯ୍ୟନ୍ତ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା–ଆସାମ ବିପକ୍ଷ ମ୍ୟାଚ୍ ଖେଳାଯିବ। ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ବେଙ୍ଗଲ ଠାରୁ ପରାସ୍ତ ହୋଇଥିବା ବେଳେ ଝାଡ଼ଖଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ଇନିଂସ୍‌ରେ ପଛୁଆ ରହି ଦଳ ପଏଣ୍ଟ ହରାଇଥିଲା। ତେବେ ଆସାମ ବିପକ୍ଷ ମ୍ୟାଚ୍ ନିମନ୍ତେ ମଙ୍ଗଳବାର ରାଜ୍ୟ ଦଳ ଘୋଷଣା କରାଯାଇଛି ।

**ଘୋଷିତ ଦଳ:** ସୂର୍ଯ୍ୟ ମହାପାତ୍ର (ଅଧିନାୟକ), ପ୍ରିନ୍ସ ସଙ୍କେତ ବେହେରା (ଉପଅଧିନାୟକ), ବିଶ୍ୱ ବିଭବ ମୁଦୁଲି, ବିଶ୍ୱଜିତ ପାତ୍ର, ବଭାଂଶୁ ଶେଖର ରାୟ, ରମେଶ ମେଲକା, ଦିନେଶ କୁମାର ମାଝୀ(ଉଇକେଟ କିପର), ଆଶୁତୋଷ ସାହୁ, ଆଶୁତୋଷ ଛୁରିଆ, ଶୋଭନ ଦେବ ବେହେରା, ସାଇ ଶୁଭମ, ଆଶୁତୋଷ ସାମଲ, ଅଂଶୁମାନ ବେଜ, ଶ୍ରେଷ୍ଠ ସିଂ, ପି. ଶଶାଙ୍କ । କୋଚ୍– କେ.ଭି ପ୍ରସାଦ, ଦିନେଶ କୁମାର ସାହୁ–ଫିଜିଓ, ଏସ୍.ଆର୍ ରାୟ–ଟ୍ରେନର, ସୁବ୍ରତ ବେହେରା–ନିରୀକ୍ଷକ, ବୀରେନ୍ଦ୍ର କୁମାର ବେହେରା–ମ୍ୟାନେଜର।

# ତୃତୀୟ ପରାଜୟ ସହ ଓଡ଼ିଶା ବାଦ୍

**କଟକ ଅଫିସ, ୩୦।୧୦**

ବିଜୟୱାଡାରେ ଚାଲିଥିବା ୧୯ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ ପର୍ଯ୍ୟାୟରେ ଓଡ଼ିଶା ଲଗାତାର ତୃତୀୟ ପରାଜୟ ସହ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି । ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ହିମାଚଳପ୍ରଦେଶଠାରୁ ହାରିଛି । ପୂର୍ବ ଦୁଇଟି ମ୍ୟାଚ୍‌ରେ ଦଳ ପଞ୍ଜାବ ଓ ଉତ୍ତରପ୍ରଦେଶଠାରୁ ପରାସ୍ତ ହୋଇଥିବା ବେଳେ ସୁପରଲିଗ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। ଏହି ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ଗୁରୁବାର ଆସାମକୁ ଭେଟିବ । ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିବା ବେଳେ କୌଣସି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ । ୩୫ରନ୍‌ରେ ଦଳର ୪ଟି ଉଇକେଟ ପତନ ଘଟିଥିବା ବେଳେ ନିର୍ଦ୍ଧାରିତ ୨୦ ଓଭରରେ ଦଳ ୯ ଉଇକେଟ ହରାଇ ମାତ୍ର ୬୯ରନ୍ କରିଥିଲା। ଜି.ଏମ. ଅଲକାନନ୍ଦା ସର୍ବାଧିକ ୧୩ରନ୍ କରିଥିଲେ। ହିମାଚଳପ୍ରଦେଶ ପକ୍ଷରୁ ପି.ଜି. କାହଲୁନ ଓ ଏନ୍. ଏମ. ଚୌହ୍ୱାନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୭୦ରନ୍‌ର ବିଜୟ ଲକ୍ଷ୍ୟକୁ ୫ ଉଇକେଟ ହରାଇ ହିମାଚଳପ୍ରଦେଶ ହାସଲ କରିଛି । ସୋନାଲ ଠାକୁର ସର୍ବାଧିକ ୨୭ରନ୍ କରିଥିବା ବେଳେ ଓଡ଼ିଶା ପକ୍ଷରୁ ସୋନାଲୀ ହେମ୍ବ୍ରମ ୨ଟି ଉଇକେଟ ପାଇଥିଲେ।

# ଗୁଜରାଟ ଫର୍ଚ୍ଚୁନ ଜିଆଣ୍ଟ୍ସ ବିଜୟୀ

**ପାଟନା, ୩୦।୧୦ (ପି.ଟି.):** ଚଳିତ ପ୍ରୋ–କବାଡ଼ି ଲିଗ୍ ସିଜନ–୬ରେ ମଙ୍ଗଳବାର ଗୁଜରାଟ ଫର୍ଚ୍ଚୁନ୍ସ ୩୭–୨୭ ପଏଣ୍ଟ ବ୍ୟବଧାନରେ ପୁନେରି ପଲ୍‌ଟନକୁ ହରାଇ ଦେଇଛି। ମ୍ୟାଚ୍‌ରେ ନୀତିନ ତୋମାର ଏହି ସିଜନରେ ୧୦୦ତମ ରେଡ୍ ପଏଣ୍ଟ ହାସଲ କରିଥିଲେ। କିନ୍ତୁ ଆଘାତପ୍ରାପ୍ତ ହେବାରୁ ତାଙ୍କୁ ଖେଳର ଶେଷ ଭାଗରେ ପଡ଼ିଆ ଛାଡ଼ିବାକୁ ହୋଇଥିଲା। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ତେଲୁଗୁ ଟାଇଟାନ୍ସ ୫୩–୩୨ରେ ପାଟ୍‌ନା ପାଇରେଟ୍ସକୁ ପରାସ୍ତ କରିଛି।

# ଜାତୀୟ ପ୍ରଶିକ୍ଷଣ ଶିବିରରେ ଶିଳାନନ୍ଦ

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ଆଗାମୀ ହକି ବିଶ୍ୱକପ୍ ପାଇଁ ୧ରୁ ୨୩ ତାରିଖ ମଧ୍ୟରେ ଆୟୋଜନ ହେବାକୁଥିବା ସିନିୟର ଜାତୀୟ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ଶିଳାନନ୍ଦ ଲାକ୍ରାଙ୍କୁ ସାମିଲ କରାଯାଇଛି। ଫଳରେ ଏକାମାତ୍ର ଓଡ଼ିଆ ଖେଳାଳିଭାବେ ଘରୋଇ ପରିବେଶରେ ଶିଳାନନ୍ଦ ହକି ବିଶ୍ୱକପ୍ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ଉଲ୍ଲେଖଥାଉ କି, ପୂର୍ବରୁ ପ୍ରଶିକ୍ଷଣ ଶିବିର ପାଇଁ ହକି ଇଣ୍ଡିଆ ଦ୍ୱାରା ଘୋଷିତ ୨୫ ଜଣିଆ ତାଲିକାରେ କୌଣସି ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲେ। ତେବେ ପରେ ଓଡ଼ିଆ ତାରକା ଅମିତ ରୋହିଦାସଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ବିଶ୍ୱକପ୍ ପୂର୍ବରୁ ଆୟୋଜନ ହେବାକୁଥିବା ଏହି ଅନ୍ତିମ ପ୍ରଶିକ୍ଷଣ ଶିବିରରେ ଅମିତଙ୍କୁ ସାମିଲ କରାଯାଇନାହିଁ। ଏହି ପ୍ରଶିକ୍ଷଣ ଶିବିର ଚାଲୁ ରହିଥିବା ବେଳେ ସାମିଲ ହେବାକୁ ଥିବା କୌଣସି ଖେଳାଳିଙ୍କୁ ଛୁଟିରେ ଯିବାକୁ ଦିଆଯିବ ନାହିଁ। ତେବେ କେତେକ ବିଶେଷ ତଥା ସ୍ୱତନ୍ତ୍ର ପରିସ୍ଥିତିରେ ଖେଳାଳିଙ୍କୁ ଲିଭ୍‌ରେ ଯିବାକୁ ଅନୁମତି ମିଳିପାରେ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଓମାନର ମସ୍କାଟରେ ଖେଳାଯାଇଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହିତ ଯୁଗ୍ମ ବିଜେତା ଘୋଷିତ ହୋଇଥିଲା।



ଶିଳାନନ୍ଦ ଲାକ୍ରା




## ଗୀତ ଗାଇଲେ ମିକା

ନଭେମ୍ବର ୨୮ ତାରିଖରୁ ଡିସେମ୍ବର ୧୬ ତାରିଖ ମଧ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁଥିବା ହକି ବିଶ୍ୱକପ୍ ପାଇଁ ଜଣାଶୁଣା ପ୍ରଚ୍ଛଦପଟ୍ଟ ଗାୟକ ମିକା ସିଂ ଗୀତ ଗାଇଛନ୍ତି। ଡଃ. ନୀଳମାଧବ ପଣ୍ଡାଙ୍କ ପ୍ରଯୋଜନାରେ ଓଡ଼ିଆରେ ଏକ ଚମତ୍କାର ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ କରାଯାଇଛି । ଏହାର ନାମ ରହିଛି 'ଆସ କରିବା ଏବେ ବୋବାଲ, ଓଡ଼ିଶାର ନାଁ ହେବ ଗ୍ଲୋବାଲ'। ଏହି ଭିଡିଓର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମାନବ ରଥ। ଏଥିରେ କଣ୍ଠଦାନ କରିଛନ୍ତି ବଲିଉଡର ଆଗଧାଡ଼ିର ଗାୟକ ମିକା ସିଂ। ମିକାଙ୍କ ସହିତ ଓଲିଉଡ ଗାୟିକା ଲିପ୍ସା କଣ୍ଠଦାନ କରିଛନ୍ତି। ହକି ଉପରେ ଅଧାରିତ ଏହି ଗୀତକୁ ଲେଖିଛନ୍ତି ସଚିନ ଦାସ ଓ ସଙ୍ଗୀତରେ ଏହାକୁ ସଜାଇଛନ୍ତି ଓଲିଉଡ୍ କମ୍ପୋଜର ଗୁଡୁଲି ରଥ। ଏହି ଚମତ୍କାର ଭିଡିଓଟି ସିନେ ନିର୍ଦ୍ଦେଶକ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଛି। ଜାତୀୟ କ୍ରୀଡ଼ା ହକି ପାଇଁ ଗୀତ ଗାଇବା ମୋ ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ। ଭାରତୀୟ ଦଳର ବିଜୟ ପାଇଁ ସେ ଶୁଭକାମନା କରିଛନ୍ତି ମିକା। ଏହି ଟ୍ରାକ କେବଳ ହକି ବିଶ୍ୱକପକୁ ଦର୍ଶାଉ ନାହିଁ, ବରଂ ଓଡ଼ିଶାର ରଙ୍ଗିନ, ଆତିଥ୍ୟ ଓ ଉତ୍ସବ ପାଳନ କରିବାର ଚିନ୍ତାଧାରକୁ ମଧ୍ୟ ବ୍ୟକ୍ତ କରୁଛି ବୋଲି ସଙ୍ଗୀତ ନିର୍ଦ୍ଦେଶକ ମାନବ ରଥ କହିଛନ୍ତି।

DALDS - 155



## ରାଷ୍ଟ୍ରୀୟ ସଂକଳ୍ପ ଦିବସ
## ରାଜ୍ୟସ୍ତରୀୟ ସମାରୋହ

ତା.୩୧.୧୦.୨୦୧୮

**ସାଧାରଣ ସଭା**

ସମୟ - ସନ୍ଧ୍ୟା ୫ ଘଟିକା    ସ୍ଥାନ- ଜୟଦେବ ଭବନ

**ମୁଖ୍ୟ ଅତିଥି**

ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ
ମାନ୍ୟବର ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ

**ମୁଖ୍ୟବକ୍ତା**

ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର
ବିଶିଷ୍ଟ ଶିକ୍ଷାବିତ୍

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ମୁକୁଲ ବାରିକ୍, ଚନ୍ଦନ କୁମାର ଜେନା, ହିମାଂଶୁ ବେଉରା, ଅବନ୍ତିକା ପଟ୍ଟନାୟକ, ଗୀତାଞ୍ଜଳି ସ୍ୱାଇଁ ଓ ନିହାରିକା ମେହେରଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ସଂକଳ୍ପ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ

15001/13/0349/1819

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.

ALWAYS WEAR HELMET WHILE RIDING

Also available:
Annual Maintenance Contract**
Road Side Assistance**
Engine Health Assurance**

Follow us on

**Honda Exclusive Authorized Dealerships: ATTAGHAR:** Sidhivinayak Honda - 9124260000, 9658080060; **BALUGOAN:** Khimji Honda - 7735734881, 7735737648; **BANKI:** Shree Honda - 06723-240099, 9658201234; **BHUBANESWAR:** Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; **CHANDIKHOL:** Basanti Honda - 06725-227011, 9658482265; **CUTTACK:** Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; **JAJPUR:** TEZ Honda - 06726-221847, 7504994444; **JAGATSINGHPUR:** Kanchan Murali Honda - 06724-222122, 223112, 7381348387, 7504237557; **JAGATPUR:** Durga Honda - 9337390774, 0671-2490462; **JATNI:** PGL Honda - 0674-2492419, 7788001027; **KENDRAPADA:** Baldev Honda - 9937129275, 9437167191; **KEONJHAR:** Pritam Honda - 06766 - 254138,8908881717; **KHURDA:** Sai Honda - 07852930002, 06755-223555; **NAYAGRAH:** Pattnaik Honda - 7205028044, 9937083142; **NIALI:** Hindustan Honda - 9937075187, 0671-2803355; **PURI:** Shivam Honda - 06752-225555, 9040088747; **PARADIP:** Anil Honda - 06722-220909, 9438523425; **RAHAMA:** Navjyoti Honda - 9938339189; **UTTARA:** Gugnani Honda - 0674-3272244; **PATTAMUNDAI:** Satya Honda - 9937711139; **SALEPUR:** S.N.Honda - 9437439076.

**For Bulk/Institutional enquiries, please write us at: institutionalsales@honda2wheelersindia.com**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ଅକ୍ଟୋବର, ୨୦୧୮



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବଡ଼ମ୍ବା,୩୦।୧୦(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ଅଧୀନ ଗୋପପୁର ଛକ ନିକଟରେ ମଙ୍ଗଳବାର ଅପରାହ୍ଣରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଯାଉଥିବା ଦମ୍ପତିଙ୍କ ମଧ୍ୟରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଉଦୟ ନାଥ ମିଶ୍ର ଓ ତାଙ୍କ ସ୍ତ୍ରୀ ସସ୍ମିତା ବାଇକ୍ ଯୋଗେ ବଡ଼ମ୍ବାରୁ ତାଙ୍କ ନିଜଘର କାନପୁର ଥାନା ଅଧୀନ ବନ୍ଦେଶ୍ୱର(ଗୋପାଳପୁର)କୁ ଯାଉଥିଲେ। ଗୋପପୁର ଛକ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଦମ୍ପତି ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ଲୋକେ ଏହା ଦେଖି ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୧୫ ଟ୍ରକ୍, ଟ୍ରାକ୍ଟର ଜବତ

**ମାହାଙ୍ଗା/ଲଳିତଗିରି,୩୦।୧୦(ସ୍ୱ.ପ୍ର.):** ମାହାଙ୍ଗା ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସମସରପୁର, କୁହୁଣ୍ଡା ଆଦି ସ୍ଥାନରେ ଚଢ଼ାଉ କରାଯାଇ ୧୫ରୁ ଊର୍ଦ୍ଧ୍ୱ ବେଆଇନ ବାଲି, ଗୋଡି ବୋଝେଇ ଟ୍ରକ୍ ଓ ଟ୍ରାକ୍ଟର ଜବତ କରାଯାଇଛି। ତହସିଲଦାର ଦିଲୀପ ମହାରଣାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ପୁଷ୍ପଗିରି କଲେଜରୁ ୮୦ ହଜାର ଟଙ୍କାର ସାମଗ୍ରୀ ଚୋରି

**ମାହାଙ୍ଗା/ଲଳିତଗିରି,୩୦।୧୦(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅଧୀନ ଏରକଣାସ୍ଥିତ ପୁଷ୍ପଗିରି କଲେଜରୁ ସୋମବାର ବିଳମ୍ବିତ ରାତିରେ ଷ୍ଟାଫ୍ କମନ ରୁମ ତାଲା ଭାଙ୍ଗି ଦୁର୍ବୃତ୍ତ ୩୨ ଇଞ୍ଚିଆ ଏଲସିଡି ଟିଭି, ଇନଭର୍ଟର ସେଟ, କାନ୍ଥ ଘଣ୍ଟା ଓ ଅନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ଲୁଟ୍ ସାମଗ୍ରୀର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି କଲେଜ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ମଲିକ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ-୨୧୧/୧୮ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଡିଗିରିଆ,୩୦।୧୦(ଡି.ଏନ.ଏ.):** ଡିଗିରିଆ ବ୍ଲକ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ପାଞ୍ଚଗାଁ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ପଦଯାତ୍ରା ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ନେତୃତ୍ୱରେ ପାଞ୍ଚଗାଁ ଶିବ ମନ୍ଦିରଠାରୁ ବାହାରି ସୁଦର୍ଶନପୁରଠାରେ ଶେଷ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ବ୍ଲକ ବିଜେଡି ସଭାନେତ୍ରୀ ସବିତା ବେହେରା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ, ବାସନ୍ତୀ କର, ଯୁବନେତା ସଞ୍ଜୟ ମଲିକ, ନୀଳମଣି ମହାପାତ୍ର, ଧରଣୀଧର ପ୍ରଧାନ ଓ ରଘୁନାଥ ଦାଶଙ୍କ ସମେତ ପଞ୍ଚାୟତର ବହୁ କର୍ମୀ ଯୋଗ ଦେଇଥିଲେ। ନେତୃବୃନ୍ଦ ବିଭିନ୍ନ ସ୍ଥାନରେ ପ୍ରଥପ୍ରାନ୍ତ ସଭାକରି ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ସେହିପରି ଗଦାଧରପୁର ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଅଜିତ ଧୀରଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା ଦଳେଇ, ଉପାଧ୍ୟକ୍ଷ ପରିଡ଼ା, ଜିଲାପରିଷଦ ସଭ୍ୟ ବିଜୟଲକ୍ଷ୍ମୀ ଖଟୁଆ, ସରପଞ୍ଚ ଶରତ ସ୍ୱାଇଁ, ବିନ୍ଧାଣିମା ସରପଞ୍ଚ ଅଜିତ ରାଉତ, ଧରଣୀଧର ପ୍ରଧାନ, ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ, ଯୁବନେତା ପ୍ରକାଶ ରାଉତ, ସରପଞ୍ଚ ସସ୍ମିତା ରାଉତ, ପ୍ରସନ୍ନ ଭୋଇ, ସମିତିସଭ୍ୟ ସଞ୍ଜୟ କର, ପ୍ରଦୀପ ନାଏକ, ସନ୍ଧ୍ୟାରାଣୀ ନାୟକ, ଗଜେନ୍ଦ୍ର ଦଳେଇ, ସୁଦାମ ରାଉତ ପ୍ରମୁଖ ଯୋଗଦେଇଥିଲେ। କଳିବିର ଗ୍ରାମ ସୁନେଇରୂପେଇ ଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ସାନନାଉପୁଟଠାରେ ସମାପ୍ତ ହୋଇଥିଲା। ପଥପ୍ରାନ୍ତ ସଭାରେ ଉପରୋକ୍ତ ନେତୃବୃନ୍ଦ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ।

■ ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଡିଗିରିଆ ବ୍ଲକ କାର୍ଯ୍ୟାଳୟ ଘେରାଉ

# ମୁଖ୍ୟ ଫାଟକ ଭାଙ୍ଗି ଧସେଇ ପଶିଲେ

**ଡିଗିରିଆ,୩୦।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳବାର ଡିଗିରିଆ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିରେ ଦଳର ନେତୃବୃନ୍ଦ ଯୋଗଦେଇ ଦୁର୍ନୀତି ଓ ପିସି କାରବାରରୁ ବ୍ଲକ କର୍ମଚାରୀ ଦୂରେଇ ରହିବାକୁ ଚେତାବନୀ ଦେଇଛନ୍ତି। ଘେରାଉ ଯୋଗୁ ବ୍ଲକ କାର୍ଯ୍ୟାଳୟକୁ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିଲା। ତେବେ ସମର୍ଥକମାନେ କାର୍ଯ୍ୟାଳୟ ପରିସର ଫାଟକ ଭାଙ୍ଗି ଧସେଇ ପଶିଥିଲେ। ପରେ ପରିସର ମଧ୍ୟରେ ଥିବା ସରକାରଙ୍କ ବିଭିନ୍ନ ହୋର୍ଡିଂକୁ ଜାଳି ନଷ୍ଟ କରି ଦେଇଥିଲେ। ପାଞ୍ଚଗାଁ ଶିବ ମନ୍ଦିରଠାରୁ ବିକ୍ରମ କେଶରୀ ଦାଶ ଓ ଶଙ୍କର୍ଷଣ ମହାନ୍ତିଙ୍କ ନେତୃତ୍ୱରେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱ ସୁନ୍ଦର ମିଶ୍ର, ବରିଷ୍ଠ ନେତା ବ୍ରଜେନ୍ଦ୍ର ରାୟ, ରାମନାରାୟଣ ମହାନ୍ତି, କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସ୍ୱାଗତା ପଟ୍ଟନାୟକ, ଆଇନଜୀବୀ ସୂର୍ଯ୍ୟନାରାୟଣ ମହାନ୍ତି, ପର୍ଯ୍ୟବେକ୍ଷକ ବିଜୟ ଦଳବେହେରା ଓ ସୁଧାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରକାଶ ଚନ୍ଦ୍ର ପାଲ, ଡିଗିରିଆ ଥାନା ଅଧିକାରୀ ସୁଶାନ୍ତ କୁମାର ଶତପଥୀ କର୍ମୀଙ୍କୁ ରୋକିବା ସହ ବୁଝାସୁଝା କରିଥିଲେ।



ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା କର୍ମକର୍ତ୍ତା ଡିଗିରିଆ ବ୍ଲକ ପରିସରରେ ଧସେଇ ପଶି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ଦୁର୍ନୀତି, ଭ୍ରଷ୍ଟାଚାର ବନ୍ଦ କରିବାକୁ ଚେତାବନୀ
■ ସାମିଲ ହେଲେ ବହୁ କର୍ମୀ

# ସରକାରୀ କାର୍ଯ୍ୟାଳୟ ବନ୍ଦ କଲେ ଓକିଲ ସଂଘ କର୍ମକର୍ତ୍ତା

**ବଡ଼ମ୍ବା,୩୦।୧୦(ଡି.ଏନ.ଏ.)**

ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଛି। ଏଥିସହ କଟକ-ନରସିଂହପୁର ମୁଖ୍ୟ ରାସ୍ତାର କଚେରି ଛକଠାରେ ଟାୟାର ଜାଳି ପ୍ରତିବାଦ କରାଯାଇଛି। ଜଣେ ଆଇନଜୀବୀଙ୍କୁ ପୋଲିସ ମାଡ଼ ମାରିବା ପ୍ରତିବାଦରେ ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଇନଜୀବୀମାନେ ୨ମାସ ଧରି ଆନ୍ଦୋଳନ ଚଳାଇଛନ୍ତି। ହେଲେ ପ୍ରଶାସନ ଏ ପର୍ଯ୍ୟନ୍ତ କୌଣସି ସମାଧାନର ସୂତ୍ର ବାହାର କରିନାହିଁ। ତେବେ ଆନ୍ଦୋଳନକୁ ଏବେ ଭଣ୍ଡୁର କରାଯିବାକୁ ଚକ୍ରାନ୍ତ କରାଯାଉଥିବା ନେଇ ହାଇକୋର୍ଟରେ ଆଇନୀଜୀବୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଯେଉଁମାନେ ଏଥିରେ ଫାଟ ସୃଷ୍ଟି କରିଛନ୍ତି ସେମାନଙ୍କ ବିରୋଧରେ ବଡ଼ମ୍ବା ଓକିଲ ସଂଘ ପ୍ରତିବାଦ କରି ଏଭଳି କରିଛି ବୋଲି ସଂଘ ସଭାପତି ଅମିୟ ପାଣିଗ୍ରାହୀ ଓ ସମ୍ପାଦକ ପରେଶ ମହାନ୍ତ ସୂଚନା ଦେଇଛନ୍ତି।



ଆଇନଜୀବୀମାନେ କଟକ-ନରସିଂହପୁର ମୁଖ୍ୟ ରାସ୍ତାର କଚେରି ଛକଠାରେ ଟାୟାର ଜାଳି ପ୍ରତିବାଦ କରୁଛନ୍ତି।

## ବହୁଜନ କ୍ରାନ୍ତି ମୋର୍ଚ୍ଚା ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧନା

**ଆଠଗଡ଼,୩୦।୧୦(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜାତି, ଉପଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ବୈମାତୃକ ମନୋଭାବ ଏବଂ ଦୁର୍ନୀତି ବିରୋଧରେ ବହୁଜନ କ୍ରାନ୍ତି ମୋର୍ଚ୍ଚା ଦ୍ୱାରା ଭାରତରେ ଆରମ୍ଭ ହୋଇଛି ପରିବର୍ତ୍ତନ ଯାତ୍ରା। ଓଡିଶାରେ ଚାଲିଥିବା ଏହି ଯାତ୍ରାର ଅଭିଯାତ୍ରୀ ଦଳ ସୋମବାର ଢେଙ୍କାନାଳରୁ କଟକ ଜିଲାକୁ ପ୍ରବେଶ କରିବା ପରେ ଶଙ୍କରପୁରଠାରେ ଦଳକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୋର୍ଚ୍ଚାର ସଦସ୍ୟ ରମେଶଚନ୍ଦ୍ର ଘଡେଇ ଓ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇଙ୍କ ନେତୃତ୍ୱରେ ଶତାଧିକ ମାନବଅଧିକାରୀ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ଦଳକୁ ଆଠଗଡ ସହର ମଧ୍ୟକୁ ପାଛୋଟି ଆଣିଥିଲେ। ପରେ ଲକ୍ଷ୍ମୀବଜାର ପେଣ୍ଡାଲଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ରହି ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧିତ କରିଥିଲେ।

# ପ୍ଲାଷ୍ଟିକ ବର୍ଜନ ସଫଳତା ପାଇଁ ପୂଜାମଣ୍ଡପ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ବାଙ୍କୀ,୩୦।୧୦(ସ୍ୱ.ପ୍ର.)**

କଟକ ଲାୟନ୍ସ କ୍ଲବ ପ୍ଲାଟିନମ୍ ପକ୍ଷରୁ ଲୋକସମ୍ପର୍କ ଅଧିକାରୀ ଲାୟନ୍ସ ଗୌତମ ମିଶ୍ରଙ୍କ ପରିଚାଳନାରେ ପ୍ଲାଷ୍ଟିକ୍ ବର୍ଜନ ସଫଳତା ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବାଙ୍କୀ ଚର୍ଚ୍ଚିକା ନୋଡାଲ୍ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ପରିବେଶବିତ୍ ସୁରେଶ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରି ପ୍ଲାଷ୍ଟିକ୍ ମୁକ୍ତ ବାଙ୍କୀ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରକୃତି ବନ୍ଧୁ ପ୍ରାଧାପକ ମନୋଜ ମହାପାତ୍ର ଅତିଥି ପରିଚୟ ସହ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସହକାରୀ ଶ୍ରମ କମିଶନର ପ୍ରଦୀପ ରଥ ଯୋଗଦାନକରି ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ପଦାର୍ଥ ବର୍ଜନ ଓ ପରିବେଶ ସନ୍ତୁଳିତ କରିବା ଦିଗରେ ବାଙ୍କୀବାସୀ ଆଗେଇ ଆସିଲେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା ଯୋଗଦାନ କରି ସୁସ୍ଥ ପରିବେଶ ଆମର ଏକାନ୍ତ କାମ୍ୟ ଓ ଏଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ବାଙ୍କନିଧି ବେହେରା ଯୋଗଦାନ କରି ସୁସ୍ଥ ଓ ନିର୍ମଳ ପରିବେଶ ସୃଷ୍ଟି କରିପାରିଲେ ସମସ୍ତ ଜନସାଧାରଣ ସୁସ୍ଥ ଓ ନିରାମୟ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ସାମାଜିକ କର୍ମୀ କିଶୋର ଚନ୍ଦ୍ର ମିଶ୍ର ଯୋଗଦାନ କରି ବ୍ୟାପକ ଚାରାରୋପଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବାଙ୍କୀର ବିଶିଷ୍ଟ ସାମାଜିକ କର୍ମୀ ଏବଂ ସମସ୍ତ ପୂଜାମଣ୍ଡପ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ପୂଜାମଣ୍ଡପ କର୍ମକର୍ତ୍ତାଙ୍କୁ ଅତିଥି କପଡ଼ା ବ୍ୟାଗ୍ ପ୍ରଦାନ କରିଥିଲେ। ଶେଷରେ ଦୀପକ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥି ପୂଜା ମଣ୍ଡପ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଦିନକ ଲାଗି ଖୋଲିଲା କୋର୍ଟ

**ଆଠଗଡ଼,୩୦।୧୦(ସ୍ୱ.ପ୍ର.)**

ଜଣେ ଆଇନଜୀବୀଙ୍କୁ ପୋଲିସର ଆକ୍ରମଣ ପ୍ରତିବାଦରେ ୨ମାସ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆଠଗଡ ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଅଦାଲତ ଖୋଲାଯାଇଥିଲା। ଏଥିରେ ବହୁ ଜାମିନ ଆବେଦନ ହୋଇଥିଲା। ଆଠଗଡ ଏସଡିଜେଏମ୍‌ଙ୍କ ଅଦାଲତ ପକ୍ଷରୁ ୩୭ ଓ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରୁ ୨ଜଣଙ୍କ ଜାମିନ ମଞ୍ଜୁର ହୋଇଛି। ଅପରାହ୍ଣରେ ସଂଘ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ସତ୍ୟେନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହାଇକୋର୍ଟ ବାର ଆସୋସିଏସନ୍ ନିଷ୍ପତ୍ତି ଅନୁଯାୟୀ ଆନ୍ଦୋଳନକୁ ପୂର୍ବବତ୍ ଜାରି ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୁଧବାରଠାରୁ ଆଠଗଡ ଅଦାଲତରେ ଆଇନଜୀବୀ ପୂର୍ବପରି ଆନ୍ଦୋଳନ ଜାରି ରଖିବେ ବୋଲି ସମ୍ପାଦକ ବନବିହାରୀ ସାହୁ ପ୍ରକାଶ କରିଛନ୍ତି।

## ବିକେ ବିଦ୍ୟାପୀଠରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**ବାଙ୍କୀ,୩୦।୧୦(ସ୍ୱ.ପ୍ର.)**

ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ସଭା ଗୃହରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବୈଠକ ପୁରାତନ ଛାତ୍ର ତଥା ଶିକ୍ଷକ ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ବକ୍ସି ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ୧୦ଜଣିଆ କମିଟି ଗଠନ କରାଯାଇଛି। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ରଥ, ଡା. ଶରତ ଚନ୍ଦ୍ର ସ୍ୱାଇଁ, ଆଡ୍‌ଭୋକେଟ ଶିବ ପ୍ରସାଦ ପାଢ଼ୀ, ସନ୍ତୋଷ ରଣା, ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା, ପ୍ରସନ୍ନ ବେହେରା, ସନାତନ ବେହେରା, ଲକ୍ଷ୍ମଣ କୁମାର ପୃଷ୍ଟି, ସଂଗ୍ରାମ ବିଭୂତି ରାୟ ପ୍ରମୁଖ ସଭ୍ୟ ଅଛନ୍ତି। ସଭାପତି ବକ୍ସି ସୁଧାଂଶୁ ପଟ୍ଟନାୟକ ଓ ସ୍କୁଲ ପ୍ରଧାନଶିକ୍ଷକଙ୍କ ନାମରେ ବ୍ୟାଙ୍କରେ ଏକ ଯୁଗ୍ମ ପାସବୁକ୍ ଖୋଲାଯିବ। ସ୍କୁଲର ପୁରାତନ ଛାତ୍ର ଏବଂ ଅଭିଭାବକଙ୍କ ଠାରୁ ଆର୍ଥିକ ସାହାଯ୍ୟ ସଂଗ୍ରହ କରାଯାଇ ଏହି ଯୁଗ୍ମ ପାସ୍ ବୁକ୍‌ରେ ଜମା କରାଯିବ ବୋଲି ବରିଷ୍ଠ ଶିକ୍ଷକ ଜେନା ପ୍ରକାଶ କରିଛନ୍ତି।

# ବାଙ୍କୀ ବ୍ଲକ ସମ୍ମୁଖରେ ବିକ୍ଷୋଭ

**ବାଙ୍କୀ,୩୦।୧୦(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଭାଜପା ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଡିଓଙ୍କୁ ୧୦ଦଫା ଦାବିପତ୍ର ଦିଆଯାଇଛି। ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଅଜୟ ସ୍ୱାଇଁ, ସୁବଳ ବେହେରା, ପଦ୍ମଜା ଦେବତା ଏବଂ ଭାଜପା ମୁଖ୍ୟ ସଂଯୋଜକଙ୍କ ସମେତ ବହୁ କର୍ମୀ ବାଙ୍କୀ ବ୍ରହ୍ମେଇ ଠାକୁରାଣୀଙ୍କ ପୀଠରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଟାଉନ୍ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ସରକାରୀ ବିରୋଧୀ ସ୍ଲୋଗାନ୍ ଦେବା ସହିତ ସରକାରଙ୍କ କଳାକାରନାମାର ଜବାବ ଦିଆଯିବ ବୋଲି ପ୍ରଚାର କରିଥିଲେ। ରାଜ୍ୟ ଭାଜପା ଦଳ ସମ୍ପାଦିକା ରେଖାଶ୍ରୀ ସାମନ୍ତସିଂହାର ଓ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରଭାରୀ ଯୋଗଦେଇ ନବୀନ ପଟ୍ଟନାୟକ ସରକାରଙ୍କ ସମ୍ପର୍କରେ କଟୁ ସମାଲୋଚନା କରିଥିଲେ। ବାଙ୍କୀ ପର୍ଯ୍ୟବେକ୍ଷକ ସ୍ମୃତି ପଟ୍ଟନାୟକ ସରକାର ଜନସାଧାରଣଙ୍କୁ ସୁଶାସନ ଦିଆଯିବାର ଡିଣ୍ଡିମ ପିଟୁଥିବା ବେଳେ ପିସି କାରବାରକୁ ପରୋକ୍ଷରେ ଗ୍ରହଣ କରିଥିବା ପ୍ରମାଣିତ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ବାଙ୍କୀ ପୋଲିସ୍ ପକ୍ଷରୁ ଉପଖଣ୍ଡ ପୋଲିସ୍ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଥାନା ଅଧିକାରୀ ସମୀର ପଣ୍ଡା ସଦଳ ବଳେ ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ବାଙ୍କୀ ନଗର ଯୁବ ଭାଜପା ସଭାପତି ସଞ୍ଜୟ ରଣା, ବ୍ରହ୍ମପୁରା ମଣ୍ଡଳ ସଭାପତି ମଦନ ମୋହନ ରାଉତ, କଳାପଥର ମଣ୍ଡଳ ସଭାପତି ଦାଶରଥି ଦାସ୍, ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରଭାତ ରଣା, କଟକ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଜୟନ୍ତ ଜେନା, ଡମପଡ଼ା ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ବିଜୟ କେତନ ବେଉରା, ଦେବୀ ପ୍ରସାଦ ମହାନ୍ତି, ଲକ୍ଷ୍ମୀପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ମାହାଙ୍ଗା ବିଡିଓଙ୍କୁ ଦାବିପତ୍ର

**ମାହାଙ୍ଗା/ଲଳିତଗିରି,୩୦।୧୦(ସ୍ୱ.ପ୍ର.)**

ମାହାଙ୍ଗା ଭାଜପା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବରିଷ୍ଠ ନେତା ପ୍ରଭାତ କେଶରୀ ମିଶ୍ରଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ କର୍ମୀ ପଶୁଲୁଣ୍ଡା ବଜାର ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ୍ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଶରତ ମିଶ୍ରଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ରେ ହେଉଥିବା ବିଭିନ୍ନ ଦୁର୍ନୀତି ଅଭିଯୋଗ କରି ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବ୍ଲକ ପାଚେରି ଡେଇଁ ଧସେଇ ପସିବାକୁ ଉଦ୍ୟମ କରିଥିଲେ। ସଭାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ସାମଲ, କୁଳମଣି ବରାଳ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ଯାଜ୍ଞସେନୀ ଜେନା, ବିଷ୍ଣୁପ୍ରିୟା ସାହୁ, ଅହଲ୍ୟା ଜେନା ଓ ଶରତ ସାମଲଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଯଦି ବ୍ଲକ୍ ପ୍ରଶାସନ ପକ୍ଷରୁ ପିସି କାରବାର ଓ ଦୁର୍ନୀତି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ମିଶ୍ର ଚେତାବନୀ ଦେଇଥିଲେ। ଏହାପରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସ୍ଥଳକୁ ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଆସି ଦାବିପତ୍ର ଗ୍ରହଣ କରିଥିଲେ।

# ନ୍ୟାୟ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**ବାଙ୍କୀ,୩୦।୧୦(ବି.ପ୍ର.)**

ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ନ୍ୟାୟ ପାଇଁ ଜଣେ ମହିଳା ପରିବାର ସହ ଧାରଣା ଦେଇଛନ୍ତି। ସୂଚନା ଅନୁଯାୟୀ, ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ଗ୍ରାମର କେତେଜଣ ଅନୁସୂଚୀତ ଜାତିର ଲୋକ ମିଶି ଅମରେନ୍ଦ୍ରପୁର ଗ୍ରାମର ସୁମିତ୍ରା ଭୋଇଙ୍କ ଘର ଭାଙ୍ଗିଦେବା ସହ ନିଆଁ ଲଗାଇ ଦେଇଥିଲେ। ଏନେଇ ସୁମିତ୍ରା ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ନ୍ୟାୟ ନ ମିଳିଲେ ସୁମିତ୍ରା ଆନ୍ଦୋଳନରେ ବସିବେ ବୋଲି ପୂର୍ବରୁ ବାଙ୍କୀ ଉପଜିଲାପାଳ, ଥାନା ଅଧିକାରୀ, ମୁଖ୍ୟ ପୋଲିସ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଏପରି କି ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଥିଲେ। ସେହି ଅନୁଯାୟୀ ମଙ୍ଗଳବାର ସୁମିତ୍ରା, ତାଙ୍କ ସ୍ୱାମୀ ମହେନ୍ଦ୍ର ଭୋଇ, ଦୁଇ ନାବାଳକ ପୁତ୍ର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଏହି ସମୟରେ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଓ ମୁଖ୍ୟ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୩ ତାରିଖରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ସୁମିତ୍ରାଙ୍କ ପରିବାର ଆନ୍ଦୋଳନରୁ ଓହରିଥିଲେ। ଅପରାହ୍ଣ ୪ଟାରେ ସେମାନଙ୍କୁ ଥାନାକୁ ଡାକି ସବିଶେଷ ପଚାରା ଉଚରା କରାଯାଇଛି। ଘଟଣାର ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ସବଇନ୍ସପେକ୍ଟର ମାନସ କୁମାର ମିଶ୍ରଙ୍କୁ ଉପଖଣ୍ଡ ପୋଲିସ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ଲକସ୍ତରୀୟ କୃଷକ ତାଲିମ ଶିବିର



ବ୍ଲକସ୍ତରୀୟ କୃଷକ ତାଲିମ ଶିବିରରେ ଯୋଗଦେଇଥିବା ଅତିଥି।

**ନିଶ୍ଚିନ୍ତକୋଇଲି,୩୦।୧୦(ସ୍ୱ.ପ୍ର.)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକ ଆତ୍ମା କାର୍ଯ୍ୟାଳୟରେ ବ୍ଲକସ୍ତରୀୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥ ସାରଥି ପରିଡ଼ା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ସିଆରଆରଆଇର କୃଷି ବୈଜ୍ଞାନିକ ମନିଶା ଚୌରାସିଆ ଯୋଗଦେଇ ଖରିପ, ରବି ଫସଲରେ ଲାଗୁଥିବା ବିଭିନ୍ନ ପୋକ ଓ ଏହାର ପ୍ରତିଷେଧକ ବ୍ୟବସ୍ଥା ଉପରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମୁଖ୍ୟବକ୍ତା ଆୟୁରଦେହି ମିଶ୍ର ଯୋଗଦେଇ ଚାଷ ସମୟରେ ଚାଷୀ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସରଳ ସମାଧାନ ଉପରେ କହିଥିଲେ। କୃଷି ଜିଲା ଅଧିକାରୀ ମୋହନ ଶର୍ମା ବର୍ତ୍ତମାନ ଧାନରେ ଲାଗିଥିବା ଚକଡ଼ା ପୋକର ପ୍ରତିଷେଧକ ଓ ଔଷଧ ବ୍ୟବହାର ଉପରେ ଚାଷୀଙ୍କୁ ଅବଗତ କରାଇଥିଲେ। ବ୍ଲକ ବୈଷୟିକ ଅଧିକାରୀ ଅରବିନ୍ଦ ସାହୁ ଅଞ୍ଚଳରେ ହେଉଥିବା ବିଭିନ୍ନ ଚାଷ ପ୍ରଣାଳୀ ଓ ଚାଷୀଙ୍କ ଜୈବିକ ସାର, ଔଷଧ ପ୍ରାୟୋଗ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ସାହୁ, କୃଷକ ସାଥି ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ଅଞ୍ଚଳରୁ ବହୁ କୃଷକ ଯୋଗ ଦେଇଥିଲେ। କୃଷକ ସାଥି ଓ କୃଷି ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଚାଷୀଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ କୀଟନାଶକ ବ୍ୟବହାର ଓ ଚାଷ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ନଡକାଇରେ ଚକଡା ପୋକ ଲାଗିଥିବା ବେଳେ ଏହାକୁ ନିଶ୍ଚିନ୍ତକୋଇଲି କୃଷି ବିଭାଗର ଉଦ୍ୟମରେ ନିୟନ୍ତ୍ରଣ କରାଯାଇଥିବା ବିଭାଗୀୟ ଅଧିକାରୀମାନେ କହିଥିଲେ।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

-ଜନ୍ ଡ୍ରାଇଡେନ୍

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍



ଖୋର୍ଦ୍ଧା ଅଫିସ,୩୦।୧୦:ଖୋର୍ଦ୍ଧା ଟାଉନ ଥାନା ବାଘମାରୀ ଫାଣ୍ଡି ଅଞ୍ଚଳ ସ୍ଥାନୀୟ ବଜାରରେ ମଙ୍ଗଳବାର ରାତିରେ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ହୋଇଛି। ଲୁଟେରାମାନେ ଅନ୍ଧାରର ସୁଯୋଗ ନେଇ ରାତି ୧୨ଟା ପୂର୍ବରୁ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି। ଦୁଇଜଣ ବ୍ୟକ୍ତି ରାତିରେ ଟଙ୍କା ଉଠାଣ ପାଇଁ ଏଟିଏମ୍‌କୁ ଆସି ଦେଖିଲା ବେଳକୁ କେହି ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା ଜାଣିବାକୁ ପାଇଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିନାହିଁ। ଏଟିଏମ୍‌ରୁ କେତେ ଟଙ୍କା ଲୁଟ ହୋଇଛି ସେ ସମ୍ପର୍କରେ ଜଣାପଡିନାହିଁ। ବୁଧବାର ବ୍ୟାଙ୍କ ଖୋଲିବା ପରେ ଲୁଟ୍ ହୋଇଥିବା ଟଙ୍କା ସମ୍ପର୍କରେ ଜଣାପଡିବ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖୋର୍ଦ୍ଧା ଅଫିସ,୩୦।୧୦:ବିଜେଡି ପକ୍ଷରୁ ଚିଲିକା ବ୍ଲକର ହରିପୁରରେ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ସମର୍ଥକମାନେ ହରିପୁର ପଞ୍ଚାୟତଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଜେଡି ସରକାରଙ୍କର ବିଭିନ୍ନ ସଫଳତା ଉପରେ ନାରାବାଜୀ ଦେଇ ପଞ୍ଚାୟତର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ । ପୁଣି କେନ୍ଦ୍ର ସରକାରଙ୍କ ଓଡିଶା ବିରୋଧୀ ମନୋଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ଏଥିରେ ଚିଲିକା ବ୍ଲକ ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ରମେଶ ମହାପାତ୍ର, ଚିଲିକା ନିର୍ବାଚନମଣ୍ଡଳୀ ସଭାପତି ମହେଶ ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

### ଖୁଚୁରା ବ୍ୟବସାୟରେ ବହୁଦେଶୀୟ କମ୍ପାନୀର ପ୍ରବେଶକୁ ବିରୋଧ
### ଖୋର୍ଦ୍ଧାରେ ବୁଲିଲା ସଚେତନତା ରଥ

ଖୋର୍ଦ୍ଧା ଅଫିସ,୩୦।୧୦:ଖୁଚୁରା ବ୍ୟବସାୟରେ ବହୁଦେଶୀୟ କମ୍ପାନୀର ପ୍ରବେଶକୁ ବିରୋଧ କରି ଖୋର୍ଦ୍ଧାରେ ବୁଲିଛି ସଚେତନତା ରଥ। ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଆୟୋଜିତ ଏହି ରଥ ଦିଲ୍ଲୀରୁ ଆସି ଖୋର୍ଦ୍ଧାରେ ପହଞ୍ଚି ଭୁବନେଶ୍ୱରକୁ ଯାଇଛି। ଏହା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଚେତନତା କରିବା ପରେ ପୁଣି ଦିଲ୍ଲୀ ଫେରିଯିବ। ଏଥିରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘର ସଭାପତି ବ୍ରିଜ ମୋହନ ଅଗ୍ରୱାଲ, ରାଜ୍ୟ ସଭାପତି ସୁଧାକର ପଣ୍ଡା, ରାଜ୍ୟ ଆଇନ ପରାମର୍ଶଦାତା ଶକ୍ତି ଶଙ୍କର ମିଶ୍ର, ଖୋର୍ଦ୍ଧା ବ୍ୟବସାୟୀ ସଂଘର ରାମ ଅବତାର, ଅରକ୍ଷିତ ସାହୁ, ଡିଷ୍ଟ୍ରିବ୍ୟୁଟାରୀ ଆସୋସିଏଶନର ବାଦଲ ପଟ୍ଟନାୟକ ପ୍ରମୁଖ ଏହି ସଚେତନତା ରଥରେ ସାମିଲ ହୋଇ ସଚେତନତା ସୃଷ୍ଟି କରିଥିଲେ।

### ଖୋର୍ଦ୍ଧା କୋର୍ଟ ବନ୍ଦ

ଖୋର୍ଦ୍ଧା ଅଫିସ,୩୦।୧୦:ହାଇକୋର୍ଟ ଆଇନଜୀବୀ ମାଡମରା ଘଟଣାର ପ୍ରଭାବ ଖୋର୍ଦ୍ଧାରେ ପଡିଛି। ପ୍ରତିବାଦରେ ମଙ୍ଗଳବାର ଓ ବୁଧବାର ଖୋର୍ଦ୍ଧା ବାର ଆସୋସିଏଶନ ବନ୍ଦ ଡାକରା ଦେଇ ମଙ୍ଗଳବାର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅଗଷ୍ଟ ୨୮ରେ କଟକ ହାଇକୋର୍ଟର ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ଚାଉଳିଆଗଞ୍ଜ ଥାନା ଅଧୀନ ନୂଆବଜାର ନିକଟରେ ପୋଲିସ ମାଡ ମାରିଥିଲା। ଏହାକୁ ନେଇ କଟକ ଆଇନଜୀବୀମାନେ ଆନ୍ଦୋଳନ ଚଳାଇଥିବାବେଳେ ସୋମବାର ଆଇନଜୀବୀଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇ ହାତାହାତି ହୋଇଛନ୍ତି। ତଥାପି ରାଜ୍ୟର ବିଭିନ୍ନ କୋର୍ଟ ବନ୍ଦ ରହିଛି।

### ବିଶ୍ୱ ମିତବ୍ୟୟିତା ଦିବସ

ଖୋର୍ଦ୍ଧା ଅଫିସ,୩୦।୧୦:ଜିଲା ସଂସ୍କୃତି କାର୍ଯ୍ୟାଳୟରେ ବିଶ୍ୱ ମିତବ୍ୟୟିତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ସୁରଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୌଦାମିନୀ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପରମଗୁରୁ ଯୋଗ ଦେଇଥିଲେ। ଏଥିରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସତ୍ୟ ନାରାୟଣ ବେହେରା ସ୍ୱାଗତ ଭାଷଣ ଦେଇ ସ୍ୱଳ୍ପ ସଞ୍ଚୟର ଲାଭ ଉପରେ ଦର୍ଶାଇଥିଲେ।

## ■ ଠିକା ଶ୍ରମିକଙ୍କୁ ବେତନ ଦିଆ ନ ଯିବା ଘଟଣା
# ଡିଆର୍‌ଏମ୍ ଅଫିସ ଆଗରେ ଉତ୍ତେଜନା

ଜଟଣୀ,୩୦।୧୦(ଡି.ଏନ.ଏ.)

ଠିକା ସଂସ୍ଥା ଶ୍ରମିକମାନଙ୍କୁ ବେତନ ଦେଉ ନ ଥିବା ଘଟଣାକୁ ନେଇ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ମୁଖ୍ୟଦପ୍ତର ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍ତେଜନା ଦେଖାଦେଇଥିଲା। ରେଲୱେର ବିଭିନ୍ନ ଟ୍ରେନ୍‌ରେ ବେଡ୍‌ରୋଲ୍ ଶ୍ରମିକ ଭାବେ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା ୭୦ ପାଖାପାଖି ଶ୍ରମିକ ୭ ମାସ ହେବ ବେତନ ନ ପାଇବା ଯୋଗୁ ଏପରି ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗକୁ ନେଇ ରେଲୱେର କେତେଜଣ ଅଧିକାରୀ, ଠିକାସଂସ୍ଥାର ମୁଖ୍ୟ ଓ ଶ୍ରମିକ ନେତାଙ୍କ ଉପସ୍ଥିତିରେ ଡିଭିଜନ ମୁଖ୍ୟଦପ୍ତର ପରିସରରେ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ତେବେ ଶ୍ରମିକମାନଙ୍କ ଉପରୋକ୍ତ ସମସ୍ୟା ସମାଧାନ ଉପରେ ସେପରି କୌଣସି ନିର୍ଯାସ ବାହାରି ନ ଥିଲା। ଓରିଏଣ୍ଟାଲ୍ ସିକ୍ୟୁରିଟି ସର୍ଭିସ୍



ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକମାନଙ୍କ ଧାରଣା ।

ନାମରେ ଏକ ଠିକାସଂସ୍ଥା ଅଧୀନରେ ଏହି ଶ୍ରମିକମାନେ କାର୍ଯ୍ୟ କରୁଥିଲେ। ହେଲେ ସେମାନଙ୍କୁ ୭ ମାସ ହେବ ବେତନ ଦିଆଯାଇ ନ ଥିବା କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ସାଗର ବେହେରା ଓ ଦିବାକର ମହାପାତ୍ର ଦୁଇ ଶ୍ରମିକ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ଆପତ୍ତି ଅଭିଯୋଗ କଲେ ମଧ ଏ ଯାବତ୍ କେହି ଗୁରୁତ୍ୱ ଦେଇନାହାନ୍ତି ବୋଲି କହିଛନ୍ତି। ସେମାନେ ଡେଲାଙ୍ଗ ଓ ଜିଆର୍‌ପି ଥାନାରେ ଅଭିଯୋଗ କରି ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଥିବା ସୂଚନା ଦେଇଛନ୍ତି। ଓରିଏଣ୍ଟାଲ ସିକ୍ୟୁରିଟି ସର୍ଭିସ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ସାମନ୍ତରାୟ କୁହନ୍ତି, ବେତନ ବାବଦ ସମସ୍ତ ଅର୍ଥ ପୈଠ କରାଯାଇଛି। ଶ୍ରମିକମାନଙ୍କୁ ନେଇ ଗଠିତ ଇଷ୍ଟକୋଷ୍ଟ ରେଲୱେ କନଟ୍ରାକ୍ଟ ୱାର୍କର ସଂଘର ଜଣେ କର୍ମକର୍ତ୍ତାଙ୍କ ମାଧ୍ୟମରେ ବେତନ ଦିଆଯାଉଥିଲା। ଶ୍ରମିକମାନଙ୍କ ସହମତିରେ ଏପରି କରାଯାଉଥିଲା। ହେଲେ ସମ୍ପୃକ୍ତ କର୍ମକର୍ତ୍ତା ତାଙ୍କଠାରୁ ସମସ୍ତ ଅର୍ଥ ନେଇ ଶ୍ରମିକମାନଙ୍କୁ ବେତନ ଦେଇ ନ ଥିବା ପ୍ରତାପ କହିଛନ୍ତି। ନିୟମ ଅନୁଯାୟୀ କାର୍ଯ୍ୟରତ ଶ୍ରମିକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ବେତନ ପୈଠ ହେବା କଥା। ମଧ୍ୟସ୍ଥିଙ୍କ ମାଧ୍ୟମରେ କିପରି ଏହା କରାଯାଉଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରମିକମାନେ ନିୟମିତ ବେତନ ପାଇବା, ସେମାନଙ୍କର ଇପିଏଫ୍, ଇଏସ୍ଆଇ ଓ ଅନ୍ୟାନ୍ୟ ରହିଥିବା ସୁବିଧା ପାଉଛନ୍ତି କି ନାହିଁ ଆଦି ତଦାରଖ କରିବା ରେଲୱେର ମଧ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ରେଲୱେ ଏହା କରିଛି କି ନାହିଁ ତାହା ମଧ ତଦନ୍ତ ସାପେକ୍ଷ। ଅପରପକ୍ଷରେ ଯାହା ମାଧ୍ୟମରେ ଠିକାସଂସ୍ଥା ବେତନ ପ୍ରଦାନ କରୁଥିଲା କନ୍‌ଟ୍ରାକ୍ଟ ୱାର୍କର ସଂଘର ସମ୍ପୃକ୍ତ କର୍ମକର୍ତ୍ତା ରେଲୱେ ଦ୍ୱାରା ଆହୂତ ଆଲୋଚନା ପରେ ବାହାରକୁ ଆସୁଥିବା ସମୟରେ ଶ୍ରମିକମାନେ ତାଙ୍କୁ ଘେରିଯାଇ ଠେଲାପେଲା କରିଥିଲେ। ଉପସ୍ଥିତ ଆର୍‌ପିଏଫ୍ ହସ୍ତକ୍ଷେପ କରି ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ଉଦ୍ଧାର କରି ଛାଡ଼ିଥିଲେ।

## ■ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ତେଜିଲା
# ଛଣଗିରିରେ ଉତ୍ତେଜନା, ଦୋକାନ ବନ୍ଦ

ଖୋର୍ଦ୍ଧା ଅଫିସ,୩୦।୧୦:

ପତର ଠୁଙ୍ଗାରେ ଜଳଖିଆ ଦେବା ଓ ଚାମଚ ନ ଦେବା ପରି କାରଣକୁ ନେଇ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ଛଣଗିରିରେ ସବର୍ଣ୍ଣ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଏହି ଘଟଣାକୁ ନେଇ ଜଙ୍କିଆ ଥାନାରେ ଅସବର୍ଣ୍ଣଙ୍କ ଅଭିଯୋଗକୁ ନେଇ ମାମଲା ରୁଜୁ ହୋଇଥିବାବେଳେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ପ୍ରତିବାଦ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ କିଛିଦିନ ତଳେ ଛଣଗିରିର ଜଣେ ବ୍ୟକ୍ତି ସ୍ଥାନୀୟ ବଜାରରେ ଜଳଖିଆ କରିଥିଲେ। ତେବେ ବ୍ୟବସାୟୀ ପ୍ଲେଟ ନ ଦେଇ ପତର ଠୁଙ୍ଗାରେ ଖାଇବାକୁ ଦେଇଥିଲେ। ପୁଣି ମାଗିବା ପରେ ଚାମଚ ଦେଇ ନ ଥିଲେ। ଏହି ଘଟଣାକୁ ନେଇ ପ୍ରତିବାଦ କରି ରାମଚନ୍ଦ୍ର ନାୟକ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ସମାଧାନ ନ ହେବାରୁ ପୋଲିସ ସୋମବାର ୩ ଏସସି ଏସଟି ଆକ୍ଟରେ ନଂ. ୧୫୭/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ଛଣଗିରିର ବ୍ୟସାୟୀମାନେ ଅସବର୍ଣ୍ଣଙ୍କ ଅଭିଯୋଗକୁ ପ୍ରତିବାଦ କରି ଦୋକାନ ବନ୍ଦ କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ଉଭୟ ଲୋକଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରିବାକୁ ପୋଲିସକୁ ସୂଚନା ଦେବା ପରେ ବ୍ୟବସାୟ ପ୍ରତିଷ୍ଠାନ ଆନ୍ଦୋଳନରୁ ଓହରିଥିଲେ। ଅନ୍ୟପକ୍ଷେ ଏଠାରେ ପୂର୍ବରୁ ସବର୍ଣ୍ଣ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଏଣୁ ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି।

# ଟାଙ୍ଗୀରେ ନବନିର୍ମାଣ କୃଷକ ସଂଗଠନର ମହାସମାବେଶ



କୃଷକ ସଂଗଠନ ସମାବେଶରେ ଉପସ୍ଥିତ ଚାଷୀମାନେ ।

ଟାଙ୍ଗୀ (ଖୋର୍ଦ୍ଧା), ୩୦।୧୦ (ଡି.ଏନ.ଏ.)

ବାଲୁଗାଁଠାରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ଆସିଥିବା ନବନିର୍ମାଣ କୃଷକ ସଂଗଠନର ଏକ ମହାସମାବେଶ ମଙ୍ଗଳବାର ଅପରାହ୍ନରେ ଟାଙ୍ଗୀସ୍ଥିତ ଚିଲିକା ଷ୍ଟାଡିୟମରେ ସାମାଜିକକର୍ମୀ ରାମଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୃଷକମାନଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନଜନିତ ନ୍ୟାଯ୍ୟ ଦାବି ହାସଲ ପାଇଁ ନବନିର୍ମାଣ କୃଷକ ସଂଗଠନ ରାଜ୍ୟରେ ଚଳାଇ ଆସୁଥିବା ଆନ୍ଦୋଳନକୁ ଉପସ୍ଥିତ ବକ୍ତାମାନେ ଦୃଢ ସମର୍ଥନ କରିଥିଲେ । ଏହି ପଦଯାତ୍ରାକୁ ଭଣ୍ଡୁର କରିବା ପାଇଁ ପୋଲିସ ଚଳାଇଥିବା ଦମନଲୀଳାକୁ ତୀବ୍ର ନିନ୍ଦା କରାଯାଇଥିଲା । ଦେଶବାସୀଙ୍କୁ ଖାଦ୍ୟ ଯୋଗାଇ ଆସୁଥିବା କୃଷକମାନଙ୍କର ନ୍ୟାଯ୍ୟ ଦାବି ପୂରଣ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟାଳଟୁଳନୀତି ଅବଲମ୍ବନ କରୁଥିବାରୁ ଆଗାମୀ ନିର୍ବାଚନରେ କୃଷକମାନେ ଉଚିତ ଜବାବ ଦେବେ ବୋଲି ଚେତାବନୀ ଦେଇଛନ୍ତି। କୃଷକମାନେ ଦିନକୁ ଦିନ ତଳିତଳାନ୍ତ ହୋଇ ଆତ୍ମହତ୍ୟା କରୁଥିବା ଅଭିଯୋଗ ହେଉଛି। ତେଣୁ ନ୍ୟାଯ୍ୟ ଦାବି ହାସଲ ପାଇଁ କୃଷକମାନେ ସଂଗଠିତ ଆନ୍ଦୋଳନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଅଭ୍ୟର୍ଥନା କମିଟିର ସଭାପତି ଡାକ୍ତର ମଧୁସୂଦନ ସେନାପତି ସମାବେଶକୁ ସ୍ୱାଗତ କରିବା ପରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତୀ, ଗଞ୍ଜାମ ପ୍ରଭାରୀ ଚିନ୍ମୟ ମହାପାତ୍ର, ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ, ଟାଙ୍ଗୀ ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ, ପୁରୀ ଜିଲା ସହସଂଯୋଜକ ଗୋବିନ୍ଦ ମହାପାତ୍ର, ଦୁର୍ଗାଚରଣ ସ୍ୱାଇଁ, ମହେଶ୍ୱର ଜେନା, କୁବେର କଳସ ପ୍ରମୁଖ ନବନିର୍ମାଣ କୃଷକ ସଂଗଠନର ଆନ୍ଦୋଳନ ଓ ସେମାନଙ୍କର ନ୍ୟାଯ୍ୟ ଦାବିକୁ ସମର୍ଥନ କରି ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ରବୀନ୍ଦ୍ର ସାହୁ ବୈପ୍ଲବିକ ସଙ୍ଗୀତଗାନ କରିଥିଲେ । ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଉପଜିଲାପାଳ ସରୋଜ କୁମାର ସାହୁ ଓ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଦୀପ୍ତିରଞ୍ଜନ ରାୟ ପ୍ରମୁଖ ନବନିର୍ମାଣ କୃଷକ ସଂଗଠନର ନେତୃବର୍ଗଙ୍କ ସହିତ ଆଲୋଚନା କରିବା ପାଇଁ ଟାଙ୍ଗୀରେ ପହଞ୍ଚିଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ରହିଛନ୍ତି । ଏହି ପଦଯାତ୍ରୀ ଦଳ ଟାଙ୍ଗୀରେ ରାତ୍ରି ରହଣି ପରେ ସକାଳୁ ପଦଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି ।

# ମିନି ଟ୍ରକ୍ ଧକ୍କାରେ ଯୁବକ ମୃତ, ସାଙ୍ଗ ଗୁରୁତର

**କ୍ଷତିପୂରଣ ଦାବିରେ ଥାନା ସମ୍ମୁଖ ରାସ୍ତାରୋକୋ କଲେ ଗ୍ରାମବାସୀ**



ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ।

ବେଗୁନିଆ,୩୦।୧୦ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କୋତଲାଙ୍ଗ ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ମାଙ୍କଡା ପଥର ବୋଝେଇ ମିନି ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାଙ୍ଗ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। କ୍ଷତିପୂରଣ ଦାବିରେ ମଙ୍ଗଳବାର ଅପରାହ୍ନରେ ଗ୍ରାମବାସୀଙ୍କ ପକ୍ଷରୁ ବେଗୁନିଆ ଥାନା ସମ୍ମୁଖରେ ଆନ୍ଦୋଳନ କରାଯିବା ସହ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ହେଲେ ରିପୋର୍ଟ ଲେଖାଗଲା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।

କୋତଲାଙ୍ଗ ଗ୍ରାମ ପଟୁ ବେଗୁନିଆ ଆଡକୁ ଏକ ବେଆଇନ ମାଙ୍କଡା ପଥର ବୋଝେଇ ମିନି ଟ୍ରକ ଯାଉଥିଲା। ବିଳମ୍ବିତ ରାତିରେ ନିକଟସ୍ଥ ଗୋଡିପାଟଣା ଗ୍ରାମର ଜଗନ ବେହେରା(୨୪) ଓ ତାଙ୍କ ସାଙ୍ଗ ପ୍ରସନ୍ନ ଦଳେଇ(୨୩) ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମିନି ଟ୍ରକଟି ଜଗନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଗନ ଓ ପ୍ରସନ୍ନ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବେଗୁନିଆ ପୋଲିସକୁ ଖବର ଦେଇଥିଲେ। ମାତ୍ର ପୋଲିସ ପହଞ୍ଚିବାରେ ବିଳମ୍ବ କରିବାରୁ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆହତଦ୍ୱୟଙ୍କୁ ଚିକିତ୍ସା ପାଇଁ ପଠାଇଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ଜଗନଙ୍କୁ ମୃତ ଘୋଷଣା କରିଥିଲେ। ସାଙ୍ଗ ପ୍ରସନ୍ନ ଗୁରୁତର ଅବସ୍ଥାରେ କୋମାରେ ଅଛନ୍ତି। ଜଗନଙ୍କ ମୃତଦେହକୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ଶବ ନିଜ ଗ୍ରାମରେ ପହଞ୍ଚିବା ପରେ ଚାପା ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଶବକୁ ରଖି ବେଗୁନିଆ ଥାନା ସମ୍ମୁଖରେ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥକୁ ପ୍ରାୟ ୪୦ ମିନିଟ ଧରି ଅବରୋଧ କରିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ଜନ୍ମେଜୟ ସାହୁ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ମୃତକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ।

### ସୂତାକାମ ଦେବ କହି ଲକ୍ଷାଧିକ ଟଙ୍କା ଠକେଇ
### ୨ ଠକଙ୍କୁ ଅଟକ ରଖି ପୋଲିସ ଜିମା ଦେଲେ ମହିଳା ଗୋଷ୍ଠୀ

ଖୋର୍ଦ୍ଧା ଅଫିସ,୩୦।୧୦:

ବୟନିକାରୁ ସୂତାକାମ ଦେବ କହି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଦୁଇ ଠକଙ୍କୁ ବଘେଇଟାଙ୍ଗୀର ମହିଳା ଗୋଷ୍ଠୀ ଅଟକ ରଖି ମଙ୍ଗଳବାର ଖୋର୍ଦ୍ଧା ଟାଉନ ଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଦଫା ୨୯୪, ୪୨୦, ୩୪ ଆଇପିସିରେ ନଂ. ୪୨୦/୧୮ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୁରୀ ଜିଲା ସାକ୍ଷୀଗୋପାଳ ଥାନା ଅଞ୍ଚଳର କୁମର ନାୟକ ଓ ଟୁକୁ ପାତ୍ରଙ୍କୁ ଗିରଫ କରିଛି। ମିଳିଥିବା ଅଭିଯୋଗ ଅନୁସାରେ ବଘେଇଟାଙ୍ଗୀର ୧୬ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବା ସହ ବୟନିକାରୁ ସୂତାକାମ ଦେବ କହି ଲକ୍ଷାଧିକ ଟଙ୍କା ସାକ୍ଷୀଗୋପାଳ ଥାନା ଅଞ୍ଚଳର କୁମର ନାୟକ, ଟୁକୁ ପାତ୍ର ଓ ବିନୋଦ ଖଟେଇ ଓରଫ ଦୀପକ ଜେନା ପ୍ରମୁଖ ନେଇଥିଲେ। ଏହି ୩ ଜଣ ଯେଉଁ ଫୋନ ନମ୍ବର ଦେଇଥିଲେ ପରେ ତାହା ଆଉ କାମ କରି ନ ଥିଲା। ମହିଳା ସଦସ୍ୟମାନେ ସେମାନଙ୍କ ସମ୍ପର୍କରେ ଟେର ପାଇ ପାରି ନ ଥିଲେ। ଶେଷରେ ମଙ୍ଗଳବାର ସ୍ଥାନୀୟ ମହିଳା ସଦସ୍ୟା ବଗେଇଟାଙ୍ଗୀ ଅଞ୍ଚଳରୁ ସେମାନଙ୍କୁ କାବୁ କରି ନେଇଥିଲେ ।

### ଖୋର୍ଦ୍ଧା ଲିଗ୍ ଫୁଟବଲ୍ ମ୍ୟାଚ ଡ୍ର

ଖୋର୍ଦ୍ଧା ଅଫିସ,୩୦।୧୦:

ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚ ଡ୍ର ରହିଛି। ପ୍ରଥମାର୍ଦ୍ଧ ଖେଳରେ ଛିଆମ ସୌରୀ କ୍ଲବର ପ୍ରକାଶ ନାୟକ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ୨ୟାର୍ଦ୍ଧରେ ମୁକୁନ୍ଦପ୍ରସାଦର ମିଲନ ୟୁଥ୍ କ୍ଲବର ଗିରିଶ ଜାନୀ ଗୋଲଟିଏ କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ। ମ୍ୟାଚ ଡ୍ର ରହିବାରୁ ଉଭୟ ସମାନ ପଏଣ୍ଟ ପାଇଛନ୍ତି। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିବାବେଳେ ଦିଲୀପ କର, ଅରୁଣ କୁମାର ଦାସ, ଯୋଗେନ୍ଦ୍ର ନାଏକ ସହଯୋଗ କରିଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ, ପ୍ରଦର୍ଶନ

ଖୋର୍ଦ୍ଧା ଅଫିସ,୩୦।୧୦

ଖୋର୍ଦ୍ଧା ସହରର ଗୀତା ଭବନ ସମ୍ମୁଖ ପଡିଆରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଓ ପ୍ରଦର୍ଶନ କରାଯାଇଛି। ମହାବିଦ୍ୟାଳୟ ଓ ବିଦ୍ୟାଳୟର ୩୦୦ ଛାତ୍ରୀମାନଙ୍କୁ ଖୋର୍ଦ୍ଧା ଜିଲା ପତଞ୍ଜଳି ଯୋଗ ସମିତିର ପ୍ରଚାରକ ସୀତାକାନ୍ତ ପଣ୍ଡା ଓ ଖୋର୍ଦ୍ଧା କରାଟେ ଆସୋସିଏଶନର ସମ୍ପାଦକ ଦୀପକ ସାମନ୍ତରାୟ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ହାସ୍ୟ



ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଉଛି ।

ଅଭିନେତା ହରିହର ମହାପାତ୍ର ଯୋଗଦେଇ ମିଶନ ସାହସୀ କାର୍ଯ୍ୟକ୍ରମରେ ଛାତ୍ରୀମାନେ କିପରି ଆତ୍ମରକ୍ଷା କରିପାରିବେ ତା'ର କୌଶଳ ବତାଇଥିଲେ। ଖୋର୍ଦ୍ଧା ନଗର ସମ୍ପାଦକ ପ୍ରଦୀପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗ ସହ ପ୍ରମୁଖ ସରୋଜ ପାଲଟାସିଂହ, ଜିଲା ପ୍ରମୁଖ ସୁଶାନ୍ତ ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସୁଶ୍ରୀ ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

# ମାପ, ଓଜନ ବିଭାଗର ଚଢ଼ାଉ: ୧୫ ମାମଲା ରୁଜୁ

ବାଲୁଗାଁ,୩୦।୧୦(ଡ଼ି.ଏନ.ଏ.)

ବାଲୁଗାଁ ବଜାରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରେ ବ୍ୟାପକ ମାପ ଓ ଓଜନରେ ଠକେଇ କରି ଗ୍ରାହକଙ୍କୁ ଶୋଷଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ଖୋର୍ଦ୍ଧା ସହକାରୀ ନିୟନ୍ତ୍ରକ ସୁଶୀଲ କୁମାର କାଣ୍ଡୁଲନାଙ୍କ ନେତୃତ୍ୱରେ ବାଲୁଗାଁ ବଜାରରେ ଚଢ଼ାଉ କରାଯାଇଥିଲା । ମାପ ଓ ଓଜନର ତ୍ରୁଟି ଯୋଗୁଁ ୧୫ଜଣ ବ୍ୟବସାୟୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଚଢ଼ାଉ ଭୟରେ ବହୁ ବ୍ୟବସାୟ ପ୍ରତିଷ୍ଠାନ ତରବରିଆ ଭାବେ ବନ୍ଦ କରିଥିବା ଦେଖା ଯାଇଥିଲା । ବରିଷ୍ଠ ନୀରିକ୍ଷକ ପି. ହରିଚନ୍ଦନ ,ଏସଏସ ରଥ, ଏସ. ଟୁଡୁ, ଏବଂ ଏସ.ମାଳି ଚଢ଼ାଉ ଅଭିଯାନରେ ସାମିଲ ହୋଇଥିଲେ । ଏହି ଅଭିଯାନ ନିୟମିତ ଭାବେ ଜାରି ରହିବ ବୋଲି ବିଭାଗୀୟ ପକ୍ଷରୁ ସୂଚନା ମିଳିଛି ।

# ଭାଜପା ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ଘେରାଉ

କୃଷ୍ଣପ୍ରସାଦ,୩୦।୧୦(ଡି.ଏନ.ଏ)–

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ବିରୋଧ କରି ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଦଳର କର୍ମୀମାନେ ଚିଲିକା ନୂଆପଡା ଦଶଦୋଳ ପଡିଆଠାରୁ ବ୍ରହ୍ମଗିରି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରି ବିଜେଡି ସରକାର ବିରୁଦ୍ଧରେ ନାରାବାଜି ଦେଇ ବଜାର ପରିକ୍ରମା କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ସଂଗ୍ରାମ କେଶରୀ ଜେନା, ଦାସ, ରଘୁନାଥ ବଡୁ ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସରପଞ୍ଚ ମମତାମୟୀ ପ୍ରଧାନ ପ୍ରମୁଖ ୨ ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# 'ପଶ୍ଚିମବଙ୍ଗରେ ଦିଆଯାଇଥିଲା ଫାଶୀ'

**ଜୟୀ ରାଜଗୁରୁ ଜୟନ୍ତୀ**

ଖୋର୍ଦ୍ଧା ଅଫିସ,୩୦।୧୦

ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଖୋର୍ଦ୍ଧା ସହରର ଗୀତା ଭବନ ପରିସରରେ ଜୟୀ ରାଜଗୁରୁଙ୍କ ୨୭୮ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଡ. ପ୍ରସନ୍ନ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀକୁ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ ଜୟୀ ରାଜଗୁରୁ ବାଲେଶ୍ୱରରେ ନୁହେଁ ପଶ୍ଚିମବଙ୍ଗର ମେଦିନୀପୁରଠାରେ ଫାଶୀ ଦିଆଯାଇଥିଲା ବୋଲି ଐତିହାସିକ ତଥ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଯୋଗଦେଇ ବକ୍ତବ୍ୟରେ କହିଥିଲେ ଇଂରେଜଙ୍କ ଆକ୍ରମଣରୁ ରକ୍ଷା ପାଇବା



ଜୟୀ ରାଜଗୁରୁ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥିମାନେ ।

ପାଇଁ ଦୁର୍ଗ ପରିତ୍ୟାଗ କରି ଜୟୀ ରାଜଗୁରୁ ଆତ୍ମଗୋପନରେ ଥିଲେ। ଆତ୍ମ ଗୋପନ ସମୟରେ ରଣପୁର ଜଙ୍ଗଲରୁ ଧରି ବରଗଛରେ ଦୁଇ ଡାଳରେ ଦୁଇ ଗୋଡ ବାନ୍ଧି ହାତୀ ଦ୍ୱାରା ଡାଳକୁ ଟାଣି ନିର୍ମମ ଭାବରେ ଫାଶୀ ଦିଆଗଲା। ଇତିହାସରେ ଏହା ବିରଳ ଘଟଣା। ୧୮୧୭ ପାଇକ ବିଦ୍ରୋହ ପୂର୍ବରୁ ପାରଳାଖେମୁଣ୍ଡି, ଘୁମୁସର, ମହୁରୀ, ବାଲେଶ୍ୱର, କେନ୍ଦୁଝର ଆଦି ସ୍ଥାନରେ ବିଦ୍ରୋହ ହୋଇଛି। ୧୮୦୪ରୁ ୧୮୮୫ ମସିହା ମଧ୍ୟରେ ଇଂରେଜ ସରକାର ବହୁ ଓଡ଼ିଆଙ୍କୁ ହତ୍ୟା କରିଥିଲେ ମଧ କିଛି ପ୍ରମାଣ ନାହିଁ। ମୁଖ୍ୟବକ୍ତା ପ୍ରଫେସର ଡ. ପ୍ରଫୁଲ୍ଲ ଚନ୍ଦ୍ର ରଥ ଦର୍ଶାଇଥିଲେ ଯେଉଁ ଇତିହାସରେ କୌଣସି ପ୍ରାମାଣିକ ତଥ୍ୟ ନାହିଁ ତାହା ଖଣ୍ଡନ ବା ମଣ୍ଡନ କରିବା ସହଜ। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ମିଳିତ ଭାବେ ଉଦ୍ୟମ ହେବା ଆବଶ୍ୟକ। ସମ୍ବର୍ଦ୍ଧିତ ପ୍ରତିଭା ପ୍ରଫେସର ଡ. ନାରାୟଣ ରାଓ କହିଥିଲେ, ଜୟୀ ରାଜଗୁରୁ ଗଙ୍ଗାମାତା ମଠକୁ ପଠାଇଥିବା ଚିଠି ବିଶ୍ଳେଷଣ କଲେ ବହୁ ରହସ୍ୟ ଉନ୍ମୋଚନ ହୋଇପାରନ୍ତା। ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ଓ ଦେଶଭକ୍ତ ଥିବାରୁ ଜୟୀ ରାଜଗୁରୁ ଓଡ଼ିଆ ଜାତିର ପୂଜ୍ୟ ଓ ନମସ୍ୟ। ଜୟୀ ରାଜଗୁରୁ ସ୍ମୃତି ପରିଷଦର ଅଧକ୍ଷ ତଥା କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଡ. ଧୀରେନ୍ଦ୍ର କୁମାର ନନ୍ଦ ସ୍ୱାଗତ ଭାଷଣ, ଧନ୍ୟବାଦ ଦେଇଥିଲେ।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି, ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।

-ଜନ୍ ଡ୍ରାଇଡେନ୍



## ସଂକ୍ଷେପରେ

### ଜାତିଭିତ୍ତିକ ସଂରକ୍ଷଣ ବିରୋଧରେ ଶୋଭାଯାତ୍ରା

**ପୁରୀ ଅଫିସ, ୩୦।୧୦:** ଜାତିଭିତ୍ତିକ ସଂରକ୍ଷଣକୁ ବିରୋଧ କରି ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ କରି ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ସିଂହଦ୍ୱାରଠାରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦର ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

### ୩୦୦ ନିର୍ମାଣ ଶ୍ରମିକ ପାଇଲେ ପରିଚୟ ପତ୍ର

**ପୁରୀ ଅଫିସ, ୩୦।୧୦:** ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ମଙ୍ଗଳବାର ପୁରୀ ପୌରାଞ୍ଚଳ ଓ ସଦର ବ୍ଲକ ଅଧୀନ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ଓ ସହାୟତା ବଣ୍ଟନ କରାଯାଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସହାୟତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ଶହ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର, ୨୩୩ଜଣ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ବାବଦକୁ ୧୮ ଲକ୍ଷ ୩୩ହଜାର ଟଙ୍କା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଓସୁର ସ୍ୱାଗତୋତ୍ସବ

**ପୁରୀ ଅଫିସ, ୩୦।୧୦:** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓସୁ) ସାମନ୍ତ ଚନ୍ଦ୍ର ଶେଖର (ଏସ୍‌ସିଏସ) ମହାବିଦ୍ୟାଳୟ ଶାଖାର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଏକ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିଏସ କଲେଜ ଶାଖା ସଂଯୋଜକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ଗବେଷଣାତ୍ମକ ମନୋଭାବ ନେଇ ବିଦ୍ୟା ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଓସୁର ଆଞ୍ଚଳିକ ମୁଖ୍ୟ ଡ. ଦିଲୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓସୁର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷ ସ୍ନାତକୋତ୍ତରର ବିଭିନ୍ନ ବିଭାଗରେ ୭୨ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

### ବିତ୍ତୀୟ ସାକ୍ଷରତା କର୍ମଶାଳା

**ଗୋପ, ୩୦।୧୦(ଡି.ଏନ୍.ଏ.):** ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ସାମାଜିକ ସଂଗଠନ 'ମଦର'ର ମିଳିତ ସହଯୋଗରେ ଏକ ବିତ୍ତୀୟ ସାକ୍ଷରତା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏରବଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ବିଭୂତି ଭୂଷଣ ସାହୁ ଏହାର ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭବାନୀ ଶଙ୍କର ନନ୍ଦ ଓ ବଂଶୀଧର ସେନାପତି ବ୍ୟାଙ୍କ ସେବା, ବୀମା ଯୋଜନା, ପେନସନ ଯୋଜନା, ସ୍ୱଳ୍ପ ସଞ୍ଚୟ, ଫସଲ ବୀମା ଓ ବ୍ୟାଙ୍କ ସମ୍ବନ୍ଧୀୟ ବିଭିନ୍ନ ବିତ୍ତୀୟ ସାକ୍ଷରତା ସମ୍ବନ୍ଧରେ ଯୋଗ ଦେଇଥିବା ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ଲୋକମାନଙ୍କୁ ସୂଚନା ଦେବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ 'ମଦର' ସଂଗଠନର ନିର୍ଦ୍ଦେଶକ ଗୋଲକ ବିହାରୀ ସିଂ, କାର୍ଯ୍ୟନିର୍ବାହୀ ପ୍ରମୋଦ କୁମାର ଦାସ ପ୍ରମୁଖ କର୍ମଶାଳାକୁ କ୍ରିୟାନ୍ୱୟନ କରିଥିଲେ।

### ଚିଲିକା ଉତ୍ତରନାଶିରେ ବିଦେଶୀ ପକ୍ଷୀ

**କଣାସ, ୩୦।୧୦(ସ୍ୱ.ପ୍ର.):** ଏସିଆ ମହାଦେଶର ବୃହତ୍ତମ ଲୁଣିହ୍ରଦ ଭାବେ ଖ୍ୟାତି ଅର୍ଜନ କରିଥିବା ଚିଲିକାରେ ବିଦେଶୀପକ୍ଷୀଙ୍କ ଆଗମନ ବଢ଼ିବାରେ ଲାଗିଛି। ନଳବଣରେ ଖାଦ୍ୟାଭାବ ଯୋଗୁ ବିଦେଶୀପକ୍ଷୀମାନେ ଉତ୍ତର ଚିଲିକାର ଦୟା ଓ ମକରାନଦୀ ମୁହାଣ ଅଞ୍ଚଳରେ ଜମିରହିଥିବା ଦଳ, କଇଁଫୁଲ ଓ ପୋକଜୋକ ଖାଇବାପାଇଁ ଠୁଳ ହେଉଥିବା ଦେଖିବାକୁ ମିଳିଛି। ଅନେକ ବିଦେଶୀ ପକ୍ଷୀ ଉତ୍ତର ଚିଲିକାର ଆଖପାଖ ଗ୍ରାମର ଧାନଜମିରେ ଧାନଖାଇବା ପାଇଁ ଘୂରି ବୁଲୁଛନ୍ତି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଗଣମାଧ୍ୟମରେ ପ୍ରଚାର କରାଯାଉଥିବା ବେଳେ ଉତ୍ତରନାଶିରେ ସୁରକ୍ଷା ବ୍ୟବସ୍ଥା କୋହଳ ଥିବାରୁ ଶିକାରୀମାନେ ଅଭିନବ ଉପାୟରେ ପକ୍ଷୀ ଶିକାର କରିବାରେ ଲାଗିପଡିଛନ୍ତି। ଫାଶ ବସାଇ ମାଛଧରିବା ବାହାନାରେ ପକ୍ଷୀ ଶିକାର କରୁଛନ୍ତି।

## ▪ ଏସ୍‌ସିଏସ୍ କଲେଜରେ ୟୁଜିସି ପ୍ରତିନିଧି ଦଳ

# ଶୈକ୍ଷିକ ବାତାବରଣକୁ ନେଇ ଉଠାଇଲେ ପ୍ରଶ୍ନ

**ପୁରୀ ଅଫିସ, ୩୦।୧୦**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଏକ ୬ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟ ପରିଦର୍ଶନରେ ଆସିଛନ୍ତି। ପ୍ରଥମ ଦିନ ପ୍ରତିନିଧି ଦଳ ବିଭିନ୍ନ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତିନିଧି ଦଳର ରିପୋର୍ଟ ଉପରେ କଲେଜର ଭାଗ୍ୟ ନିର୍ଦ୍ଧାରଣ କରୁଛି।

କଲେଜରେ ଶୈକ୍ଷିକ ବାତାବରଣ ନାହିଁ। ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। କଲେଜର ଫଳାଫଳ ନୈରାଶ୍ୟଜନକ ରହିଛି। କ୍ୟାମ୍ପସରେ ସବୁଜ ପରିବେଶ ନାହିଁ। ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନର ନିଜସ୍ୱ ବଗିଚା ନାହିଁ। କଲେଜର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଡ୍ରେନେଜ ବ୍ୟବସ୍ଥା ନାହିଁ। ପିଲାଙ୍କ ଲାଗି ଉପଯୁକ୍ତ ଶୌଚାଳୟ ନାହିଁ। ଏ ସବୁକୁ ଦେଖି ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜରେ ଉନ୍ନତମାନର ଖେଳପଡିଆ ନାହିଁ। ଇନ୍‌ଡୋର ଗେମ୍ସ ନାହିଁ। ଦୀର୍ଘଦିନ ଧରି ଇନ୍‌ଡୋର ହଲ୍ ବନ୍ଦ ରହିଥିବା ନେଇ ପ୍ରତିନିଧି ଦଳ କ୍ଷୋଭ ପ୍ରକାଶ କରିଥିଲେ। ବାଳକ ଓ ବାଳିକାଙ୍କ ପାଇଁ ସ୍ୱତନ୍ତ୍ର କମନରୁମ୍ ନାହିଁ। ପିଲାମାନେ କ୍ଲାସ ସରିବା ପରେ କ୍ୟାମ୍ପସରେ ଏଣେତେଣେ ବୁଲୁଥିବା ଦେଖିଥିଲେ। କଲେଜରେ ଉନ୍ନତମାନର ଲାଇବ୍ରେରି ନାହିଁ। ପାଠ୍ୟକ୍ରମ ଅନୁଯାୟୀ ଆବଶ୍ୟକୀୟ ପୁସ୍ତକ ଅଭାବ ରହିଛି। ପାନୀୟଜଳ ସୁବ୍ୟବସ୍ଥା ନ ଥିବା ବେଳେ ଲାଗିଥିବା ଆକ୍ୱାଗାର୍ଡରେ ପାଣି ଆସୁ ନ ଥିବା ଦେଖିବାକୁ ପାଇଥିଲେ। କଲେଜ କ୍ୟାମ୍ପସରେ ଥିବା ସୁକନ୍ୟା ହଷ୍ଟେଲରେ ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ କରିଥିଲେ। ନିକଟରେ ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ର କରି ହଷ୍ଟେଲ ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ କ୍ଷୋଭ ପ୍ରକାଶ କରିଥିଲେ। ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କଲେଜ ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଇଛି ବୋଲି ପ୍ରଶ୍ନ କରିଥିଲେ।

### ପରିମଳ ବ୍ୟବସ୍ଥାକୁ ଦେଖି କ୍ଷୁବ୍ଧ



ୟୁଜିସି ଟିମ୍ ଛାତ୍ରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କଲେଜରେ ଅର୍ଦ୍ଧାଧିକ ଅଧ୍ୟାପକ ପଦବୀ ଖାଲିପଡିଛି। ସମସ୍ତ ବିଭାଗରେ ଅତିଥି ଅଧ୍ୟାପକ ପାଠ ପଢାଉଥିବା ଜାଣିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜରେ ବିଭିନ୍ନ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ନ ଥିବା ଜାଣିବାକୁ ପାଇଥିଲେ। ରାଜନୀତି ବିଜ୍ଞାନର ପ୍ରଫେସର ତଥା କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କୁ ବିଭାଗୀୟ କାର୍ଯ୍ୟାଳୟ କେଉଁଠି ବୋଲି ପ୍ରଶ୍ନ କରିଥିଲେ। ଏନେଇ କଲେଜ ଅଧ୍ୟକ୍ଷଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଯୁକ୍ତ ତିନି କୋଠାରେ ଯୁକ୍ତ ଦୁଇ କାର୍ଯ୍ୟ କରୁଥିବା ଜାଣିବାକୁ ପାଇଥିଲେ। କାହିଁକି ବର୍ତ୍ତମାନ ସୁଦ୍ଧା ଯୁକ୍ତ ତିନି ଓ ଯୁକ୍ତ ଦୁଇ ଅଲଗା କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ୨୦୧୭ ମସିହାରୁ କିଣା ଯାଇଥିବା ୫୦ରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ଖତ ଖାଉଥିବା ଦେଖିବାକୁ ପାଇ କ୍ଷୁବ୍ଧ ହୋଇଥିଲେ। କାହିଁକି ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। କଲେଜରେ ବାରମ୍ବାର ଛାତ୍ର ଅଶାନ୍ତିକୁ ରୋକିବାରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠାଇଥିଲେ। ୨୦୧୭ରେ ଖୋଲିଥିବା ପିଜି ଓ ଏମ୍. ଫିଲ ପାଠ୍ୟକ୍ରମକୁ ଅନୁମୋଦନ ମିଳି ନ ଥିବା ବେଳେ କିପରି କଲେଜ କର୍ତ୍ତୃପକ୍ଷ ପାଠ୍ୟଦାନ ଜାରି ରଖିଛନ୍ତି ବୋଲି ପ୍ରଶ୍ନ କରିଥିଲେ। କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇଥିବା ବେଳେ କର୍ତ୍ତୃପକ୍ଷ କ'ଣ କରୁଥିଲେ, ଏଥିଲାଗି କି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପଚାରିଥିଲେ।

### ମନ୍ତ୍ରୀଙ୍କ ସହ ରୁଦ୍ଧଦ୍ୱାର ବୈଠକ

କଲେଜର ପରିଚାଳନା ଅଧ୍ୟକ୍ଷ ତଥା ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି ଅପରାହ୍ନ ୧ଟା ବେଳେ କଲେଜରେ ପହଞ୍ଚିଥିଲେ। ପ୍ରତିନିଧି ଦଳ ସହିତ ପୂର୍ବତନ ଅଧ୍ୟକ୍ଷ ତପନ କାନୁନ୍‌ଗୋ, କଲେଜ ଅଧ୍ୟକ୍ଷ, ଜଣେ ଅଧ୍ୟାପକ ସେଠାରେ ଉପସ୍ଥିତ ଥିଲେ। ଅପରାହ୍ନ ସାଢେ ୧ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ରୁଦ୍ଧଦ୍ୱାର ବୈଠକରେ ଆଲୋଚନା କରିଥିଲେ।

### ସମସ୍ୟା ମୁକୁଳିବା ଲାଗି ଯଜ୍ଞ

ୟୁଜିସି ପ୍ରତିନିଧି ଦଳର ପରିଦର୍ଶନ ବେଳେ ଯେଭଳି କୌଣସି ସମସ୍ୟା ନ ହେବ ସେଥିଲାଗି ଏକ ଦେବୀ ମନ୍ଦିରରେ ୨୪ ଘଣ୍ଟିଆ ହୋମଯଜ୍ଞ ଆୟୋଜନ କରାଯାଇଥିବା ଜଣାପଡିଛି। ସମସ୍ୟାରୁ ମୁକୁଳିବା ଲାଗି କଲେଜର କେତେଜଣ ଅଧ୍ୟାପକ ଦେବୀଙ୍କ ନିକଟରେ ଗୁହାରିଆ ପଡିଥିବା ଆଲୋଚନା ହେଉଛି। ପ୍ରତିନିଧି ଦଳରେ ୟୁଜିସିର ଉପ ସଚିବ ରତ୍ତୁ ଓବରଏ, ହିମାଚଳ ପ୍ରଦେଶ ସୋଲାନ ସ୍ଥିତ ମହାରାଜା ଅଗ୍ରସେନ ବିଶ୍ୱବିଦ୍ୟାଳୟ ପ୍ରଫେସର ଏସ.ପି. ବନସଲ, ଗ୍ୱାଲିୟର ଜିୱାଜିବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ରେଖା ଭଣ୍ଡାରିଆ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ, ଉଚ୍ଚଶିକ୍ଷା ବିଭାଗ ପରଫରମାନ୍ସ ଟ୍ରାକିଙ୍ଗ ସେଲ(ପିଟିସି)ର ମୁଖ୍ୟ ଡ. ମିହିର କୁମାର ଦାସ, ମାନାପାଣ୍ଡାଲ ଏଭିସି କଲେଜର ଅଧ୍ୟକ୍ଷ ଡ. ଆର. ନାଗରାଜନ୍ ରହିଛନ୍ତି।

## ▪ ବେଆଇନ ଗୋ ଚାଲାଣ

# ମିନି ଟ୍ରକ ଜବତ, ୬୦ରୁ ଊର୍ଦ୍ଧ୍ୱ ବାଛୁରି ଉଦ୍ଧାର



ମିନିଟ୍ରକ୍‌ରୁ ଉଦ୍ଧାର ହୋଇଥିବା ବାଛୁରି।

**କାକଟପୁର, ୩୦।୧୦(ଡି.ଏନ୍.ଏ.)**

କାକଟପୁରରୁ ବେଆଇନ୍ ଭାବେ ବାହାର ରାଜ୍ୟକୁ ଗୋ ଚାଲାଣ କରୁଥିବା ଏକ ମିନି ଟ୍ରକ୍‌କୁ ମଙ୍ଗଳବାର ବଜରଙ୍ଗ ଦଳ ପକ୍ଷରୁ ଜବତ କରାଯାଇ ଥାନାରେ ଜିମା ଦିଆଯାଇଛି। ଗିରଫ ଭୟରେ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ପୋଲିସ ଓଡି୦୨ଆର୍ ୧୨୮୬ନଂ ଗାଡ଼ିକୁ ଜବତ କରି ସେଥିରେ ଥିବା ୬୦ଟି ବାଛୁରୀଙ୍କୁ ଉଦ୍ଧାର କରିଥିଲା। ଗୋ ଚାଲାଣରେ ସମ୍ପୃକ୍ତ ଥିବା ଜନୈକ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖିଛି। ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ, କାକଟପୁର, ଅସ୍ତରଙ୍ଗ, କୁଣ୍ଢେଇ, ବାଙ୍ଗୁରିଗାଁ, ଲତାହରଣ, କଟକଣା, ଫକିରସାହି, ରସୁଲପୁର, ସମିଆଁ, ଭଣ୍ଡାଘର, ଜିଉନ୍ତି, ମଲାମାଛ, ଧୁରୁଜଙ୍ଗ ଓ ନୟାହାଟ ଆଦି ଅଞ୍ଚଳରୁ ଦୈନିକ ୫ରୁ ୧୦ଟି ମିନିଟ୍ରକ ଓ ପିକ୍‌ଅପ୍ ଭ୍ୟାନରେ ବେଆଇନ୍ ଗୋ ଚାଲାଣ ହେଉଛି। ପୋଲିସ ଏସବୁ ବିଷୟରେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ବଜରଙ୍ଗ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବେଆଇନ୍ କାରବାରକୁ ରୋକା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ବଜରଙ୍ଗ ଦଳ କର୍ମକର୍ତ୍ତାମାନେ ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ରୌପ୍ୟଜୟନ୍ତୀ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଭ୍ୟମାନେ।

**ପୁରୀ ଅଫିସ, ୩୦।୧୦**

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ଆସନ୍ତା ଜାନୁୟାରୀ ୩ରୁ ୧୨ତାରିଖ ପର୍ଯ୍ୟନ୍ତ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଚଳିତବର୍ଷ ପୁସ୍ତକ ମେଳା କମିଟି ରୌପ୍ୟଜୟନ୍ତୀ ପାଳନ କରିବାକୁ ଯାଉଛି। ମଙ୍ଗଳବାର ଏନେଇ ମେଳା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସାଲବେଗ ପୀଠରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ପୁସ୍ତକ ମେଳାକୁ ଅଧିକ ଆକର୍ଷଣୀୟ ତଥା ପାଠକୀୟ ରୁଚିସମ୍ପନ୍ନ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ୯ ଦିନ ବ୍ୟାପୀ ସନ୍ଧ୍ୟାରେ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମେଳା ପରିସରରେ ସାହିତ୍ୟ ଆଲୋଚନାଚକ୍ର, କୁଇଜ୍ ପ୍ରତିଯୋଗିତା, ପଠନ ଓ ବକ୍ତୃତା ପ୍ରତିଯୋଗିତା ଏବଂ ଯୁବମଞ୍ଚ ଆୟୋଜିତ ହେବ। ପ୍ରକାଶନ, ସାରସ୍ୱତ ସ୍ରଷ୍ଟା ଓ ଗବେଷକମାନଙ୍କୁ ସମ୍ମାନିତ କରାଯିବ। ପୁସ୍ତକ ମେଳା ମୁଖପତ୍ରର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରାଯିବ ବୋଲି କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ଏକ ପ୍ରେସ ବିବୃତିରେ କହିଛନ୍ତି।

# ତଡ଼ି ଦେଇଥିବା ମା'କୁ ନେଲେ ଝିଅ

**ପୁରୀ ଅଫିସ, ୩୦।୧୦**

ସାହେବାଣୀ ସେନାପତି (୮୦)। ତାଙ୍କର ୩ ପୁଅ ଏବଂ ୫ ଝିଅ। ମା'ଙ୍କୁ ପୁଅମାନେ ପଚାରିଲେନି। ଯାଜପୁରରେ ବିବାହିତ ଜଣେ ଝିଅ ତାଙ୍କୁ ୮ବର୍ଷ ରଖିଥିଲେ। ଆର୍ଥିକ ଦୁରବସ୍ଥା କାରଣରୁ ସାହେବାଣୀଙ୍କୁ ରଖିଥିବା ତାଙ୍କ ଝିଅ ଜ୍ୱାଇଁ ଗତ ୨୬ତାରିଖରେ ଯାଜପୁରରୁ ବସରେ ବସାଇ ପୁରୀ ପଠାଇ ଦେଇଥିଲେ। ତାଙ୍କର ଜଣେ ସମ୍ପର୍କୀୟ ପୁରୀରେ ଅଛନ୍ତି, ସେ ଆସି ନେଇଯିବେ ବୋଲି ତାଙ୍କୁ କହିଥିଲେ। ୨୬ତାରିଖ ସନ୍ଧ୍ୟା ୭ଟାରେ ପୁରୀ ବସଷ୍ଟାଣ୍ଡରେ ସାହେବାଣୀ ଓହ୍ଲାଇ କାହାକୁ ନ ପାଇ କାନ୍ଦିଥିଲେ। ଏହି ସମୟରେ ହୋପ୍ ଇଜ ଲାଇଫର ଦୁଇଜଣ ସଦସ୍ୟ ତାଙ୍କୁ ଦେଖିଥିଲେ। କୁମ୍ଭାରପଡା ପୋଲିସ ସହାୟତାରେ ହୋପ୍ ଇଜ ଲାଇଫର ସଦସ୍ୟମାନେ ସାହେବାଣୀଙ୍କୁ ସୁରକ୍ଷା ବୃଦ୍ଧାଶ୍ରମରେ ରଖାଇବାର ବ୍ୟବସ୍ଥା କରିଥିଲେ। ଏଥିସହ ସାହେବାଣୀଙ୍କ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିଲେ। ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ପରେ ବୃଦ୍ଧାଙ୍କ ପରିଚୟ ମିଳିଥିଲା। ଯାଜପୁର ଜିଲାର ଜଣେ ବ୍ୟକ୍ତି ଏହା ଜାଣିବା ପରେ ସେ ହୋପ୍ ଇଜ ଲାଇଫ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହାସହିତ ତାଙ୍କ ଘର ଲୋକଙ୍କ ଠିକଣା ଦେଇଥିଲେ। ହୋପ୍ ଇଜ ଲାଇଫ ପକ୍ଷରୁ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଇଥିଲା। ସୋମବାର ଅପରାହ୍ନରେ ସାହେବାଣୀଙ୍କ ୨ଝିଅ ତାଙ୍କ ମା'ଙ୍କୁ ନେବାକୁ ପୁରୀରେ ଆସି ପହଞ୍ଚିଥିଲେ। ହୋପ୍ ଇଜ ଲାଇଫ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଦୀନଭଞ୍ଜନ ପଣ୍ଡା ଏବଂ ଅନୁଷ୍ଠାନର ସଦସ୍ୟମାନେ ଓକିଲଙ୍କ ଉପସ୍ଥିତିରେ ଅଣ୍ଡରଟେକିଂ ଲେଖି ସାହେବାଣୀଙ୍କୁ ତାଙ୍କ ଦୁଇଝିଅଙ୍କୁ ହସ୍ତାନ୍ତର କରିଥିଲେ।



ଝିଅ ଏବଂ ହୋପ୍ ଇଜ ଲାଇଫ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟଙ୍କ ସହ ମା' ସାହେବାଣୀ।

### ରାଜସ୍ୱ ସମୀକ୍ଷା ବୈଠକ

## 'ଜାନୁୟାରୀ ୩୧ ସୁଦ୍ଧା ବେବନ୍ଦୋବସ୍ତ କେସ ଫଇସଲା କର'

**ପୁରୀ ଅଫିସ, ୩୦।୧୦**

ସ୍ଥାନୀୟ ଭୂ ଅର୍ଜନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦାଖଲ ଖାରଜ ମକଦ୍ଦମାଗୁଡିକର ଫଏସଲାରେ ବିଳମ୍ବ ହେଉଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆବେଦନର ୯୦ଦିନ ମଧ୍ୟରେ ଦାଖଲଖାରଜ ମକଦ୍ଦମା ଫଏସଲା କରିବାକୁ ବୈଠକରେ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ସମୀକ୍ଷା ବୈଠକରେ ରାଜସ୍ୱ ଆଦାୟ, ଓଏଲଆର କେସ, ଭୂ ନକ୍ସା ସଂଶୋଧନ, ସରକାରୀ ଜମିର ସୁରକ୍ଷା, ରାଜସ୍ୱ କାର୍ଯ୍ୟାଳୟ ଭିତ୍ତିଭୂମି ଆଦି ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ଇତିଶ୍ରୀ ନାୟକ, ରାଜସ୍ୱ ଅଧିକାରୀ ଲକ୍ଷ୍ମୀକାନ୍ତ ମହରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଅସ୍ତରଙ୍ଗ ବ୍ଲକ ସମ୍ମୁଖରେ ଭାଜପାର ବିକ୍ଷୋଭ

**କାକଟପୁର, ୩୦।୧୦(ଡି.ଏନ୍.ଏ.)**

ଅସ୍ତରଙ୍ଗ ଭାଜପା ମଣ୍ଡଳ ପକ୍ଷରୁ ୮ ଦଫା ଦାବିନେଇ ମଙ୍ଗଳବାର ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୁରୀ ଜିଲା ଦଳିତ ମୋର୍ଚ୍ଚା ସଭାପତି ସର୍ବେଶ୍ୱର ମଲ୍ଲିକ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତୁଷାର କାନ୍ତ ବେହେରା, ପଦ୍ମନାଭ ପରିଡ଼ା, ଲଳିତ ରଥ, ଈଶ୍ୱର ବେହେରା, ଭ୍ରମରବର ଜେନା, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବସଷ୍ଟାଣ୍ଡସ୍ଥିତ ତାରିଣୀ ମନ୍ଦିରଠାରୁ ଏକ ପଟୁଆରରେ ବାହାରି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ବିଜେଡି ସରକାର ସମୟରେ ବ୍ୟାପକ ପିସି କାରବାର ଓ ଦୁର୍ନୀତି ହୋଇଥିବାରୁ ଜନସାଧାରଣ ଏହାର ଉଚିତ ଜବାବ ଦେବାକୁ ନେତାମାନେ ଆହ୍ୱାନ ଦେଇଥିଲେ। ଦଳ ପକ୍ଷରୁ ଏକ ୮ ଦଫା ଦାବି ସମ୍ବଳିତ ଏକ ପତ୍ର ଅସ୍ତରଙ୍ଗ ବ୍ଲକ ଭାରପ୍ରାପ୍ତ ବିଡିଓ ମନୋଜ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ କାକଟପୁର ବିଡିଓ ସୁଧୀର କୁମାର ନାୟକ, ଅସ୍ତରଙ୍ଗ ଥାନା ଆଇଆଇସି ବୁଲୁ ମୁଣ୍ଡା, କାକଟପୁର ଆଇଆଇସି ସୁମତୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଇନଶୃଙ୍ଖଳା ରକ୍ଷା କରିଥିଲେ।

## କେନାଲରେ ଘାଇ, ଗାଁକୁ ପଶିଲା ପାଣି



କେନାଲରେ ଘାଇ ଯୋଗୁ ବନ୍ଧ ଭାଙ୍ଗି ଗାଁ ଭିତରକୁ ପାଣି ପଶିଯାଇଛି।

**ବଳଙ୍ଗା, ୩୦।୧୦(ଡି.ଏନ୍.ଏ.)**

ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧୀନ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀ ମୁଖ୍ୟ କେନାଲ ଡାହାଣ ପଟ ବନ୍ଧ ବେରବୋଇଠାରେ ଘଳିଆ ପଡି ମଙ୍ଗଳବାର ଭାଙ୍ଗି ଯାଇଛି। ଫଳରେ ପ୍ରାୟ ୯ମିଟରର ଘାଇ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ପାଣି ଗ୍ରାମ ମଧ୍ୟକୁ ପଶି ଆସିଛି। ବାଡିବଗିଚା, ପନିପରିବା ଚାଷ ଜମି, ମାଛ ପୋଖରୀ, କୁକୁଡା ଫାର୍ମ ପ୍ରଭୃତିରେ ପାଣି ପଶି ଯାଇଛି। ବର୍ତ୍ତମାନ କେନାଲରେ ପୂର୍ଣ୍ଣ ମାତ୍ରାରେ ପାଣି ପ୍ରବାହିତ ହେଉଛି। ଏହି କେନାଲ ଆରମ୍ଭ ସ୍ଥାନ ଶାଇଁସ ଶାସନ ଦେଉଳିଠାରେ ପାଣିକୁ ବନ୍ଦ କରାଯାଇଛି। ଉପର ମୁଣ୍ଡରୁ ଆସୁଥିବା କେନାଲ ପାଣିକୁ ଧନୁଆ ନଦୀକୁ ପଡ଼ିଥିବା ସଫେଇ ନାଳ ଏବଂ ଚନ୍ଦନପୁର ଶାଖା କେନାଲରେ ଛାଡି ଦିଆଯାଇ ପରିସ୍ଥିତିକୁ ଆୟତ୍ତ କରାଯାଇଛି। ଏହି ବନ୍ଧ ତଳେ ଜଳପୂର୍ଣ୍ଣ ନୟନଯୋରି ଥିବାରୁ ଘଳିଆ ପଡିଥିଲେ ମଧ୍ୟ ତାହା ଜାଣି ନ ହେବା ଯୋଗୁ ଘଳିଆ ବଡହୋଇ ବନ୍ଧ ଭାଙ୍ଗିଯାଇଥିଲା। ବର୍ତ୍ତମାନ ଖରିଫ ଧାନ ଚାଷ ପାଇଁ କେନାଲ ପାଣି ନିହାତି ଅବଶ୍ୟକ ଥିବାରୁ କେନାଲ ବନ୍ଧ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏହି କେନାଲ ଉପରେ ନିର୍ଭର କରୁଥିବା ନିମାପଡା, ସତ୍ୟବାଦୀ ଏବଂ ପୁରୀ ସଦର ବ୍ଲକର ଚାଷୀମାନେ ଦାବି କରିଛନ୍ତି। ନିମାପଡା ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ, ବଳଙ୍ଗା ଜଳ ସମ୍ପଦ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଘଟଣା ସ୍ଥଳ ପରିଦର୍ଶନ କରିଥିବା ବେଳେ ସହକାରୀ ଯନ୍ତ୍ରୀ ସୂର୍ଯ୍ୟମଣି ରାଉତ ଏବଂ ବିରଞ୍ଚି କୁମାର ସେନାପତି ଘଟଣାସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଛନ୍ତି। କାର୍ଯ୍ୟ ଚାଲୁ ରହିଛି ଏବଂ ଶୀଘ୍ର ସମାପ୍ତ ହେବ ବୋଲି ଯନ୍ତ୍ରୀମାନେ କହିଛନ୍ତି।

## ▪ କାଳୀପୂଜା ସମନ୍ୱୟ ବୈଠକ

# ୬ରେ ଦକ୍ଷିଣକାଳୀଙ୍କ ମହାପୂଜା, ୭ରେ ବିସର୍ଜନ

**ପୁରୀ ଅଫିସ, ୩୦।୧୦**

- ▪ବିସର୍ଜନରେ ଫୁଟିବନି ବାଣ
- ▪ପଲିଥିନ ମୁକ୍ତ କାଳୀପୂଜା ପାଇଁ ପ୍ରଶାସନର ପରାମର୍ଶ
- ▪ନିରନ୍ତର ଜଳ, ବିଜୁଳି ଯୋଗାଣ ପାଇଁ ନିର୍ଦ୍ଦେଶ

ଆସନ୍ତା ୬ ତାରିଖରେ କାଳୀପୂଜା। ୭ ତାରିଖରେ ଦୀପାବଳି। କାଳୀପୂଜା ପାଇଁ ପୁରୀ ଜିଲା ବୀରଗୋବିନ୍ଦପୁର ମା' ଦକ୍ଷିଣକାଳୀଙ୍କ ପୀଠ ହୋଇପଡିଛି ଚଳଚଞ୍ଚଳ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷରେ ମା'ଙ୍କ କାଳୀପୂଜା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ଲାଗି ମଙ୍ଗଳବାର ସନ୍ଧ୍ୟାରେ ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିନୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା' ନୀତିକାନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ବିସର୍ଜନ ପର୍ବ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ୬ତାରିଖରେ ଦକ୍ଷିଣକାଳୀଙ୍କ କାଳୀପୂଜା ତଥା ମହାପୂଜା ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ବଳି ପଡିବ। କିନ୍ତୁ ମାନସିକ ବଳି ପଡିବ ନାହିଁ ବୋଲି ବୈଠକରେ ପ୍ରଶାସନ ଗ୍ରାମକୋଠକୁ ଚେତାଇ ଦେଇଛି। କାଳୀପୂଜା ପରଦିନ ଅର୍ଥାତ ୭ତାରିଖରେ ଶ୍ରଦ୍ଧାଳୁ ଦିନ ବ୍ୟାପୀ ମା'ଙ୍କ ଦର୍ଶନ କରିବେ। ସନ୍ଧ୍ୟାରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଚନ୍ଦନପୁର ଭାର୍ଗବୀ ନଦୀରେ ମା' ଦକ୍ଷିଣକାଳୀଙ୍କ ସହ ସମଯାଜପୁର ଉଗ୍ରତାରା ଏବଂ ବୀରପ୍ରତାପପୁର କାମରୂପାଙ୍କ ଭସାଣି ହେବ। ଦୀପାବଳି ଦିନ ଗାଁରେ ରାତି ୧୦ଟା ମଧ୍ୟରେ ବାଣଫୁଟା ସୀମିତ ରଖିବା ସହ ଭସାଣି ଶୋଭାଯାତ୍ରାରେ ବାଣ ନ ଫୁଟାଇବା ଲାଗି ପ୍ରଶାସନ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛି। ଏହାସହିତ ପଲିଥିନ ମୁକ୍ତ କାଳୀପୂଜା ପାଇଁ ଗ୍ରାମବାସୀଙ୍କୁ ପ୍ରଶାସନ ଅନୁରୋଧ କରିଛି। ଆଗକୁ କାଳୀପୂଜା ରହିଥିବା ବେଳେ ବୀରଗୋବିନ୍ଦପୁର ଗ୍ରାମରେ ପାଣି ସମସ୍ୟା ଉତ୍କଟ ରହିଛି। ଦିନକୁ ଅଧ ଘଣ୍ଟା ପାଇଁ ପାଣି ଆସୁଛି। ଯେଉଁ ପାଣି ଯୋଗାଣ ହେଉଛି ତାହା ବ୍ୟବହାର ଅନୁପଯୋଗୀ ବୋଲି ବୈଠକରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଜୁଳି ସମସ୍ୟା ଯୋଗୁ ପାଣି ଯୋଗାଣରେ ଅସୁବିଧା ହେଉଥିବା ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। କାଳୀପୂଜା ସମୟରେ ନିୟମିତ ଓ ପର୍ଯ୍ୟାପ୍ତ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ଅତିରିକ୍ତ ଜିଲାପାଳ ଦାଶ ସେସୁ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୀରଗୋବିନ୍ଦପୁର ଗାଁ ଓ ଦକ୍ଷିଣକାଳୀ ମନ୍ଦିର ନିକଟରେ ଥିବା ହାଇମାଷ୍ଟ ଲାଇଟ୍ ଦୁଇଟି ଦୀର୍ଘଦିନ ଧରି ଅଚଳ ହୋଇଥିବା ନେଇ ବୈଠକରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ଉପଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ସତ୍ୟବାଦୀ ଏବିଡିଓ ଓ ଦୁଗଲ ପଞ୍ଚାୟତର ସରପଞ୍ଚ ପ୍ରକାଶ ଖଟେଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଳୀପୂଜା ପୂର୍ବରୁ ବୀରଗୋବିନ୍ଦପୁର ରାସ୍ତା ମରାମତି କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ପ୍ରାଣୀ ସମ୍ପଦ ଓ ଅନ୍ୟାନ୍ୟ ବିଭାଗକୁ ଆନୁଷଙ୍ଗିକ କାର୍ଯ୍ୟ କରିବାକୁ କୁହାଯାଇଥିଲା। ଆସନ୍ତା ୪ତାରିଖରେ ବିଭାଗୀୟ ଅଧିକାରୀ ବୀରଗୋବିନ୍ଦପୁର ଯାଇଁ ପ୍ରସ୍ତୁତିର ସମୀକ୍ଷା କରିବେ।

ବୈଠକରେ ଏସ୍‌ଡିପିଓ ଦିଲ୍ଲୀପ ତ୍ରିପାଠୀ, ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ପ୍ରହଲ୍ଲାଦ ଘଟୁଆରୀ, ପଞ୍ଚାୟତ ସମିତି ସଦସ୍ୟ ଯଦୁମଣି ପ୍ରଧାନ, ଗ୍ରାମ କୋଠର ସଭାପତି ଭିକାରୀ ନନ୍ଦ, ସମ୍ପାଦକ ଶ୍ରୀନିବାସ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଆଚାର୍ଯ୍ୟ, ଗଣେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ନନ୍ଦ, ଆଇନଜୀବୀ ପୁଲିନ ଆଚାର୍ଯ୍ୟ, ଶିବପ୍ରସାଦ ମିଶ୍ର, ନୀଳକଣ୍ଠ ମହାପାତ୍ର, ଭବାନୀ ଶଙ୍କର ଆଚାର୍ଯ୍ୟ, ଆଦିତ୍ୟ ନନ୍ଦ, ସତ୍ୟବାଦୀ ଓ ଚନ୍ଦନପୁର ଥାନା ଅଧିକାରୀ, ସତ୍ୟବଦୀ ଏବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।